# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୨/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, February 22/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## 'ଲକ୍‌ଅପ୍'ରେ ନିଶା
କଙ୍ଗନା ରାଣାୱତ୍‌ଙ୍କ ରିଆଲିଟି ଶୋ' 'ଲକ୍ ଅପ୍'ର ପ୍ରଥମ ପ୍ରତିଯୋଗୀ ଭାବେ ଅଭିନେତ୍ରୀ ନିଶା ରାୱଲଙ୍କ ନାଁ ଘୋଷଣା କରାଯାଇଛି।

୧୨

୧୪

## ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ
ଆରଥିଙ୍ଗ୍ସ ମାଷ୍ଟର୍ସ ଅନ୍‌ଲାଇନ୍ ରାପିଡ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ସ୍ୱଳ୍ପ ବୟସ୍କ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ବିଶ୍ୱଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ହରାଇ ଦେଇଛନ୍ତି।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଳିଙ୍ଗ ଷ୍ଟାଡିୟମ କମ୍ପ୍ଲେକ୍ସରେ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତିକୁ ବୁଲି ଦେଖୁଛନ୍ତି। (ରିପୋର୍ଟ: ପୃଷ୍ଠା-୩)

# କଠୋର ଦଣ୍ଡ ବ୍ୟବସ୍ଥା ଲୋଡ଼ା

## ଅନ୍ଧବିଶ୍ୱାସରୁ ଅପରାଧ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ରାଜ୍ୟରେ ଅନ୍ଧବିଶ୍ୱାସ ଜନିତ ହତ୍ୟା ଏବଂ ନିର୍ଯାତନା ଘଟଣା ବୃଦ୍ଧି ପାଉଛି। ବିଶେଷ କରି ମହିଳାଙ୍କ ବିରୋଧରେ ଏହି ଅପରାଧ ଅଧିକ। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ମାଲକାନଗିରି, ଗଜପତି, ଗଞ୍ଜାମ ଭଳି ଜିଲାରେ ଏଭଳି ଘଟଣା ଅଧିକାଂଶ ଘଟୁଥିବା ଓଡ଼ିଶା ମହିଳା ଆୟୋଗ ପକ୍ଷରୁ ଗତ ଡିସେମ୍ବରରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟର ୩୦ ଜିଲାର ୧୦୨ ଡାହାଣୀ ଶିକାର ମାମଲାକୁ ଆଧାର କରି 'ଆକ୍ସନ ଏଡ୍' ଏବଂ ଓଡ଼ିଶା ରାଜ୍ୟ ମହିଳା କମିଶନ ପକ୍ଷରୁ 'ୱିଚ୍ ହଣ୍ଟିଂ ଇନ୍ ଓଡିଶା' ନାମରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଅଧିକାଂଶ ଡାହାଣୀ ଶିକାର ସମ୍ପର୍କିତ ମାମଲା ସ୍ୱାସ୍ଥ୍ୟ ସମ୍ବନ୍ଧିତ ବୋଲି ଜଣାପଡ଼ିଛି। ଶିକ୍ଷା ଓ ସଚେତନତା ଅଭାବରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରାୟତଃ ଏଭଳି ଘଟଣା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲାରେ ସର୍ବାଧିକ ଡାହାଣୀ ଶିକାର ଜନିତ ମାମଲା ହୋଇଥିବା ଜଣାପଡ଼ିଛି। କୋହଳ ଦଣ୍ଡ ବ୍ୟବସ୍ଥା ଏବଂ ସଚେତନତା ଅଭାବରୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି।

ରିପୋର୍ଟ ଅନୁସାରେ, ଡାହାଣୀ ସନ୍ଦେହରେ ଆକ୍ରମଣ ଘଟଣାଗୁଡ଼ିକ ମଧ୍ୟରୁ ୨୭% ପିଲାଙ୍କ ଦେହ ଖରାପ ଯୋଗୁ, ୪୩.୫% ପରିବାରର ବୟସ୍କ ବ୍ୟକ୍ତିଙ୍କ ଦେହ ଅସୁସ୍ଥ, ୨୪.୫% ଅଭାବନୀୟ ଓ ଜମି ହଡ଼ପ ଏବଂ ୫% ଫସଲ ଖରାପ ଯୋଗୁ ଘଟୁଛି। ଏହାଛଡ଼ା ଜାତୀୟ ଆପରାଧିକ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଅନ୍ଧବିଶ୍ୱାସ ଓ ଗୁଣିଗାରେଡିରୁ ହେଉଥିବା ହତ୍ୟା ମାମଲାରେ ପ୍ରଥମରେ ଝାଡ଼ଖଣ୍ଡ ରାଜ୍ୟ ରହିଥିବାବେଳେ ଓଡ଼ିଶା ୨ୟ ସ୍ଥାନରେ ରହିଛି। ଏନ୍‌ସିଆର୍‌ବିର ତଥ୍ୟ ଅନୁସାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ୨୦୦୦ରୁ ୨୦୧୬ ମଧ୍ୟରେ ୨,୪୬୮ ହତ୍ୟା ମାମଲା ରୁଜୁ ହୋଇଛି। ସେଥିରୁ ଅଧିକାଂଶ ସନ୍ଦେହ ଏବଂ ☞ପୃଷ୍ଠା-୪

# ଲାଲୁଙ୍କୁ ୫ ବର୍ଷ ଜେଲ, ୬୦ ଲକ୍ଷ ଜରିମାନା

## ପଞ୍ଚମ ଗୋଖାଦ୍ୟ ଦୁର୍ନୀତି ମାମଲା

**ନୂଆଦିଲ୍ଲୀ, ୨୧।୨**



ପଞ୍ଚମ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କୁ ଏକ ସିବିଆଇ କୋର୍ଟ ସୋମବାର ୫ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହିତ ତାଙ୍କୁ ୬୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଲାଲୁ ବିହାର ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୯୫-୯୬ରେ ଡୋରାଣ୍ଡ ଟ୍ରେଜେରିରୁ ବେଆଇନ ଭାବେ ୧୩୯.୩୫ କୋଟି ଟଙ୍କା ଉଠାଯାଇଥିଲା। ଏହି ମାମଲାରେ ସିବିଆଇ ସ୍ୱତନ୍ତ୍ର ଅଦାଲତ ଲାଲୁଙ୍କ ସମେତ ୭୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଭର୍ଚୁଆଲ ଶୁଣାଣି ପରେ ଅଦାଲତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ଗତ ୧୫ ତାରିଖରେ ଲାଲୁଙ୍କୁ ଦୋଷୀସାବ୍ୟସ୍ତ କରାଯିବା ପରେ ତାଙ୍କୁ ବିର୍ସା ମୁଣ୍ଡା କେନ୍ଦ୍ରୀୟ ଜେଲରେ ରଖାଯାଇଥିଲା ଓ ପରେ ☞ପୃଷ୍ଠା-୪

# କୋର୍ବେଭାକ୍ସ ଟିକାକୁ ମଞ୍ଜୁରୀ

## ୧୨ରୁ ୧୮ ବର୍ଷ ବର୍ଗର ପିଲାଙ୍କୁ ଦିଆଯିବ

**ନୂଆଦିଲ୍ଲୀ, ୨୧।୨**




ଭାରତରେ ବାୟୋଲୋଜିକାଲ-ଇ କମ୍ପାନୀର କୋଭିଡ୍ ଟିକା କୋର୍ବେଭାକ୍ସକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ମିଳିଛି। ଏହା ପିଲା ଓ କିଶୋରଙ୍କ ପାଇଁ ଭାରତରେ ତୃତୀୟ ଟିକା। ୧୨ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କୁ ଏହି ଟିକା ପ୍ରଦାନ କରାଯିବ। ଗତ ଜାନୁୟାରୀ ୩ରୁ ଭାରତରେ ୧୫ରୁ ୧୮ ବର୍ଷ ବୟସବର୍ଗର ପିଲାଙ୍କୁ ଭାରତ ବାୟୋଟେକ୍‌ର କୋଭାକ୍ସିନ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୭୬ ନିୟୁତରୁ ଊର୍ଦ୍ଧ୍ୱ ପିଲା କୋଭାକ୍ସିନ ଟିକା ନେଇସାରିଲେଣି।

ହାଇଦ୍ରାବାଦର ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋର୍ବେଭାକ୍ସର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଫଳାଫଳ ଆଧାରରେ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଏ) ଏହାକୁ ଜରୁରୀ ବ୍ୟବହାର ଲାଗି ଅନୁମୋଦନ କରିଥିବା କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କୋର୍ବେଭାକ୍ସ ନିରାପଦ ଓ ଭଲ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରୁଥିବା ପୂର୍ବରୁ ଇମ୍ୟୁନାଇଜେଶନ ଉପରେ ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରି ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଏନ୍.କେ. ଆରୋରା କହିଥିଲେ। ଟେକ୍ସାସ୍‌ର ଚିଲ୍‌ଡ୍ରେନ୍ସ ହସ୍ପିଟାଲ ସେଣ୍ଟର ଫର୍ ଭାକ୍ସିନ ଡେଭେଲପମେଣ୍ଟ ଏବଂ ହ୍ୟୁଷ୍ଟନର ବେଲୋର କଲେଜ ଅଫ୍ ମେଡିସିନ ସହ ମିଳିତ ଭାବେ ବାୟୋଲୋଜିକାଲ-ଇ ଏହି ପ୍ରୋଟିନ୍ ସବ୍-ୟୁନିଟ୍ ଭାକ୍ସିନ ପ୍ରସ୍ତୁତ କରିଛି।

ପିଲାମାନଙ୍କ ପାଇଁ କୋର୍ବେଭାକ୍ସ ଭାରତୀୟ କମ୍ପାନୀ ପ୍ରସ୍ତୁତ ତୃତୀୟ କୋଭିଡ୍ ଟିକା। ଭାରତର ମହାମାରୀ ବିରୋଧୀ ଲଢ଼େଇକୁ ଏହା ଆହୁରି ଜୋର୍‌ଦାର କରିବ ବୋଲି କୁହାଯାଉଛି। ଏହି ଟିକା ଦୁଇଟି ଡୋଜ୍‌ରେ ଦିଆଯିବ। ପୂର୍ବରୁ ଜାଇଡସ୍ କାଡିଲା କମ୍ପାନୀର ଜାଇକୋଭ୍-ଡି ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍‌କୁ ପିଲାମାନଙ୍କ ବ୍ୟବହାର ନିମନ୍ତେ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। କୋର୍ବେଭାକ୍ସ ଟିକା ଦାମ୍ ଟିକସ ସହିତ ୧୪୫ ଟଙ୍କା ରହିବ ବୋଲି ଆଶା କରାଯାଉଛି।

## ଅଷ୍ଟ୍ରେଲୀୟ ଅଭିନେତ୍ରୀଙ୍କ ପ୍ରେମରେ ଏଲନ୍ ମସ୍କ



ନତାଶା ବାସେଟ୍ ଓ ଏଲନ୍ ମସ୍କ

**ୱାଶିଂଟନ, ୨୧।୨**

ବୈଜ୍ଞାନିକ ପରୀକ୍ଷଣ ଏବଂ ଭବିଷ୍ୟବାଣୀ ପାଇଁ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଆସୁଛନ୍ତି ବିଶ୍ୱର ୧ନଂ. ଧନୀ ଏଲନ୍ ମସ୍କ। ଏବେ ଏହି ୫୦ ବର୍ଷୀୟ ଅରବପତି ଜଣେ ଅଷ୍ଟ୍ରେଲୀୟ ଅଭିନେତ୍ରୀଙ୍କ ପ୍ରେମରେ ପଡ଼ିଥିବା ନେଇ ଚର୍ଚ୍ଚାକୁ ଆସିଛନ୍ତି। ଅଭିନେତ୍ରୀ ଜଣକ ହେଉଛନ୍ତି ୨୭ ବର୍ଷୀୟା ନତାଶା ବାସେଟ୍। 'ସ୍ପେସ୍-ଏକ୍ସ' ଏବଂ 'ଟେସ୍‌ଲା'ର ସିଇଓ ମସ୍କ ଏବେ ସୁଦ୍ଧା ୩ ଥର ବିବାହ କରିଛନ୍ତି ଏବଂ ☞ପୃଷ୍ଠା-୪

**୧୬୩ ଜିଲା ପରିଷଦ ଜୋନ୍‌ରେ ଆଜି ଚତୁର୍ଥ ପର୍ଯ୍ୟାୟ ଭୋଟ: ପୃଷ୍ଠା-୨**

### ଆଜିର ସମ୍ପାଦକୀୟ
**ଚାଇନାର କୋଳରେ**

## ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ବାଧ୍ୟତାମୂଳକ ଅବସର

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

କଟକ ତୁଳସୀପୁରସ୍ଥିତ ଅତିରିକ୍ତ ଏସ୍‌ପି (ଯୋଗାଯୋଗ) ତ୍ରିନାଥ ମିଶ୍ରଙ୍କୁ ରାଜ୍ୟ ସରକାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ସୂତ୍ରରୁ ଅଭିଯୋଗ ଆସିବା ପରେ କଟକ, ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂହପୁର ଓ ନବରଙ୍ଗପୁର ଆଦି ଜିଲାର ୧୧ଟି ସ୍ଥାନରେ ଥିବା ତାଙ୍କର ବିଭିନ୍ନ ସମ୍ପତ୍ତି ଉପରେ ଏକା ସମୟରେ ତଲାସି କରାଯାଇଥିଲା। ଯାଞ୍ଚ ସମୟରେ ବିପୁଳ ପରିମାଣର ସମ୍ପତ୍ତି ଥିବାର ଜଣାଯାଇଥିଲା। ତାଙ୍କ ପାଖରୁ ସମୁଦାୟ ପ୍ରାୟ ୯ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳିଥିଲା। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୨ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି। ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦିଆଯିବାରେ ମିଶ୍ର ହେଉଛନ୍ତି ଅନ୍ୟତମ ବରିଷ୍ଠ ଅଧିକାରୀ। ☞ପୃଷ୍ଠା-୪


## ଅଣ୍ଟା-ପିଠି-ଆଣ୍ଠୁ ଏବଂ ଗଣ୍ଠିର ପୁରୁଣା ରୋଗୀଙ୍କ ପାଇଁ ଆଶ୍ୱସ୍ତିଦାୟକ ଖବର

**ପ୍ରତି 5 ମଧ୍ୟରୁ 4 ଜଣ ପୁରୁଣା ବ୍ୟଥାର ରୋଗୀ ମାନିଛନ୍ତି କ୍ୱିକ୍ ପେନ୍ ରିଲିଭିଂ ଅଏଲରେ ଅଛି ଦମ୍ - ସନ୍ତୁଷ୍ଟ ଗ୍ରାହକ ଧନ୍ୟବାଦ ଏବଂ ଭଲ ରେଟିଂ ଦେବାରେ ଲାଗିଛନ୍ତି** Flipkart RATING 4.3*

ଆୟୁର୍ବେଦ ଅନୁସାରେ ବ୍ୟଥା ଓ ଜ୍ୱର କୌଣସି ରୋଗ ନୁହେଁ ବରଂ ରୋଗର ଲକ୍ଷଣ ମାତ୍ର । ଏହା ଆମର ଶୁଭଚିନ୍ତକ ଅଟନ୍ତି, ଆମକୁ ସଚେତନ କରିଦିଅନ୍ତି କି ଶରୀରରେ ସମସ୍ୟା ଅଛି, ତାହାର ସମାଧାନ କର । ବାରମ୍ବାର ପେନ୍ କିଲର୍ ଖାଇବା ପୂର୍ବରୁ ଆମକୁ ଆୟୁର୍ବେଦରେ ଏହି ସମସ୍ୟାର ସମାଧାନ ଦେଖିନେବା ଆବଶ୍ୟକ। ଆୟୁର୍ବେଦରେ ପେନ୍ ମ୍ୟାନେଜମେଣ୍ଟ ଏମିତି ହୋଇଥାଏ କି, ବ୍ୟଥା କମିବା ସହିତ ଯେଉଁ କାରଣରୁ ବ୍ୟଥା ହେଉଛି, ତାହା ମଧ୍ୟ ଦୂର ହୋଇଯାଏ । କେବଳ ସିମ୍ପଟୋମାଟିକ୍ ବା ଲାକ୍ଷଣିକ ଚିକିତ୍ସା କରାଯାଏ ନାହିଁ । **ଆୟୁର୍ବେଦରେ ବ୍ୟଥାକୁ ଶୂଳ କୁହାଯାଏ । ବ୍ୟଥା ବା ଶୂଳ ସର୍ବଦା ବାତର କାରଣ ହୋଇଥାଏ । ବାତ-ପିତ୍ତ-କଫରେ ଅସନ୍ତୁଳନ ଘଟିଲେ ଓ ବାତ ବଢ଼ିଯାଇ ବ୍ୟଥା ହୋଇଥାଏ । ବାତ ସନ୍ତୁଳିତ ହୋଇଗଲେ ବ୍ୟଥା ମଧ୍ୟ ଦୂର ହୋଇଯାଏ ।** ଗଣ୍ଠି ବା joints ଶରୀରରେ ଏପରି ଅଂଶ, ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ମିଶିଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଯାଇଛି । ଗଣ୍ଠିବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ହୋଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ଜଙ୍ଘରେ ହୋଇପାରେ । ଦୀର୍ଘ ସମୟ ଧରି କୌଣସି ଗୋଟିଏ ଜାଗାରେ ବସିରହିବା, ଯାତ୍ରା କରିବା କାରଣରୁ ଆଣ୍ଠୁରେ କଠିନତା ଆସିଯାଏ ଓ ବ୍ୟଥା ହେବାକୁ ଲାଗିଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ ।

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଜଡ଼ି-ବୁଟି ମିଶ୍ରଣରେ ପ୍ରସ୍ତୁତ ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାର ପ୍ରବେଶ କରାଇଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ରହୁଛି । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ୍ୟ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।

### କ୍ୱିକ୍ ପୀଡ଼ାନାଶକ ତେଲ ସନ୍ଦର୍ଭରେ ଗ୍ରାହକମାନଙ୍କର ପ୍ରଶ୍ନ

**ପ୍ରଶ୍ନ - ମୋ ବାପାଙ୍କ ବୟସ 56 ବର୍ଷ, ତାଙ୍କ ଆଣ୍ଠୁରେ ସବୁବେଳେ ବ୍ୟଥା ରହୁଛି । ଔଷଧ ବିନା ସେ ଚଲାବୁଲା କରିପାରନ୍ତି ନାହିଁ, ଦୀର୍ଘଦିନ ଧରି ତାଙ୍କୁ ଏହି ସମସ୍ୟା ଅଛି ଓ ପାଖାପାଖି 4 ବର୍ଷ ଧରି ସେ ଲଗାତର ଦୈନିକ ଏଲୋପାଥି ଔଷଧ ସେବନ କରୁଛନ୍ତି । ମୁଁ ଅନେକ ଲୋକଙ୍କ ମୁହଁରୁ କ୍ୱିକ୍ ପୀଡ଼ାନାଶକ ତେଲର ବହୁତ ପ୍ରଶଂସା ଶୁଣିଛି । ଏଥିରୁ ମୋ ବାପାଙ୍କୁ ଲାଭ ମିଳିପାରିବ କି?**

ଉତ୍ତର - ଲଗାତର ପେନ୍ କିଲର୍ ଖାଇ ପୀଡ଼ାରୁ ବଞ୍ଚିବା ଠିକ୍ ନୁହେଁ । ଚିକିତ୍ସାଗତ ଦୃଷ୍ଟିରୁ ଏହା ଭୁଲ୍ ଅଟେ, ଏଥିରୁ ସାଇଡ୍ ଇଫେକ୍ଟ ଦେଖାଦେଇପାରେ ଏବଂ ରୋଗୀଙ୍କ କିଡ୍‌ନୀ ଓ ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇପାରେ । ଆପଣଙ୍କୁ ଏହା ମଧ୍ୟ କହିରଖୁଛୁ ଯେ ଆପଣ ବ୍ୟଥାର ଚିକିତ୍ସା କରୁଛନ୍ତି, ରୋଗର ନୁହେଁ । ବ୍ୟଥା ରୋଗର ଏକ ଲକ୍ଷଣ ମାତ୍ର, ଏଥିପାଇଁ ଆପଣ ହାନିରହିତ କ୍ୱିକ୍ ପୀଡ଼ାନାଶକ ତେଲ ପ୍ରୟୋଗ କରନ୍ତୁ । ଅନ୍ୟମାନଙ୍କୁ ମିଳିଥିବା ଆରାମ ଭଳି ଆପଣଙ୍କ ପିତାଙ୍କ ବ୍ୟଥାକୁ ଲାଘବ କରିବାରେ ମଧ୍ୟ କ୍ୱିକ୍ ସହାୟକ ହେବ । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ମଇଦା, ଚଣା, ବିରି, ଭାତ, କଦଳୀ, ଦହି, ଘୋଳଦହି, ଆଇସ୍-କ୍ରିମ୍, କୋଲ୍ଡ ଡ୍ରିଙ୍କ ଭଳି ଖାଦ୍ୟପଦାର୍ଥ ସେବନ କରନ୍ତୁ ନାହିଁ, କାରଣ ଏଗୁଡ଼ିକ ପାଚନ ହେବାରେ ସମୟ ଲାଗିଥାଏ ଓ ସେଗୁଡ଼ିକ ଦେହ ଉପରେ ଥଣ୍ଡା ପ୍ରଭାବ ପକାଇଥାଏ ।




କ୍ୱିକ୍ ଅଏଲ୍ Flipkart amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।



# ଏଲଆଇସି ଆଇପିଓ

## ପଲିସୀଧାରକଙ୍କ ପାଇଁ ଆରକ୍ଷଣ

**ଏଥିରେ ଅଂଶଗ୍ରହଣ କରିବା ପାଇଁ, ପଲିସୀଧାରକଙ୍କୁ ନିମ୍ନଲିଖିତ ମାନଦଣ୍ଡ ପୂରା କରିବା ଦରକାର:**

- ନିଗମର ସ୍ଥାନୀୟ ବ୍ୟକ୍ତିଗତ ପଲିସୀଧାରକ, ଯାହା ପାଖରେ 13 ଫେବୃୟାରୀ, 2022 ଏବଂ ବିଡ କିମ୍ବା ଅଫର ଖୋଲିବାର ତାରିଖ ପର୍ଯ୍ୟନ୍ତ ଏକ କିମ୍ବା ଏକାଧିକ ପଲିସୀ ଅଛି, ସେମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ।*
- **ପଲିସୀଧାରକଙ୍କର PAN ର ସୂଚନା, 28 ଫେବୃୟାରୀ, 2022 ଦିନ କିମ୍ବା ପୂର୍ବରୁ, ନିଗମରେ ଅପଡେଟ ହେବା ଆବଶ୍ୟକ ।**

*ଦୟାକରି 13 ଫେବୃୟାରୀ, 2022 ର ଡ୍ରାଫ୍ଟ ରେଡ ହିଅରିଙ୍ଗ ପ୍ରସପେକ୍ଟସ୍ ମଧ୍ୟ ଦେଖନ୍ତୁ ।

### DEMAT ଖାତା ଖୋଲିବାର ପ୍ରକ୍ରିୟା

- ନିକଟସ୍ଥ କମନ୍ ସର୍ଭିସ ସେଣ୍ଟର (ସିଏସସି) ଯାଇ DEMAT ଖାତା ଖୋଲନ୍ତୁ ।

**କିମ୍ବା**

- DEMAT ଖାତା ଖୋଲିବା ପାଇଁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପେଣ୍ଟ୍ସ (ଡିପି) ର ତାଲିକା ଆପଣ ନିମ୍ନରେ ପ୍ରଦତ୍ତ ଯେ କୌଣସି ୱେବସାଇଟରୁ ପ୍ରାପ୍ତ କରିପାରିବେ:

NSDL: https://nsdl.co.in/Open_NSDL_Demat_Account.php
CDSL: https://www.cdslindia.com/DP/dplist.aspx

**LIFE INSURANCE CORPORATION OF INDIA** is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to undertake an initial public offer of its Equity Shares and has filed the draft red herring prospectus dated February 13, 2022 ("DRHP") read with the corrigendum dated February 15, 2022. The DRHP is available on the websites of SEBI at www.sebi.gov.in, websites of the Stock Exchanges i.e., BSE at www.bseindia.com and NSE at www.nseindia.com, respectively and is also available on the websites of the BRLMs, i.e. Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com. Potential investors should note that investment in equity shares involves a high degree of risk and for details relating to such risk, please see the section titled 'Risk Factors' of the RHP, when filed. Potential investors should not rely on the DRHP filed with SEBI for making any investment decision. Specific attention of the investors is invited to "Risk Factors" beginning on page 23 of the DRHP.

This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the U.S. Securities Act of 1933, as amended, or an exemption from such registration. No public offering or sale of securities in the United States is contemplated.

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/RKS/2021-22/48/ORI

ଆମକୁ ଏଥିରେ ଫଲୋ କରନ୍ତୁ: YouTube | LIC India Forever | IRDAI Regn No.: 512

ପ୍ରତି କ୍ଷଣ ଆପଣଙ୍କ ସାଥିରେ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ଫେବୃୟାରୀ, ୨୦୨୨



**ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କଂଗ୍ରେସର କଳାପତାକା ପ୍ରଦର୍ଶନ**

ଝାରସୁଗୁଡ଼ା ଅଫିସ: ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୋମବାର ଝାରସୁଗୁଡ଼ା ପୌର ପରିଷଦ ୧୩ନଂ ୱାର୍ଡ ବାଲିଯୋରୀ ଗ୍ରାମରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଯାଉଥିବାବେଳେ ଜିଲା କଂଗ୍ରେସ କର୍ମକର୍ତ୍ତା କଳାପତାକା ପ୍ରଦର୍ଶନ କରିଥିଲେ। ଏ ନେଇ କଂଗ୍ରେସ ଜିଲା ସଭାପତି ଭରତ ଅଗସ୍ତୀ କହିଛନ୍ତି, ଜିଲାରେ ମାତ୍ରାଧିକ ପ୍ରଦୂଷଣ, ବେକାର ସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟସେବା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ତେଣୁ ନିଷ୍ପତ୍ତି ଅନୁସାରେ ସ୍ୱାସ୍ଥ୍ୟମନ୍ତ୍ରୀ ଯେଉଁଠିକୁ ଯିବେ ବିରୋଧ ଜାରି ରହିବ।

# ପୋଲିସ ହାତରୁ ଅଭିଯୁକ୍ତଙ୍କୁ ଛଡ଼ାଇନେଲେ ବିଜେଡି କର୍ମୀ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**
**ଥାନା ସମ୍ମୁଖରେ ଧାରଣା**

ସଜନାଗଡ, ୨୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ସନ୍ତରାଗଡ଼ିଆ ଅଞ୍ଚଳରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାରେ ନୀଳଗିରି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆଣୁଥିବା ବେଳେ ବିଜେଡି କର୍ମୀମାନେ ଛଡାଇନେବା ପୋଲିସର ଅପାରଗତାକୁ ପଦାରେ ପକାଇଛି। ଏପରି କି ବହୁ ସମୟ ଧରି ସେମାନେ ପୋଲିସକୁ ମଧ୍ୟ ଅଟକ ରଖିଥିଲେ। ଖବରପାଇ ଅଧିକ ପୋଲିସ ସେଠାରେ ପହଞ୍ଚିବା ପରେ ଅଟକ ଥିବା ପୋଲିସ ମୁକୁଳିଥିଲେ। ହେଲେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନି ପୋଲିସ। ତେବେ ଏହି ଘଟଣାର ପ୍ରତିବାଦ କରି ସୋମବାର ଉକ୍ତ ଗଣମାଧ୍ୟମର ମାଲିକ ଓ କେତେକ କର୍ମଚାରୀ ନୀଳଗିରି ଥାନା ସମ୍ମୁଖରେ ବସି ଧାରଣା ଦେଇଥିଲେ। ଥାନା ଅଧିକାରିଣୀ ଦ୍ରୌପଦୀ ଦାସ ଅଭିଯୁକ୍ତଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରିବାର ଦୃଢ଼ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଅଭିଯୁକ୍ତଙ୍କୁ ଆଣିବା ବେଳେ ପୋଲିସ ହଟହଟା।

ନୀଳଗିରି ନିର୍ବାଚନମଣ୍ଡଳୀ ୨ନଂ. ଜୋନର କାନପୁରଠାରେ ରବିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ପ୍ରଚାର ହେଉଥିଲା। ସନ୍ଧ୍ୟା ୭ଟା ପରେ ନିର୍ବାଚନ ପ୍ରଚାର ନିୟମ ଉଲ୍ଲଂଘନ ହୋଇଥିବା ଜାଣି ଫୋକସ ପ୍ଲସର ଖବରଦାତା ଲେଲିନ କୁମାର ଦେ ଫଟୋ ଉତ୍ତୋଳନ କରୁଥିଲେ। ଏହି ସମୟରେ ପ୍ରଚାର ଗାଡ଼ି ପଛରେ ଥିବା ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାସ୍କର ବେହେରା, ବିଜେଡି ୨ନଂ. ଜୋନ୍‌ର ୨୦୧୭ରେ ହୋଇଥିବା ଜିଲା ପରିଷଦ ସଭ୍ୟ ତଥା ବର୍ତ୍ତମାନର ଜିଲା ପରିଷଦ ପ୍ରାର୍ଥିନୀଙ୍କ ପୁଅ ସୌମ୍ୟରଞ୍ଜନ ଜେନା, ଅଜୟ ମହାଳିକ, ସୁଜି ଜେନା, ସନ୍ତୋଷ କୁମାର ବ୍ରହ୍ମ ମିଳିତ ଭାବେ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଖବରଦାତା ଦେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ଦେବା ପରେ ମାମଲା (ନଂ. ୮୬/୨୦୨୨) ରୁଜୁ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ନୀଳଗିରି ପୋଲିସ ଘଟଣାସ୍ଥଳକୁ ଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାତ୍ର ଏହି ସମୟରେ କେତେଜଣ ବିଜେଡି କର୍ମୀ ସେଠାରେ ପହଞ୍ଚି ପୋଲିସ ଗାଡ଼ିକୁ ଅଟକାଇ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ। ଫଳରେ ଅଭିଯୁକ୍ତଙ୍କୁ ଗିରଫ କରି ନ ପାରି ଖାଲି ହାତରେ ପୋଲିସ ଫେରିଥିଲା। ତେବେ ବିଜେଡି କର୍ମୀମାନେ ଘଟଣାକୁ ଅନ୍ୟ ପ୍ରକାରେ କହିଛନ୍ତି। ହାରିବା ଭୟରେ କର୍ମୀଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଛି ବୋଲି କହି ପୋଲିସ ଉପରେ ଆଙ୍ଗୁଳି ଉଠାଇଛନ୍ତି। ପରେ ଭୁବନେଶ୍ୱରରୁ ଫୋକସ୍ ପ୍ଲସ ମୁଖ୍ୟ ସମ୍ପାଦକ ସୁଧାଂଶୁ ଶେଖର ରାଉତ ନୀଳଗିରି ଥାନାରେ ପହଞ୍ଚି ଘଟଣାର ୨୪ଘଣ୍ଟା ପରେ ପୋଲିସ ଖାଲି ହାତରେ ଫେରିବା ଦୁଃଖଦ ଘଟଣା ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ବିଜେଡି ପକ୍ଷରୁ ୨ ନଂ. ଜୋନ୍ ଜିଲା ପରିଷଦ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରି ଘଟଣାକୁ ଖଣ୍ଡନ କରିବା ସହ ଏହା ମିଥ୍ୟା ଅଭିଯୋଗ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏମ୍‌ପି ପ୍ରତାପ ଷଡଙ୍ଗୀ ପୋଲିସ ଚାକିରି ଛାଡି ରାଜନୀତି କରୁ ବୋଲି କହିଛନ୍ତି।

# ବିଭେଦ ସୃଷ୍ଟି କରୁଛି ଭାଜପା ସରକାର: ସୋନିଆ

ରାଏବରେଲି, ୨୧।୨

ଭାଜପା ନେତୃତ୍ୱାଧୀନ ସରକାର ଲୋକଙ୍କ ମଧ୍ୟରେ ବିଭେଦର ମଞ୍ଜି ବୁଣିବା ବ୍ୟତୀତ ଅନ୍ୟ କିଛି କରୁନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସୋମବାର କହିଛନ୍ତି। ରାଏବରେଲିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିବା ସୋନିଆ କହିଥିଲେ, ଭାଜପା ତାଙ୍କ ନିର୍ବାଚନ ମଣ୍ଡଳୀ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି। କୋଭିଡ୍ ମହାମାରୀ ପରିଚାଳନାରେ ବିଫଳତା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଦାୟୀ କରିଛନ୍ତି। ଗତ ୫ ବର୍ଷ ହେଲା ଭାଜପା ସରକାର ଲୋକଙ୍କ



ମଧ୍ୟରେ ବିଭାଜନ କରିବା ବ୍ୟତୀତ ଅନ୍ୟ କିଛି କରିନାହିଁ। ଏଥର ନିର୍ବାଚନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି ବୋଲି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ ସୋନିଆ କହିଛନ୍ତି। ଆସନ୍ତା ୨୩ରେ ରାଏବରେଲିରେ ମତଦାନ ହେବାକୁ ଯାଉଛି।

୨୦୦୪ରୁ ରାଏବରେଲିରୁ ଏମ୍‌ପି ରହିଆସିଥିବା ସୋନିଆ କହିଥିଲେ, ମହାମାରୀ ସମୟରେ ଯୋଗୀ ସରକାର ଜନସାଧାରଣଙ୍କ ଦୁର୍ଦ୍ଦଶା ପ୍ରତି ଆଖିବୁଜି ଦେଇଥିଲେ। ଚାଷୀଙ୍କ ଦୁର୍ଦ୍ଦଶା ଏବଂ ତୈଳ ଦର ବୃଦ୍ଧି ତଥା ମୁଦ୍ରାସ୍ଫୀତିକୁ ନେଇ ସେ ସମାଲୋଚନା କରିଥିଲେ। ଶିକ୍ଷିତ ଯୁବକ ଚାକିରି ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଭାଜପା ସରକାର ସେମାନଙ୍କୁ ଘରେ ବସିବାକୁ ବାଧ କରୁଛି। ଅନ୍ୟୂନ ୧୨ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଛି, ହେଲେ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ କହି ସୋନିଆ ଭାଜପା ସରକାରକୁ ସମାଲୋଚନା କରିଥିଲେ।

# ଯୋଗୀଙ୍କ ବିରୋଧରେ ୪୪୦ ଭୋଲ୍ଟ କରେଣ୍ଟ ପ୍ରବାହିତ ହେଉଛି: ଅଖିଳେଶ

ହାର୍ଦୋଇ, ୨୧।୨(ପି.ଟି.)

ଉତ୍ତରପ୍ରଦେଶରେ ଶାସକ ଭାଜପା ବିରୋଧରେ ୪୪୦ ଭୋଲ୍ଟର କରେଣ୍ଟ ପ୍ରବାହିତ ହେଉଛି ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଡାକିଥିବାରୁ ଅଖିଳେଶ ଏହାର ସମାଲୋଚନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ (ପିଏମ୍)ଙ୍କୁ ପ୍ୟାକରସ୍ ଓ ମୁଭର୍ସ ଭାବେ ନୂଆ ନାଁ ଦେଇଛନ୍ତି। ହାର୍ଦୋଇର ସାଣ୍ଡିଲା ନିର୍ବାଚନ ମଣ୍ଡଳୀରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଅଖିଳେଶ କହିଥିଲେ, ଏଥର ଭାଜପା ଓ ରାଜ୍ୟବାସୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହେଉଛି। ସମାଜବାଦୀ ପାର୍ଟି ଲୋକଙ୍କ ସହ ରହିଛି। କଂଗ୍ରେସ କିମ୍ବା ବିଏସ୍‌ପି ସରକାର ଗଢ଼ିପାରିବେ ନାହିଁ।



ତେଣୁ ସମାଜବାଦୀ ପାର୍ଟିକୁ ପରବର୍ତ୍ତୀ ସରକାର ଗଢ଼ିବା ଲାଗି ସୁଯୋଗ ଦେବା ନିମନ୍ତେ ଅଖିଳେଶ ଅନୁରୋଧ କରିଛନ୍ତି।

# ଜଗନ୍ନାଥଙ୍କ ଫଟୋ ଛୁଆଁଇ ଶପଥ କରାଇଲେ

ଚାନ୍ଦବାଲି, ୨୧।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାଲଗୁଣ୍ଡା ପଞ୍ଚାୟତ ଇଟୁଆ ୧୨ନଂ. ୱାର୍ଡରେ ବୁଥ୍ କ୍ୟାପଚରିଂ ଯୋଗୁ ଆସନ୍ତା ୨୩ ତାରିଖରେ ପୁନଃ ନିର୍ବାଚନ ଅନୁଷ୍ଠିତ ହେବ। ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପ୍ରତିଭା ବିଶ୍ୱାଳ ଓ ଦଳର ବ୍ଲକ ମହିଳା ସଭାପତି ମାନସୀ ପାଢ଼ୀ ଇଟୁଆ ଗାଁରେ ପହଞ୍ଚି ଜଗନ୍ନାଥଙ୍କ ଫଟୋ ଛୁଆଁଇ ଭୋଟ ଦେବା ପାଇଁ ଭୋଟରଙ୍କୁ ଶପଥ କରାଉଛନ୍ତି। ଏନେଇ ଏକ ଭିଡିଓ ଭାଇରାଲ ହୋଇଛି। ଉକ୍ତ ଗାଁର ପୁରୁଷ ଓ ମହିଳାଙ୍କୁ ଜବରଦସ୍ତି ନିୟମ କରାଇ ଭୋଟ୍ ଦେବାକୁ ବାଧ କରାଯାଉଥିବା ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାରତୀ ବିଶ୍ୱାଳ ଅଭିଯୋଗ ଆଣିଛନ୍ତି। ଜଗନ୍ନାଥଙ୍କ ଫଟୋ ଧରି ଭୋଟରଙ୍କୁ ଶପଥ କରାଉଥିବା ମହିଳା ଜଣଙ୍କ ବିଜେଡିର ବ୍ଲକ ମହିଳା ସଭାପତି ହୋଇଥିବା ବେଳେ ପାଖରେ ବସିଛନ୍ତି ସରପଞ୍ଚ ପ୍ରାର୍ଥିନୀ।

ଏ ସମ୍ପର୍କରେ ସରପଞ୍ଚ ପ୍ରାର୍ଥିନୀ ପ୍ରତିଭା କହିଛନ୍ତି, ମୁଁ ସେ ଜାଗାରେ ଥିଲି। ହେଲେ ଏଭଳି ଶପଥପାଠ ନେଇ କୌଣସି ସତ୍ୟତା ନାହିଁ। ଏପଟେ ବିଜେଡି ବ୍ଲକ ମହିଳା ସଭାପତି ପାଢ଼ୀ ଏହି ଘଟଣା ମିଛ ଏବଂ ମହିଳା ସଭାପତି ହିସାବରେ ସେ ପ୍ରଚାରରେ ଯାଇଥିଲେ ବୋଲି କହିଛନ୍ତି। ପ୍ରକାଶ ଥାଉକି, ଏଠାରେ ୨ୟ ପର୍ଯ୍ୟାୟ ନିର୍ବାଚନ ବେଳେ କେତେଜଣ ଲୋକ ଜବରଦସ୍ତି ଏକ ନିର୍ଦ୍ଦିଷ୍ଟ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏନେଇ ପ୍ରିଜାଇଡିଂ ଅଫିସରଙ୍କ ଲିଖିତ ଅଭିଯୋଗ ପରେ ସାନି ମତଦାନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।



ଜଗନ୍ନାଥଙ୍କ ଫଟୋ ଛୁଆଁଇ ଭୋଟରଙ୍କୁ ଶପଥ କରାଯାଉଛି।

# ମତଦାନ ହାର ବଢ଼ିଲା, ଗଞ୍ଜାମରେ କମିଲା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତିନୋଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ସରିଛି। ଆଉ ଦୁଇ ପର୍ଯ୍ୟାୟ ମଙ୍ଗଳବାର ଓ ଗୁରୁବାର ମତଦାନ ପରେ ଭୋଟ ଗ୍ରହଣ ପ୍ରକ୍ରିୟା ସରିବ। ତେବେ ଗତ ପଞ୍ଚାୟତ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନର ତିନି ପର୍ଯ୍ୟାୟ ମତଦାନ ହାରରେ ଉତ୍ସାହଜନକ ବୃଦ୍ଧି ପରିଲକ୍ଷିତ ହୋଇଛି। ହେଲେ ଲୋକସଂଖ୍ୟା କ୍ଷେତ୍ରରେ ରାଜ୍ୟର ବୃହତ୍ତମ କୁହାଯାଉଥିବା ଗଞ୍ଜାମ ଜିଲାରେ ମତଦାନ ହାର କମିବା ସହ ରାଜ୍ୟରେ ସର୍ବନିମ୍ନ ରହିଛି। ଏହାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ଶାସକ ବିଜେଡିକୁ ସିଧାସଳଖ ଟାର୍ଗେଟ କରିଛନ୍ତି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରଥମରୁ ପଞ୍ଚମ ପର୍ଯ୍ୟାୟରେ ହାରାହାରି ଭୋଟ ଗ୍ରହଣ ୭୪% ରହିଥିଲା। ଚଳିତ ନିର୍ବାଚନର ୩ଟି ପର୍ଯ୍ୟାୟ ମତଦାନ ସୁଦ୍ଧା ଗତ ପଞ୍ଚାୟତ ନିର୍ବାଚନ ମତଦାନ ତୁଳନାରେ ୪% ଅଧିକ ଅର୍ଥାତ୍ ୭୮.୦୩% ରହିଛି। ସେହିଭଳି ଗତ ନିର୍ବାଚନରେ ସୁବର୍ଣ୍ଣପୁରରେ ସର୍ବାଧିକ ୮୬% ମତଦାନ ହୋଇଥିବାବେଳେ ଗଞ୍ଜାମରେ ସର୍ବନିମ୍ନ ୬୬% ହୋଇଥିଲା। ତେବେ ଚଳିତ ନିର୍ବାଚନରେ ଏହି ଜିଲାରୁ ପ୍ରଥମ ପର୍ଯ୍ୟାୟରେ ୬୪.୯୬ ପ୍ରତିଶତ, ଦ୍ୱିତୀୟ ପର୍ଯ୍ୟାୟ ୬୪.୮୬% ଓ ତୃତୀୟ ପର୍ଯ୍ୟାୟରେ ୬୬.୭୫% ଅର୍ଥାତ୍ ତୃତୀୟ ପର୍ଯ୍ୟାୟ ସୁଦ୍ଧା ହାରାହାରି ୬୫.୫୨% ମତଦାନ ହୋଇଛି।



ଗଞ୍ଜାମ ଜିଲାରେ ମତଦାନ ଚାଲିଥିବା ଏକ ବୁଥ୍।

- ନିର୍ବାଚନ ପ୍ରତି ଗଞ୍ଜାମବାସୀଙ୍କ ସ୍ପୃହା ମରିଯାଇଛି : ଭାଜପା
- ବେକାରି ଓ ଦାଦନ ସମସ୍ୟାର ପ୍ରତିଫଳନ: କଂଗ୍ରେସ
- ପ୍ରତି ଜିଲାରେ ମତଦାନ ୭୦ ପ୍ରତିଶତରୁ ଅଧିକ ରହିବ: ବିଜେଡି

ଗଞ୍ଜାମ ମୁଖ୍ୟମନ୍ତ୍ରୀଙ୍କ ଜିଲା ଆଉ ଏଠାରେ ତାଙ୍କ ନିର୍ବାଚନ ମଣ୍ଡଳୀ ଥିବାରୁ ଏହି ନିମ୍ନ ମତଦାନକୁ ନେଇ ବିରୋଧୀ ଟିପ୍ପଣୀ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ନିମ୍ନ ମତଦାନ ଲୋକଙ୍କ ଗ୍ରହଣୀତାକୁ ସ୍ପଷ୍ଟ କରୁଥିବା ଭାଜପା କହିଥିବାବେଳେ କଂଗ୍ରେସ ଏହାକୁ ଦାଦନ ଶ୍ରମିକ ଓ ବେକାରି ସମସ୍ୟାର ପ୍ରତିଫଳନ ବୋଲି କହିଛି। ଗଞ୍ଜାମ ଜିଲା ଦାୟିତ୍ୱରେ ଥିବା ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି, ବିଜେଡି ଅଧୀନରେ ଗୁଣ୍ଡାରାଜ ଚାଲିଛି। ପୁଣି ବିଜେଡି ଶାସନରେ ଏମିତି କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ, ଯାହା ପାଇଁ ଭୋଟରଙ୍କ ମନରେ ସ୍ପୃହା ସୃଷ୍ଟି ହେବ। ସେହିପରି କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ସରକାର ରୋଜଗାର ଦେବାପାଇଁ ଅସମର୍ଥ କାରଣରୁ ଲୋକେ ଦାଦନ ଖଟିବାକୁ ସୁରଟ ପରି ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ମତଦାନରେ ଗଞ୍ଜାମ ନିମ୍ନରେ ରହିବା ଆଶ୍ଚର୍ଯ୍ୟଜନକ ନୁହେଁ ବୋଲି ମହାପାତ୍ର କହିଛନ୍ତି। ତେବେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ଜନସାଧାରଣ ନିର୍ବାଚନରେ ନିଜ ଆଡୁ ଆଗଭର ହୋଇ ନିର୍ବାଚନରେ ଭାଗନେଉଛନ୍ତି। ଗଞ୍ଜାମରେ ମଧ୍ୟ ଲୋକେ ଭୋଟ ଦେଉଛନ୍ତି। ନିର୍ବାଚନର ସମସ୍ତ ପର୍ଯ୍ୟାୟ ଶେଷ ବେଳକୁ ସବୁ ଜିଲାରେ ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଯିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି।

# ସରପଞ୍ଚ ପ୍ରାର୍ଥୀଙ୍କ ସହ ୩ ଗିରଫ

**ପୋଲିସ ଏସ୍‌ଆଇଙ୍କୁ ମାଡ଼ ଘଟଣା**

ରାଜନଗର, ୨୧।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀରେ ରବିବାର ୩ୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି। ଡେରା ପଞ୍ଚାୟତ ଗୋଖଣୀ ଗାଁରେ ଭୋଟର ତାଲିକାରେ ନାଁ ନ ଥାଇ ଏଜେଣ୍ଟ ରହିବା ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକ ପୋଲିସର ବାଡ଼ି ଛଡାଇ ନିର୍ଘାତ ପିଟି ଥିଲେ। ମାଡ଼ ଖାଇ ଆହତ ହୋଇଥିବା ଚାନ୍ଦୋଳ ଫାଣ୍ଡିର ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ସୌମ୍ୟରଞ୍ଜନ ପାଣିଗ୍ରାହୀ ସୋମବାର ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସରପଞ୍ଚ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ଦାସ ଓ ପଞ୍ଚାନନ ରାଉତଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି। ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ସମେତ ଶହେ ଜଣଙ୍କ ନାଁରେ ପୋଲିସ ନଂ. ୫୬/୨୨ରେ ମାମଲା ରୁଜୁ କରିଛି।

# ଭୋଟ ଗଣତି: ଆର୍‌ଟିପିସିଆର୍ ଜରୁରୀ ନୁହେଁ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ରାଜ୍ୟରେ ଜାରି ରହିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମଙ୍ଗଳବାର ଓ ଗୁରୁବାର ଦୁଇଟି ପର୍ଯ୍ୟାୟ ଭୋଟଗ୍ରହଣ ପରେ ଶେଷ ହେବ। ଏହା ପରେ ଆସନ୍ତା ୨୬ ତାରିଖରୁ ଭୋଟ ଗଣତି ଆରମ୍ଭ ହେବ। ଏ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୋଭିଡ୍ ଗାଇଡଲାଇନ୍ ଜାରି କରାଯାଇଛି। ଯେଉଁମାନେ ଗଣତିରେ ସାମିଲ ହେବେ ସେମାନଙ୍କ ଆର୍‌ଟିପିସିଆର୍ ଟେଷ୍ଟ ଜରୁରୀ ନୁହେଁ ବୋଲି ସ୍ପଷ୍ଟ କରାଯାଇଛି। ତେବେ ଡବଲ ଡୋଜ ଟିକା ନେଇଥିବା ବ୍ୟକ୍ତିଙ୍କୁ ହିଁ କେବଳ ଗଣତି ପାଇଁ ଅନୁମତି ମିଳିବ। ଭୋଟ ଗଣତି କେନ୍ଦ୍ରକୁ ଯିବା ପୂର୍ବରୁ କର୍ମଚାରୀମାନଙ୍କର ଥର୍ମାଲ ସ୍କାନିଂ କରାଯିବ। ଯେଉଁମାନଙ୍କର କରୋନା ଲକ୍ଷଣ ଥିବ ସେମାନଙ୍କୁ ଭୋଟ ଗଣତି ପାଇଁ ଅନୁମତି ମିଳିବ ନାହିଁ। ଏନେଇ ସମସ୍ତ ଜିଲାପାଳଙ୍କୁ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଲେଖି ଜଣାଇ ଦିଆଯାଇଛି। କୋଭିଡ ସଂକ୍ରମଣ ହ୍ରାସ ପାଇଥିବାରୁ ଆର୍‌ଟିପିସିଆର ଟେଷ୍ଟର ଆବଶ୍ୟକତା ନାହିଁ। କରୋନା କମିଛି ସତ କିନ୍ତୁ ସମ୍ପୂର୍ଣ୍ଣ ଯାଇନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରାଯିବ ବୋଲି ନିର୍ବାଚନ କମିଶନରଙ୍କ ସଚିବ ଆର୍.ଏନ୍. ସାହୁ କହିଛନ୍ତି।

# ୧୬୩ ଜୋନ୍‌ରେ ଆଜି ଭୋଟ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ**
- ୧୭୦୮୯ ବୁଥ୍‌ରେ ୫୧.୩୧ଲକ୍ଷ ମତଦାତା ଭୋଟ ଦେବେ
- ୨୫୭ ପ୍ଲାଟୁନ୍ ଫୋର୍ସ, ୧୪୭୩ ପାଟ୍ରୋଲିଂ ଟିମ୍ ମୁତୟନ

ଚଳିତ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ଏହି ପର୍ଯ୍ୟାୟରେ ୨୭ ଜିଲାର ୬୪ ବ୍ଲକ ୧୬୩ ଜିଲା ପରିଷଦ ଜୋନ୍‌ର ୧୨୫୪ଟି ପଞ୍ଚାୟତରେ ଭୋଟଗ୍ରହଣ ହେବ। ଏଥିପାଇଁ ୧୭୦୮୯ଟି ବୁଥ୍‌ରେ ୫୧ ଲକ୍ଷ ୩୧ ହଜାର ୭୨୭ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ।

୧୬୩ ଜିଲା ପରିଷଦ ଜୋନ୍‌ରେ ମୋଟ ୬୬୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଦିନ ୧ଟା ଯାଏ ଚାଲିବ। ନିର୍ବାଚନରେ ହେଉଥିବା ଗଣ୍ଡଗୋଳକୁ ଦେଖି ଆଇନଶୃଙ୍ଖଳା କଡ଼ାକଡ଼ି କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସମ୍ବେଦନଶୀଳ ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ୩ଟି ପର୍ଯ୍ୟାୟ ନିର୍ବାଚନ ହିଂସାକୁ ଦେଖି ଏହି ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ୨୫୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହିତ ରାଜ୍ୟରେ ୧୪୭୩ ମୋବାଇଲ ପାଟ୍ରୋଲିଂ ଟିମ୍‌କୁ ନିୟୋଜିତ କରାଯାଇଛି। ଚଳିତ ନିର୍ବାଚନ ସୁରକ୍ଷା ଦାୟିତ୍ୱରେ ମୋଟ ୩୭,୨୪୫ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗତ ୩ଟି ପର୍ଯ୍ୟାୟ ଗଣ୍ଡଗୋଳରେ ସାମିଲ ହୋଇଥିବା ୮୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଯାଜପୁର ଜିଲାରୁ ୪୩, ଢେଙ୍କାନାଳରୁ ୯, ଜଗତସିଂହପୁରରୁ ୬ ଏବଂ ପୁରୀ ଜିଲାରୁ ୨୪ ଜଣଙ୍କୁ ଗିରଫ କରାଯାଇଛି।

ଚଳିତ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖ ଯାଏ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମୋଟ ୬,୭୯୪ ପଞ୍ଚାୟତରେ ଥିବା ୯୧,୯୧୩ ୱାର୍ଡରେ ଭୋଟଗ୍ରହଣ କରାଯିବ। ମୋଟ ୯୧,୯୧୩ଟି ବୁଥ୍‌ରେ ମତଦାନ ହେବ। ସେଥିରୁ ୧୩ ,୭୮୫ ଉତ୍ତେଜନାପ୍ରବଣ ବୁଥ ରହିଛି। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି। ଭୋଟ ଗଣତିର ରେକର୍ଡିଂ ମଧ୍ୟ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆଶା ବାନ୍ଧିଲେଣି ଆଶାୟୀ

ଭୁବନେଶ୍ୱର, ୨୧।୨ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ତାରିଖ ଘୋଷଣା ହୋଇ ନ ଥିଲେ ବି ଏବେଠାରୁ ବିଭିନ୍ନ ୱାର୍ଡରେ ରାଜନୀତି ପାଣିପାଗ ବାରି ହୋଇପଡୁଛି। ଗତ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୱାର୍ଡରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ହିସାବ ଦେବା ଆରମ୍ଭ କରିଛନ୍ତି। ଅନ୍ୟ ଆଶାୟୀ ପ୍ରାର୍ଥୀମାନେ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ଦୂର କରିବାର ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା ଆରମ୍ଭ କଲେଣି। ତେବେ ଭୋଟର ପ୍ରାର୍ଥୀଙ୍କ ଯୋଗ୍ୟତା ଦେଖି ମତଦାନ କରିବେ ବୋଲି କହୁଛନ୍ତି। ଚଳିତ ନିର୍ବାଚନ ପାଇଁ ୬୭ନଂ. ୱାର୍ଡ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ୧୮ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ୱାର୍ଡ଼ରେ ମୋଟ୍ ୧୧,୪୫୨ ଭୋଟର ରହିଛନ୍ତି ଏବଂ ୧୨ଟି ବୁଥ୍‌ରେ ସେମାନେ ମତ ସାବ୍ୟସ୍ତ କରିବେ।

ଗତ ନିର୍ବଚନରେ ୬୭ ନମ୍ବର ୱାର୍ଡ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀ ଦେବୀପ୍ରସାଦ ନନ୍ଦ ଏଠାରୁ କର୍ପୋରେଟର ଭାବେ ଜିତିଥିଲେ। ତେବେ ଚଳିତ ଥର ଏହା ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ଦେବୀପ୍ରସାଦ ତାଙ୍କ ସ୍ତ୍ରୀ ମିଳନ୍ ଦେବୀଙ୍କୁ ମଇଦାନକୁ ଓହ୍ଲାଇବାକୁ ସ୍ଥିର କରିଛନ୍ତି। ଦେଖିବାକୁ ଗଲେ ମିଳନ୍‌ଙ୍କ ପାଇଁ ଏହା ନୂଆ ନୁହେଁ। କାରଣ ସେ ପୂର୍ବରୁ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ କର୍ପୋରେଟର ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ତେଣୁ ପୁଣି ଥରେ ଏଠାରୁ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ ଏକାଧିକ ଥର ଏହି ଦମ୍ପତି ନିର୍ବାଚନ ଲଢ଼ିଥିବାବେଳେ ଚଳିତ ଥର ମିଳନ ବିଜେଡି ଟିକେଟ୍ ପାଇବାକୁ ଆଶା ବାନ୍ଧିଛନ୍ତି। ଯଦି ଟିକେଟ୍ ନ ମିଳେ ତେବେ ପୁଣି ଥରେ ସ୍ୱାଧୀନ ଭାବେ ଲଢିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଅପରପକ୍ଷେ ଭାଜପାରୁ ମଧୁସ୍ମିତା ପ୍ରଧାନ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି। ରାଜନୀତି ସମ୍ପର୍କରେ ସେପରି କୌଣସି ଅଭିଜ୍ଞତା ନ ଥିଲେ ମଧ୍ୟ ଲୋକଙ୍କ ସୁଖଦୁଃଖରେ ଭାଗୀଦାର ହେବା ପାଇଁ ଆଗକୁ ଆସୁଛନ୍ତି। ତେବେ ୱାର୍ଡରେ କଂଗ୍ରେସରୁ କୌଣସି ପ୍ରାର୍ଥୀଙ୍କ ନାମ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ସେହିପରି ଶାସକ ଦଳରୁ ଟିକେଟ୍ ପାଇବା ପାଇଁ ଏକାଧିକ ପ୍ରାର୍ଥୀ ଗୋଟି ଚାଳନା କରୁଛନ୍ତି। ପୂର୍ବରୁ ଦେବୀପ୍ରସାଦଙ୍କ ଠାରୁ ପରାଜିତ ହୋଇଥିବା ଜିତେନ୍ଦ୍ର ନନ୍ଦ, ତାପସ ରାଉତ, ନିରୁପମା ଦାଶଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି।

**ୱାର୍ଡ ନଂ. ୬୭**

୬୭ ନମ୍ବର ୱାର୍ଡ ଅଧୀନରେ ଏକାମ୍ର କଲେଜ, ଏୟାରଫିଲ୍ଡ ପୋଲିସ୍ ଥାନା ଅଞ୍ଚଳ, ଅଭିରାମ ବସ୍ତି, ଲେପର୍ସ କଲୋନୀ, କପିଳପ୍ରସାଦ ଗାଁ, କପିଳପ୍ରସାଦ ବିଡିଏ କଲୋନୀ, ଆଜାଦ ନଗର, ଯୋଗେଶ୍ୱର ପାଟଣା ଓ ସୁନ୍ଦରପଦା ଗାଁ।



"୧୯୯୭ରେ ଭୁବନେଶ୍ୱରରେ ସମୁଦାୟ ୩୦ଟି ୱାର୍ଡ ଥିଲା। ସେହି ସମୟରେ ଏହି ଅଞ୍ଚଳ ୱାର୍ଡ ନଂ. ୨୯ ଭାବେ ବିବେଚନା କରାଯାଉଥିଲା। ସେତେବେଳେ ମୁଁ କର୍ପୋରେଟର ଭାବେ କାର୍ଯ୍ୟଭାର ତୁଲାଇଥିଲି। ଗତ ନିର୍ବାଚନରେ ସ୍ୱାମୀ ଦେବୀ ପ୍ରସାଦ ବିଜୟ ଲାଭ କରିବା ପରେ ୱାର୍ଡର ଉନ୍ନତିମୂଳକ କାର୍ଯ୍ୟରେ ସହାୟତା କରି ଆସିଛି। ତେବେ ପୁଣି ଥରେ ମୋତେ ପ୍ରତ୍ୟକ୍ଷ ଭାବେ ଲୋକଙ୍କ ସେବା କରିବାକୁ ସୁଯୋଗ ମିଳୁଛି। ଲୋକଙ୍କ ସେବା ପାଇଁ ସର୍ବଦା ନିଜକୁ ପ୍ରସ୍ତୁତ ରଖିଛି ଓ ରଖିବି ମଧ୍ୟ। ଆମ ୱାର୍ଡରେ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ମାତ୍ର ମହାମାରୀ ପାଇଁ ଏହା ଆରମ୍ଭ ହୋଇ ପାରିନାହିଁ। ନିର୍ବାଚନ ପରେ ଏହାର ନିର୍ମାଣ କାର୍ଯ୍ୟ କରାଯିବ। ସେହିପରି ହଜ ପୋଖରୀ ନେଇ ଲାଗି ରହିଥିବା ସମସ୍ୟାର ସମାଧାନର ବାଟ ଖୋଜିବା ପ୍ରଥମ ଲକ୍ଷ୍ୟ ହେବ। ୱାର୍ଡରେ ଥିବା ଦୁଇଟି ଶ୍ମଶାନର ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହ ଡ୍ରେନେଜ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ସୁନ୍ଦରପଦା ଗ୍ରାମରେ ଦୁଇଟି ମୁଖ୍ୟ ଡ୍ରେନ ଅଛି। ମାତ୍ର ଏହାର ଶେଷ ଏକ ବେସରକାରୀ ଜମିରେ ହୋଇଛି। ଫଳରେ ଅନେକ ସମୟରେ ଡ୍ରେନ୍ ପାଣି ନିଷ୍କାସନକୁ ନେଇ ସମସ୍ୟା ଲାଗି ରହୁଛି। ନିର୍ବାଚନ ପରେ ଏହା ଉପରେ ପଦକ୍ଷେପ ନିଆଯିବ।"

**– ମିଲନ୍ ଦେବୀ, ଆଶାୟୀ ପ୍ରାର୍ଥୀ**



"କହିବା ଅପେକ୍ଷା କାମକୁ ମୁଁ ଗୁରୁତ୍ୱ ଦିଏ। ତେଣୁ ଯେତେବେଳେ ଜନତାଙ୍କ ବିକାଶ ପାଇଁ କାର୍ଯ୍ୟ କରିବି ସେତେବେଳେ ଜାଣିବି ଯେ ନିଜକୁ ପ୍ରମାଣିତ କରିପାରିଛି। ମୁଁ ଜଣେ ସାଧାରଣ ଗୃହିଣୀ ହୋଇ ବି ଲୋକଙ୍କ ସମସ୍ୟାକୁ ନିଜର ଭାବେ। ବର୍ଷା ହେଲେ ଡ୍ରେନ୍ ପାଣି ଲୋକଙ୍କ ଘରେ ପଶୁଛି। ଏହି ସମସ୍ୟା ଦୂର ମୋର ପ୍ରଥମ ଲକ୍ଷ୍ୟ ହେବ। ସେହିପରି ଆମ ଅଞ୍ଚଳରେ ଅନେକ ଯୋଗ୍ୟ ହିତାଧିକାରୀ ଏପର୍ଯ୍ୟନ୍ତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବି। ରାସ୍ତାଘାଟର ଶୋଚନୀୟ ଅବସ୍ଥା ଯୋଗୁ ବର୍ଷ ବର୍ଷ ଧରି ଲୋକେ ଯେଉଁ ଯାତନା ଭୋଗୁଛନ୍ତି ତାହା ଦୂର ହେବ। ଗ୍ରାମରେ ଥିବା ହଜ ପୋଖରୀ, ମଶାଣିର ଅବସ୍ଥା ନ କହିବା ଭଲ, ତେଣୁ ସେ ଦିଗରେ ମଧ୍ୟ ବିଭିନ୍ନ ଯୋଜନା ରହିଛି।"

**– ମଧୁସ୍ମିତା ପ୍ରଧାନ, ଆଶାୟୀ ପ୍ରାର୍ଥୀ**



"ରାଶନ କାର୍ଡ ଅଛି କିନ୍ତୁ ପରିବାରର ନୂଆ ସଦସ୍ୟଙ୍କ ନାମ ଯୋଡ଼ିବା ସମ୍ଭବ ହେଉନାହିଁ। ସ୍ଥାନୀୟ ଜନପ୍ରତିନିଧି ଏଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ନର୍ଦ୍ଦମା ଜଳକୁ ନେଇ ସବୁବେଳେ ସମସ୍ୟା ଲାଗିରହୁଛି। ଖୋଲା ଡ୍ରେନ୍‌ରେ ଅନେକେ ପଡ଼ି କ୍ଷତାକ୍ତ ହେଉଛନ୍ତି। ବର୍ଷା ହେଲେ ଡ୍ରେନ୍‌ରେ ପାଣି ଯିବା ପରିବର୍ତ୍ତେ ରାସ୍ତାରେ ଭାସୁଛି। କହିବାକୁ ଗଲେ ସମସ୍ୟା ଅନେକ ରହିଛି। ତେଣୁ ଏଥର ନିର୍ବାଚନରେ ପ୍ରାର୍ଥୀଙ୍କୁ ଦେଖି ଭୋଟ୍ ଦେବୁ। ଯିଏ ଆମ ପାଇଁ କାମ କରିବେ ତାଙ୍କୁ ଜିତେଇବୁ।"

**– ବୀରେନ୍ଦ୍ର ନାୟକ, ୱାର୍ଡ ବାସିନ୍ଦା**



"ୱାର୍ଡ଼ରେ ସମସ୍ୟା ହିଁ ସମସ୍ୟା। ସୁନ୍ଦରପଦାରୁ ସାମନ୍ତରାପୁର ରୋଡ ଆଜିକୁ ପ୍ରାୟ ୧୦ ବର୍ଷ ହେବ ଖୋଳାଚାଲିଛି। କେବେ ବି ଏଠାରେ କାମ ସରୁନି। ଯିବା ଆସିବାରେ ବହୁ ସମସ୍ୟା ଉପୁଜୁଛି। ସେହିପରି ମିନି ଷ୍ଟାଡ଼ିୟମ ଯୋଜନା ସ୍ୱପ୍ନ ପାଲଟିଛି।"

**– ସତ୍ୟବ୍ରତ ସ୍ୱାଇଁ, ୱାର୍ଡ ବାସିନ୍ଦା**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୨,୫୬,୦୪,୭୨୫ | ୫୯,୦୯,୦୪୨ | ୩୫,୧୪,୩୪,୩୩୦ |
| ଭାରତ | ୪,୨୮,୩୮,୫୨୪ | ୫,୧୨,୧୪୧ | ୪,୨୧,୨୪,୨୮୪ |
| ଓଡ଼ିଶା | ୧୨,୮୨,୭୬୯ | ୯୦୨୬(+୫୩) | ୧୨,୬୯,୨୫୩ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ

## କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ସମୀକ୍ଷା କଲେ

- ନିର୍ମାଣ ହେଉଛି ଦେଶର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ ଷ୍ଟାଡିୟମ
- ଖର୍ଚ୍ଚ ହେବ ୧୨୦ କୋଟି, ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ
- ଭାରତୀୟ ହକି ଖେଳାଳିଙ୍କୁ ଭେଟିଲେ
- ଓଡ଼ିଶା ମହିଳା ଫୁଟ୍‌ବଲ ଲିଗ୍‌ମ୍ୟାଚ ଦେଖିଲେ
- ପ୍ରୋ-ଲିଗ୍ ମ୍ୟାଚ ପାଇଁ ଶୁଭେଚ୍ଛା ଜଣାଇଲେ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ କମ୍ପ୍ଲେକ୍ସ ଗସ୍ତକରି ସେଠାରେ ୩୦୦ କୋଟି ଟଙ୍କାର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଶେଷକରି ନିର୍ମାଣାଧୀନ ଇନ୍‌ଡୋର ଆଥ୍‌ଲେଟିକ୍ ଷ୍ଟାଡିୟମ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଛନ୍ତି। ଏହା ହେଉଛି ଦେଶର ସର୍ବପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ ଷ୍ଟାଡିୟମ। ମୁଖ୍ୟମନ୍ତ୍ରୀ ଏହାର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏହି ଇନ୍‌ଡୋର ସୁବିଧା ଦେଶରେ ଖେଳର ବିକାଶକୁ ଜୋରଦାର କରିବ। ଏହି ଷ୍ଟାଡିୟମ ଆଗାମୀ ଦିନରେ ଆଥ୍‌ଲେଟିକ ଚାମ୍ପିୟନ ସୃଷ୍ଟି କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଉକ୍ତ ଷ୍ଟାଡିୟମ ୧୨୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଉଛି। ଚଳିତ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଥ୍‌ଲେଟିକ କ୍ରୀଡ଼ା ଅନୁଷ୍ଠିତ ହେବ। ଖେଳାଳିମାନେ ବର୍ଷତମାମ ଖେଳ ଅଭ୍ୟାସ ଜାରି ରଖିପାରିବେ। ଶହେ ଜଣ ଖେଳାଳିଙ୍କୁ କୋଚିଂ ଦେବା ପାଇଁ ଏଥିରେ ଆବାସିକ ସୁବିଧା ମଧ୍ୟ ରହିଛି। ଏହାପରେ ମୁଖ୍ୟମନ୍ତ୍ରୀ ନିର୍ମାଣାଧୀନ ଟେନିସ ସେଣ୍ଟର ପ୍ରକଳ୍ପ ମଧ୍ୟ ପ୍ରଦର୍ଶନ କରିଥିଲେ। ଏହି ଟେନିସ୍ ସେଣ୍ଟରରେ ଆଇଟିଏଫ୍ ଟୁର୍ନାମେଣ୍ଟ ଓ ଡେଭିସ୍ କପ୍ ଭଳି ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେବାର ସମସ୍ତ ସୁବିଧା ଉପଲବ୍ଧ ହେବ।

ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଅଧୀନରେ ଏହିସବୁ କ୍ରୀଡ଼ା ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାଦ୍ୱାରା ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ରୂପାନ୍ତର ଆସିପାରିବ ବୋଲି ସରକାର ଆଶା ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ କମ୍ପ୍ଲେକ୍ସରେ ଇନ୍‌ଡୋର ଆଥ୍‌ଲେଟିକ ଷ୍ଟାଡିୟମ ଓ ଟେନିସ ସେଣ୍ଟର ସହିତ ଇନ୍‌ଡୋର ଆକ୍ୱାଟିକ୍ସ ଷ୍ଟାଡିୟମ, ହକି ଏଚ୍‌ପିସି ବିଲ୍ଡିଂ ଓ କର୍ମଚାରୀମାନଙ୍କ ପାଇଁ ଆବାସିକ ବ୍ୟବସ୍ଥା ଆଦି ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ଚାଲିଛି।

ଏହାପରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମର ମୁଖ୍ୟ ଫୁଟ୍‌ବଲ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ମହିଳା ଫୁଟ୍‌ବଲ ଲିଗ୍‌ମ୍ୟାଚ ଦେଖିଥିଲେ। ଖେଳାଳିମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ଭାରତୀୟ ଜାତୀୟ ହକି ଦଳର ଉଭୟ ପୁରୁଷ ଓ ମହିଳା ଖେଳାଳିମାନଙ୍କୁ ଭେଟି ଖେଳ ଅଭ୍ୟାସ ସମ୍ପର୍କରେ ପଚାରି ବୁଝିଥିଲେ। ହକିକୁ ମୁଖ୍ୟମନ୍ତ୍ରୀ ଯେଉଁ ସହଯୋଗ ଯୋଗାଇ ଦେଇଛନ୍ତି, ସେଥିପାଇଁ ସେମାନେ କୃତଜ୍ଞତା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଗାମୀ ପ୍ରୋ-ଲିଗ୍ ମ୍ୟାଚ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଏସିଆନ ଓ କମନ୍‌ୱେଲ୍‌ଥ ଗେମ୍ସରେ ଦେଶ ପାଇଁ ସ୍ୱର୍ଣ୍ଣପଦକ ଆଣିବା ଲାଗି ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ କ୍ରୀଡ଼ା ସଚିବ ଭିନିଲ୍ କ୍ରୀଷ୍ଣା ଉପସ୍ଥିତ ଥିଲେ।

# ଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଆମେରିକା ଆଇନ ସଂସ୍ଥା

## ୟୁପି ପୋଲିସ ଏନ୍‌କାଉଣ୍ଟର ହତ୍ୟା ଘଟଣା

ଲଣ୍ଡନ,୨୧।୨

ଉତ୍ତରପ୍ରଦେଶ ପୋଲିସ ୨୦୧୭ରୁ ୨୦୨୧ ମଧ୍ୟରେ ବେଆଇନ ଭାବେ ଏନ୍‌କାଉଣ୍ଟରରେ କେତେଜଣ ଅପରାଧୀଙ୍କୁ ହତ୍ୟା କରିଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭୂମିକା ରହିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅନ୍ତର୍ଜାତୀୟ ଅପରାଧ ଓ ମାନବାଧିକାର ଆଇନଜୀବୀମାନଙ୍କର ସ୍ୱତନ୍ତ୍ର ସଂଗଠନ ଗୁଏର୍ନିକା ୩୭ ସେଣ୍ଟର ଆମେରିକା ସରକାରଙ୍କ ନିକଟରେ ଆନୁଷ୍ଠାନିକ ଆବେଦନ କରିଛନ୍ତି। ଫେବୃୟାରୀ ୯ରେ ଆମେରିକା ପରରାଷ୍ଟ୍ର ଏବଂ ଅର୍ଥ ବିଭାଗରେ ଏହି ଆବେଦନ କରାଯାଇଛି। ଗୃହ ବିଭାଗ ଦାୟିତ୍ୱରେ ଥିବା ଯୋଗୀଙ୍କ ସମେତ ନିକଟରେ ଅବସର ନେଇଥିବା ୟୁପି ପୋଲିସ ମହାନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ, କାନପୁର ଏସ୍‌ପି ସଞ୍ଜୀବ ତ୍ୟାଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସୁପାରିସ କରାଯାଇଛି। ଅପରାଧୀଙ୍କୁ ହତ୍ୟା କରିଥିବା ପୋଲିସ ଉପରେ ଏହି ୩ ଜଣଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଥିଲା। ସେମାନେ ଏନ୍‌କାଉଣ୍ଟର ରୋକିବା କିମ୍ବା ଦଣ୍ଡ ଦେବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ କେତେକ ମନ୍ତବ୍ୟ ଓ ନିର୍ଦ୍ଦେଶନାମାରୁ ଅପରାଧ ସହ ସେମାନଙ୍କର ସିଧାସଳଖ ସମ୍ପର୍କ ରହିଥିବା ଅନ୍ତର୍ଜାତୀୟ ଆଇନଜୀବୀ ଟବି କାଡମାନ୍ କହିଛନ୍ତି। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଚାଲିଥିବାବେଳେ ଗୁଏର୍ନିକା ପକ୍ଷରୁ ଏଭଳି ରିପୋର୍ଟ ପ୍ରଦାନ କରାଯାଇଛି।


ଯୋଗୀ ଆଦିତ୍ୟନାଥ

୨୦୧୭ରେ ଯୋଗୀ ଆଦିତ୍ୟନାଥ କ୍ଷମତାକୁ ଆସିବା ପରେ ୟୁପି ପୋଲିସ ତଥାକଥିତ ଏନ୍‌କାଉଣ୍ଟର ନାମରେ ଅନ୍ୟୁନ ୧୪୬ଟି ବେଆଇନ ହତ୍ୟା କରିଛି। ଆତ୍ମରକ୍ଷା ନାଁରେ ସନ୍ଦିଗ୍ଧ ଅପରାଧୀଙ୍କୁ ପୋଲିସ ଗୁଳି କରିଥିବା ଅଧିକାଂଶ ମାମଲାରେ ତଥ୍ୟ ପ୍ରମାଣରୁ ସ୍ପଷ୍ଟ ହୋଇଛି। ଏଭଳି କରି ଯୋଗୀ ଅପରାଧ ବରଦାସ୍ତ କରାଯିବନି ନୀତି ଘୋଷଣା କରିଥିବା କାଡମାନ କହିଛନ୍ତି।

ହତ୍ୟା, ବଳାତ୍କାର, ନିର୍ଯାତନା, ବଳପୂର୍ବକ ଅନ୍ତର୍ଦ୍ଧାନ କରାଇବା ଆଦି ଗୁରୁତର ମାନାଧିକାର ଉଲ୍ଲଂଘନ ମାମଲାରେ ସମ୍ପୃକ୍ତ କିମ୍ବା ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆମେରିକା ଅର୍ଥ ବିଭାଗକୁ ଗ୍ଲୋବାଲ ମାଗ୍ନିସ୍କି ସାଙ୍କଶନ୍ସ ଅନୁମତି ଦେଇଛି। ଏହି କାର୍ଯ୍ୟାନୁଷ୍ଠାନ ବଳରେ ଆମେରିକାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମାଲିକାନାରେ ଥିବା ସମ୍ପତ୍ତି କିମ୍ବା ଏହା ଆମେରିକାର କୌଣସି ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଥିଲେ, ଏହାକୁ ବ୍ଲକ୍ କରାଯିବା ସହ ଟ୍ରେଜେରି ଅଫିସ୍ ଅଫ୍ ଫରେନ୍ ଆସେଟ୍ସ କଣ୍ଟ୍ରୋଲ (ଓଏଫ୍‌ଏସି)କୁ ରିପୋର୍ଟ କରାଯିବ। ଏଥିସହିତ କୌଣସି ବ୍ୟକ୍ତି କିମ୍ବା ସଂସ୍ଥାକୁ ଆମେରିକାରେ ଉକ୍ତ ବ୍ୟକ୍ତିଙ୍କ ପାଇଁ ଆର୍ଥିକ କାରବାର କରିବାକୁ ଅନୁମତି ମିଳିବ ନାହିଁ। ଏପରିକି ଆମେରିକାକୁ ତାଙ୍କର ଗସ୍ତକୁ ନିଷେଧ କରାଯାଇପାରେ। ୨୦୧୭ ମାର୍ଚ୍ଚରୁ ଉତ୍ତରପ୍ରଦେଶ ପୋଲିସ ଦ୍ୱାରା ୫୯ ବେଆଇନ ହତ୍ୟା କରାଯାଇଥିବା ଆମେରିକା ମାନବାଧିକାର ବିଶେଷଜ୍ଞମାନେ ୨୦୧୯ ଜାନୁୟାରୀରେ ଭାରତ ସରକାରଙ୍କୁ ଲେଖି ଜଣାଇଥିଲେ।

# ପୁଣି ଆସୁଛି ପଶ୍ଚିମା ଝଡ଼, ୨୪ରୁ ବର୍ଷା

## ପଶ୍ଚିମ ଓଡ଼ିଶା ତାତୁଛି

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଓଡ଼ିଶା ଆଡ଼କୁ ଆସୁଛି ପଶ୍ଚିମା ଝଡ଼। ଏହାର ପ୍ରଭାବରେ ଆସନ୍ତା ୨୪ ତାରିଖରୁ ପୁଣି ବର୍ଷା ସମ୍ଭାବନା ରହିଛି। ୨୪ ଓ ୨୫ରେ ବର୍ଷା ହେବାକୁ ଥିବାବେଳେ ୨୫ରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସୂଚନାନୁସାରେ, ୨୪ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ସ୍ୱଳ୍ପ ଧରଣର ବର୍ଷା ହେବ। ୨୫ ତାରିଖରେ ଉତ୍ତର ଓଡ଼ିଶାରେ ବର୍ଷା ହେବାକୁ ଥିବାବେଳେ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁରରେ ବିଜୁଳି, ଘଡ଼ଘଡ଼ି ସହିତ ବର୍ଷା ହେବ। ତେଣୁ ଏହି ସବୁ ଜିଲାକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ରାଜ୍ୟରେ ୨୩ ତାରିଖ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ। ଉପକୂଳରୁ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ସେପଟେ ପଶ୍ଚିମ ଓଡ଼ିଶା ତାତୁଛି। ସୋନପୁରରେ ସର୍ବାଧିକ ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ କରାଯାଇଛି।






**ଆଜିର ମନ୍ତବ୍ୟ**

"ଭାରତୀୟ ମହାସାଗର ଅଞ୍ଚଳରେ ସମସ୍ତଙ୍କ ନିରାପତ୍ତା ଏବଂ ଅଭିବୃଦ୍ଧି ଉପରେ ଭାରତ ବିଶ୍ୱାସ କରେ।
– ରାମନାଥ କୋବିନ୍ଦ, ରାଷ୍ଟ୍ରପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଝିଅ ଦିହେଁ ଦେଉଳେ ପଶିଲେ
ଯେଝା ଶୁଭ ଯିଏ ମନାସିଲେ।**

ମନ୍ଦିର ଗଲେ ସଭିଏଁ ନିଜର ଦୁଃଖ କଷ୍ଟ କଥା ଈଶ୍ୱରଙ୍କ ଆଗରେ ଜଣାଇଥାନ୍ତି। ନିଜେ କିପରି ଭଲରେ ରହିବେ, ଭଲରେ ଚଳିବେ ସେନେଇ ଗୁହାରି କରିଥାନ୍ତି। ଆତ୍ମୀୟ ଜ୍ଞାତିକୁଟୁମ୍ବଙ୍କ କଥା ଭୁଲି ନିଜର ସୁଖ ମନାସିଥାନ୍ତି। ପରୋକ୍ଷରେ ସ୍ୱାର୍ଥର ବଶ ମଣିଷ। ସବୁବେଳେ ସେ ନିଜ କଥା ବା ନିଜ ସୁଖସୁବିଧା କଥା ଚିନ୍ତା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଆ ଖୋଜେ ପେଟ
ମାଇପ ଖୋଜେ ରୋଟ।**

ମା' ସ୍ନେହମୟୀ, ମମତାମୟୀ। ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନକଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' କଥା ତା ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ପର୍ବତ ଶିଖର ଛୁଇଁଲେ ୬୨ ବର୍ଷୀୟା ନାଗରତ୍ନାମା

କେରଳ,୨୧।୨

ସ୍ୱପ୍ନ ହେଉ ଅବା ସଉକ, ଏହାକୁ ପୂରଣ କରିବା ପାଇଁ ନିର୍ଦ୍ଦିଷ୍ଟ ବୟସ କିମ୍ବା ସମୟସୀମା ନ ଥାଏ। ଦୃଢ ଇଚ୍ଛାଶକ୍ତି ବଳରେ ହିଁ ଅସମ୍ଭବକୁ ସମ୍ଭବ କରାଯାଇପାରେ। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ବେଙ୍ଗାଲୁରୁର ୬୨ ବର୍ଷୀୟା ନାଗରତ୍ନାମା। ବର୍ତ୍ତମାନ ସେ ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ଯେଉଁ ବୟସରେ ଘରେ ବିଶ୍ରାମ ନେବା କଥା ସେ ବୟସରେ ପର୍ବତ ଆରୋହଣ କରି ନୂଆ ପରିଚୟ ସୃଷ୍ଟି କରିଛନ୍ତି ନାଗରତ୍ନାମା। ସେ ତାଙ୍କ ପୁଅଙ୍କ ସହ କେରଳର ଦ୍ୱିତୀୟ ବୃହତ୍ ପର୍ବତ ଅଗସ୍ତ୍ୟାକୁଦମ ଆରୋହଣ କରିଛନ୍ତି। ଏହାର ଭିଡିଓ ଏବେ ସୋସିଆଲ ମିଡିଆ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ଭିଡିଓରେ ଶାଢି ପିନ୍ଧି ନାଗରତ୍ନାମା ତାଙ୍କ ପୁଅଙ୍କ ସହିତ ଜଣେ ପ୍ରଫେସନାଲ ପର୍ବତାରୋହୀଙ୍କ ପରି ଦଉଡ଼ି ସହାୟତାରେ ପାହାଡ ଚଢୁଥିବାର ଦେଖାଯାଉଛି। ଚଳିତମାସ ୧୬ ତାରିଖରେ ସେ ଅଗସ୍ତ୍ୟାକୁଦମ ପର୍ବତ ଚଢିଥିଲେ।

ବେଙ୍ଗାଲୁରୁରେ ନାଗରତ୍ନାମାଙ୍କ ଘର। ଶାଶୁଘର ଗଲା ପରେ ଘର ସଂସାର କଥା ବୁଝାବୁଝି କରୁକରୁ ତାଙ୍କ ସମସ୍ତ ସମୟ ଅତିବାହିତ ହୋଇଯାଉଥିଲା, ଯାହା ପାଇଁ ସେ ତାଙ୍କର କୌଣସି ସ୍ୱପ୍ନ ପୂରଣ କରିବାର ସୁଯୋଗ ପାଉ ନ ଥିଲେ। ବାହାଘରର ଠିକ୍ ୪୦ ବର୍ଷ ପରେ ଯେତେବେଳେ ପିଲାମାନେ ରୋଜଗାରକ୍ଷମ ହୋଇଗଲେ ଏବଂ ନାଗାରତ୍ନାମାଙ୍କ ମୁଣ୍ଡରୁ ପରିବାର ବୋଝ ହଟିଗଲା ସେତେବେଳେ ସେ ନିଜ ସ୍ୱପ୍ନ ସବୁ ପୂରା କରିବା ପାଇଁ ନିଷ୍ପତ୍ତି ନେଲେ। ଏଥିପାଇଁ ତାଙ୍କ ପରିବାର ମଧ୍ୟ ଯଥାସମ୍ଭବ ସହଯୋଗ ତାଙ୍କୁ କରୁଛି। ୧,୮୬୮ ମିଟର ଉଚ୍ଚତା ବିଶିଷ୍ଟ ଏହି ପର୍ବତ କେରଳର ଦ୍ୱିତୀୟ ବୃହତ୍ ଗିରିଶୃଙ୍ଗ। ତାମିଲନାଡୁର ତିରୁନେଲଭେଲି ଜିଲା ଏବଂ କେରଳର ତ୍ରିଭାନାନଥାପୁରମ ଜିଲା ମଧ୍ୟଭାଗରେ ଏହା ଅବସ୍ଥିତ। ୨ ହଜାରରୁ ଅଧିକ ପ୍ରଜାତିର ବୃକ୍ଷ ଓ ଜୀବଜନ୍ତୁ ଅଗସ୍ତ୍ୟାକୁଦମରେ ଦେଖିବାକୁ ମିଳନ୍ତି।



କେରଳର ଅଗସ୍ତ୍ୟାକୁଦମ ପର୍ବତ ଶିଖରରେ ନାଗରତ୍ନାମା

# ୧୭ ଅପରାଧ ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା

**କଟକ ଅଫିସ,୨୧।୨:** ବିଭିନ୍ନ ଜିଲାରେ ଘଟିଥିବା ୧୭ଟି ହତ୍ୟା ଓ ଶିଶୁଚୋରି ଘଟଣାରେ ନ୍ୟାୟ ପାଇଁ ବଞ୍ଚିତ ୧୭ ପରିବାର ମିଳିତ ଭାବେ ସୋମବାର ହାଇକୋର୍ଟରେ ଏକ ରିଟ୍ ପିଟିଶନ୍ ଦାଖଲ କରିଛନ୍ତି। ଏସବୁ ଘଟଣା ମଧ୍ୟରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗର ଇଞ୍ଜିନିୟର ଅମୃତ ଦାଶ, ମାହାଙ୍ଗା ବାଜପୁରାର ଦୀପ୍ତିକାନ୍ତ ସାହୁ, କୁଜଙ୍ଗ ପଙ୍କପାଳର ଉଲ୍ଲାସ ଜେନା, ମାନବପ୍ରେମୀ ଆଦିତ୍ୟ ଦାଶ, କନ୍ଧମାଳର ଲୋକନାଥ ପ୍ରଧାନ, ମାହାଙ୍ଗାର ବିକାଶ ଜେନା ଏବଂ କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ତପନ ମଲ୍ଲ ହତ୍ୟାକାଣ୍ଡ ପ୍ରଭୃତି ରହିଛି। ଏସବୁ ଘଟଣାର ସିବିଆଇ ତଦନ୍ତ ପାଇଁ ଆବେଦନ କରାଯାଇଛି। କୌଣସି ଆଇନଜୀବୀଙ୍କ ବିନା ସହାୟତାରେ ଏହି ରିଟ୍ ପିଟିଶନ ଦାଖଲ ହୋଇଛି।

# କୋର୍ଟରୁ ସୁମିତଙ୍କ ୧୭ ହଜାର ନେଲେ ତପସ୍ୱିନୀ

ବ୍ରହ୍ମପୁର ଅଫିସ,୨୧।୨

ଡାକ୍ତର ସୁମିତ ସାହୁ ଓ ତପସ୍ୱିନୀ ଦାଶଙ୍କ ଦାମ୍ପତ୍ୟ ବିବାଦ ଏବେ କୋର୍ଟରେ ବିଚାରାଧୀନ ରହିଛି। ତପସ୍ୱିନୀଙ୍କ ଭରଣପୋଷଣ ପାଇଁ ମାସିକ ୧୭ହଜାର ଟଙ୍କା ଦେବାକୁ ସୁମିତଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ସୁମିତ ଗତ ୧୦ ତାରିଖରେ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ଡିମାଣ୍ଡ ଡ୍ରାଫ୍ଟ (ଡିଡି) ଆକାରରେ ୧୭ହଜାର ଟଙ୍କା ଜମା ଦେଇଥିଲେ। କୌଣସି କାରଣରୁ ଉକ୍ତ ଦିନ ତପସ୍ୱିନୀ କୋର୍ଟରେ ହାଜର ହୋଇ ପାରି ନଥିଲେ। ସୋମବାର ସେ କୋର୍ଟରେ ହାଜର ହୋଇ ଉକ୍ତ ୧୭ହଜାର ଟଙ୍କାର ଡିଡି ଗ୍ରହଣ କରିଥିବା ସୁମିତଙ୍କ ଓକିଲ ସୁରେନ୍ଦ୍ର ବେହେରା କହିଛନ୍ତି। ଅନ୍ୟପଟେ ତପସ୍ୱିନୀଙ୍କ ତରଫରୁ ଏସଡ଼ିଜେଏମ କୋର୍ଟରେ ଗତ ନଭେମ୍ବରରେ ରୁଜୁ କରିଥିବା ମୂଳ ପିଟିଶନ ଏମସି ୩୪୪/୨୧ର ସାକ୍ଷୀ ବିଚାର ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଓକିଲ ବେହେରା କହିଛନ୍ତି। ମାମଲାକୁ ନେଇ ରୁଜୁ ହୋଇଥିବା ଛାଡ଼ପତ୍ର ଆବେଦନର କାଉନ୍‌ସେଲିଂ ପାଇଁ ଗୁରୁବାର ଦିନ ଧାର୍ଯ୍ୟ ହୋଇଥିଲା। ତେବେ ସୁମିତ ପରିବାର କୋର୍ଟରେ ହାଜର ହୋଇଥିଲେ। କିନ୍ତୁ ତପସ୍ୱିନୀ କୋର୍ଟରେ ହାଜର ନ ହେବାରୁ କାଉନ୍‌ସେଲିଂ ହୋଇପାରି ନ ଥିଲା। ପୁଣିଥରେ ଦିନ ଧାର୍ଯ୍ୟ କରାଯାଇଥିବା ସୁମିତଙ୍କ ଓକିଲ କହିଛନ୍ତି। ସୂଚନାଯୋଗ୍ୟ, କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତପସ୍ୱିନୀ ବର୍ତ୍ତମାନ ବ୍ରହ୍ମନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ସ୍ୱାମୀଙ୍କ ଘରେ ରହିଛନ୍ତି। ସେ ଘରେ ପ୍ରବେଶ କରିବା ପରେ ଗତ ଜାନୁୟାରୀ ୬ତାରିଖ ରାତିରୁ ଶ୍ୱଶୁର ପ୍ରମୋଦ ସାହୁ ଘର ଛାଡ଼ି କେଉଁଆଡେ ଚାଲି ଯାଇଛନ୍ତି। ସୁମିତ ମାନସିକ ଦୁଶ୍ଚିନ୍ତା ଓ ଶାରୀରିକ ଅସୁସ୍ଥତା ଦର୍ଶାଇ ଛୁଟିରେ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କଠୋର ଦଣ୍ଡ...

ମହିଳା ନିର୍ଯାତନା ସମ୍ପର୍କିତ ବୋଲି ଜଣାପଡ଼ିଛି। ୨୦୧୬ରେ ୧୩୪ଜଣଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଥିଲା। ସେଥିରୁ ଅଧିକାଂଶ ସ୍ୱାସ୍ଥ୍ୟ ସମସ୍ୟା, ପରିବାରର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା କିମ୍ବା ସାମ୍ପ୍ରଦାୟିକ କାରଣରୁ ରୋଷ ରଖି ହତ୍ୟା କରାଯାଇଥିବା ଜଣାପଡ଼ିଛି। ୨୦୧୬ରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ୨୫ଟି, ୨୦୧୭ ଏବଂ ୨୦୧୮ରେ ୧୮ଟି ଲେଖାଏ ଏବଂ ୨୦୧୯ରେ ୧୯ ହତ୍ୟା ମାମଲା ରୁଜୁ ହୋଇଛି। ୨୦୨୦ରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ କାଳନ୍ଦା ଗ୍ରାମରେ ପିଲାଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ପୁତୁରା ଶ୍ରୀକାନ୍ତ ଦେହୁରୀ ନିଜ ପିଇସି ରାଇବାରୀ ଦେହୁରୀଙ୍କୁ ହତ୍ୟା କରିଥିଲେ। ସାମାଜିକ, ଆର୍ଥିକ, ଲିଙ୍ଗଗତ ଅସମାନତା ଏବଂ ସ୍ୱାସ୍ଥ୍ୟ ସେବା ଅଭାବ, ନିରକ୍ଷରତା ଏହି ଘଟଣାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି।

ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ମହିଳା ଆୟୁକ୍ତ ଅଧକ୍ଷା ମିନତୀ ବେହେରା କହିଛନ୍ତି, ରାଜ୍ୟର ଅନୁନ୍ନତ ଅଞ୍ଚଳରେ ବିଶେଷ ଭାବରେ ଏହି ଘଟଣା ସବୁ ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ରହିଥିବା ସ୍ୱଚ୍ଛଳ ବର୍ଗ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ଉପରେ ଅତ୍ୟାଚାର କରିବା ଉଦ୍ଦେଶ୍ୟରେ ଏଭଳି ପନ୍ଥା ଆପଣାଉଛନ୍ତି। ଗଜପତିରେ ଗତ ଜାନୁୟାରୀ ମାସରେ ଘଟିଥିବା ଏକ ଘଟଣାକୁ ଉଦାହରଣ ଦେଇ ସେ କହିଛନ୍ତି ଯେ, ଗୋଟିଏ ପରିବାରର ସ୍ୱଚ୍ଛଳ ଜୀବନଯାପନରେ ଈର୍ଷାନ୍ୱିତ ହୋଇ କେତେକ ଗ୍ରାମବାସୀ ଡାହାଣୀ ଆଖ୍ୟା ଦେଇ ଜଣେ ଲୋକଙ୍କ ଘର ଭାଙ୍ଗି ଦେଇଥିଲେ। ଫଳରେ ଲୋକଙ୍କ ଦୌରାତ୍ମ୍ୟ ସହି ନ ପାରି ଉକ୍ତ ପରିବାର ଗାଁ ଛାଡ଼ିବାକୁ ବାଧ ହୋଇଛନ୍ତି। ରାଜ୍ୟରେ ଅନ୍ଧବିଶ୍ୱାସ ଏବଂ ଗୁଣି ଗାରେଡ଼ି ଯୋଗୁ ଅପରାଧ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଓଡିଶା ଡାହାଣୀ ଶିକାର ନିରୋଧ ଆଇନ୍, ୨୦୧୩ ଆଣିଥିଲେ। ଏହି ଆଇନରେ ଅଭିଯୁକ୍ତଙ୍କ ପାଇଁ ସର୍ବନିମ୍ନ ୩ବର୍ଷ ଏବଂ ୧ହଜାର ଟଙ୍କା ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି। ହେଲେ ଏହି ଦଣ୍ଡ ବ୍ୟବସ୍ଥା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅଭିଯୁକ୍ତମାନେ ଅପରାଧ କରିବାକୁ ଭୟ କରୁନାହାନ୍ତି। ତେଣୁ ଆଇନରେ କଠୋର ଦଣ୍ଡ ବିଧାନ ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରାଯାଇଛି। ବିଶେଷକରି ଆଦିବାସୀ ଅଧୁଷିତ ଅଞ୍ଚଳରେ ଅଧିକ ସଚେତନତା ଆବଶ୍ୟକ ରହିଛି ବୋଲି ବେହେରା କହିଛନ୍ତି।

ଏସମ୍ପର୍କରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରି ମିଶ୍ର କହିଛନ୍ତି, ଶିକ୍ଷା ଓ ଜନ ସଚେତନତା ଅଭାବରୁ ହିଁ ସମାଜରେ ଅନ୍ଧବିଶ୍ୱାସ ଦେଖାଯାଉଛି। ଫଳରେ ହତ୍ୟା ଭଳି ଘଟଣା ଘଟୁଛି। ଅନେକ ଶିକ୍ଷିତ ଲୋକଙ୍କ ମନରେ ମଧ ଅନ୍ଧବିଶ୍ୱାସ ଭାବନା ରହିଛି। ଉପାନ୍ତ ଅଞ୍ଚଳରେ ରହୁଥିବା ଜନଜାତିଙ୍କ କ୍ଷେତ୍ରରେ ଅନ୍ଧବିଶ୍ୱାସ ଅଧିକ ଦେଖିବାକୁ ମିଳୁଛି। ମଝିରେ ମଝିରେ ସରକାରଙ୍କ ପକ୍ଷରୁ ଗଣମାଧମ ଜରିଆରେ ଅନ୍ଧବିଶ୍ୱାସକୁ ନେଇ ସଚେତନ ସହ ଉପାନ୍ତ ଅଞ୍ଚଳରେ ପୋଷ୍ଟର ମାଧମରେ ସଚେତନତା ସୃଷ୍ଟି କରାଯିବା ଦରକାର। ତେବେ ପୂର୍ବ ଅପେକ୍ଷା ଅନ୍ଧବିଶ୍ୱାସର ପରିମାଣ କମିଛି ବୋଲି ମିଶ୍ର କହିଛନ୍ତି।

## ଲାଲୁଙ୍କୁ ୫ ବର୍ଷ...

ରାଞ୍ଚିସ୍ଥିତ ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆର୍‌ଆଇଏମ୍‌ଏସ୍)କୁ ସ୍ଥାନାନ୍ତର କରାଯାଇଛି। ମାମଲାର ୧୭୦ ଅଭିଯୁକ୍ତଙ୍କ ମଧ୍ୟରୁ ୫୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ସରକାରୀ ସାକ୍ଷୀ ହୋଇଥିଲେ। ୨ ଜଣ ଦୋଷ ସ୍ୱୀକାର କରିଥିବାବେଳେ ଅନ୍ୟ ୬ ଜଣ ଫେରାର ରହିଛନ୍ତି। ପୂର୍ବରୁ ଡୁମ୍‌କା, ଦେଓଘର ଏବଂ ଚାଇବାସା ଟ୍ରେଜେରିରୁ ବେଆଇନ ଅର୍ଥ ଉଠାଣ ମାମଲାରେ ଲାଲୁଙ୍କୁ ୧୪ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା।

ସୋମବାର ଲାଲୁଙ୍କୁ ଜେଲ ଦଣ୍ଡାଦେଶ ମିଳିବା ପରେ ତାଙ୍କ ପୁଅ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏଥିପାଇଁ ଭାଜପାକୁ ଦାୟୀ କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍‌କୁ ବିରୋଧ କରିବାରୁ ଲାଲୁଜୀଙ୍କୁ ଦଣ୍ଡିତ କରାଗଲା ବୋଲି ସେ କହିଛନ୍ତି। ଯଦି ଆର୍‌ଜେଡି ସୁପ୍ରିମୋ ଭାଜପା ସହ ହାତ ମିଳାଇଥାନ୍ତେ, ତାଙ୍କୁ ରାଜା ହରିଶ୍ଚନ୍ଦ୍ର କୁହାଯାଇଥାନ୍ତା। ଭାଜପା ଏବଂ ଆର୍‌ଜେଡି ବିରୋଧରେ ଲଢ଼ିବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଲା। ତେବେ ଏଥିରେ ଆମେ ଭୟଭୀତ ନୋହୁଁ ବୋଲି ତେଜସ୍ୱୀ କହିଛନ୍ତି।

## ଅଷ୍ଟ୍ରେଲୀୟ ଅଭିନେତ୍ରୀଙ୍କ...

ତାଙ୍କର ୬ ସନ୍ତାନ ରହିଛନ୍ତି। ୨୦୨୧ ସେପ୍ଟେମ୍ବରରେ ମସ୍କ ତାଙ୍କ ଲିଭିଂ ପାର୍ଟନର ୩୩ ବର୍ଷୀୟା କାନାଡିଆନ ପପ୍ ଗାୟିକା ଗ୍ରାଇମ୍ସ (କ୍ଲେର୍ ବୁଚର୍)ଙ୍କଠାରୁ ପୃଥକ୍ ହୋଇଯାଇଥିଲେ। ଉଭୟଙ୍କର ଦେଢ଼ ବର୍ଷର ପୁଅ ରହିଛି। ଅଲଗା ହେବା ପରେ ମଧ ମସ୍କଙ୍କ ସହ ରହୁଥିବା ନେଇ ଗ୍ରାଇମ୍ସ ଗତ ଅକ୍ଟୋବରରେ ଏକ ଇନଷ୍ଟାଗ୍ରାମ୍ ପୋଷ୍ଟରେ ଜଣାଇଥିଲେ। ଏବେ ମସ୍କ ନତାଶାଙ୍କୁ ଡେଟ୍ କରୁଛନ୍ତି। ଗତ ଗୁରୁବାର ମସ୍କ ତାଙ୍କ ପ୍ରାଇଭେଟ୍ ଜେଟ୍ 'ଗଲ୍‌ଫଷ୍ଟ୍ରିମ୍'ରେ ନତାଶାଙ୍କ ସହ ଯାତ୍ରା କରିଥିବା ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଦେଖିବାକୁ ମିଳିଛି।

ବର୍ତ୍ତମାନ ମସ୍କଙ୍କ ସମ୍ପତ୍ତି ୨୩୩ ବିଲିୟନ ଡଲାର। ଗଣମଧ୍ୟାମ 'ଡେଲି ମେଲ୍' ଅନୁଯାୟୀ ମସ୍କଙ୍କ ବ୍ୟାଙ୍କ ବାଲାନ୍ସ ନୁହେଁ, ତାଙ୍କ ଅଦ୍ଭୁତ ପ୍ରତିଭା ଓ ବିଚକ୍ଷଣ ବୁଦ୍ଧିରେ ନତାଶା ପ୍ରଭାବିତ ହୋଇଛନ୍ତି। ଆଗାମୀ ଦିନରେ ରିଲିଜ୍ ହେବାକୁ ଥିବା ଏକ ବାୟୋପିକ 'ଏଲ୍‌ଭିସ୍'ରେ ନତାଶାଙ୍କୁ କିମ୍ବଦନ୍ତୀ ଗାୟକ ଏଲ୍‌ଭିସ ପ୍ରେସ୍ଲିଙ୍କ ପ୍ରଥମ ଗର୍ଲଫ୍ରେଣ୍ଡ ଡିକ୍ସୀ ଲକ୍ ଭାବେ ଦେଖିବାକୁ ମିଳିବ। ଗତ କିଛି ମାସ ହେଲା ନତାଶା ଏବଂ ମସ୍କ ପରସ୍ପରକୁ ଡେଟ୍ କରିଆସୁଛନ୍ତି। ଗ୍ରାଇମ୍ସଙ୍କଠାରୁ ପୃଥକ୍ ହେବା ପରେ ମସ୍କ ଏବଂ ନତାଶାଙ୍କ ସମ୍ପର୍କ ଅଧିକ ନିବିଡ଼ ହୋଇଯାଇଛି। ପ୍ରଥମେ ବନ୍ଧୁତା ପରେ ସେମାନଙ୍କ ସମ୍ପର୍କ ପ୍ରେମରେ ପରିଣତ ହୋଇଛି। ସୂଚନାଥାଉ କି, ମସ୍କ ୨୦୦୦ ମସିହାରେ କାନାଡିଆନ ଲେଖିକା ଜଷ୍ଟିନ୍ ୱିଲ୍‌ସନଙ୍କୁ ବିବାହ କରିଥିଲେ। ଉଭୟଙ୍କ ୫ ସନ୍ତାନ ରହିଛନ୍ତି। ୨୦୦୮ରେ ଜଷ୍ଟିନଙ୍କୁ ଛାଡ଼ପତ୍ର ଦେବାପରେ ମସ୍କ ୨୦୧୦ରେ ବ୍ରିଟିଶ୍ ଅଭିନେତ୍ରୀ ତାଲୁଲା ରିଲେଙ୍କୁ ବିବାହ କରିଥିଲେ। ଏହି ଦାମ୍ପତ୍ୟ ଜୀବନ ୨୦୧୨ରେ ସମାପ୍ତ ହୋଇଥିଲା। କିନ୍ତୁ ମସ୍କ ୨୦୧୩ରେ ଅଭିନେତ୍ରୀ ତାଲୁଲାଙ୍କୁ ପୁନଃ ବିବାହ କରିଥିଲେ ଏବଂ ୨୦୧୬ରେ ପୁଣି ଛାଡ଼ପତ୍ର ଦେଇଥିଲେ। ପରେ ୨୦୧୮ରେ ଗ୍ରାଇମ୍ସଙ୍କ ସହ ଲିଭିଂ ପାର୍ଟନର ଭାବେ ରହିଆସୁଥିଲେ। ସେହି ସମ୍ପର୍କର ପରିସମାପ୍ତି ଗତ ସେପ୍ଟେମ୍ବରରେ ଘଟିଥିଲା।

## ଅତିରିକ୍ତ ଏସ୍‌ପି...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇ ଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ସରଗରମ ଆଲୋଚନା ହୋଇପାରେ। ଦୀର୍ଘଦିନ ହେଲା ପରସ୍ପର ପଢୁନଥିବା ପୁଅବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ଏଣେ ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ର କରି କିଛି ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରସ୍ପରକୁ ସନ୍ଦେହ କରିପାରନ୍ତି।

**ବୃଷ** ଦୈହିକ ଉତ୍କର୍ଷତା ସହ ବନ୍ଧୁଙ୍କ ଆଦର, ସାହାଯ୍ୟ ଲାଭ କରି ଖୁସି ରହିବେ। ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇଯିବେ। ସଭାସମିତି, ଆଲୋଚନା, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ** ଶାରୀରିକ ଅସୁସ୍ଥତା, ଉଗ୍ରଚିନ୍ତା, ଉତ୍ତେଜକ ବାଣୀ ଦ୍ୱାରା ସମସ୍ୟାରେ ଛନ୍ଦି ହୋଇପାରନ୍ତି। କାମଗୁଡ଼ିକ ଅଟକି ରହିଥିବା କାରଣରୁ ସେହି କଥା ଚିନ୍ତା କରି ଅନ୍ୟମନସ୍କ ରହିବେ। କୌଣସି ଜିନିଷ ଦେବା ନେବାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହେବ। ସମ୍ପର୍କୀୟଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ।

**କର୍କଟ** କର୍ମକ୍ଷେତ୍ରରେ ଅପେକ୍ଷାକୃତ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ଗୃହ, ଯାନ ତଥା ଯାନ୍ତ୍ରିକ ଜିନିଷର କ୍ରୟ ବିକ୍ରୟ ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି ଓ ବ୍ୟବସାୟରେ ଲାଭବାନ୍ ହେବେ।

**ସିଂହ** ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି। କୌଣସି ସାଙ୍ଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବାର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ପ୍ଲଟିଂ କାରବାରରେ ମାନମନାନ୍ତର ଦେଖା ଦେଇପାରେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା** ଶତ୍ରୁତାଜନିତ କିମ୍ବା ନିକଟ ଅତୀତର ଘଟଣାବଳୀକୁ ନେଇ ଚିନ୍ତିତ କରାଇବ। କଳା, ସଙ୍ଗୀତ, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିପାରନ୍ତି। ଅଫିସରେ କାଗଜପତ୍ର କିମ୍ବା ଫାଇଲ୍ କାମକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ଯାହା ଚାହୁଁଛନ୍ତି ତାହା ପାଇବେ, କିନ୍ତୁ ଆଶାନୁରୂପ ନ ହେବା କାରଣରୁ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ରରୁ କିମ୍ବା ଦୂର ସ୍ଥାନରୁ ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ବିବାଦୀୟ ଘଟଣାର ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ରହିପାରନ୍ତି। ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ସାମାନ୍ୟ ଯୁକ୍ତିତର୍କ ପରେ ପାଇବେ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ ଏବଂ ଏଥିପାଇଁ କଷ୍ଟସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ।

**କୁମ୍ଭ** ଯାହା ଚିନ୍ତା କରୁଛନ୍ତି, ତାହା ସହଜରେ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ଦିନଟି ବହୁତ ବଢ଼ିଆ, ତଥାପି ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ ଓ କରିବେ ମଧ୍ୟ।

**ମୀନ** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନୀଚ ବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିରୋଧ ଦୂରେଇଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।


# classifieds
**Everyday**
0674-2580101, 2549302

real estate

## SALE

**Private plot 6000sqft. ଘରବାରି (6ft. height boundary) near Sai life style Apartment ଗୁଡ଼ିଆପୋଖରୀ ଛକ- 48,00,000/-, direct owner- 9937373013.** D-71796

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

**ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ NH-16କୁ ଲାଗି ଘରବାରି, boundary, electrification ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। 9777342153.** D-71795

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**ଭୁବନେଶ୍ୱର ବାଲିଅନ୍ତା-1100/-, ସୁନ୍ଦରପଦା- 750/-, ତମାଣ୍ଡୋ- 1200/-, Limited plot (Bank finance available). 9776846520.** D-71794

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.-949/-, 9938016295. D-71800

**Bhubaneswar Vingarpur Oxford College ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

**ଭୁବନେଶ୍ୱର ଯାଆଁଳା NH-5 ରୁ 400 ମିଟର ଦୂରତାରେ ପଟ୍ଟା, boundary, ଇଲେକ୍ଟ୍ରିସିଟି ସୁବିଧା ଥାଇ immediate ଘର କଲାଭଳି ପ୍ଲଟ୍ 15,60,000/-. 9437691481.** D-71783

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9348673415, 6372694842.** D-71799

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71948

## PURCHASE

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି ? 6371090682. D-68289

healthcare

**Relax, refresh your body, mind at Lotus SPA with best therapies. 8018891951.** D-71863

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Refreshing your mind and body with the best therapy, 7873794731. D-23024

Full body massage in homely atmosphere all therapy. Contact: 8114881641. D-60897

Newly open full body massage ladies and gents. 8327740003. D-71864

**One hour any therapy by expert therapist @999 only. 9078484455.** D-71474

Newly opening SPA positively health benefits with expert therapist. 8917332216. D-71946

## AFFIDAVIT

ମୁଁ ସମୀର ନାୟକ, ପିତା- ପର୍ଶୁରାମ ନାୟକ ଏବଂ ଜନ୍ମ ୧୫।୦୫।୧୯୮୮ ମୋର ଆଧାର, ପ୍ୟାନ ଅଛି, ହେଲେ ପାସପୋର୍ଟରେ ସମୀର କୁମାର ନାୟକ ଏବଂ ଜନ୍ମ ୧୦।୦୫।୧୯୮୮ ଭୁଲ୍ ଥିବାରୁ ମୁଁ ଆଫିଡେଭିଟ୍ ପ୍ରମାଣ ସ୍ୱରୂପେ ଦେଇଅଛି। ଧ-୭୩୭୭୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୦୨।୨୦୨୨

| ୩,୮୬,୩୩୧ଟଙ୍କା | |
|---|---|
| ସୁନା | ୨୧ଗ୍ରାମ |
| ରୁପା | ୧୬.୩୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କସ୍ତୁରବା ନାରୀ ମହଲ ସଂଗଠନ ପକ୍ଷରୁ କସ୍ତୁରବା ଗାନ୍ଧୀଙ୍କ ପୁଣ୍ୟତିଥି ପାଳନ, ନାରୀ ମହଲ ପରିସର, ୟୁନିଟ-୧, ପୂର୍ବାହ୍ନ ୧୧ଟା।

## ମୋ ବସ୍ ଧକ୍କାରେ ସାଇକେଲ ଚାଳକ ଗୁରୁତର

**ନିମାପଡ଼ା,୨୧।୨(ଡି.ଏନ୍.ଏ.):** କୋଣାର୍କ ରାସ୍ତାର ଦିଘାଲୋ ଛକ ନିକଟରେ ସୋମବାର ମୋ ବସ୍ ଧକ୍କାରେ ଜଣେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡ଼ା ଥାନା ଜାଗେଶ୍ୱରପୁର ଗ୍ରାମର କୃଷ୍ଣପ୍ରସାଦ ଜେନା। ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ପରେ ପୋଲିସ ଉତ୍ୟକ୍ତ ଲୋକଙ୍କଠାରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେବା ସହ ଦୁର୍ଘଟଣାଗ୍ରସ୍ତ ଓଡି ୩୩ଭି ୩୫୦୭ ନଂ. ବିଶିଷ୍ଟ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପ୍ରାୟ ଏକ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ନିମାପଡ଼ା-କୋଣାର୍କ ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

## ବିଦ୍ୟୁତ୍ ଶୁଳ୍କ ଜନଶୁଣାଣି ବାତିଲ ସ୍ୱାଗତଯୋଗ୍ୟ

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ଟାଟା ପାୱାର (ନର୍ଥ) ପକ୍ଷରୁ ହେବାକୁ ଥିବା ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସଂକ୍ରାନ୍ତ ଜନଶୁଣାଣିକୁ ବାତିଲ ନିଷ୍ପତ୍ତିକୁ ସମାଜବାଦୀ ପାର୍ଟି ପକ୍ଷରୁ ସ୍ୱାଗତ କରାଯାଇଛି। ସେହିଭଳି ଆଗାମୀ ଦିନରେ ଟାଟା ପାୱାର (ୱେଷ୍ଟ), ଟାଟା ପାୱାର (ସାଉଥ୍) ଓ ଟାଟା ପାୱାର କେନ୍ଦ୍ରାଞ୍ଚଳର ବିଦ୍ୟୁତ ଶୁଳ୍କ ସଂକ୍ରାନ୍ତ ଦରଖାସ୍ତକୁ ବାତିଲ କରିବାକୁ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିକଟରେ ଦାବି କରାଯାଇଛି। ଏନେଇ ଦଳର ରାଜ୍ୟ ସଭାପତି ରବି ବେହେରା ଲେଖିଥିବା ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କରୋନା ସଙ୍କଟ ସମୟରେ ଦୁଇଥର କରି ବିଦ୍ୟୁତ ଶୁଳ୍କ ୟୁନିଟ୍ ପିଛା ୫୦ ପଇସା ବୃଦ୍ଧି କରାଯାଇଥିଲା। ଫଳରେ ୟୁନିଟ୍ ପିଛା ବିଜୁଳି ଦାମ୍ ସର୍ବନିମ୍ନ ୩ଟଙ୍କାରେ ପହଞ୍ଚିଥିଲା। ନିଜର ଅପାରଗତା ଯୋଗୁ କମ୍ପାନୀମାନେ ସମ୍ମୁଖୀନ ହେଉଥିବା ପରିବହନ ଜନିତ କ୍ଷତି (ଟ୍ରାନ୍ସମିସନ୍ ଲସ୍)କୁ ସାଧାରଣ ଗ୍ରାହକଙ୍କ ଉପରେ ଲଦିଦେବା ଅଗଣତାନ୍ତ୍ରିକ ଓ ଜନବିରୋଧୀ। ତେଣୁ ଟାଟା ପାୱାର ପକ୍ଷରୁ ୨୦୨୨-୨୩ ବର୍ଷ ପାଇଁ ବିଦ୍ୟୁତ ଶୁଳ୍କ ବୃଦ୍ଧି ଦରଖାସ୍ତଟିକୁ ଖାରଜ କରିବାକୁ ବେହେରା ଦାବି କରିଛନ୍ତି।

# ଲୋକଙ୍କ ଜୀବନ ସହ ଖେଳୁଥିଲେ ରମେଶ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଅର୍ଥ ପାଇଁ ବିଭିନ୍ନ ରାଜ୍ୟର ୧୭ ମହିଳାଙ୍କୁ ବିବାହ କରି ଠକେଇ ଓ ପ୍ରତାରଣା କରିଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଦିନକୁ ଦିନ ଠକେଇର ନୂଆ ଫର୍ଦ୍ଦ ଯୋଡ଼ିହେବାରେ ଲାଗିଛି। କମିଶନରେଟ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସୋମବାର ରିମାଣ୍ଡର ତୃତୀୟ ଦିନରେ ମଧ୍ୟ ତାଙ୍କୁ ମାରାଥନ ଜେରା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ଖଣ୍ଡଗିରି ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଚଢ଼ାଉ କରି ରମେଶଙ୍କ ୨ଟି ଗାଡ଼ି ଜବତ କରିଛି। ଅନ୍ୟପକ୍ଷରେ ତଦନ୍ତରୁ ଜଣାପଡ଼ିଛି, ରମେଶ ଢେଙ୍କାନାଳ କାମାକ୍ଷାନଗରରେ ୧୯୯୦ରୁ ୨୦୧୯ ଯାଏ ଡାକ୍ତର ନ ହୋଇବି କ୍ଲିନିକ୍ ଚଳାଇ ଲୋକଙ୍କ ଜୀବନ ସହ ଖେଳୁଥିଲେ। ଏପରି କି ଭୁଲ୍ ଚିକିତ୍ସା ଫଳରେ ଏକାଧିକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ପୋଲିସ ଜେରା ସମୟରେ ଜାଣିବାକୁ ପାଇଛି। ଏଥିସହ ସେ ଢେଙ୍କାନାଳ କଙ୍କଡ଼ାହାଡ଼ରୁ ବେଆଇନ୍ କାଠଚାଲାଣ ମଧ୍ୟ କରୁଥିଲେ। ସେହିଭଳି କାମାକ୍ଷାନଗର ପୋଷ୍ଟ ଅଫିସ ନିକଟରେ ସେ ୧୯୯୫ରେ ଜାଗା କିଣି ଘର କରିଥିଲେ। ହେଲେ ବର୍ତ୍ତମାନ ଉକ୍ତ ଘର ବନ୍ଦ ରହିଥିବା ଜଣାପଡ଼ିଛି। ଏଥିସହ ଜଣେ ଡ୍ରାଇଭରଙ୍କୁ ସେ ୩୦ ହଜାର ଟଙ୍କା ଠକିଛନ୍ତି। ପୋଲିସ କହିଛି, କୃଷ୍ଣ ନାମକ ଜଣେ ଡ୍ରାଇଭରଙ୍କଠାରୁ ଅଭିଯୁକ୍ତ ରମେଶ ୬୦ ହଜାର ଟଙ୍କା ନେଇଥିଲେ। ୩୦ ହଜାର ଟଙ୍କା ଫେରାଇ ଥିବାବେଳେ ବାକି ଟଙ୍କା ଦେଇ ନ ପାରି ୩୦ଟି ଆୟୁର୍ବେଦ ମେଡିସିନ୍ ପେଟି ତାଙ୍କ ପାଖରେ ବନ୍ଧା ରଖିଥିଲେ। ତେବେ ଉକ୍ତ ମେଡିସିନ ସବୁ ଏକ୍ସପାଏରି ଥିବା ଡ୍ରାଇଭର ଜଣକ ଜାଣିବାକୁ ପାଇଥିଲେ। ତେବେ ପୋଲିସ ଟିମ୍ ଉକ୍ତ ୩୦ ପେଟି ମେଡ଼ିସିନ୍‌କୁ ଜବତ କରିଛି। ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ଏକ ପୋଲିସ ଟିମ୍ କେନ୍ଦ୍ରାପଡ଼ାରେ ଥିବା ରମେଶଙ୍କ ପୈତୃକ ଘରକୁ ତଦନ୍ତ କରିବାକୁ ଯିବ। ଏହାବ୍ୟତୀତ ପାରାଦୀପ ଓ ଢେଙ୍କାନାଳ ଯାଇ ଅଧିକ ତଥ୍ୟ ହାସଲ କରିବ। ଏଥିସହ ଅଭିଯୁକ୍ତ ରମେଶଙ୍କ ରିମାଣ୍ଡ ଅବଧି ବଢ଼ାଇବାକୁ କୋର୍ଟରେ ପ୍ରାର୍ଥନା କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ଏବେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିଛି।



ଜବତ ଔଷଧ ପେଟି।



ଜବତ ଦୁଇ ଗାଡ଼ି।

### ଆପାର୍ଟମେଣ୍ଟରେ ଚଢ଼ାଉ, ୨ ଗାଡ଼ି ଜବତ

- ବେଆଇନ କାଠ ଚାଲାଣ ବି କରୁଥିଲେ
- ଡ୍ରାଇଭରଙ୍କୁ ଠକିଛନ୍ତି ୩୦ ହଜାର
- କେନ୍ଦ୍ରାପଡ଼ା ଯିବ ପୋଲିସ ଟିମ୍





ବିଶ୍ୱ ମାତୃଭାଷା ଦିବସ ପାଳନ ପରିପ୍ରେକ୍ଷୀରେ ଜଣେ ଶିଳ୍ପୀ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ବିପିନ ବିହାରୀ ଚୌଧୁରୀ ବଧିର ସ୍କୁଲ୍ ପାଚେରିକୁ ବିଭିନ୍ନ ଅକ୍ଷରରେ ଚିତ୍ରିତ କରୁଛନ୍ତି।

## ହାଇକୋର୍ଟରେ ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ

**କଟକ ଅଫିସ,୨୧।୨**

ରାଜ୍ୟରେ ଥିବା ଜୁଡିସିଆଲ୍ ଅଫିସରଙ୍କ ନିମନ୍ତେ ହାଇକୋର୍ଟରେ ସୋମବାର ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ ହୋଇଛି। ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧରଙ୍କ ଉପସ୍ଥିତିରେ ହାଇକୋର୍ଟରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ସହଜରେ ଅଦାଲତଙ୍କ ରାୟ, ବିଭିନ୍ନ ଷ୍ଟାଚ୍ୟୁଟ ଲ, କେଶ ଲ, ଲିଗାଲ୍ ମ୍ୟାଟେରିଆଲ୍‌ସ ଆଦି ମିଳିପାରିବ। ଏହି ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଅରିନ୍ଦମ୍ ସିହ୍ନା, ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ପ୍ରସ୍ଥାନମ୍'ରେ ଅମ୍ଲାନ ଓ ଶ୍ରଦ୍ଧାଙ୍କ ଯୋଡ଼ି ଦେଖିବେ ଦର୍ଶକ

**ଭୁବନେଶ୍ୱର,୨୧।୨ (ବ୍ୟୁରୋ)**

ପ୍ରଥମଥର ପାଇଁ ଅଭିନେତା ଅମ୍ଲାନ ଓ ନାୟିକା ଶ୍ରଦ୍ଧାଙ୍କ ଯୋଡିକୁ ବଡ଼ ପରଦାରେ ଦେଖିବେ ଦର୍ଶକ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପ୍ରସ୍ଥାନମ୍'ରେ ଏହି ଦୁଇ ଯୋଡ଼ିଙ୍କ ବ୍ୟତୀତ ଦିବଂଗତ ଅଭିନେତା ମିହିର ଦାସଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସ୍ଥାନୀୟ ଏକ ହୋଟେଲରେ ଏହି ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ ହୋଇଛି। କଲେଜ ରାଜନୀତିରୁ ଶତ୍ରୁତା ଓ ପରେ ଏକ ପ୍ରେମ କାହାଣୀକୁ ନେଇ ଚଳଚ୍ଚିତ୍ରଟି ଗତିଶୀଳ ହୋଇଛି। ରେନ୍‌ଡ୍ରପ୍ ପିକ୍ଚର୍ସ ଏବଂ ଏସ୍‌ଏସ୍ ଆଇକନିକ୍ କ୍ରିଏଟିଭ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତିଆରି ହୋଇଥିବା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ରାଜା ଡି। ଅସଦ୍ ନିଜାମ୍ ସଙ୍ଗୀତ ନିର୍ଦ୍ଦେଶନା, ମାନସ ପଡ଼ିହାରୀ ସଂଳାପ, କୁମାରଶ୍ରୀ ସାହୁ କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି। ସେହିପରି ସୁଶୀଲ ବାରିକ ଓ ସୁଦୀପ୍ତ ମହାପାତ୍ର ଏଥିରେ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ୟୁଟ୍ୟୁବ୍‌ରେ ଏହାର ଟ୍ରେଲର ରିଲିଜ୍ ହୋଇଥିବାବେଳେ ଖୁବ୍‌ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

# ଆଜି ବାଲିପାଟଣା, ଭୁବନେଶ୍ୱର ବ୍ଲକରେ ଭୋଟ୍

**ଖୋର୍ଦ୍ଧା ଅଫିସ,୨୧।୨**

### ୧୧୦୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟରେ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ ପାଇଁ ମଙ୍ଗଳବାର ଭୋଟ ଗ୍ରହଣ କରାଯିବ। ୬ ଜିଲା ପରିଷଦ, ୩୭ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଓ ୫୦୧ ୱାର୍ଡମେମ୍ବରଙ୍କ ନିମନ୍ତେ ମତଦାନ ହେବ। ସେଥିରୁ ବାଲିପାଟଣା ବ୍ଲକର ୧୭ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ,୨୪୫ ୱାର୍ଡମେମ୍ବର, ୩ଜିଲା ପରିଷଦ ଆସନ ରହିଛି। ସେହିପରି ଭୁବନେଶ୍ୱର ବ୍ଲକର ୨୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ,୨୫୬ ୱାର୍ଡମେମ୍ବର ଓ ୩ ଜିଲା ପରିଷଦ ଜୋନ୍ ରହିଛି। ବାଲିପାଟଣା ବ୍ଲକରେ ୧୩ ଜିଲା ପରିଷଦ, ୬୫ ସମିତିସଭ୍ୟ, ୮୫ ସରପଞ୍ଚ, ୩୮୯ଜଣ ୱାର୍ଡମେମ୍ବର ପ୍ରାର୍ଥୀ ରହଛନ୍ତି। ସେହିପରି ଭୁବନେଶ୍ୱର ବ୍ଲକରେ ୧୮ ଜିଲା ପରିଷଦ, ୭୭ ସମିତିସଭ୍ୟ, ୧୦୦ ସରପଞ୍ଚ, ୩୫୩ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ୫୦୧ ବୁଥ୍‌ରେ ବାଲିପାଟଣାର ୯୬,୨୭୫ ଓ ଭୁବନେଶ୍ୱର ବ୍ଲକର ୧,୦୧,୦୪୯ ଜଣ ମୋଟ୍ ୧,୯୭,୩୨୪ ଭୋଟର ମତସାବ୍ୟସ୍ତ କରିବେ। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ନିର୍ବାଚନ ଲାଗି ସମସ୍ତ ପ୍ରସ୍ତୁତି ସରିଛି। ପୋଲିଂ ଅଫିସରମାନେ ରବିବାର ସମ୍ପୃକ୍ତ ବ୍ଲକରେ ରିପୋର୍ଟିଂ ପରେ ନିଜ ନିଜ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ବାଲିପାଟଣା ନିମନ୍ତେ ୧୭ ଏବଂ ଭୁବନେଶ୍ୱର ବ୍ଲକ ପାଇଁ ୨୦ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ସକାଳ ୭ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ଶୃଙ୍ଖଳିତ ଭାବେ ଆୟୋଜନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ସମ୍ବେଦନଶୀଳ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



# ଡିସିପି ଅଫିସ ଆଗରେ ଧାରଣା ଦେଲେ ସୌମ୍ୟଙ୍କ ମା'

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରରେ ରହୁଥିବା ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୨୨ଦିନ ବିତିଛି। ପ୍ରେମିକାଙ୍କ ପାଇଁ ସୌମ୍ୟଙ୍କ ଜୀବନ ଯାଇଥିବା ଅଭିଯୋଗ କରି କିଛିଦିନ ତଳେ ସୌମ୍ୟଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ସହ ଡିସିପିଙ୍କୁ ମଧ୍ୟ ଭେଟି ନ୍ୟାୟ ଦାବି କରିଥିଲେ। ହେଲେ ଏଯାବତ ସମ୍ପୃକ୍ତ ପ୍ରେମିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରିକି ତାଙ୍କୁ ପୋଲିସ ଡାକି ପଚରାଉରା ବି କରୁନାହିଁ। ତେଣୁ ପରିବାର ଲୋକେ ସୋମବାର ପୂର୍ବାହ୍ନ ୧୧ଟାରୁ ଡିସିପି ଅଫିସ ସାମ୍ନାରେ ଧାରଣା ଦେଇଥିଲେ। ସେମାନଙ୍କ ସହ ଓଡ଼ିଶା ନାରୀ ସଚେତନ ମଞ୍ଚର ସଦସ୍ୟା ଓ ସୌମ୍ୟଙ୍କ ୩୦ରୁ ଅଧିକ ସାଙ୍ଗ ମଧ୍ୟ ଧାରଣାରେ ସାମିଲ ହୋଇ ନ୍ୟାୟ ଦାବି କରିଥିଲେ। ଅପରାହ୍ନ ୪ରେ ଅତିରିକ୍ତ ଡିସିପି ପି.କେ. ରାଉତ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ତେବେ ଧାରଣା ଚାଲିଥିବାବେଳେ ସୌମ୍ୟଙ୍କ ମାଆ ମୋହିନୀ ପାଣିଗ୍ରାହୀ ଅଚେତ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ଅନ୍ୟମାନେ ପାଣି ସିଞ୍ଚି ସୁସ୍ଥ କରାଇଥିଲେ।

ପୁଅକୁ ହରାଇଥିବା ମାଆ ମୋହିନୀ କହିଛନ୍ତି, ମୋର ସର୍ବସ୍ୱ ସରିଯାଇଛି। ମୋ ପୁଅ ଭଳି ସମବୟସ୍କ ପୁଅମାନଙ୍କୁ ବଞ୍ଚେଇବାକୁ ଚାହୁଁଛି। ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରାଗଲେ ତାଙ୍କ ପରି ସବୁ ଝିଅ ଉପଯୁକ୍ତ ଶିକ୍ଷା ପାଇବେ। ଆଉ ସବୁ ପୁଅ ମଧ୍ୟ ଏଭଳି ଯୁବତୀଙ୍କ ସହ ଆଉ ସମ୍ପର୍କ ରଖିବେ ନାହିଁ। ଘଟଣାସ୍ଥଳରୁ ଫୋନ୍ ଓ ସୁଇସାଇଡ୍ ନୋଟ ମଧ୍ୟ ପୋଲିସ ନେଇଛି। ସୁଇସାଇଡ୍ ନୋଟରେ ଯୁବତୀ ଜଣକ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେଇଥିବା ଲେଖାଯାଇଛି। ଯୁବତୀ ଜଣକ ମୋ ପୁଅକୁ ଆତ୍ମହତ୍ୟା ପାଇଁ ଉସ୍‌କେଇଛନ୍ତି। ପୋଲିସ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରୁ। ନଚେତ ଆତ୍ମାହୁତି ଦେବେ ବୋଲି ମୋହିନୀ କହିଛନ୍ତି। ସାମାଜିକ କର୍ମୀ ମଧୁମିତା ରଥ କହିଛନ୍ତି, ଯେଉଁ ମାଆ ପୁଅ ଜନ୍ମ କରି ୩୦ ବର୍ଷ ପର୍ଯ୍ୟନ୍ତ ବଢ଼େଇଥିଲେ ସେ କ'ଣ ସ୍ୱପ୍ନ ଦେଖିଥିଲେ ତାଙ୍କ ପୁଅ ଆତ୍ମହତ୍ୟା କରୁ ବୋଲି। ସୌମ୍ୟଙ୍କ ପ୍ରେମିକାଙ୍କୁ ଉପଯୁକ୍ତ ଶାସ୍ତି ମିଳିବା ଦରକାର। ସମ୍ପୃକ୍ତ ଯୁବତୀଙ୍କ ନାମରେ ଆଇପିସି ଦଫା ୩୦୬ରେ ମାମଲା ରୁଜୁ ହେବା ପାଇଁ ସମସ୍ତ ପ୍ରମାଣ ରହିଛି। ସବୁ ପୁଅଙ୍କ ସହ ଯେପରି ସେ ଝିଅ ଖେଳୁଛି ତାହା ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ତଦନ୍ତ ପ୍ରକ୍ରିୟାକୁ କୌଣସି ଧାରଣା, ଦାବି କିମ୍ବା ଚାପରେ ପ୍ରଭାବିତ କରିବାକୁ ପ୍ରୟାସ କରାଯିବା ଉଚିତ ନୁହେଁ। ଯାହା ବି ତଥ୍ୟ ମିଳୁଛି, ଯାହା ବି ଆଇନଗତ ପ୍ରାବଧାନ ରହିଛି, ସେହି ଅନୁସାରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ସୁଯୋଗ ଦିଆଯିବା ଉଚିତ ବୋଲି ଡିସିପି କହିଛନ୍ତି।




### ଆତ୍ମହତ୍ୟା ମାମଲା

- ପ୍ରମାଣ ସତ୍ତ୍ୱେ ପ୍ରେମିକାଙ୍କୁ ଗିରଫ କରୁନି ପୋଲିସ
- ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଯୋଗେନ୍ଦ୍ର



@ ଦେବାଶିଷ



@ ବୀରଜା



@ ବିଷ୍ଣୁ



@ ଗଣେଶ



@ ସୁରେଶ

## ଭୁବନେଶ୍ୱରରେ 'ଆମ କ୍ଲିନିକ୍' ସେବା

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

### ବିଶେଷଜ୍ଞ ତଥ୍ୟ ସହ ଚିକିତ୍ସା ପରାମର୍ଶ ସୁବିଧା

ରାଜଧାନୀରେ ସମସ୍ତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଡିଜିଟାଲ ସ୍ୱାସ୍ଥ୍ୟ ସେବା 'ଆମ କ୍ଲିନିକ୍'କୁ କାର୍ଯ୍ୟକାରୀ କରାଯାଇଛି। ଏହା ମାଧ୍ୟମରେ ଏଣିକି ସହରରେ ଥିବା ୨୨ ପିଏଚ୍‌ସି ଓ ୪ ସିଏଚ୍‌ସିରେ କେଉଁଦିନ କେଉଁ ସମୟରେ କେଉଁ ବିଶେଷଜ୍ଞ ରହିବେ ସେ ନେଇ ଟୁଇଟର ଓ ସ୍ଥାନୀୟ ହସ୍ପିଟାଲରେ ତାଲିକା ପ୍ରଦାନ କରାଯାଉଛି। ଫଳରେ ସାଧାରଣ ଲୋକଙ୍କୁ ଚିକିତ୍ସା ପାଇବା ପାଇଁ ଆଉ ହଇରାଣ ହେବାକୁ ପଡିବ ନାହିଁ। ଏ ସମ୍ପର୍କରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ଏହା ରାଜ୍ୟ ସରକାରଙ୍କ ଏକ ଡିଜିଟାଲ ଯୋଜନା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଦ୍ୱାରା ପ୍ରାୟୋଜିତ ଆମ କ୍ଲିନିକ୍ ଯୋଜନାକୁ ବିଏମ୍‌ସି ପକ୍ଷରୁ ତ୍ୱରାନ୍ୱିତ କରାଯାଉଛି। ଏହି ଯୋଜନା ଅନୁଯାୟୀ, ସହରାଞ୍ଚଳରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ୍ତାହିକ ବିଶେଷଜ୍ଞ ସେବା ସହିତ ମାଗଣା ଔଷଧ, ଲାବୋରେଟୋରୀ ସେବା ଓ ପରାମର୍ଶ ସୁବିଧା ଦିଆଯାଉଛି। ଏଥିରେ ଫିଜିଓଥେରାପିଷ୍ଟ, ପେଡିଆଟ୍ରିସିଆନ୍, ଯୋଗ ଏକ୍ସପର୍ଟ, ଇଏନ୍‌ଟି, ସ୍କିନ୍, ଆଖି ବିଶେଷଜ୍ଞ, ସାଇକ୍ରିୟାଟିଷ୍ଟ, ନ୍ୟୁଟ୍ରିସନିଷ୍ଟ, ମେଡିସିନ୍ ସହ ଏକାଧିକ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ଏହାକୁ କିଭଳି ଲୋକଙ୍କ ସୁବିଧା ପାଇଁ ଉପଯୋଗୀ କରିହେବ ସେଥିପାଇଁ ଚେଷ୍ଟା କରାଯାଉଛି। ଏବେ ଆଉ ରୋଗୀଙ୍କୁ ସରକାରୀ ହସ୍ପିଟାଲରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡିବ ନାହିଁ। ବିଭିନ୍ନ ହସ୍ପିଟାଲରେ ସ୍ପେଶାଲିଷ୍ଟଙ୍କ ଅଭାବ ଓ ସମସ୍ତ ହସ୍ପିଟାଲରେ ଏକାଧିକ ବିଭାଗକୁ ସାମିଲ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଉଛି।



ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା

# ଚାଇନାର କୋଳରେ

ବିଗତ ସାଢ଼େ ୫ ବର୍ଷ ମଧ୍ୟରେ ନେପାଳର ଋଣ ତିନିଗୁଣା ବୃଦ୍ଧି ପାଇଛି। ଜାନୁୟାରୀ ୨୦୨୧ ସୁଦ୍ଧା ନେପାଳର ମୋଟ ଋଣ ପରିମାଣ ୨୭.୫୬୨ ବିଲିୟନ ଡଲାର ଥିଲା। ଇତିମଧ୍ୟରେ ଋଣ ଉପରେ ସୁଧ ମିଶିଯିବା ପରେ ଏହାର ଆକାର ଆହୁରି ବିଶାଳ ରୂପ ଧାରଣ କରିଥିବ। ଏହି ଋଣର ବଡ଼ ଭାଗ ଚାଇନାଠାରୁ ମିଳିଥିଲା। ନେପାଳରେ ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ କରି ସେଠାକାର ସରକାରଙ୍କ ନିକଟରେ ବେଜିଂ ବିଶ୍ୱାସ ଜନ୍ମାଇସାରିଛି। ତେବେ ଏହାର ଇତିହାସକୁ ବୁଝିବାକୁ ହେବ। ଅଳ୍ପ କିଛି ବର୍ଷ ପୂର୍ବେ ନେପାଳ ଥିଲା ପୃଥିବୀର ଏକମାତ୍ର ହିନ୍ଦୁ ରାଷ୍ଟ୍ର। ପୁରୁଣା ସମ୍ବିଧାନରେ ଥିବା ହିନ୍ଦୁରାଷ୍ଟ୍ରର ଉଲ୍ଲେଖକୁ ବାଦ୍ ପକାଇ ଯେତେବେଳେ ନୂଆ ସମ୍ବିଧାନରେ ଧର୍ମନିରପେକ୍ଷତା ଲେଖାଗଲା, ସେତେବେଳେ ଭାରତ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଦେଖାଗଲା। ୨୦୧୫ ମସିହାରୁ ନେପାଳ-ଭାରତ ସୀମାନ୍ତରେ ଥିବା ମାଧେସୀମାନଙ୍କୁ ଧରି କାଠମାଣ୍ଡୁ ସରକାର ବିରୋଧରେ ଯେଉଁ ଅର୍ଥନୈତିକ ଅବରୋଧ ଅନୁଷ୍ଠିତ ହୋଇଥିଲା ସେଥିରେ ଭାରତର ହାତ ଥିଲା ବୋଲି ସାଧାରଣ ନେପାଳୀ ନାଗରିକର ଦୃଢ଼ ବିଶ୍ୱାସ ଜନ୍ମିଥିଲା। ମାଧେସୀମାନଙ୍କର ମୁଖ୍ୟ ଦାବି ଭାବରେ ନୂଆ ସମ୍ବିଧାନରେ ପରିବର୍ତ୍ତନ ଅନ୍ୟତମ ଥିଲା। ଭାରତରୁ ଯାଉଥିବା ପେଟ୍ରୋଲ, ଡିଜେଲ, ଔଷଧ ଏବଂ ଅନେକ ଅତ୍ୟାବଶ୍ୟକ ସାମଗ୍ରୀକୁ ଏହି ମାଧେସୀ ଆନ୍ଦୋଳନକାରୀମାନେ ଅଟକାଇ ଦେଇଥିଲେ। ଘୋର ଅସୁବିଧାର ସମ୍ମୁଖୀନ ହେବା ହେତୁ ତତ୍‌କାଳୀନ ନେପାଳ ସରକାର ଚାଇନାମୁହାଁ ହୋଇଥିଲା। ଏହାପରେ ନେପାଳ ପାର୍ଲାମେଣ୍ଟ ଦ୍ୱାରା ଚାଇନାର ଓବର ପ୍ରକଳ୍ପରେ ଭାଗ ନେବା ସକାଶେ ନିଷ୍ପତ୍ତି ଗୃହୀତ ହୋଇଥିଲା।

ରବିବାର ୨୦ ଫେବୃୟାରୀ ୨୦୨୨ ଘଟଣାକୁ ଦେଖାଯାଉ। ନେପାଳ ପାର୍ଲାମେଣ୍ଟ ସମ୍ମୁଖରେ ବିରାଟ ପ୍ରତିବାଦ ଏବଂ ବିକ୍ଷୋଭ ଦେଖିବାକୁ ମିଳିଥିଲା। ଆମେରିକାର ଏକ ଆର୍ଥିକ ସହାୟତା ଏଜେନ୍ସି ମିଲେନିୟମ୍ ଚ୍ୟାଲେଞ୍ଜ କର୍ପୋରେଶନ (ଏମ୍‌ସିସି) ତରଫରୁ ୫୦୦ ନିୟୁତ ଡଲାରର ସାହାଯ୍ୟ ମିଳିବା ପାଇଁ ପ୍ରସ୍ତାବ ପାର୍ଲାମେଣ୍ଟ ଦ୍ୱାରା ଗୃହୀତ ହେବାର ଶୁଣି ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ ସହ ପୋଲିସ ଉପରେ ଆକ୍ରମଣ କରିଥିଲେ। ନେପାଳ ଏଭଳି ସାହାଯ୍ୟ ଆମେରିକାଠାରୁ ଲୋଡ଼ିବାକୁ ବିରୋଧ କରି ଏହି ହିଂସାତ୍ମକ ପ୍ରତିବାଦ ହୋଇଥିଲା। ଏଥିରୁ ବୁଝାପଡୁଛି ଯେ, ଏଭଳି ପ୍ରତିବାଦ ପଛରେ ସମ୍ଭବତଃ, ଚାଇନାର ହାତ ରହିଛି। ଚାଇନା କେବେହେଲେ ଚାହୁଁ ନ ଥିବ ଯେ ନେପାଳ କୌଣସି ପ୍ରକାରର ସାହାଯ୍ୟ ଗ୍ରହଣ କରି ଆମେରିକା ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁ, ଯାହା ଆଫ୍ରିକା ଓ ଦକ୍ଷିଣ ଆମେରିକାର ଅନେକ ଦେଶରେ ଉଦାହରଣ ଭାବେ ଦେଖିବାକୁ ମିଳୁଛି। ସେଥିରୁ ବୁଝାପଡୁଛି ଯେ, ଯେଉଁ ଦେଶକୁ ଚାଇନା ଆର୍ଥିକ ଋଣ ଦେଇ ନିଜ କବଳକୁ ଆଣିବାକୁ ଚାହେଁ ସେହି ଦେଶ ଅନ୍ୟ କାହାରିଠାରୁ ସାହାଯ୍ୟ ନେବା ଉଚିତ ନୁହେଁ ବୋଲି ବେଜିଂ ଚିନ୍ତା କରେ। ଏଥିରୁ ଆହୁରି ମଧ୍ୟ ବୁଝାପଡୁଛି ଯେ, ଏବକାର ପରିସ୍ଥିତିରେ ନେପାଳ ଉପରେ ଚାଇନାର କର୍ତ୍ତୃତ୍ୱ ସମ୍ପୂର୍ଣ୍ଣ ଭାବେ ଜାହିର ହୋଇସାରିଲାଣି। ଯେତେବେଳେ ଆମେରିକାର ବିନା ସର୍ତ୍ତର ସାହାଯ୍ୟକୁ ସ୍ୱୀକାର କରିବା ପୂର୍ବରୁ ଜନସାଧାରଣଙ୍କର ବିରୋଧ ପ୍ରକାଶ ପାଉଛି, ସେଥିରୁ ଜଣାପଡ଼ିଯାଉଛି ଭାରତର ନେପାଳ ସହ ସମ୍ପର୍କ କୌଣସି ଅର୍ଥ ରଖୁନାହିଁ। ଧର୍ମର ଚିନ୍ତାକୁ ପ୍ରାଧାନ୍ୟ ଦେଇ ସୃଷ୍ଟି କରାଯାଉଥିବା ବୈଦେଶିକ ନୀତି ଯୋଗୁ ଭାରତର ସବୁ ପଡ଼ୋଶୀ ରାଷ୍ଟ୍ର ଭାରତ ବିରୋଧୀ ପାଲଟି ସାରିଲେଣି। କେବଳ ଭାରତ ବିରୋଧୀ ନୁହେଁ, ଦକ୍ଷିଣ ଏସିଆର ସବୁ ଦେଶ ଏବେ ଚାଇନାର କୋଳରେ ବସିଛନ୍ତି।

# ୟୁକ୍ରେନ୍ ସଙ୍କଟ ଓ ଭାରତର ଆଭିମୁଖ୍ୟ



ପ୍ରଫେସର ଶକ୍ତି ପ୍ରସାଦ ଶ୍ରୀଚନ୍ଦନ

ବର୍ତ୍ତମାନ ୟୁରୋପ ଶୀତଳ ଯୁଦ୍ଧ ପରବର୍ତ୍ତୀ ସମୟର ସବୁଠାରୁ ବିପଜ୍ଜନକ ପର୍ଯ୍ୟାୟ ଦେଇ ଗତି କରୁଛି। ଯଦିଓ ୟୁକ୍ରେନ୍ ସଙ୍କଟ ୨୦୧୪ରୁ ଚାଲିଆସୁଛି, ତଥାପି ଏଥର ନାଟୋ ବିସ୍ତାରକୁ ନେଇ ରୁଷର ଚିନ୍ତା, ବିଶେଷକରି ୟୁକ୍ରେନ୍‌ର ସମ୍ଭାବ୍ୟ ନାଟୋ ସଦସ୍ୟତା ଏବଂ ପୂର୍ବ ୟୁରୋପରେ ନାଟୋର ସୈନ୍ୟ ବାହିନୀର ଉପସ୍ଥିତି ରୁଷର ଆକ୍ରମଣାତ୍ମକ ଆଭିମୁଖ୍ୟର ମୁଖ୍ୟ କାରଣ। ୟୁକ୍ରେନ୍ ସହିତ ଏହାର ସୀମାରେ ରୁଷ ପ୍ରାୟ ଏକ ଲକ୍ଷରୁ ଅଧିକ ସୈନ୍ୟ ଓ ବହୁ ମାତ୍ରାରେ କ୍ଷେପଣାସ୍ତ୍ର ମୁତୟନ କରିଛି। ସେହିପରି ସହଯୋଗୀ ରାଷ୍ଟ୍ର ବେଲାରୁଷରେ ମଧ୍ୟ ରୁଷ ପ୍ରାୟ ୩୦ହଜାର ସେନା ମୁତୟନ କରିବା ସହିତ ଯୁଦ୍ଧ ଅଭ୍ୟାସ ଜାରି ରଖିଛି। ନାଟୋ ସଦସ୍ୟ ରାଷ୍ଟ୍ରମାନେ ମଧ୍ୟ ସେମାନଙ୍କର ପୂର୍ବ ୟୁରୋପୀୟ ସଦସ୍ୟ ରାଷ୍ଟ୍ର – ରୋମାନିଆ, ବୁଲଗେରିୟା ଏବଂ ପୋଲାଣ୍ଡରେ ସେନା ମୁତୟନ ଓ ସମରସଜ୍ଜା ଚଳାଇଛନ୍ତି। ଉତ୍ତେଜନାକୁ ଦୂର କରିବା ପାଇଁ କୂଟନୈତିକ ପଦକ୍ଷେପ ନିଆଯାଉଛି, ଯଦିଓ ଏଥିରେ ଏଯାବତ ବିଶେଷ ସଫଳତା ମିଳିନି ଓ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

ରୁଷ ସହିତ ସମୟ ପରୀକ୍ଷିତ ସମ୍ପର୍କ ଏବଂ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ସମ୍ପର୍କରେ ଗତ କିଛିବର୍ଷ ମଧ୍ୟରେ ହୋଇଥିବା ସୁଧାରକୁ ଆଖିରେ ରଖି ଭାରତ ନିଜ ଆଭିମୁଖ୍ୟରେ ସତର୍କତା ଅବଲମ୍ବନ କରୁଛି। ଗୋଟିଏ ପଟେ ରୁଷ ହେଉଛି ଭାରତର ଘନିଷ୍ଠ ବନ୍ଧୁ। ଦୁର୍ଦ୍ଦିନରେ ରୁଷ ଭାରତ ସହିତ ଛିଡ଼ା ହୋଇଆସିଛି। ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ ବ୍ୟତୀତ, ଭାରତୀୟ ସଶସ୍ତ୍ର ବାହିନୀର ୬୦ପ୍ରତିଶତ ସରଞ୍ଜାମ ରୁଷ ନିର୍ମିତ। ନିକଟ ଭବିଷ୍ୟତରେ, ଭାରତ ଭୂପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଏସ୍-୪୦୦ ଟ୍ରାଇମ୍ଫ ଭଳି ଅସ୍ତ୍ର ରୁଷଠାରୁ ପାଇବାର ସମ୍ଭାବନା ଅଛି। ଅନ୍ୟପକ୍ଷରେ, ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକ ସହିତ ଆର୍ଥିକ, ବାଣିଜ୍ୟିକ, ପ୍ରଯୁକ୍ତିବିଦ୍ୟା ଓ ପ୍ରତିରକ୍ଷା ପରି କ୍ଷେତ୍ରରେ ଭାରତର ସମ୍ପର୍କ ଯଥେଷ୍ଟ ଉନ୍ନତ ହୋଇଛି ଏବଂ ନିୟମିତ କୂଟନୈତିକ ଓ ରଣନୈତିକ ସହଯୋଗ ଜାରି ରହିଛି। ତେଣୁ ୟୁକ୍ରେନ୍ ସଙ୍କଟ ପରିପ୍ରେକ୍ଷୀରେ ଭାରତର ଏହି ଦେଶଗୁଡ଼ିକ ସହିତ ଦ୍ୱିପାକ୍ଷିକ ସମ୍ପର୍କ ଜଟିଳ ହୋଇପାରେ। ଖାସ କରି ରୁଷଠାରୁ ଅସ୍ତ୍ରଶସ୍ତ୍ର ଆମଦାନୀରେ ବ୍ୟାଘାତ ସୃଷ୍ଟି ହୋଇପାରେ। ୟୁକ୍ରେନ୍ ସଙ୍କଟ ଉପରେ ଜାତିସଂଘ ସୁରକ୍ଷା ପରିଷଦରେ ଅନୁଷ୍ଠିତ ଭୋଟରେ ଭାରତ ଅନୁପସ୍ଥିତ ରହିଥିଲା। ଏହା ମସ୍କୋ ଏବଂ ୱାଶିଂଟନ ସହିତ ସମ୍ପର୍କକୁ ସନ୍ତୁଳିତ କରିବା ପାଇଁ ରଣନୀତି ଭାବରେ ଦେଖାଯାଉଛି। ୨୦୧୪ରେ, ଯେତେବେଳେ ରୁଷ କ୍ରିମିଆକୁ ୟୁକ୍ରେନ୍‌ରୁ ବିଚ୍ଛିନ୍ନ କରି ନିଜ ଅକ୍ତିଆରକୁ ନେଲା ସେତେବେଳେ ମଧ୍ୟ ଭାରତ ସୁରକ୍ଷା ପରିଷଦର ଏଥିପାଇଁ ହୋଇଥିବା ବିଚାର ବିମର୍ଶରେ ଅନୁପସ୍ଥିତ ରହିଥିଲା।

ଆଉ ଏକ ଚିନ୍ତାର ବିଷୟ ହେଉଛି ଭାରତର ଚାଇନା ସହ ସମ୍ପର୍କ ତିକ୍ତ ଅବସ୍ଥାରେ ରହିଛି। ଚାଇନାକୁ ନିୟନ୍ତ୍ରଣ କରିବା ପାଇଁ ଇଣ୍ଡୋ-ପାସିଫିକ କ୍ଷେତ୍ର ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ଭାରତ ଅନେକାଂଶରେ ସଫଳ ହୋଇଛି। କିନ୍ତୁ ୟୁକ୍ରେନ୍ ସଙ୍କଟ ଯୋଗୁ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ଧ୍ୟାନ ଏବଂ ସମ୍ବଳ ବର୍ତ୍ତମାନ ୟୁରେସିଆ ଅଞ୍ଚଳରେ କେନ୍ଦ୍ରିତ ହୋଇଛି। ଏ ପରିସ୍ଥିତିରେ ଭାରତ ଯଦି ରୁଷ ବିରୋଧରେ ଛିଡ଼ା ହୁଏ, ତେବେ ରୁଷ ଚାଇନାର ଅଧିକ ନିକଟତର ହେବାର ସମ୍ଭାବନା ରହିଛି। ଏହା ଚାଇନା ବିରୋଧରେ ଭାରତର ରଣକୌଶଳକୁ ଦୁର୍ବଳ କରିପାରେ। ନିଜ ବିରୋଧରେ ପ୍ରସ୍ତାବିତ ଆର୍ଥିକ ପ୍ରତିବନ୍ଧକର ପ୍ରଭାବକୁ ଦୂର କରିବା ପାଇଁ ଏବଂ ପ୍ରତିରକ୍ଷା-ଶିଳ୍ପ କ୍ଷେତ୍ରକୁ ଦେବାଳିଆ ହେବାରୁ ବଞ୍ଚାଇବା ପାଇଁ ରୁଷ ମଧ୍ୟ ପାକିସ୍ତାନକୁ ଅଧିକ ଅସ୍ତ୍ର ଯୋଗାଇବା ଆରମ୍ଭ କରିପାରେ। ଯଦି ଏପରି ହୁଏ ତେବେ ଏହା ଭାରତର ସ୍ୱାର୍ଥର ଅନୁକୂଳ ହେବ ନାହିଁ।

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଅନେକ ୟୁରୋପୀୟ ନେତା ବାରମ୍ବାର ଚେତାବନୀ ଦେଇଛନ୍ତି ଯେ, ରୁଷ ୟୁକ୍ରେନ୍‌ରେ ସାମରିକ ହସ୍ତକ୍ଷେପ କଲେ ତାହା ବ୍ୟାପକ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେବ। ଅନ୍ତର୍ଜାତୀୟ ସ୍ତରରେ ରୁଷକୁ ଏକଘରକିଆ କରିବା ପାଇଁ ଆମେରିକା ଭାରତ ସମେତ ଅନେକ ନିରପେକ୍ଷ ରାଷ୍ଟ୍ରଙ୍କ ଉପରେ କୂଟନୈତିକ ଚାପ ପକାଇବ। ଆଣବିକ କାର୍ଯ୍ୟକ୍ରମ ପାଇଁ ଇରାନ ଉପରେ ବିଭିନ୍ନ କଟକଣା ଓ ଆର୍ଥିକ ପ୍ରତିବନ୍ଧକ ଲାଗୁ କରାଯାଇଥିଲା। ସେତେବେଳେ ଇରାନ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକା ଭାରତ ଉପରେ ଚାପ ପକାଇଥିଲା। ରୁଷ ଉପରେ ଯେ କୌଣସି କାର୍ଯ୍ୟାନୁଷ୍ଠାନର ପ୍ରଭାବ ଭାରତ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପଡ଼ିବ। ସମ୍ଭାବ୍ୟ ଆର୍ଥିକ ପ୍ରତିବନ୍ଧକର ପ୍ରତିଶୋଧ ନେବାକୁ ରୁଷ ସୀମିତ ସମୟ ପାଇଁ ତା' ଉପରେ ନିର୍ଭରଶୀଳ ୟୁରୋପକୁ ତୈଳ ଓ ଗ୍ୟାସ୍ ଆମଦାନୀରେ ରୋକ ଲଗାଇ ପାରେ; ଯାହା ଫଳରେ ଭାରତ ସମେତ ସମଗ୍ର ବିଶ୍ୱରେ ତୈଳ ଦରରେ ଅହେତୁକ ବୃଦ୍ଧି ଘଟିବାର ସମ୍ଭାବନା ରହିଛି। କେତେକ ରିପୋର୍ଟ ଅନୁଯାୟୀ ଗତ ଏକ ମାସ ମଧ୍ୟରେ ତୈଳ ଦର ବ୍ୟାରେଲ ପିଛା ୧୪ ପ୍ରତିଶତ ବୃଦ୍ଧି ପାଇଛି। ଏହା ଆକଳନ କରାଯାଉଛି ଯେ, ଯଦି ପରିସ୍ଥିତି ଏଇଭଳି ଜଟିଳ ରହେ ତେବେ ତୈଳ ଦର ବର୍ତ୍ତମାନର ବ୍ୟାରେଲ ପିଛା ୯୦ ଡଲାରକୁ ପାର କରି ନିକଟ ଭବିଷ୍ୟତରେ ୧୨୫ ଡଲାରକୁ ଛୁଇଁବା ଅସମ୍ଭବ ନୁହେଁ।

ଯଦିଓ ୟୁକ୍ରେନ୍ ସହିତ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ଏତେ ବିସ୍ତୃତ ନୁହେଁ, ତଥାପି ସେଠାରେ କୋଡିଏ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରୀ ଛାତ୍ର, ତଥା ଆଇଟି ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ କାର୍ଯ୍ୟରତ। ଅଶାନ୍ତ ପରିସ୍ଥିତି ଯୋଗୁ ଭାରତ ସରକାର ସେମାନଙ୍କର ସୁରକ୍ଷାକୁ ନେଇ ଚିନ୍ତିତ ଥିବାବେଳେ ଆବଶ୍ୟକ ସ୍ଥଳେ ନିଜ ନାଗରିକମାନଙ୍କୁ ସ୍ଥାନାନ୍ତର କରିବାକୁ ମଧ୍ୟ ପ୍ରସ୍ତୁତ ରହିଛି।

ଭାରତ ନିଜର ଘରୋଇ ମାମଲାରେ ବାହ୍ୟ ଶକ୍ତିମାନଙ୍କର ହସ୍ତକ୍ଷେପକୁ ପସନ୍ଦ କରେ ନାହିଁ ଏବଂ ଅନ୍ୟ ଦେଶର ପ୍ରସଙ୍ଗରେ ପ୍ରାୟତଃ ନିରପେକ୍ଷ ନୀତି ଆପଣାଏ। କିନ୍ତୁ ୟୁକ୍ରେନ୍ ସଙ୍କଟ ଉପରେ ଭାରତ ଏକ ଗଠନମୂଳକ ଭୂମିକା ଗ୍ରହଣ କରିପାରିବ। ଏହାର କାରଣ ହେଉଛି ବର୍ତ୍ତମାନ ଭାରତର ଉଭୟ ପକ୍ଷ ସହିତ ଭଲ ସମ୍ପର୍କ ରହିଛି। ୟୁକ୍ରେନ୍ ସଙ୍କଟ ଆଉ ଏକ ଦେଶ ବିଶେଷ କିମ୍ବା ଆଞ୍ଚଳିକ ସଙ୍କଟ ହୋଇ ରହିନାହିଁ, ବରଂ ବର୍ତ୍ତମାନ ଏହା ଏକ ବିଶ୍ୱ ସଙ୍କଟରେ ପରିଣତ ହୋଇସାରିଛି। ଯଦିଓ, ଭାରତ ଏବେ 'ୱେଟ ଏଣ୍ଡ ୱାଚ' ନୀତି ଆପଣେଇଛି, ବିକଶିତ ହେଉଥିବା ନିଜର ବିଶ୍ୱସ୍ତରୀୟ ନେତୃତ୍ୱକୁ ଦୃଷ୍ଟିରେ ରଖି ଭାରତ ୟୁକ୍ରେନ୍ ସଙ୍କଟର ସମାଧାନ ଦିଗରେ ଅଧିକ ଅବଦାନ କରିବା ଉଚିତ। ଭାରତ କୌଣସି ପକ୍ଷ ନେବ ନାହିଁ, କିନ୍ତୁ କୂଟନୀତିକୁ ସୁଯୋଗ ଦେଇ ମତଭେଦକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବାକୁ ସମ୍ପୃକ୍ତ ରାଷ୍ଟ୍ରମାନଙ୍କୁ ପ୍ରବର୍ତ୍ତାଇପାରିବ।

ଜବାହରଲାଲ ନେହେରୁ
ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ
ମୋ:୯୯୬୮୨୪୪୮୭୧

# ବିବାହ ବନାମ ବାଣ-ରୋଶଣି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ବିବାହ ଋତୁ ଆସିଲେ ପ୍ରାୟ ପ୍ରତ୍ୟେକ ଦିନ ଅନ୍ତତଃ ଗୋଟାଏ ଦି'ଟା ଜାଗାରୁ ନିମନ୍ତ୍ରଣ ପତ୍ର ମିଳେ। ବନ୍ଧୁରକ୍ଷା କରିବାକୁ ଆମକୁ ସେସବୁ ଜାଗାକୁ ଯିବାକୁ ପଡେ, ସେଥିରେ ଦୁଃଖ ନାହିଁ। କିନ୍ତୁ ଦୁଃଖ ହେଉଛି ଆମ ଓଡ଼ିଆ ହିନ୍ଦୁ ସମାଜରେ ଅନୁଷ୍ଠିତ ହେଉଥିବା ବିବାହ ଓ ତଜ୍ଜନିତ ବାଣ, ରୋଶଣି ଇତ୍ୟାଦିକୁ ନେଇ।

ସୁଦୃଶ୍ୟ ନିମନ୍ତ୍ରଣ ପତ୍ରଟିଏ ପାଇଲି। ବନ୍ଧୁ ଆସି ଘରେ ନିମନ୍ତ୍ରଣ ପତ୍ର ଦେଇଗଲେ। ନିମନ୍ତ୍ରଣ ପତ୍ର ତ ନୁହେଁ ସତେଅବା ପଚାଶ ଗ୍ରାମ୍ ଓଜନର ଗୋଟିଏ ବାଇଣ୍ଡିଂ ଖାତା। ବନ୍ଧୁଙ୍କୁ ପଚାରିଲି, ଭାଇ! ଏ ଯେଉଁ ନିମନ୍ତ୍ରଣ ପତ୍ର ଦେଇଛ ପ୍ରତ୍ୟେକ କାର୍ଡ ପିଛା କେତେ ଖର୍ଚ୍ଚ ପଡ଼ିଛି? ସେ କହିଲେ ଗୋଟିଏ ନିମନ୍ତ୍ରଣ ପତ୍ର ପିଛା ୨୦୦ଟଙ୍କା ଖର୍ଚ୍ଚ ହୋଇଛି। ତା'ପରେ ପଚାରିଲି ଭାଇ! କେତେ ଲୋକଙ୍କୁ ନିମନ୍ତ୍ରଣ କରିଛ? ତା' ଉତ୍ତର ମିଳିଲା ମୁଁ ବନ୍ଧୁବାନ୍ଧବଙ୍କୁ ମିଶାଇ ୧୫୦୦ ଲୋକଙ୍କୁ ଡାକିଛି। ମୋର ଜିଜ୍ଞାସା ବଢ଼ିଲା। ବନ୍ଧୁଙ୍କୁ ପଚାରିଲି, କେଉଁଠି ଭୋଜି ହେଉଛି। ଏହାର ଉତ୍ତର ମଧ୍ୟ ସ୍ୱାଭାବିକ ଥିଲା। ଗୋଟିଏ ତାରକା ହୋଟେଲରେ ବିବାହ ହେଉଛି। ଆମେ ଦୁଇଦିନ ହୋଟେଲ ବୁକ୍ କରିଛୁ। ମଙ୍ଗନ ଦିନ ସଙ୍ଗୀତ କାର୍ଯ୍ୟକ୍ରମ ଅଛି। ମଙ୍ଗନ ପାଇଁ ଏକ ହଜାର ଲୋକଙ୍କୁ ନିମନ୍ତ୍ରଣ କରିଛି। ତାଙ୍କ ଆଡୁ ସେ କହିଲେ- ବିବାହ ଓ ସଙ୍ଗୀତ ପାଇଁ ସର୍ବମୋଟ୍ ୨୫୦୦ଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରତ୍ୟେକ ପ୍ଲେଟ୍ ପିଛା ଜିଏସ୍‌ଟିକୁ ମିଶାଇ ମୋତେ ୨୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା। ପ୍ରକୃତରେ ବିବାହ ବ୍ୟୟବହୁଳ ହୋଇଯାଇଛି। ସାଧାରଣ ଲୋକଟିଏ ତା' ସାମାଜିକ ସ୍ଥିତିକୁ ଓ ସମ୍ମାନକୁ ଦେଖି ବାହାଘର ଏବଂ ତଜ୍ଜନିତ ଖର୍ଚ୍ଚ ପାଇଁ ତାକୁ ବେଶ୍ କିଛି ଅର୍ଥ ଶ୍ରାଦ୍ଧ କରିବାକୁ ପଡୁଛି। ପ୍ରଥମ କଥା ହେଲା, ଆମ ଓଡ଼ିଆ ହିନ୍ଦୁ ଘରେ ସଙ୍ଗୀତ କାର୍ଯ୍ୟକ୍ରମ ନ ଥିଲା। ଏବେ ନବ୍ୟଶିକ୍ଷା ଓ ଚକଚକିଆ ସଂସ୍କୃତିର ପ୍ରଭାବରେ ଆମେ ଏସବୁ ଅଯଥା ଜିନିଷକୁ ଟାଣି ନେଉଛୁ।

କାର୍ଡଟି ଖୋଲି ଦେଖିଲି, ସେଥିରେ ଓଡ଼ିଆ ପରିବର୍ତ୍ତେ ଇଂଲିଶ ଭାଷାରେ ଲେଖା ଯାଇଛି। ଖାଲି ଧର୍ମକୁ ଆଖିଠାର ମାରିଲା ପରି "ମଙ୍ଗଳମ୍ ଭଗବାନ ବିଷ୍ଣୁ..." ଇତ୍ୟାଦି ଉପରେ ହିନ୍ଦୀରେ ଲେଖାଯାଇଛି। ଆମେ ଓଡ଼ିଆ ସମାଜ ବ୍ୟତୀତ କିଛି ବଙ୍ଗାଳୀ, ଗୁଜୁରାଟୀ, ମାରୱାଡ଼ି ଇତ୍ୟାଦି ବନ୍ଧୁଙ୍କଠାରୁ ମଧ୍ୟ ନିମନ୍ତ୍ରଣ ପତ୍ର ପାଉଛୁ। ଦୀର୍ଘଦିନ ଧରି ଓଡ଼ିଶାର ପାଣିପବନରେ ବଢ଼ି ଏମାନଙ୍କ ମଧ୍ୟରୁ କେହି କେହି ସ୍ଥାୟୀ ଭାବେ ଓଡ଼ିଶାରେ ରହୁଥିଲେ ମଧ୍ୟ ସେମାନେ ନିଜ ଭାଷା ଓ ସଂସ୍କୃତିକୁ ଭୁଲି ନାହାନ୍ତି। ସେମାନଙ୍କ ନିମନ୍ତ୍ରଣ ପତ୍ର ପାଇଲା ବେଳେ ଆମେ ଦେଖିଛୁ ଯେ, ଗୋଟିଏ ପଟେ ତାଙ୍କ ମାତୃଭାଷା ଅର୍ଥାତ୍ ବଙ୍ଗଳା, ହିନ୍ଦୀ କିମ୍ବା ଗୁଜୁରାଟୀ ଭାଷାରେ ଲେଖା ହୋଇଥିଲେ ମଧ୍ୟ ଆମମାନଙ୍କ ବୁଝିବାପାଇଁ ଇଂଲିଶରେ ଲେଖା ହୋଇଥାଏ। ଏଥିରେ କାହାର କିଛି କହିବାର ନାହିଁ। ସେଇଥିପାଇଁ ତ ସେମାନେ ଉନ୍ନତ ଏବଂ ସେମାନଙ୍କର ଚାଲିଚଳଣି ମଧ୍ୟ ଉନ୍ନତ। କହିବା ବାହୁଲ୍ୟ ଉପରଲିଖିତ ବନ୍ଧୁଙ୍କଠାରୁ ପାଇଥିବା ନିମନ୍ତ୍ରଣ ପତ୍ରଟି ଏକ ବାଇଣ୍ଡିଂ ଖାତା ସଦୃଶ ଥିଲା ଏବଂ ସେଥିରେ ଯଥେଷ୍ଟ ଜାଗା ଥିଲା, ଯଦ୍ଦ୍ୱାରା ଇଂଲିଶ ସହିତ ଓଡ଼ିଆ ଭାଷାରେ ମଧ୍ୟ ନିମନ୍ତ୍ରଣ ପତ୍ରଟି ଛପାଯାଇଥାନ୍ତା। ଏହାକୁ ହିଁ ତ କହନ୍ତି ଆମର ସ୍ୱାଭିମାନ! ନିକଟ ଅତୀତରେ ଆମ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଏଥିପାଇଁ ବହୁ ସଭାସମିତି ହୋଇଗଲାଣି। କିନ୍ତୁ ଆମ ମନୋବୃତ୍ତିରେ ପରିବର୍ତ୍ତନ ଆସିନାହିଁ। ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ଘୋଷଣା ହେବା ଠାରୁ ବର୍ତ୍ତମାନ ସୁଦ୍ଧା ସାକାର ରୂପ ନେଇ ନ ଥିଲେ ମଧ୍ୟ ଯେପରି କଚ୍ଛପ ଗତିରେ ଚାଲୁଛି; ତାହା ଦେଖିଲେ ଆମକୁ ଦୁଃଖ ଲାଗୁଛି। ଏଥିପାଇଁ ସ୍ୱତନ୍ତ୍ର ପଦାଧିକାରୀ ନିଯୁକ୍ତ ହେବାର ପ୍ରାୟ ବର୍ଷେରୁ ଅଧିକ ସମୟ ହୋଇଗଲାଣି। କିନ୍ତୁ ଫଳପ୍ରସବକୁ ଆମେ ଅନାଇ ବସିଛୁ।

ବର୍ତ୍ତମାନ ଆମେ ମୂଳକଥାକୁ ଆସିବା। ନିର୍ଦ୍ଦିଷ୍ଟ ଦିନ ବନ୍ଧୁଙ୍କ ଝିଅ ବାହାଘର ପାଇଁ ଉଦ୍ଦିଷ୍ଟ ହୋଟେଲରେ ଉପସ୍ଥିତ ହେଲି। ବାଣ ରୋଶଣି ସହ ବର ଆସିଲା। ଶବ୍ଦ ପ୍ରଦୂଷଣ ଓ ବାୟୁ ପ୍ରଦୂଷଣ କଥା କିଏ ପଚାରୁଛି? କୋଭିଡ୍ କଟକଣାକୁ ଫୁଁ'। ବାଟ ବରଣ ପରେ ବରକୁ କିଛି ଲୋକ କାନ୍ଧେଇ ନେଇଗଲେ, ଯାହାକି ଆମ ଓଡ଼ିଆ ସମାଜରେ ନାହିଁ। ଏଗୁଡ଼ିକ ଉତ୍ତର ଭାରତୀୟ ସଂସ୍କୃତିରୁ ଆସିଛି ବୋଲି ମନେହୁଏ। ଆମେ କିନ୍ତୁ ତାକୁ ଆପଣେଇ ନେଇଛୁ। ବଙ୍ଗାଳୀ ଘରର ପୁଅ ବାହାହେଲେ ପ୍ରାୟତଃ ସେ ତା'ର ପାରମ୍ପରିକ ବେଶପୋଷାକ ଅର୍ଥାତ୍ ଧୋତି ଓ ପଞ୍ଜାବି ପିନ୍ଧିବାର ଆମେ ଦେଖିଛୁ। କିନ୍ତୁ ଆମ ଓଡ଼ିଆ ଘରେ ଆମ ସମୟରେ ବର ଧୋତି ପଞ୍ଜାବି ପିନ୍ଧି ଯାଉଥିଲେ ମଧ୍ୟ ବର୍ତ୍ତମାନ ଡ୍ରେସ୍ ନ ପିନ୍ଧିଲେ ବାବୁଙ୍କ ଗୋଡ଼ ଆଗକୁ ବଢୁନାହିଁ। ଏପରିକି ବରକର୍ତ୍ତା ଓ କନ୍ୟାକର୍ତ୍ତା ମଧ୍ୟ ଧୋତି, ପଞ୍ଜାବି ପରିବର୍ତ୍ତେ ଶାର୍ଟ ପ୍ୟାଣ୍ଟରେ କାମ ଚଳାଇଦେଉଛନ୍ତି। ଦିନ ଆସିବ ଯେତେବେଳେ ବିବାହବେଦିରେ ପୁରୋହିତଙ୍କ ମନ୍ତ୍ରପାଠ ଆଉ ଆବଶ୍ୟକ ପଡ଼ିବ ନାହିଁ। ଆଜିକାଲି ତ କ୍ୟାସେଟ୍‌ର ଯୁଗ। ପୁରୋହିତଙ୍କ ମନ୍ତ୍ର ପାଠକୁ କ୍ୟାସେଟ କରିଦେଲେ ଏହି ପୁରୋହିତମାନଙ୍କର ଯେଉଁ ମରୁଡ଼ି ସମସ୍ୟା ଉପୁଜିଛି ତାହା ସମାଧାନ ହୋଇଯିବ। ସେଦିନ ଆଉ ବେଶିଦିନ ନାହିଁ ବୋଲି ମନେହୁଏ।

ବିବାହ ଭୋଜି କଥା ନ କହିଲେ ଭଲ। ଆଜିକାଲି ନିରାମିଷ ଭୋଜନ ଦେଲେ ଲୋକେ ଆପଣଙ୍କ ଘରକୁ ଆସିବେ ନାହିଁ। ସେଥିପାଇଁ ମାଛ, ମାଂସ, କଙ୍କଡ଼ା ଇତ୍ୟାଦିକୁ ମିଶାଇ ଆମିଷରେ ଚାରି ପାଞ୍ଚ ପ୍ରକାରର ଖାଦ୍ୟ ପ୍ରସ୍ତୁତ ହେଲାବେଳେ ମିଠାରେ ମଧ୍ୟ ସେମିତି ତିନି ଚାରି ପ୍ରକାରର ଜିନିଷ ପ୍ରସ୍ତୁତ ହେଉଛି। ଲୋକେ ଖାଉଛନ୍ତି ଯେତେ, ନଷ୍ଟ ହେଉଛି ତା'ଠୁ ଅଧିକ। ଏଥିପ୍ରତି କାହାରି ଦୃଷ୍ଟି ନାହିଁ।

ମୁଁ ଗାଁଗହଳି କଥା କହୁନାହିଁ। ଗାଁଗହଳିର ବାହାଘରରେ ଏବେ ମଧ୍ୟ କିଛିଟା ସ୍ୱାତନ୍ତ୍ର୍ୟ ବାରି ହୁଏ। ମୋ ବାପା ଜଣେ ସରକାରୀ କର୍ମଚାରୀ ଥିଲେ। ତାଙ୍କୁ ଗୋଟିଏ ସରକାରୀ ଘର ମିଳିଥିଲା। ଆମେ ସେଠାରେ ଦୀର୍ଘ ଦିନ କଟାଇଛୁ। ସେତେବେଳେ ଆମ ସାହିରେ ବିବାହ ହେଉଥିଲେ ଆମକୁ ମନେ ହେଉଥିଲା ସତେ ଯେପରି ଆମ ଘରେ ବାହାଘର ହେଉଛି। ଅନ୍ତତଃପକ୍ଷେ ସାହିରେ ଥିବା ଦଶ ବାରଟି କ୍ୱାର୍ଟର ଲୋକେ ତିନିଚାରିଦିନ ଧରି ବିବାହ ହେଉଥିବା ଘରେ ଖା' ପିଅ କରୁଥିଲେ। ସ୍ୱଳ୍ପ ବ୍ୟୟରେ ଜାକଜମକ ଶୂନ୍ୟ ବିବାହରେ ଯେଉଁ ଆନ୍ତରିକତା ଥିଲା ଆଜି ଚାକଚକ୍ୟ ବଢ଼ିଥିଲେ ମଧ୍ୟ ସେ ପ୍ରକାରର ବନ୍ଧୁପ୍ରୀତି ବା ସୌହାର୍ଦ୍ଦ୍ୟ ନାହିଁ ବୋଲି ମନେହୁଏ। ଦୁଃଖଟା ସେଇଠି ରହିଗଲା।

ବରଯାତ୍ରୀ ଆସୁଛନ୍ତି, ନାଚିକୁଦି ସେ ଜାଗାଟିକୁ ଫଟେଇ ଦେଉଛନ୍ତି। ବହୁଦିନ ତଳେ କବି ଅନନ୍ତ ପଟ୍ଟନାୟକଙ୍କ ପୁଅ ଅମରେଶ ପଟ୍ଟନାୟକଙ୍କ ବାହାଘର ଦୃଶ୍ୟ ମନେପଡୁଛି। ସେତେବେଳେ ଅନନ୍ତ ପଟ୍ଟନାୟକ ବଞ୍ଚିଥା'ନ୍ତି। କହିବା ବାହୁଲ୍ୟ ବାହାଘରଟି ବିନା ବାଣ ଓ ବାଇଦରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ବାହାଘରଟି ହେଉଛି ଏହିପରି। ପାଟକୁରା ଗାନ୍ଧୀ ରୂପେ ପରିଚିତ, ପୂର୍ବତନ ବିଧାୟକ ରାଜକିଶୋର ନାୟକ ବିନା ବାଣ, ରୋଶଣି ଓ ପାଲିଙ୍କିରେ ଚାଲି ଚାଲି ଆସି ଶ୍ୱଶୁର ଘରେ ପହଞ୍ଚିଥିଲେ ଏବଂ ବିବାହ ମଧ୍ୟ ହୋଇଥିଲା। ରାଜକିଶୋର ନାୟକଙ୍କ ସହଧର୍ମିଣୀ ମଧ୍ୟ ଜୀବିତ ଅଛନ୍ତି। କଥାଟି ଅତିରଞ୍ଜିତ ନୁହେଁ। ସେହି ପାଟକୁରା ଅଞ୍ଚଳର ଜଣେ ସ୍ୱନାମଧନ୍ୟ ବ୍ୟକ୍ତି ତଥା ଗାନ୍ଧିବାଦୀ ପ୍ରଫେସର ଡ. ବେଣୁଧର ପ୍ରଧାନଙ୍କ ବିବାହ ମଧ୍ୟ ଏହିପରି ବିନା ବାଣ, ରୋଶଣି ଓ ପାଲିଙ୍କି ମଧ୍ୟରେ ସମ୍ପନ୍ନ ହୋଇଥିଲା।

ବର୍ତ୍ତମାନ ବାହାଘର ଏପରି ଆଡ଼ମ୍ବରଶୂନ୍ୟ ହେଲେ କେମିତି ହୁଅନ୍ତା? ଏସବୁର ସମସ୍ୟାର ସମାଧାନ ଆମ ପରି ଶିକ୍ଷିତ ଓ ସଂସ୍କାରପ୍ରିୟ ଲୋକମାନଙ୍କ ହାତରେ ଅଛି ବୋଲି ମନେହୁଏ।

ଚୈତନ୍ୟ ଧାମ, ଶବରସାହି
ଭୁବନେଶ୍ୱର,ମୋ: ୯୪୩୮୦୭୨୮୫୦

## ଏଇ ଭାରତରେ

କୁହାଯାଏ ମଣିଷ ଶକ୍ତି ଖଟାଇଲେ ପଥର ପାଣି ହୋଇଯାଏ। ଉତ୍ତରାଖଣ୍ଡର ଏଭଳି ଜଣେ ସୈନିକ ଜଗତ ସିଂ ଚୌଧୁରୀ ୪ ଦଶନ୍ଧି ଧରି ନିଜ ଚେଷ୍ଟାରେ ଏକ ବଡ଼ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଏହି ଜଙ୍ଗଲରେ ବିଭିନ୍ନ ପ୍ରକାରର ଲକ୍ଷ ଲକ୍ଷ ଗଛ ରହିଛି ଓ ଏହା ସେଠାକାର ଗ୍ରାମବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି। କେବଳ ଏତିକି ନୁହେଁ, ଗାଁ ନିକଟସ୍ଥ ଶୁଷ୍କ ଜଳସ୍ରୋତକୁ ଅଟକାଇବା ଲାଗି ଜଗତ ୨୦୦ରୁ ଊର୍ଦ୍ଧ୍ୱ ଆଡ଼ିବନ୍ଧ ନିର୍ମାଣ କରିଛନ୍ତି। ଜଙ୍ଗଲ ଓ ବନ୍ଧ ପାଇଁ ସବୁ ଟଙ୍କା ନିଜେ ଖର୍ଚ୍ଚ କରିଛନ୍ତି। ଏହାଦ୍ୱାରା ପାଣି ଲାଗି ମହିଳାମାନଙ୍କୁ ଆଉ ବହୁଦୂର ଯିବାକୁ ପଡୁନାହିଁ। ଏହାଦ୍ୱାରା ଶୁଖିଲା ଜମି ଶସ୍ୟଶ୍ୟାମଳା ହୋଇଉଠିଛି। ସେଥିପାଇଁ କୃଷକମାନେ ଜଗତ ସିଂଙ୍କୁ ଶ୍ରଦ୍ଧାରେ 'ଜଙ୍ଗଲୀ' ବୋଲି ସମ୍ବୋଧନ କରୁଛନ୍ତି। ଏଭଳି ଡାକ ପଛରେ ଜଙ୍ଗଲ ସମ୍ପର୍କିତ ଏକ ବିଚାର ଓ ପ୍ରେରଣା ରହିଥିବାରୁ ଏହାକୁ ଖୁସିରେ ଗ୍ରହଣ କରନ୍ତି ବୋଲି କହନ୍ତି ୭୩ ବର୍ଷୀୟ ଜଗତ। ରୁଦ୍ରପ୍ରୟାଗର କୋଟମଲ୍ଲା ଗାଁରେ ରହନ୍ତି ଜଗତ ସିଂ। ଗଡ଼ୱାଲା ବିଶ୍ୱବିଦ୍ୟାଳୟରୁ କଳାରେ ଡିଗ୍ରୀ ହାସଲ କରିବା ପରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ ଯୋଗଦେଇଥିଲେ ଓ ୧୯୭୧ ଭାରତ- ପାକିସ୍ତାନ ଯୁଦ୍ଧରେ ଭାଗ ନେଇଥିଲେ। ୧୯୭୪ରେ ଥରେ ଗାଁକୁ ଛୁଟିରେ ଆସିଥିବା ସମୟରେ ମହିଳାମାନେ ପାଣି ଓ ପଶୁ ଚରାଇବା ଲାଗି ୧୦ କି.ମି. ଯିବା ଲକ୍ଷ୍ୟ କରିଥିଲେ। ମହିଳାମାନଙ୍କୁ ଗାଁ ପାଖରେ କିଭଳି ଜଳସ୍ରୋତ ଓ ଚାରଣଭୂମି ମିଳିବ, ସେଥିପାଇଁ ସେ ପ୍ରଥମେ ୧.୫ ହେକ୍ଟର ଜମିରେ ଗଛ ଲଗାଇବା ଆରମ୍ଭ କରି ପରେ ଏହାକୁ ସମ୍ପ୍ରସାରିତ କରିପାରିଛନ୍ତି। ଜଙ୍ଗଲରେ ଏକପ୍ରକାର ବାଉଁଶ ରହିଛି, ଯାହା ମାଧ୍ୟମରେ ସେଠାକାର ଜନଜାତି ଟୋକେଇ, ପାଛିଆ ଆଦି ତିଆରି କରି ବେଶ୍ ଦି' ପଇସା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି।

## ଚିରନ୍ତନୀ

ସଧୀର ଗତିରେ ବଉଦ ଚଳଇ ଶଇଳ-ଚୂଳେ
କରୁଣ କାକୁତି ଢାଳଇ କପୋତ କଦମ-ମୂଳେ
ତୁମେ କହ ତା'ର ନାହିଁ କିଛି ମୂଲ ଭୁବନହାଟେ
ମୁକ୍ତା କଣିକା ଝରାଏ ସେ ମୋର ପରାଣ ତୁଳେ।
-(ମାନସୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃୟାରୀ ୧୯୯୭

- ଶ୍ରୀଲଙ୍କାର ଉତ୍ତରାଞ୍ଚଳ ମାନ୍ନାର ଉପକୂଳ ସମୁଦ୍ରରେ ଏକ ଡଙ୍ଗା ଓଲଟି ପଡ଼ିବା ଫଳରେ ୧୬୫ ଜଣ ତାମିଲ ଶରଣାର୍ଥୀଙ୍କ ସଲିଳ ସମାଧି।
- କୁଖ୍ୟାତ ଅପରାଧୀ ଚାର୍ଲସ ଗୁରୁମୁଖ ଶୋଭରାଜଙ୍କ ବିରୁଦ୍ଧରେ ରହିଥିବା ଜେଲ ଭଙ୍ଗା ମାମଲା ପ୍ରତ୍ୟାହାର ପାଇଁ ଦିଲ୍ଲୀର ଏକ ଅଦାଲତ ପକ୍ଷରୁ ଅନୁମତି ପ୍ରଦାନ।
- ଟେଲିଫୋନ ଗ୍ରାହକମାନଙ୍କୁ ଇଣ୍ଟରନେଟ୍ ସେବା ଯୋଗାଇଦେବା କ୍ଷେତ୍ରରେ ଓଡ଼ିଶାର ପ୍ରଥମ ସହର ଭାବେ କଟକରେ ଆଧୁନିକ ଏକ୍ସଚେଞ୍ଜ ଓ ଆଇ-ନେଟ୍ ସେବା ପ୍ରଚଳନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | 7 | | | |
| | | 1 | | | | 7 | | |
| | 9 | | | | | 5 | 3 | |
| | 1 | | 9 | | | | | 2 |
| | 7 | | 2 | | 4 | | 1 | |
| 3 | | 2 | | 7 | | | 4 | |
| | | | | | 6 | | | 4 |
| | 6 | | 8 | | 2 | 9 | | |
| | | 3 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 7 | 3 | 2 | 6 | 8 | 5 | 4 |
| 5 | 2 | 4 | 7 | 8 | 1 | 6 | 3 | 9 |
| 3 | 8 | 6 | 4 | 9 | 5 | 2 | 1 | 7 |
| 2 | 6 | 3 | 1 | 7 | 8 | 9 | 4 | 5 |
| 9 | 1 | 8 | 2 | 5 | 4 | 3 | 7 | 6 |
| 4 | 7 | 5 | 6 | 3 | 9 | 1 | 2 | 8 |
| 6 | 3 | 1 | 9 | 4 | 7 | 5 | 8 | 2 |
| 7 | 5 | 9 | 8 | 1 | 2 | 4 | 6 | 3 |
| 8 | 4 | 2 | 5 | 6 | 3 | 7 | 9 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

ମହାଶୟ,

ବିଚ୍ଛିନ୍ନତାବାଦୀ ସାମ୍ପ୍ରଦାୟିକ ସମ୍ପ୍ରଦାୟର ଅସହିଷ୍ଣୁ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ ପରିବର୍ତ୍ତେ ପ୍ରତିଷ୍ଠା କରାଯାଇଥିବା ପ୍ରତିମୂର୍ତ୍ତିକୁ ଭାଙ୍ଗିବା, ବିକୃତ କରିବା, ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତିରୁ ଚଷମା ଓ ବାଡ଼ି ନେଇଯିବା ଲଜ୍ଜାଜନକ । ଗତ ଜାନୁୟାରୀ ୨୬ରେ, କେତେକ ଖଲିସ୍ତାନ ସମର୍ଥକ ଆମେରିକାର ୱାଶିଂଟନରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ହାତରେ ଥିବା ବାଡ଼ିରେ ଖଲିସ୍ତାନୀ ପତାକା ଧରାଇଥିବା ସମଗ୍ର ବିଶ୍ୱରେ ଭାରତକୁ ଅପମାନିତ କରିଛି । ଏହା ବ୍ୟତୀତ ମହାତ୍ମା ଗାନ୍ଧୀଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଓ ବିବାଦୀୟ ଟିପ୍ପଣୀ ଦେଇ ଦେଶର ଏକତା, ସାର୍ବଭୌମତା ଓ ଜାତୀୟ ସଂହତିକୁ ବିପଦକୁ ଠେଲି ଦିଆଯାଉଛି। ଦେଶଦ୍ରୋହୀ ତଥା ସାମ୍ପ୍ରଦାୟିକ ବ୍ୟକ୍ତିବିଶେଷଙ୍କୁ ପ୍ରତିହତ କରିବାକୁ ହେଲେ, ଆଚରଣ ଏବଂ ଉଚ୍ଚାରଣକୁ କେତେକାଂଶରେ ସଙ୍କୁଚିତ କରି ଆଇନରେ ସଂଶୋଧନ ଆଣିବା ଆବଶ୍ୟକ। ବାକ୍ ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତା ଭାବେ ସଦାସର୍ବଦା ଦୁରୁପଯୋଗ କରି ବିଶ୍ୱରେ ଭାରତର ସୁନାମ ଓ ଛବିକୁ ମଳିନ କରିବାର ପ୍ରୟାସ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏ ପ୍ରକାର ଅଶୋଭନୀୟ ଆଚରଣକୁ ଆପରାଧିକ ମାମଲା ରୂପେ ଗ୍ରହଣ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଗଲେ ଅନ୍ୟମାନେ ଆଉ ସେଭଳି କରିବାକୁ ସାହସ ଜୁଟାଇପାରିବେ ନାହିଁ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

## ଜରି ପତାକା ନିଷିଦ୍ଧ କରାଯାଉ

ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ଚାଲିଛି। ବିଭିନ୍ନ ରାଜନୈତିକ ଦଳ ବିଭିନ୍ନ ବିଦ୍ୟୁତ୍‌ଖୁଣ୍ଟ ଓ ଟେଲିଫୋନ୍ ଖୁଣ୍ଟରେ ଦଳୀୟ ଚିହ୍ନ ଥିବା ଜରି ପତାକା ସୁତୁଲିରେ ବାନ୍ଧି ଟାଙ୍ଗି ଦେଉଛନ୍ତି। ଯଦି କୌଣସି କାରଣବଶତଃ ତାହା ଛିଣ୍ଡି ରାସ୍ତା ଉପରେ ପଡ଼ିଲା ତାହା ସେମିତି ପଡ଼ି ରହୁଛି। କାରଣ ଏହି ଜରି ପଚିବ ନାହିଁ କି ମାଟିରେ ମିଶିବ ନାହିଁ। ତେଣୁ ଏହାକୁ ନିଷିଦ୍ଧ କରାଯାଉ, କାରଣ ଏହା ପରିବେଶ ପ୍ରଦୂଷିତ କରୁଛି।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ତୃତୀୟ ପର୍ଯ୍ୟାୟରେ ୭୮.୬ % ମତଦାନ

ଭୁବନେଶ୍ୱର,୨୧।୨(ବ୍ୟୁରୋ)
ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ୭୮.୬ ପ୍ରତିଶତ ମତଦାନ ହୋଇଛି । ଏ ନେଇ ସୋମବାର ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୁବର୍ଣ୍ଣପୁରରେ ସର୍ବାଧିକ ୮୭.୪୪ ପ୍ରତିଶତ ଭୋଟିଂ ହୋଇଥିବା ବେଳେ ଅନୁଗୋଳରେ ୮୪.୨୪, କୋରାପୁଟରେ ୮୪.୭୮, ବରଗଡ଼ରେ ୮୨.୬୩, ବାଲେଶ୍ୱରରେ ୭୪.୭୨, ବଲାଙ୍ଗୀରରେ ୭୧.୮୩ ପ୍ରତିଶତ ଭୋଟିଂ ହୋଇଛି । ଭଦ୍ରକରେ ୭୭, ବୌଦ୍ଧରେ ୮୧.୩୧, କନ୍ଧମାଳରେ ୮୧.୩୫, କଟକରେ ୭୯.୨୬, ଦେବଗଡ଼ରେ ୭୯.୮, ଢେଙ୍କାନାଳରେ ୮୦.୩୯, ଗଜପତିରେ ୮୨.୭୨, ଗଞ୍ଜାମରେ ୬୬.୭୫, ଜଗତସିଂହପୁରରେ ୭୬ ପ୍ରତିଶତ ମତଦାନ ହୋଇଛି ।ଯାଜପୁରରେ ୭୧, କଳାହାଣ୍ଡିରେ ୭୭.୫୯, କେନ୍ଦ୍ରାପଡ଼ାରେ ୭୨.୨୫, କେନ୍ଦୁଝରରେ ୭୭.୮୯, ଖୋର୍ଦ୍ଧାରେ ୭୬.୪୯, ମାଲକାନଗିରିରେ ୭୬.୬୩, ମୟୂରଭଞ୍ଜରେ ୭୮.୫୩, ନବରଙ୍ଗପୁରରେ ୮୬.୩୩, ନୟାଗଡ଼ରେ ୭୮.୨, ନୂଆପଡ଼ାରେ ୭୮.୨୪, ପୁରୀରେ ୮୦.୧୨, ରାୟଗଡ଼ାରେ ୭୯.୪୪, ସମ୍ବଲପୁରରେ ୮୧.୦୯, ସୁନ୍ଦରଗଡ଼ରେ ୭୫.୪୫ ପ୍ରତିଶତ ମତଦାନ ହୋଇଛି ।

### ୦.୭୨%କୁ ଖସିଲା ସଂକ୍ରମଣ ହାର

ଭୁବନେଶ୍ୱର, ୨୧।୨(ବ୍ୟୁରୋ)
ରାଜ୍ୟରେ କରୋନାର ଦୈନିକ ସଂକ୍ରମଣ ହାର ୧ ପ୍ରତିଶତ ତଳକୁ ଖସିଛି। ଗତ ୨୪ଘଣ୍ଟାରେ ୫୩,୬୯୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୩୮୮ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୦.୭୨%କୁ ଖସିଆସିଛି। ସେପଟେ ୫ ଜିଲାରେ କିନ୍ତୁ ସଂକ୍ରମଣ ହାର ୧ ପ୍ରତିଶତ ଉପରେ ରହିଛି। କଟକ ଜିଲାରେ ସର୍ବାଧିକ ହାର ୨.୧% ଥିବାବେଳେ ଗଜପତି ୨, ଖୋର୍ଦ୍ଧା ୧.୬, ରାୟଗଡ଼ା ୧.୫ ଏବଂ ନୟାଗଡ଼ରେ ୧.୧% ରହିଛି। ଦୀର୍ଘଦିନ ପରେ ରାଜ୍ୟର ଗୋଟିଏ ଜିଲାରୁ ଆଦୌ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ସୋନପୁର ଜିଲାକୁ ଛାଡ଼ି ବାକିସବୁ ଜିଲାରେ ନୂଆ ସଂକ୍ରମିତ ବାହାରିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫୪ଜଣ ରହିଛନ୍ତି। ସେହିଭଳି ଗଜପତିରୁ ୩୦, ସମ୍ବଲପୁର ୨୪, ଯାଜପୁର ୨୩, କଟକ ୨୧, ରାୟଗଡ଼ା ଓ ମୟୂରଭଞ୍ଜରୁ ୨୦ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦ ତଳେ ରହିଛି। ତେବେ ବର୍ତ୍ତମାନ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୨,୮୨,୮୬୯ରେ ପହଞ୍ଚିଛି। ଅପରପକ୍ଷେ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ସକ୍ରିୟ ରୋଗୀ ସଂଖ୍ୟାରେ ରାଜ୍ୟର ସବୁ ଜିଲା ଏବେ ଗ୍ରୀନ୍ ଜୋନ୍‌ରେ ରହିଛି। ସେପଟେ ରାଜ୍ୟରେ ଆଉ ୧୫ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ଜଣ ମହିଳା ଥିବାବେଳେ ୮ଜଣ ପୁରୁଷ ରହିଛନ୍ତି। ସୁନ୍ଦରଗଡ଼ରୁ ସର୍ବାଧିକ ୬ଜଣ ରହିଥିବାବେଳେ ବାଲେଶ୍ୱର, କଟକ ଓ ଖୋର୍ଦ୍ଧାରୁ ୨ଜଣ ଲେଖାଏ ଏବଂ ସମ୍ବଲପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୯,୦୨୬କୁ ବୃଦ୍ଧି ପାଇଛି।

# ଇଭିଏମ୍‌ରେ ରହିବ 'ନୋଟା'

ଭୁବନେଶ୍ୱର,୨୧।୨(ବ୍ୟୁରୋ)




**ଚୂଡ଼ାନ୍ତ ପର୍ଯ୍ୟାୟରେ ପୌର ନିର୍ବାଚନ**
- ମାର୍ଚ୍ଚ ପ୍ରଥମ ସପ୍ତାହରେ ହୋଇପାରେ ଘୋଷଣା
- କର୍ପୋରେଟର/କାଉନ୍‌ସିଲରଙ୍କ ପାଇଁ ଗୋଲାପୀ, ଅଧକ୍ଷ/ମେୟରଙ୍କ ପାଇଁ ହଳଦୀ ରଙ୍ଗର ବାଲଟ

ଆଗାମୀ ପୌର ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ତାରିଖ ଘୋଷଣାକୁ ଅପେକ୍ଷା କରାଯାଇଛି। ପଞ୍ଚାୟତ ନିର୍ବାଚନ ଶେଷ ହେବା ପରେ ଅର୍ଥାତ୍ ମାର୍ଚ୍ଚ ପ୍ରଥମ ସପ୍ତାହରେ ପୌର ନିର୍ବାଚନ ଘୋଷଣା ହେବ ବୋଲି ଜଣାପଡ଼ିଛି। ରାଜ୍ୟର ୧୦୭ ପୌରସଂସ୍ଥା ଓ ୩ ମହାନଗର ନିଗମର ମୋଟ୍ ୪୫୮୪ଟି ବୁଥ୍‌ରେ ଇଭିଏମ୍ ମାଧ୍ୟମରେ ଭୋଟ ଗ୍ରହଣ କରାଯିବ। ପ୍ରଥମଥର ପାଇଁ ପୌର ନିର୍ବାଚନରେ ନୋଟା(ଉପର କାହାରିକୁ ନୁହେଁ) ବ୍ୟବହାର ହେବ। ଶେଷରେ ନୋଟା ବଟନ୍ ରହିବ।

ନିର୍ବାଚନ ମଇଦାନରେ ମନପସନ୍ଦର ପ୍ରାର୍ଥୀ ନ ଥିଲେ ଭୋଟରମାନେ 'ନୋଟା' ବ୍ୟବହାର କରିପାରିବେ। ପୌର ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥ୍‌ରେ ଦୁଇଟି ଲେଖାଏ ଇଭିଏମ୍ ରହିବ। ସେଥିରୁ ଗୋଟିଏ କର୍ପୋରେଟର/କାଉନ୍‌ସିଲର ନିର୍ବାଚନ ପାଇଁ ଓ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। କର୍ପୋରେଟର ଓ କାଉନ୍‌ସିଲର ପ୍ରାର୍ଥୀମାନଙ୍କ ପାଇଁ ଗୋଲାପୀ ରଙ୍ଗର ବାଲଟ୍ ପେପର ଏବଂ ଅଧ୍ୟକ୍ଷ ଓ ମେୟର ପ୍ରାର୍ଥୀଙ୍କ ପାଇଁ ହଳଦିଆ ରଙ୍ଗର ବାଲଟ୍ ପେପର ନିର୍ବାଚନରେ ବ୍ୟବସ୍ଥା କରାଯିବ।

ଏତଦ୍‌ବ୍ୟତୀତ ଭୋଟରମାନଙ୍କ ସୁବିଧା ନିମନ୍ତେ କର୍ପୋରେଟର/କାଉନ୍‌ସିଲର ପ୍ରାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ଇଭିଏମ୍ ଉପରେ ଗୋଲାପୀ ରଙ୍ଗର ଗୋଲ ଷ୍ଟିକର ଓ ଅଧ୍ୟକ୍ଷ/ମେୟର ପ୍ରାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ଇଭିଏମ୍ ଉପରେହଳଦିଆ ରଙ୍ଗର ଗୋଲ ଷ୍ଟିକର ଲଗାଯିବ। ଏହାଦ୍ୱାରା କେଉଁ ପ୍ରାର୍ଥୀଙ୍କୁ କେଉଁ ଇଭିଏମ୍‌ରେ ଭୋଟ ଦେବାକୁ ହେବ, ତାହା ସହଜରେ ଭୋଟରମାନେ ଜାଣିପାରିବେ। ପ୍ରତ୍ୟେକ ବୁଥ୍ ମଧ୍ୟରେ ମତଦାନ କରିବା ନିମନ୍ତେ ଦୁଇଟି ମତଦାନ ପ୍ରକୋଷ୍ଠ ରହିଛି। ପ୍ରଥମେ ଭୋଟରମାନେ ପ୍ରଥମ ପ୍ରକୋଷ୍ଠକୁ ଯାଇ ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ଥିବା ପ୍ରାର୍ଥୀଙ୍କୁ ମତଦାନ କରିସାରି ଦ୍ୱିତୀୟ ପ୍ରକୋଷ୍ଠକୁ ଯିବେ ଓ ସେଠାରେ କର୍ପୋରେଟର/କାଉନ୍‌ସିଲର ପଦବୀ ନିମନ୍ତେ ଥିବା ପ୍ରାର୍ଥୀଙ୍କୁ ମତଦାନ କରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ନିଷ୍ପତ୍ତି ନେଇଛନ୍ତି। ସେହିପରି ପୌର ନିର୍ବାଚନରେ ଦୃଷ୍ଟିହୀନ ଭୋଟରମାନଙ୍କ ପାଇଁ ବ୍ରେଲି ବାଲଟ ପେପର ସୁବିଧା କରାଯାଇଛି। ରାଜ୍ୟର ସମସ୍ତ ଜିଲାରୁ ବଛା ବଛା ମାଷ୍ଟର ଟ୍ରେନରମାନଙ୍କର ୨ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ, ବୁଥ୍ ଓ ଭୋଟର ତାଲିକା ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟକୁ କମିଶନର ଅନୁମୋଦନ କରିସାରିଛନ୍ତି। ପୌର ନିର୍ବାଚନ ନିମନ୍ତେ ସମସ୍ତ ପ୍ରସ୍ତୁତ ଥିବା କମିଶନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବିନା କଟକଣାରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ



ପୁରୀ ଅଫିସ,୨୧।୨

ନୂତନଏସ୍‌ଓପିଅନୁଯାୟୀସୋମବାରଠାରୁ ବିନା କୋଭିଡ୍ ଟିକାକରଣ ପ୍ରମାଣପତ୍ର ଏବଂ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରାୟ ୪୦ ଲକ୍ଷ ଶ୍ରଦ୍ଧାଳୁ ବିନା କଟକଣାରେ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା। ଭକ୍ତମାନେ ମରିଚିକୋଟ ଛକଠାରୁ ଲମ୍ବା ଧାଡ଼ିରେ ଆସି ଶୃଙ୍ଖଳିତ ଭାବେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଉତ୍ତର ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ପ୍ରଶାସନ ପକ୍ଷରୁ ଭକ୍ତଙ୍କ ପାଇଁ ଶୁଦ୍ଧ ପାନୀୟଜଳ ଏବଂ ବରିଷ୍ଠ ନାଗରିକଙ୍କ ଲାଗି ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରାଯାଇଛି। ସପ୍ତାହରେ ୬ଦିନ ଦର୍ଶନ ସୁଯୋଗ ମିଳିବ। ପୂର୍ବଭଳି ରବିବାର ବିଶୋଧନ ଲାଗି ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ମାତ୍ର ସମସ୍ତ ନୀତିକାନ୍ତି ହେବ। ସୂଚନାଯୋଗ୍ୟ, କରୋନା କଟକଣା ଯୋଗୁ ଦୀର୍ଘଦିନ ଧରି ଶ୍ରୀମନ୍ଦିର ବନ୍ଦ ରହିବା ପରେ ୨୦୨୧ ଅଗଷ୍ଟରେ ଖୋଲିଥିଲା। ସେତେବେଳେ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଥିଲା। ଶ୍ରଦ୍ଧାଳୁମାନେ ଆଧାର କାର୍ଡ ଭଳି ପରିଚୟପତ୍ର ସହ କୋଭିଡ୍ ଡବଲ ଡୋଜ୍ ଟିକାକରଣ ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ଟେଷ୍ଟ ନେଗେଟିଭ୍ ରିପୋର୍ଟ ଦେଖାଇ କିଓସ୍କୋ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରୁଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ମାସ୍କ ବ୍ୟବହାର, ହାତ ବିଶୋଧନ ଓ ସାମାଜିକ ଦୂରତା ରକ୍ଷା ପ୍ରଭୃତି ବାଧ୍ୟତାମୂଳକ ରହିଥିଲା।

ଦୂରଦୂରାନ୍ତରୁ ଆସୁଥିବା ଅନେକ ଭକ୍ତ ପ୍ରମାଣପତ୍ର ଦେଖାଇ ନ ପାରି ମନଦୁଃଖରେ ଫେରୁଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ କରୋନା ସଂକ୍ରମଣ ହ୍ରାସ ପାଇବାରୁ କଟକଣା କୋହଳ କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଆସୁଥିଲା।



ଭୁବନେଶ୍ୱର ମିଲିଟାରୀ ଷ୍ଟେଶନ ଓ ଛତିଶଗଡ଼-ଓଡ଼ିଶା ସବ୍ ଏରିଆ(କୋସା)ର କମାଣ୍ଡର ତଥା ସେନା ମେଡାଲ ବ୍ରିଗେଡିୟର ଭିଗ୍ନେଶ ମହାନ୍ତି (ଡାହାଣ) ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ଐତିହ୍ୟ କରିଡର, ଏକାମ୍ର ପ୍ରକଳ୍ପର ସମୀକ୍ଷା

ପୁରୀ ଅଫିସ/ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୨୧।୨(ଡି.ଏନ୍.ଏ.)

**ଓଡ଼ିଶା ଗସ୍ତରେ ଏଏସ୍‌ଆଇ ଡିଜି**



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଏଏସ୍‌ଆଇ ଡିଜି ଭି. ବିଦ୍ୟାବତୀ ଫେରୁଛନ୍ତି।

- ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ପରିଦର୍ଶନ କଲେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ (ଡିଜି) ଭି. ବିଦ୍ୟାବତୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ସୋମବାର ପୁରୀରେ ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପର ମାଷ୍ଟର ପ୍ଲାନ୍ ସମ୍ପର୍କରେ ସମୀକ୍ଷା କରିବା ପରେ ଭୁବନେଶ୍ୱରରେ ଏକାମ୍ର ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି।

ପୂର୍ବାହ୍ନରେ ଏଏସ୍‌ଆଇ ଡିଜି ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ଟାଟା ପାୱାର, ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍‌ଶନ୍ କର୍ପୋରେଶନ (ଓବିସିସି), ପୁରୀ ପୌରପାଳିକା ଏବଂ ଏଏସ୍‌ଆଇର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଏସ୍‌ଆଇ ଡିଜି ବିଦ୍ୟାବତୀ ଐତିହ୍ୟ କରିଡର ପ୍ରକଳ୍ପର ମାଷ୍ଟର ପ୍ଲାନ ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରକଳ୍ପରେ ରହିଥିବା କେତେକ ସମସ୍ୟା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପଶ୍ଚିମଦ୍ୱାର ପରିବର୍ତ୍ତେ ପୂର୍ବଦ୍ୱାର ନିକଟରେ ଭଜନ ମଣ୍ଡପ କରାଯିବାକୁ ସେବାୟତ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ସେହିପରି ଶ୍ରୀମନ୍ଦିର ଭିତରେ ପ୍ରକଳ୍ପକୁ ନେଇ ପରିଚାଳନା କମିଟି ସଦସ୍ୟମାନଙ୍କ ଅନେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ପୂର୍ବରୁ ପ୍ରକଳ୍ପ ସମ୍ପର୍କରେ ଓବିସିସି ପକ୍ଷରୁ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିଲା। ତେଣୁ ଏଏସ୍‌ଆଇ ପକ୍ଷରୁ ଏହି ସମୀକ୍ଷା କରାଯାଇଥିବା ଜଣାପଡ଼ିଛି।

ପରେ ଅପରାହ୍ନ ୩ଟାରେ ଏଏସ୍‌ଆଇ ଡିଜି ଭୁବନେଶ୍ୱର ଗସ୍ତରେ ଆସି ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିଛନ୍ତି। ଏକାମ୍ର ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ଯଥାଶୀଘ୍ର ଏହାକୁ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କିଛିଦିନ ପୂର୍ବରୁ ବିନ୍ଦୁସାଗର ପୋଖରୀ ତଥା ଭବାନୀ ମନ୍ଦିର ନିକଟରେ ଠାବ କରାଯାଇଥିବା ନୂତନ ମନ୍ଦିର ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ସେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିଥିଲେ। ତେବେ ଲିଙ୍ଗ ଫାଟିବା ସହ ଧୀରେ ଧୀରେ ଏହା କ୍ଷୟ ହେଉଥିବା ଜାଣିବା ପରେ ସେ ଏହା ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ଦିର ବ୍ୟତୀତ ଏହାର ଆଖପାଖ ଡ୍ରେନ୍ ସମସ୍ୟାର ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଡିଜି ଭି. ବିଦ୍ୟାବତୀ ଦେବୀ ପାଦହରା ପୁଷ୍କରିଣୀ ସମେତ ମୁକ୍ତେଶ୍ୱର, କେଦାରଗୌରୀ ଆଦି ମନ୍ଦିର ପରିଦର୍ଶନ ମଧ୍ୟ କରିଥିଲେ। ତାଙ୍କ ସହିତ ବିଭାଗୀୟ ନିର୍ଦ୍ଦେଶକ ଏନ୍.କେ. ପାଠକ, ଏଏସ୍‌ଆଇ ଓଡ଼ିଶା ମୁଖ୍ୟ ଅରୁଣ କୁମାର ମଲ୍ଲିକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର, ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ, ସ୍ମାର୍ଟ ସିଟି ଲିମିଟେଡ୍‌ର ଜେନେରାଲ ମ୍ୟାନେଜର କମଲ୍‌ଜିତ୍ ଦାସ, ବଡୁ ନିଯୋଗ ସଭାପତି ଅଞ୍ଚଳ ବଟୁ, ସମ୍ପାଦକ କମଳାକାନ୍ତ ବଟୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଡୁଆରେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ

ନୟାଗଡ଼ ଅଫିସ,୨୧।୨

**୮୦କୋଟି ଟଙ୍କା ଦୁର୍ନୀତି ମାମଲା**
**ଲୋକାୟୁକ୍ତଙ୍କ କାରଣ ଦର୍ଶାଅ ନୋଟିସ**

୮୦ କୋଟି ଟଙ୍କା ଆତ୍ମସାତ୍ ଓ ମିଶନ ଶକ୍ତି ଗୃହ ନିର୍ମାଣରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ମାମଲାରେ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କୁ ସୋମବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଲୋକାୟୁକ୍ତ । ଗୟାଧରଙ୍କ ବିରୋଧରେ କାହିଁକି ଭିଜିଲାନ୍ସ ମାମଲା ରୁଜୁ ହେବ ନାହିଁ ବୋଲି ଲୋକୟୁକ୍ତ ଏହି ନୋଟିସରେ ପ୍ରଶ୍ନ କରିଛନ୍ତି ।

ସୂଚନାଯୋଗ୍ୟ, ଭାପୁର ବ୍ଲକର ତତ୍କାଳୀନ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ନାମରେ ଗୟାଧର ପରିଡ଼ା ଜାଲ୍ ଦସ୍ତଗତ କରି ୮୦ କୋଟି ଟଙ୍କା ଆତ୍ମସାତ୍ କରିଥିବା ସାଂଘାତିକ ଅଭିଯୋଗ ହୋଇଥିଲା । ସେହିପରି ଗୋଟିଏ ରାସ୍ତା ପାଇଁ ୨୧ ଥର ବିଲ୍ ହୋଇଥିଲା । ଏପରି ଅଭିଯୋଗ ପରେ ଗୟାଧରଙ୍କ ଜାଲ୍ ଦସ୍ତଖତର ପ୍ରମାଣ ପାଇଥିଲା ଜିଲା ପ୍ରଶାସନ । ବ୍ଲକର ସେକ୍ସନ ଅଫିସର ଓ କ୍ୟାଶିୟର ଏହି ଦୁର୍ନୀତିରେ ଗୟାଧରଙ୍କୁ ସହଯୋଗ କରିଥିବା ତଦନ୍ତ ବେଳେ ଜଣା ପଡିଥିଲା । ଏହାପରେ ବି କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଉକ୍ତ ମାମଲା ଲୋକାୟୁକ୍ତରେ ପହଞ୍ଚିଥିଲା ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ସଦର,୨୧।୨(ଡି.ଏନ୍.ଏ.)

କିଶନ ନଗର ଥାନା ଅନ୍ତର୍ଗତ ନାନପୁର ଗ୍ରାମରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ରଞ୍ଜନ ସେଠୀ (୩୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରବିବାର ରାତିରେ ରଞ୍ଜନ ଖାଇସାରି ଶୋଇଥିଲେ। ହେଲେ ସକାଳୁ ସେ ରୁମ୍‌ରୁ ବାହାରି ନ ଥିଲେ। ପରିବାର ଲୋକ ବାରମ୍ବାର ଡାକିଥିଲେ ମଧ୍ୟ ନ ଶୁଣିବାରୁ ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଖୋଲିବା ବେଳେ ରଞ୍ଜନ ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜେଲ

ବ୍ରହ୍ମପୁର ଅଫିସ,୨୧।୨

**ଦିନକ ପରେ ଝିଅ ବାହାଘର**

ଦିନକ ପରେ ଅର୍ଥାତ୍ ଆସନ୍ତା ବୁଧବାର ଝିଅ ବାହାଘର ନିର୍ଦ୍ଧାରିତ ହୋଇଛି। ଅନ୍ୟପଟେ ତାଙ୍କ ବାପା ଅନ୍ୟ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ରହୁଥିବା ଅଭି ପ୍ରଧାନ (୪୮)। ପୋଲିସ ସୋମବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଏମ୍‌କେସିଜିରେ ଡାକ୍ତରୀ ମାଇନା ପରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ମାମଲା ନଂ.୩୬/୨୨ରେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ପୀଡ଼ିତା ବିବାହିତା ହୋଇଥିବା ବେଳେ ତାଙ୍କର ଏକ ପୁତ୍ରସନ୍ତାନ ରହିଛି। ସେ ଭଞ୍ଜନଗର ଅଞ୍ଚଳରେ ରହୁଥିଲେ। ଅନ୍ୟପଟେ ପୀଡ଼ିତା ଜଣେ ଭଲ ଗାୟିକା। ସେ ବିଭିନ୍ନ ଅପେରା ଓ ନାଟକରେ ଗୀତ ଗାଇଥାନ୍ତି। କୌଶଳକ୍ରମେ ଅଭି ଉକ୍ତ ମହିଳାଙ୍କୁ ପ୍ରଲୋଭନ ଦେଖାଇ ବ୍ରହ୍ମପୁର ଆଣିଥିଲେ। ସେ ରହୁଥିବା ସାହିରେ ଏକ ଘରଭଡା ନେଇ ସେଠାରେ ତାଙ୍କୁ ରଖିଥିଲେ। ପରେ ପୀଡ଼ିତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଅଭି ବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ତୋର ଏକମାତ୍ର ପୁଅକୁ ଜୀବନରେ ମାରିଦେବାକୁ ଅଭି ପୀଡ଼ିତାଙ୍କୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ରବିବାର ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଗିରଫ ଅଭିଯୁକ୍ତ ଅଭି ପ୍ରଧାନ।

# ୬ ମହିଳାଙ୍କ ସମେତ ୧୧ କୋର୍ଟ ଚାଲାଣ

ଯାଜପୁର ଟାଉନ/ବିଞ୍ଝାରପୁର/ସିଂହପୁର,୨୧।୨(ଡି.ଏନ.ଏ.)




ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

**ଖବରଦାତା ଆକ୍ରମଣ ଘଟଣା**
- ପୋଲିସକୁ ଆକ୍ରମଣ ଘଟଣାରେ ୩ ଗିରଫ
- ଯାଜପୁର ଜିଲାରୁ ମୋଟ୍ ୪୨ ଗିରଫ

ରବିବାର ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତରେ ଘଟିଥିବା ଖବରଦାତାଙ୍କୁ ମାଡ଼ ଓ ଜରି ପଞ୍ଚାୟତରେ ପୋଲିସକୁ ଆକ୍ରମଣ ଘଟଣାରେ ପୋଲିସ ୬ଜଣ ମହିଳାଙ୍କ ସମେତ୧୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବାଛୋଳ ପଞ୍ଚାୟତ ବାମଦେବପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାକେଶ ମଲ୍ଲିକ, ନିରଞ୍ଜନ ମଲ୍ଲିକ. ଚନ୍ଦ୍ରମଣି ମଲ୍ଲିକ, ନବକିଶୋର ମଲ୍ଲିକ, ଲଲାଟେନ୍ଦୁ ମଲ୍ଲିକ, ସାବିତ୍ରୀ ମଲ୍ଲିକ,ରିନୁ ମଲ୍ଲିକ, କବିତା ମଲ୍ଲିକ, ଲିପି ମଲ୍ଲିକ, ଭାନୁମତି ମଲ୍ଲିକ, ଟିକିଲି ମଲ୍ଲିକ । ସେହିପରି ବିଞ୍ଝାରପୁର ବ୍ଲକର ଜରି ପଞ୍ଚାୟତରେ ପୋଲିସକୁ ଆକ୍ରମଣ ଘଟଣାରେ ବିଞ୍ଝାରପୁର ପୋଲିସ ଏକ ମାମଲା(ନଂ.୧୨୭/୨୨) ରୁଜୁ କରି ପ୍ରଶାନ୍ତ ମଲ୍ଲିକ, ଆଲୋକ ମଲ୍ଲିକ, ଯାଦବ ଜେନାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ରବିବାର ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତରେ ଭୋଟ୍ ଗ୍ରହଣ ଚାଲିଥିଲା ବେଳେ ବୁଥ୍‌କୁ ଜବରଦଖଲ କରାଯାଇଥିଲା । ଏ ସଂକ୍ରାନ୍ତରେ ଖବର ସଂଗ୍ରହ କରିବାକୁ ଯାଇଥିବା ଅର୍ଗସ୍ ନ୍ୟୁଜ୍‌ର ଗୁଲସାହାନୱାଜ ଅଲ୍ଲି ଖାନ, କନକ ନ୍ୟୁଜ୍‌ର ବିଜୟ ସାହୁ, କଳିଙ୍ଗ ଟିଭିର ଦେବାଶିଷ ସାହୁ ଏବଂ ଓଡ଼ିଶା ସମ୍ବାଦର ହିମାଂଶୁ ପାଢ଼ୀଙ୍କୁ ଅଭିଯୁକ୍ତମାନେ ନିସ୍ତୁକ ମାଡ଼ ମାରିବା ସହିତ ଭୋଟ ବାକ୍ସ ଲୁଟି ନେଇଥିଲେ । ବାଛୋଳ ଗ୍ରାପର ବୁଥ୍ ନଂ. ୨, ୩ ,୬ ରେ ଏହି ଘଟଣା ଘଟିଥିଲା । ବିଞ୍ଝାରପୁର ଥାନା ପୋଲିସ ଏକ ସଂକ୍ରାନ୍ତରେ ଏକ ମାମଲା(ନଂ. ୧୨୬/୨୨) ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା । ସୂଚନାଯୋଗ୍ୟ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ରିଗିଂ ଓ ବୁଥ୍ ଜବରଦଖଲ ଘଟଣାରେ ପୋଲିସ ସୋମବାର ସୁଦ୍ଧା ୪୨ ଜଣଙ୍କୁ ଗିରଫ କରିଛି । ପୂର୍ବରୁ ୨୮ଜଣ ଗିରଫ ହୋଇଥିଲେ ଓ ପରେ ଆଉ ୧୪ ଜଣଙ୍କୁ ସୋମବାର ଗିରଫ କରାଯାଇଛି । ଏପରି ହିଂସାକୁ ଦୃଷ୍ଟିରେ ରଖି ଆଗାମୀ ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଲାଗି ବ୍ୟାପକ ଫୋର୍ସ ମୁତୟନ କରାଯିବ ବୋଲି ଯାଜପୁର ଏସ୍‌ପି ରାହୁଲ ପିଆର କହିଛନ୍ତି ।

## ଛାତ୍ରୀଙ୍କୁ ଅପହରଣ ଅଟୋ ଚାଳକ ଗିରଫ

ବ୍ରହ୍ମପୁର ଅଫିସ,୨୧।୨

ଅପହରଣର ଶିକାର ହୋଇଥିବା ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ବିଜିପୁର ଅଞ୍ଚଳରୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଅଟୋ ଚାଳକ ଯୁଦାନନ୍ଦ ଦାସ ଓରଫ ବିଶିକେଶନ। ଅପହରଣରେ ବ୍ୟବହାର ହୋଇଥିବା ଏକ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ ଧାରା ୧୬୪ ଅନୁସାରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ମାମଲା ନମ୍ବର ୪୫/୨୨ ରେ ଅଭିଯୁକ୍ତଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ପ୍ରକାଶ ଯେ, ଗତ ୧୮ ତାରିଖରେ ଜଣୈକା ନାବାଳିକା ଛାତ୍ରୀ ସ୍କୁଲକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଛାତ୍ରୀ ଜଣଙ୍କ ଘରକୁ ନ ଫେରିବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରି ନିରାଶ ପରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ସମ୍ମାନ ମିଳିଛି, ସାମ୍ବିଧାନିକ ସ୍ୱୀକୃତି ନାହିଁ

**ବଲାଙ୍ଗୀର ଅଫିସ, ୨୧।୨**



ବିଶ୍ୱ ମାତୃଭାଷା ଦିବସ ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

**କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ମାତୃଭାଷା ଦିବସ**

- ମାତୃଭାଷା ଦିବସରେ ଏକଜୁଟ୍ ହେଲେ ତିନି ପଦ୍ମଶ୍ରୀ
- କୋସଲୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି ଦୋହରାଇଲେ
- ପ୍ରାଥମିକ ସ୍କୁଲରୁ କୋସଲୀ ଭାଷାରେ ପାଠ ପଢ଼ାଇବା ଉପରେ ଜୋର୍

କୋସଲୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ବିଶ୍ୱସ୍ତରରେ ସମ୍ମାନ ଓ ଆଦର ମିଳୁଛି। ବିଭିନ୍ନ ଭାଷାରେ ଅନୁବାଦ କରାଯାଉଛି। ଖୋଦ୍ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଭାଷାର କବି, ଲୋକଙ୍କୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରୁଛନ୍ତି। କିନ୍ତୁ କୋସଲାଞ୍ଚଳର ୨ କୋଟି ଲୋକ କହୁଥିବା କୋସଲୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେଉନାହାନ୍ତି। ଏହା ହିଁ ଚରମ ବିଡ଼ମ୍ବନା। ଏଣୁ ଯଥାଶୀଘ୍ର କୋସଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସୋମବାର ବିଶ୍ୱ ମାତୃଭାଷା ଦିବସ ଅବସରରେ ଅନୁଷ୍ଠିତ ସଭାରେ କୋସଲାଞ୍ଚଳର ତିନି ପଦ୍ମଶ୍ରୀ ତଥା ମୂର୍ଦ୍ଧନ୍ୟ କବି, ଲେଖକ, ଗବେଷକ ଓ ଭାଷାକର୍ମୀମାନେ ଦାବି କରିଛନ୍ତି।

କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଏବଂ କୋସଲ ହେରିଟେଜ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକାଡେମୀ ସଭାପତି ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଲୋକ କବିରତ୍ନ ହଳଧର ନାଗ, ପଦ୍ମଶ୍ରୀ ମନୋନୀତ ଗବେଷକ ନରସିଂହ ପ୍ରସାଦ ଗୁରୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଭାଷାକର୍ମୀ ରାମଭକ୍ତ ଫରିକାର, ସାକେତ ଶ୍ରୀଭୂଷଣ ସାହୁ, ବୀରେନ୍ଦ୍ର କୁମାର ଝାଙ୍କର, ପ୍ରାଧାପିକା ମୀନା କୁମାରୀ ମହାରଣା ମଞ୍ଚାସୀନ ହୋଇଥିଲେ। ଏକାଡେମୀ ମହାସଚିବ ଗୋରେଖନାଥ ସାହୁଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ନାଗ କହିଥିଲେ ଯେ, କୋସଲୀ ଭାଷାକୁ ରାଜ୍ୟ ବାହାରେ ତଥା ଦେଶ ବିଦେଶରେ ଆଦର କରାଯାଉଛି। ଏହି ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା କରାଯାଉଛି। ବିଶ୍ୱସ୍ତରୀୟ ସ୍ୱୀକୃତି ମିଳିସାରିଥିବାରୁ ସାମ୍ବିଧାନିକ ସ୍ୱୀକୃତି ପାଇଁ କାହାକୁ ନମୋ ନମୋ କରିବା ଅନାବଶ୍ୟକ। ପଦ୍ମଶ୍ରୀ ଗୁରୁ କହିଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାର କୋସଲୀ ଭାଷାର ସାହିତ୍ୟିକ, କବି ଓ ଗବେଷକଙ୍କୁ ପୁରସ୍କୃତ ଏବଂ ସମ୍ମାନିତ କରୁଛନ୍ତି। ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ବିନା ଏହାର ଅର୍ଥ କ'ଣ ବୋଲି ସେ କହିଥିଲେ। ନାଟ୍ୟଭୂଷଣ ଛୁରିଆ ତାଙ୍କ ବକ୍ତବ୍ୟରେ କୋସଲୀ ଭାଷାର ନାଟକ କିଭଳି ଯୁଗାନ୍ତକାରୀ ଓ ସାମାଜିକ ସଂସ୍କାରରେ ବିପ୍ଳବ ଆଣିଦେଇଛି ତାହା କହିଥିଲେ। ପଦ୍ମଶ୍ରୀ ଉଦ୍‌ଗାତା ତାଙ୍କ ବକ୍ତବ୍ୟରେ କୋସଲୀ ଭାଷାକୁ ମର୍ଯ୍ୟାଦା ମିଳିଛି, ଏବେ ସାମ୍ବିଧାନିକ ସ୍ୱୀକୃତି ଆବଶ୍ୟକ ବୋଲି କହିଥିଲେ। ସାକେତ ସାହୁ ପ୍ରାଥମିକ ବିଦ୍ୟାଳୟରୁ କୋସଲୀ ଭାଷାରେ ପାଠପଢ଼ା ଉପରେ ଜୋର୍ ଦେଇଥିଲେ। ପରିସ୍ଥିତି ଏଭଳି ହେବାକୁ ଯାଉଛି ଯେ, କୋସଲୀ ଭାଷାକୁ ସରକାର ସାମ୍ବିଧାନିକ ମାନ୍ୟତା ଦେବାକୁ ବାଧ ହୋଇଯିବେ ବୋଲି ଅନ୍ୟତମ ବକ୍ତା ଫରିକାର ଓ ଝାଙ୍କର କହିଥିଲେ। ଅନ୍ୟତମ ଅତିଥି ମହାରଣା ମାତୃଭାଷାରେ ନାରୀମାନଙ୍କ ଭୂମିକା ଉପରେ କହିଥିଲେ। ଗବେଷିକା ସୀମାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି ଜିଲାର ଭାଷାକର୍ମୀ, ସାହିତ୍ୟିକ ଓ ଗବେଷକ ଯୋଗଦାନ କରିଥିଲେ।

## ବିଜେଡି ହିଂସା, ଅଶାନ୍ତ ବାତାବରଣ ସୃଷ୍ଟିକାରୀ: ଭାଜପା

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

ଚଳିତ ପଞ୍ଚାୟତ ନିର୍ବାଚନରେ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ହିଂସା ମୂଳରେ ବିଜେଡି ରହିଛି ବୋଲି ଭାଜପା ଅଭିଯୋଗ କରିଛି। ଏନେଇ ଅନେକଥର ରାଜ୍ୟ ନିର୍ବାଚନ କମିଶନ ଓ ପୋଲିସ ଡିଜିଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ସୋମବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଚଳିତ ନିର୍ବାଚନରେ ଗଞ୍ଜାମ ଜିଲା ଚିକିଟିରେ ଘଟିଥିବା ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଛନ୍ତି। ଗତ ଶୁକ୍ରବାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ, ଗୋପିନାଥପୁର ପଞ୍ଚାୟତ ହଳଦିଆ ଗ୍ରାମର ୧୦,୧୧,୧୨,୧୩ ନମ୍ବର ବୁଥ୍ ରିଗିଂ ସମୟର ଖବର ପ୍ରସାରଣ କରୁଥିବା ମହିଳା ଖବାରଦାତାଙ୍କୁ ଅଶ୍ଳୀଳଗାଳି ଓ ମାଡ ମରାଯାଇଥିଲା। ଘଟଣାର ୩ଦିନ ବିତିଯାଇଥିଲେ ସୁଦ୍ଧା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ । ପୁଣି ରବିବାର ଯାଜପୁର ଜିଲା ବିଞ୍ଝାରପୁର ଖବରଦାତାଙ୍କୁ ଆକ୍ରମଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ଘଟଣାରେ ୬-୭ଜଣ ସମ୍ପୃକ୍ତି ନେଇ ଭିଡିଓ ଭାଇରାଲ ହୋଇଥିବାବେଳେ ଗ୍ରାମବାସୀଙ୍କୁ ଗିରଫ କରି ଅଭିଯୁକ୍ତଙ୍କୁ ଖସାଇ ଦେବାର ବିରାଟ ଷଡ଼ଯନ୍ତ୍ର ରଚାଯାଇଛି। ଅପରପକ୍ଷେ ହିଂସା ଓ ଅଶାନ୍ତ ବାତାବରଣ ସୃଷ୍ଟିକାରୀଙ୍କୁ ନିଜ ଦଳରେ ପ୍ରାଧାନ୍ୟ ଦେଇ ରାଜ୍ୟରେ ଅରାଜକତାକୁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି ବୋଲି ମହାପାତ୍ର କହିଛନ୍ତି। ରାଜ୍ୟରେ ନିର୍ବାଚନୀ ହିଂସା, ସାମ୍ବାଦିକ ଓ ସାଧାରଣ ଭୋଟରଙ୍କ ପ୍ରତି ହେଉଥିବା ଆକ୍ରମଣ ଘଟଣା ପ୍ରତି ଗୁରୁତ୍ୱ ଦେବା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାପାତ୍ର ଦାବି କରିଛନ୍ତି। ତେବେ ଭାଜପାର ଏପରି ଅଭିଯୋଗ ସଂକ୍ରାନ୍ତରେ ବିଜେଡି ପକ୍ଷରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ଡାଲମା ଖାଇ ନବୋଦୟ ବିଦ୍ୟାଳୟର ୭ ଛାତ୍ରୀ ଅସୁସ୍ଥ

**କୋରାପୁଟ,୨୧।୨(ସ୍ୱ.ପ୍ର.)**

କୋରାପୁଟସ୍ଥିତ ନବୋଦୟ ବିଦ୍ୟାଳୟରେ ରବିବାର ରାତିରେ ସକାଳ ଡାଲମା ଖାଇ ୭ ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି, ଛାତ୍ରୀନିବାସରେ ସମ୍ପୃକ୍ତା ଛାତ୍ରୀମାନେ ରାତିରେ ଭାତ ସହ ଡାଲମା ଖାଇଥିଲେ। ପରେ ସେମାନଙ୍କ ପେଟ ମୋଡି ହୋଇ ବାନ୍ତି ହୋଇଥିଲା। ଏହି ଖବର ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ତୁରନ୍ତ କୋରାପୁଟ ମେଡିକାଲ କଲେଜରେ ବିଳମ୍ବିତ ରାତିରେ ଭର୍ତ୍ତି କରିଥିଲେ। ଜରୁରୀ ୱାର୍ଡରେ ସେମାନଙ୍କୁ ଚିକିତ୍ସା କରାଯାଇଥିଲା । ପରେ ଛାତ୍ରୀମାନେ ସୁସ୍ଥ ଅନୁଭବ କରିବାରୁ ସେମାନଙ୍କୁ ବିଦ୍ୟାଳୟକୁ ପଠାଯାଇଥିଲା ବୋଲି ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି। ଅସୁସ୍ଥ ଛାତ୍ରୀମାନଙ୍କ ବୟସ ୧୩ରୁ ୧୪ ବର୍ଷ ହେବ। ଏନେଇ କେତେଜଣ ଛାତ୍ରୀଙ୍କୁ ପଚାରିବାରୁ ସକାଳର ଡାଲମା ଖାଇ ସେମାନେ ଅସୁସ୍ଥ ହୋଇ ପଡିଥିଲେ ବୋଲି ପ୍ରକାଶ କରିଛନ୍ତି।

## କାହା ସ୍ୱାର୍ଥରେ କୋର୍ଟ ବାହାରେ ସମାଧାନ

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

**ପ୍ରଭୁ ଲିଙ୍ଗରାଜଙ୍କ ଜମି ବିବାଦ ଘଟଣା**

ନବୀନ ନିବାସକୁ ଲାଗି ଭୀମପୁରା ମୌଜାରେ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରାୟ ୩ ଏକର ଜମିରେ ବହୁରାଷ୍ଟ୍ରୀୟ କମ୍ପାନୀ ହୋଟେଲ କରିବା ଘଟଣାକୁ ନେଇ ବିବାଦ ଲାଗି ରହିଥିବାବେଳେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପକୁ ନେଇ କଂଗ୍ରେସ ଅଭିଯୋଗ ଉଠାଇଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ଶିବାନନ୍ଦ ରାୟ କହିଛନ୍ତି, ସରକାର କାହିଁକି ଏହି ଜମି ବିବାଦରେ ଆପୋସ ସମାଧାନ ଚାହିଁଲେ। ଉକ୍ତ ଜମିକୁ ବିକ୍ରି କରିବା ଆଇନସିଦ୍ଧ ନୁହେଁ। କିନ୍ତୁ ସରକାର ବିକ୍ରି ଓ ଖରିଦ କାରବାରରେ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କୁ ଅହେତୁକ ଅନୁକମ୍ପା ଦେଖେଇଛନ୍ତି। ଓଡ଼ିଶା ହିନ୍ଦୁ, ଦେବଦେବୀ ସମ୍ପର୍କିତ ଆଇନ ୧୯୫୧ ଧାରା ୧୯ ଅନୁସାରେ ଯଦି ପ୍ରଭୁ ଲିଙ୍ଗରାଜ ଟ୍ରଷ୍ଟବୋର୍ଡ କୌଣସି ସମ୍ପତ୍ତିକୁ ଲିଜ୍ ଦେବାପାଇଁ ଚାହାନ୍ତି ତାହାହେଲେ ଦେବୋତ୍ତର କମିଶନରଙ୍କୁ ଏ ବାବଦରେ ଜଣାଇବା ଆବଶ୍ୟକ। ଏହି ନିୟମ ଅନୁସାରେ, କମିଶନର ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ଲିଜ୍ ଦେଇପାରିବେ। କିନ୍ତୁ ଏହି ହୋଟେଲକୁ କେତେବର୍ଷ ପାଇଁ ଲିଜ୍ ଦିଆଯାଇଛି ? ଏହି ବିବାଦ ନ୍ୟାୟାଳୟରେ ବିଚାରାଧୀନ ଥିବାବେଳେ କାହା ସ୍ୱାର୍ଥକୁ ପୂରଣ କରିବାପାଇଁ ସରକାର କୋର୍ଟ ବାହାରେ ଆପୋସ ସମାଧାନ ପାଇଁ ଆବେଦନ କରିଥିଲେ ବୋଲି ରାୟ ପ୍ରଶ୍ନ କରିଛନ୍ତି। ସେହିପରି ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ କହିଛନ୍ତି, ଭୀମପୁରା ମୌଜାର ଏହି ଜମିଟି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ ମାତ୍ର କିଛି ଶହ ମିଟର ଦୂରରେ ରହିଛି। ଏହି ଅଞ୍ଚଳରେ ଅନ୍ୟ ବାସିନ୍ଦାଙ୍କୁ ଦ୍ୱିତୀୟ ମହଲା ଘର କରିବା ପାଇଁ ବିଡିଏ ଅନୁମତି ଦେଉ ନ ଥିଲାବେଳେ ଏବେ ବହୁତଳ ହୋଟେଲ ପାଇଁ କିଏ କାହିଁକି ଓ କାହା ସ୍ୱାର୍ଥରେ ଅନୁମତି ପ୍ରଦାନ କରିଛନ୍ତି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସେବାବୃତ୍ତି ନିମନ୍ତେ ସେବାୟତଙ୍କୁ ଦିଆଯାଇଥିବା ଜମିରୁ ନାମ କାଟି ଦିଆଯାଇଥିବାବେଳେ କିଭଳି ଏହାକୁ ବ୍ୟବସାୟିକ ଅନୁଷ୍ଠାନକୁ ହସ୍ତାନ୍ତର କରାଗଲା। ଘଟଣାରେ ସରକାର ଖୋଦ ମୁଖ୍ୟମନ୍ତ୍ରୀ ନିଜେ ମୁହଁ ଖୋଲନ୍ତୁ। ତତ୍‌ସହିତ ସେବାୟତଙ୍କୁ ସେବାବୃତ୍ତି ନିମନ୍ତେ ଦିଆଯାଇଥିବା ଜମିକୁ ତାଙ୍କ ମାର୍ଫତରେ ରଖାଯାଉ। ଏଥିପାଇଁ ସରକାର ସୁପ୍ରିମକୋର୍ଟରେ ଆବେଦନ କରନ୍ତୁ ବୋଲି ପିସିସି ପକ୍ଷରୁ ଦାବି କରାଯାଇଛି।

## ଭଲ ପାଇବା ନାଁରେ ଆସାମ ଯୁବତୀଙ୍କୁ ପ୍ରତାରଣା

### ଗିରଫ ପରେ ଜାମିନ

**ଜୁନାଗଡ,୨୧।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର ଜଣେ ଯୁବକ ଆସାମର ରାହା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇବା ନାଁରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀ ଜଣକ ସ୍ଥାନୀୟ ଥାନାରେ ଏତଲା ଦେବା ପରେ ଆସାମ ପୋଲିସ ସୋମବାର ଜୁନାଗଡ ଆସି ସମ୍ପୃକ୍ତ ଯୁବକ ପ୍ରଶାନ୍ତ ସାହୁ (୪୮)ଙ୍କୁ ଗିରଫ କରିଥିଲା। ପରେ ପ୍ରଶାନ୍ତଙ୍କୁ ଟ୍ରାନ୍‌ଜିଟ୍‌ରେ ନେବା ପାଇଁ ପ୍ରଥମେ ଧର୍ମଗଡ ଉପଜିଲାପାଳ ପରେ ଭବାନୀପାଟଣାସ୍ଥିତ ସିଜେଏମ୍ କୋର୍ଟରେ ପ୍ରାର୍ଥନା କରିଥିଲା। ସିଜେଏମ୍ ଏହାକୁ ମନା କରି ଜୁନାଗଡ ଜେଏମ୍‌ଏଫସି କୋର୍ଟରେ ହାଜର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଘଟଣାର ବିଚାର କରି ଜୁନାଗଡ ଜେଏମ୍‌ଏଫସି କୋର୍ଟ ବିଚାରପତି ସିଙ୍କୁନ ରାୟ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଜାମିନ ମଞ୍ଜୁର କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ସହରର ପ୍ରଶାନ୍ତ ରାହା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇ ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପ୍ରଶାନ୍ତ ସମ୍ପୃକ୍ତା ଯୁବତୀଙ୍କ ସହ ସୋସିଆଲ ମିଡିଆରେ ଅଶ୍ଳୀଳ ଚାଟ କରିବା ସହ ତାଙ୍କ ଫଟୋ ଭାଇରାଲ କରିଥିବା ସ୍ଥାନୀୟ ପୋଲିସଠାରୁ ଜଣାପଡିଛି। ପରେ ଯୁବତୀ ଜଣକ ସ୍ଥାନୀୟ ଥାନାରେ ପ୍ରଶାନ୍ତଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଆସାମ ପୋଲିସ ଏକ ମାମଲା (୪୧୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହିକ୍ରମରେ ଆସାମ ପୋଲିସ ସୋମବାର ଜୁନାଗଡ ଆସି ସ୍ଥାନୀୟ ପୋଲିସ ସହାୟତାରେ ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ପ୍ରଶାନ୍ତଙ୍କ ନାମରେ ଆଇଟି ଆକ୍ଟରେ ୬୭, ୬୭(ଏ), ଆଇପିସି ଦଫା ୪୯୪, ୨୯୪, ୫୦୬ ରୁଜୁ ହୋଇଥିବା ଜଣାପଡିଛି।

## ନିର୍ବାଚନ କମିଶନ, ଡିଜିପିଙ୍କୁ ଫେରାଦ ହେଲା କଂଗ୍ରେସ

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ଅଦ୍ୟାବଧି ନିରପେକ୍ଷ, ଅବାଧ, ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ହୋଇପାରିଲା ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ଆଗାମୀ ପର୍ଯ୍ୟାୟ ଯେପରି ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ହେବ ସେନେଇ ସୋମବାର କଂଗ୍ରେସ ଉଭୟ ରାଜ୍ୟ ନିର୍ବାଚନ ଆୟୋଗ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ପଦ୍ମାକର ଗୁରୁଙ୍କ ନେତୃତ୍ୱରେ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରବିବାର ଯାଜପୁର ଜିଲା ଅନ୍ତର୍ଗତ ବିଞ୍ଝାରପୁର ବ୍ଲକରେ ବାଛୋଳ ଗ୍ରାମ ପଞ୍ଚାୟତ ଅଧିନସ୍ଥ ୯ ଓ ୧୦ ନମ୍ବର ବୁଥରେ ବୁଥରେ ର୍‌ୟାଗିଂ କରି ଓ ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। କିନ୍ତୁ ନିରୀହ ଓ ଆକ୍ରମଣରେ ସମ୍ପୃକ୍ତ ନ ଥିବା ଜନସାଧାରଣଙ୍କୁ ପଚାରଯିବା ଆଳରେ ସେମାନେ ଯେପରି ଦଣ୍ଡିତ ନ ହୁଅନ୍ତୁ। ସେଥିପ୍ରତି ଯାଜପୁର ଜିଲା ପ୍ରଶାସନ ଓ ବିଞ୍ଝାରପୁର ବ୍ଲକ ପ୍ରଶାସନ ଯତ୍ନଶୀଳ ହେବାକୁ ଉଭୟ ଆୟୋଗ ଓ ପୋଲିସ ମହା ନିର୍ଦ୍ଦେଶକ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବିପତ୍ର ଅବଗତ କରାଯାଇଥିଲା। ଉକ୍ତ ପ୍ରତିନିଧି ମଣ୍ଡଳୀରେ ପଦ୍ମାକର ଗୁରୁଙ୍କ ସମେତ ଏଆଇସିସି ସଦସ୍ୟ ହଳଧର ସେଠୀ, ରାଜ୍ୟ କଂଗ୍ରେସ ଆଇନ ବିଭାଗ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ କର, ପିସିସି ସଂପାଦକ ସନ୍ତୋଷ ନନ୍ଦ, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଡିଜିପିଙ୍କୁ ଭେଟିଲା ଉତ୍କଳ ସାମ୍ବାଦିକ ସଂଘ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ରାଜ୍ୟରେ କ୍ରମାଗତ ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଇଛି। ଚଳିତ ନିର୍ବାଚନରେ ମଧ୍ୟ ଖବର ସଂଗ୍ରହ କରୁଥିବାବେଳେ ଏକାଧିକ ସ୍ଥାନରେ ଖବରଦାତାମାନେ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ଉତ୍କଳ ସାମ୍ବାଦିକ ସଂଘ ଉଦ୍‌ବେଗ ପ୍ରକାଶ କରିବା ସହ ସୋମବାର ପୋଲିସ ଡିଜି ସୁନୀଲ କୁମାର ବଂଶଲଙ୍କୁ ଭେଟିଛି। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ଡିଜିପିଙ୍କ ସହ ଆଲୋଚନା କରିବା ସହ ସାମ୍ବାଦିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଡିଜିଙ୍କୁ ଜଣାଇଥିଲେ ଯେ, କେବଳ ନିର୍ବାଚନ ସମୟରେ ନୁହେଁ, ବିଗତ କିଛି ବର୍ଷ ହେବ ରାଜ୍ୟରେ ସାମ୍ବାଦିକମାନେ କ୍ରମାଗତ ଆକ୍ରମଣର ଶିକାର ହେଉଛନ୍ତି। କେତେକ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ତାହା ଦୃଢ଼ ଓ ଦୃଷ୍ଟାନ୍ତମୂଳକ ନ ହେଉଥିବାରୁ ଆକ୍ରମଣକାରୀଙ୍କ ମନୋବଳ ବୃଦ୍ଧି ପାଉଛି। ଅନେକସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମିଥ୍ୟା ମକଦ୍ଦମାରେ ଛନ୍ଦି ଦିଆଯାଉଛି। ଏହା ମୁକ୍ତ ଓ ଅବାଧ ସାମ୍ବାଦିକତା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ତେବେ ଆଲୋଚନା ସମୟରେ ଡିଜି ଦୃଢ଼ ଗଣତନ୍ତ୍ର ପାଇଁ ଭୟମୁକ୍ତ ସାମ୍ବାଦିକତାର ଗୁରୁତ୍ୱକୁ ଦୋହରାଇବା ସହ ଯାଜପୁର ଜିଲା ବିଞ୍ଝାରପୁରରେ ହୋଇଥିବା ଆକ୍ରମଣ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ପ୍ରତି ପୋଲିସ ଆଗକୁ ଅଧିକ ସମ୍ବେଦନଶୀଳ ହେବ ବୋଲି ଡିଜି ପ୍ରକାଶ କରିଛନ୍ତି। ଏହି ଆଲୋଚନା ବେଳେ ସଂଘର ଭୁବନେଶ୍ୱର ସାଂଗଠନିକ ଜିଲା ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଜାତୀୟ ପରିଷଦ ସଦସ୍ୟ ବୈଷ୍ଣବ ଚରଣ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିମଳ ଭଞ୍ଜଦେଓ, ଅଶୋକ ସାହୁ, ଲିଙ୍ଗରାଜ ସାହୁ, ଭୁବନେଶ୍ୱର ସଂଘର ସଂଗଠନ ସମ୍ପାଦକ ଜିତେନ୍ଦ୍ର କୁମାର ମହାନ୍ତି, ସଞ୍ଜୟ କୁମାର ଜେନା, ମନୋରଞ୍ଜନ ମିଶ୍ର, ସତ୍ୟଜିତ୍ ସେଣ, ପ୍ରକାଶ ସାହୁ, ଦିନବନ୍ଧୁ ଖିଲାର, ବିକ୍ରମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ ସୋମବାର ଡିଜିପିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ସରପଞ୍ଚ ପ୍ରାର୍ଥୀଙ୍କ ସମେତ ୮ ଗିରଫ

### ଦାମ ରାଉତଙ୍କ କାର୍ ଭଙ୍ଗାରୁଜା ଘଟଣା

**କୁଜଙ୍ଗ/ରାହାମା,୨୧।୨(ଡି.ଏନ୍.ଏ.)**

ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ କାର୍‌କୁ ଭଙ୍ଗାରୁଜା କରିବା ଘଟଣାରେ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ପୋଲିସ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ସମେତ ୮ ଜଣଙ୍କୁ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସରୋଜ କୁମାର ସେଠୀ, ଅମିୟ ପାତ୍ର, ସୁଶାନ୍ତ ନାୟକ, ଦେବାଶିଷ ପାତ୍ର, ଅନିରୁଦ୍ଧ ଖୁଣ୍ଟିଆ, ରମାକାନ୍ତ ବରାଳ, ବିବେକ ଦାସ ଓ ସୁଧାଂଶୁ ଶେଖର ସାମଲ। ପୋଲିସ ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଦାମ ତାଙ୍କ କାର୍ (ଓଆର-୦୨-ବିଡି୦୧୫୧ )ରେ ନିଜ ଗାଁ ଏରସମା ବ୍ଲକ ଅନ୍ତର୍ଗତ ମଲ୍ଲିପୁରାକୁ ଯାଉଥିଲେ। କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖଦେଇ କାର୍ ଗଲାବେଳେ ସରପଞ୍ଚ ପ୍ରାର୍ଥୀ ସରୋଜ ଓ ତାଙ୍କ ସମର୍ଥକମାନେ ଏକ ଶୋଭାଯାତ୍ରା କରୁଥିଲେ । ଏହା ଦେଖି ଦାମଙ୍କ ଗାଡ଼ି ଚାଳକ କାର୍ ସାଇଡ କରିଥିଲେ। ମାତ୍ର ସରୋଜଙ୍କ କେତେଜଣ ସମର୍ଥକ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ଦାମଙ୍କ କାର୍ କାଚ, ବର୍ନେଟ ଭାଙ୍ଗି ଯାଇଥିଲା। ଏନେଇ ଦାମ କୁଜଙ୍ଗ ବିଡିଓ ତଥା ନିର୍ବାଚନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କୁଜଙ୍ଗ ନିର୍ବାଚନ ଅଧିକାରୀ ଥାନାକୁ ଜଣାଇବାରେ ପୋଲିସ ପକ୍ଷରୁ ମାମଲା (ନଂ.୧୨୬/୨୨) ରୁଜୁ କରାଯାଇଛି।

## ସ୍ୱାଭିମାନ ଅଞ୍ଚଳରୁ ମାଓବାଦୀ ସାମଗ୍ରୀ ଜବତ

**ମାଲକାନଗିରି,୨୧।୨(ଡି.ଏନ.ଏ.)**

ଆସନ୍ତା ୨୪ରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ଏପରି କ୍ଷେତ୍ରରେ ମାଓବାଦୀଙ୍କ ସମ୍ଭାବ୍ୟ ହିଂସାକାଣ୍ଡ ଓ ଆକ୍ରମଣ ରୋକିବାକୁ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରି ସଫଳ ହୋଇଛି। ଉକ୍ତ ଅଞ୍ଚଳରେ ଗତ କିଛିଦିନ ହେବ ବିଏସ୍‌ଏଫ୍, ଡିବିଏଫ୍ ଓ ଏସ୍‌ଓଜି ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଓଜି ଓ ଡିବିଏଫ ସୀମାନ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରଖିଛନ୍ତି। ପୋଲିସ ଉପରେ ଆକ୍ରମଣ ଯୋଜନା କରି ମାଓବାଦୀମାନେ ବିପୁଳ ପରିମାଣର ବିସ୍ଫୋରକ ଓ ବନ୍ଧୁକ ଜୋଡାମ୍ବ ଥାନା ଅନ୍ତର୍ଗତ ଯନ୍ତ୍ରୀ ପଞ୍ଚାୟତର ନାଡମେଞ୍ଜାରି ନିକଟ ଜଙ୍ଗଲରେ ଗଚ୍ଛିତ ରଖିଥିବା ଖବର ପାଇ ଚଢାଉ କରାଯାଇଥିଲା। ଏଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ଟିଫିନ୍ ବୋମା, ପ୍ରେସର ବୋମା, ଡିଟନେଟର, ୱାକିଟକି, ବୋମା ଗଚ୍ଛିତ ରଖିବା କଣ୍ଟେନର, ବିଦ୍ୟୁତ୍ ତାର, ହାତୁଡି, ରିମୋଟ କଣ୍ଟ୍ରୋଲ, ମୋବାଇଲ ଚାର୍ଜର, ବ୍ୟାଟେରି ଆଦି ସାମଗ୍ରୀ ପୋଲିସ ଜବତ କରିଥିବା ମାଲକାନଗିରି ଏସ୍.ପି. ନୀତୀଶ ୱାଧାନି ସୂଚନା ଦେଇଛନ୍ତି।



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

## ପ୍ରେମୀଯୁଗଳଙ୍କ ମୃତଦେହ ଜବତ

**ମାଲକାନଗିରି/କାଲିମେଳା,୨୧।୨(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ କନାଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ସୋମବାର ପ୍ରେମୀ ଯୁଗଳଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ଜଣକ ପଡିଆ ବ୍ଲକ ସିମିଳିବାଞ୍ଚା ପଞ୍ଚାୟତ ଏମପିଭି-୪୯ ଗ୍ରାମର ଖୋକନ ବୈରାଗୀଙ୍କ ପୁଅ ଗୁରୁଦାସ ବୈରାଗୀ (୨୧) ହୋଇଥିବା ବେଳେ ଯୁବତୀ ଜଣକ ଚିତ୍ରାଙ୍ଗପାଲି ପଞ୍ଚାୟତ ଅନ୍ତର୍ଗତ ଏମଭି-୫୪ ଗ୍ରାମର ବୋଲି ଜଣାପଡିଛି । ଯୁବତୀ ଜଣକ ରବିବାର ରାତି ସାଢେ ୮ଟାରୁ ଘରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜିକରିଥିଲେ ମଧ୍ୟ ପାଇ ନ ଥିଲେ ବୋଲି ତାଙ୍କ ମାମୁ ଏମଭି-୫୪ ଗ୍ରାମର ଶ୍ରୀବାସ ମାଝି କହିଛନ୍ତି। କନାଗୁଡା ଗ୍ରାମର କେତେ ଜଣ ଲୋକ ଏକ ଗଛରେ ଯୁବତୀଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି କାଲିମେଳା ଥାନାରେ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ମହାମନ୍ତ୍ର ଲେଖି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ

**ସିମୁଳିଆ, ୨୧।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ପଣ୍ଡୁ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ପ୍ରଭାସଚନ୍ଦ୍ର ଗିରି (୬୭) ୩ହଜାର ଘଣ୍ଟାରେ ୬ହଜାର ପୃଷ୍ଠାରେ ୧ଲକ୍ଷ ୯୪ହଜାର ୫୨୪ ଥର 'ଓଁ ନମୋ ଭଗବତେ ବାସୁଦେବାୟ' ଲେଖି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ-୨୦୨୨'ରେ ସ୍ଥାନ ପାଇଛନ୍ତି । ଗତ ୨୦୧୩ରେ ଖଇରା ବ୍ଲକର କୁରୁଣ୍ଟା ହାଇସ୍କୁଲରୁ ଶିକ୍ଷକ ପ୍ରଭାସଚନ୍ଦ୍ର ଅବସର ନେଇଥିଲେ। ଗତ ୧।୧।୨୧ରୁ ୭।୧୨।୨୧ ପର୍ଯ୍ୟନ୍ତ ସେ ଏହି ମହାମନ୍ତ୍ର ଲେଖା ଆରମ୍ଭ କରିଥିଲେ। ପରେ ସେ ନିଜର ଲେଖାଗୁଡ଼ିକୁ ସ୍କାନିଂ କରି ରେକର୍ଡ୍ସକୁ ପଠାଇଥିଲେ। ପ୍ରତ୍ୟେକ ଦିନ ସେ ୭ରୁ ୧୧ଘଣ୍ଟା ଏହି ଲେଖା ପାଇଁ ସମୟ ଦେଇଥିବାରୁ ସେ ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ଏଥିପାଇଁ ତାଙ୍କୁ ଏକ ମେଡାଲ ସହିତ ବ୍ୟାଜ୍, ବହି ଓ କଲମ ଉପହାର ମିଳିଛି। ଆଧ୍ୟାତ୍ମିକ ଦିଗରେ ସ୍ଥିର ଚିତ୍ତ ହେଲେ ଜଣେ ଭଲ ମଣିଷ ହୋଇପାରିବା ଲକ୍ଷ୍ୟ ନେଇ ତାଙ୍କ ବାପା ଏହି ମହାମନ୍ତ୍ର ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିବା ପ୍ରଭାସ କୁହନ୍ତି। ତେବେ ପୂର୍ବରୁ ମଧ୍ୟ ସେ ୭ଲକ୍ଷ ଥର ଏହି ମହାମନ୍ତ୍ର ଲେଖିଥିଲେ ହେଁ ଏହାକୁ ପଠାଇ ନ ଥିଲେ। ଶିକ୍ଷକତା ସହିତ ୫ଖଣ୍ଡ ନାଟକ, ୩ଖଣ୍ଡ କାବ୍ୟ, ୨ଖଣ୍ଡ କବିତା ସଂକଳନ, ୫ଖଣ୍ଡ ଶିଶୁ କବିତା ସଂକଳନ ସହିତ ଖଣ୍ଡିଏ ଉପନ୍ୟାସ ମଧ୍ୟ ସେ ଲେଖିଛନ୍ତି। ଏଥିପାଇଁ ତାଙ୍କୁ ୨୦୦୮ରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ 'ଆଦର୍ଶ ଶିକ୍ଷକ' ସମ୍ମାନ, ୨୦୦୯ରେ ଖୋର୍ଦ୍ଧାରେ 'ମେଘ ମହ୍ଲାର' ସମ୍ମାନ, ୨୦୧୨ରେ ଖଇରା ପ୍ରତିଭା ପରିବାର ପକ୍ଷରୁ 'ଆଦର୍ଶ ଶିକ୍ଷକ' ସମ୍ମାନ ଓ ପଦ୍ମଲୋଚନ ପାଠାଗାର-ପାଖର ପକ୍ଷରୁ 'ସାରସ୍ୱତ' ସମ୍ମାନ, ୨୦୧୩ ତ୍ରୟୋଦଶ ରାଜ୍ୟସ୍ତରୀୟ ସାମାରୋହରେ 'କୁଞ୍ଜକଳିକା ସାରସ୍ୱତ' ସମ୍ମାନ, ୨୦୧୪ରେ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ପକ୍ଷରୁ 'ବ୍ୟାସକବି ଫକୀରମୋହନ ବାଣୀ ଭୂଷଣ' ସମ୍ମାନ, ୨୦୧୬ରେ ରାଷ୍ଟ୍ରୀୟ କିଷାନ ପରିବାର ପକ୍ଷରୁ 'ସବୁଜ ସାହିତ୍ୟ ରତ୍ନ' ସମ୍ମାନ ଆଦି ୨୦ଟି ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ତେବେ ୧୯୭୫ରେ କଲେଜ ପଢ଼ିବା ସମୟରୁ ଲେଖାଲେଖି ପ୍ରତି ଆଗ୍ରହୀ ହୋଇଥିବା ଶିକ୍ଷକ ପ୍ରଭାସ ଗିନିଜ ବୁକ୍‌ରେ ସ୍ଥାନ ପାଇବା ପାଇଁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ।




ମେଡାଲ ସହ ପ୍ରଭାସଚନ୍ଦ୍ର ଗିରି।



ସୋମବାର କଳିଙ୍ଗ ଷ୍ଟାଡିୟମ ଗସ୍ତ ଅବସରରେ ଭାରତୀୟ ମହିଳା ହକି ଟିମ୍ ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଆତ୍ମହରା ହେଲେ ମନୀଷା

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

ମନୀଷା ନାୟକ । ସ୍ପୋର୍ଟସ ଓଡ଼ିଶା ଟିମ୍‌ର ୧୮ ବର୍ଷୀୟା ଫୁଟବଲ ଖେଳାଳି। ଅନେକ ସ୍ୱପ୍ନ ନେଇ ଓଡ଼ିଶା ମହିଳା ଲିଗ୍ ମ୍ୟାଚରେ ଖେଳିବାର ଆଶା ରଖି ଆସିଥିଲେ। କିନ୍ତୁ ରାଇଜିଂ ଷ୍ଟୁଡେଣ୍ଟ୍ସ ଟିମ୍ ସହିତ ଥିବା ମ୍ୟାଚ ପୂର୍ବରୁ ତାଙ୍କ ଆଣ୍ଠୁରେ ଆଘାତ ଲାଗିଲା। ଖେଳିବାର ସୁଯୋଗ ହରାଇଲେ। ମନ ଦୁଃଖରେ ଏକ ଚୌକିରେ ବସି ତାଙ୍କ ଟିମ୍ ମ୍ୟାଚକୁ ଦେଖୁଥାନ୍ତି। ସେ ଜାଣି ନ ଥିଲେ ଯେ ଏହି ସାମୟିକ ଆଘାତ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ କଥାବାର୍ତ୍ତା ହେବାର ଏକ ଅପୂର୍ବ ସୁଯୋଗ ଆଣିଦେବ। ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧା, ଆଶ୍ୱାସନା ସହିତ ତାଙ୍କଠାରୁ ପ୍ରେରଣାଦାୟୀ ଶବ୍ଦ ଶୁଣିବାକୁ ମିଳିବ। ବାସ୍ତବରେ ମନୀଷାଙ୍କ ଏହି ସାମୟିକ ଦୁଃଖ ମୁଖ୍ୟମନ୍ତ୍ରୀଙ୍କ ସହିତ ଏକ ଭାବବିହ୍ୱଳ ମୁହୂର୍ତ୍ତର ସୁଯୋଗ ଆଣି ଦେଇଥିଲା। ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖି ସେ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ତାଙ୍କର ସବୁ ଦୁଃଖ ମିଳେଇଯାଇଥିଲା । ଖୁସିରେ ସେ ଆଗାମୀ ମ୍ୟାଚ ଖେଳିବା ପାଇଁ ଦୃଢ଼ ମନୋବଳ ରଖି ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ନିର୍ମାଣର ଅଗ୍ରଗତି ସମୀକ୍ଷା ପାଇଁ ଆସିଥିବା ବେଳେ ସେଠାରେ ଚାଲିଥିବା ମହିଳା ଫୁଟ୍‌ବଲ ଲିଗ୍ ମ୍ୟାଚ ଦେଖିବା ପାଇଁ କିଛି ସମୟ ଅଟକି ଯାଇଥିଲେ। ଏହି ସମୟରେ ସେ ଦୁଃଖରେ ଭାଙ୍ଗି ପଡ଼ିଥିବା ମନୀଷାଙ୍କୁ ଦେଖିଲେ। ତାଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ଯାଇ ତାଙ୍କୁ ଆଶ୍ୱାସନା ଦେଇଥିଲେ। ମନ ଦୁଃଖ ନ କରି ଚିକିତ୍ସା ଓ ପ୍ରସ୍ତୁତି ଜାରି ରଖି ଆଗାମୀ ମ୍ୟାଚ ଖେଳିବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ଛାତ୍ରୀ ବର୍ତ୍ତମାନ ୧୮ ବର୍ଷରୁ କମ୍ ଖେଳୋ ଇଣ୍ଡିଆ ଫୁଟବ୍‌ଲ କ୍ୟାମ୍ପରେ ରହି ଖେଳ ଅଭ୍ୟାସ ଜାରି ରଖିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆହତ ମନୀଷା ନାୟକ।

# ଭୁବନେଶ୍ୱରରେ ପହଞ୍ଚିଲା ସ୍ପେନ୍ ଦଳ

**ଭୁବନେଶ୍ୱର, ୨୧।୨ (ପି.ଟି.)**

ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟୀ ଭାରତ ସହିତ ଦୁଇ ଲେଗ୍ ବିଶିଷ୍ଟ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବା ଲାଗି ସ୍ପେନ ପୁରୁଷ ହକି ଦଳ ସୋମବାର ଭୁବନେଶ୍ୱରରେ ପହଞ୍ଚିଛି। ମ୍ୟାଚ ଦୁଇଟି ଫେବୃୟାରୀ ୨୬ ଓ ୨୭ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଚଳିତମାସ ପ୍ରାରମ୍ଭରେ ବିଶ୍ୱର ୯ନମ୍ବର ମାନ୍ୟତାପ୍ରାପ୍ତ ସ୍ପେନ୍ ଦଳ ଇଂଲଣ୍ଡ ବିପକ୍ଷରେ ଏହାର ଉଭୟ ମ୍ୟାଚରେ ପରାଜିତ ହୋଇଛି। ଏହି ପ୍ରୋ ଲିଗ୍ ସିଜନରେ ଦଳ ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଦଳର ମୁଖ୍ୟ କୋଚ୍ ମାକ୍ସ କାଲ୍‌ଡାସ କହିଛନ୍ତି, ଇଂଲଣ୍ଡ ବିପକ୍ଷ ପରାଜୟ ପାଇଁ ଆମେ ସେତେଟା ଚିନ୍ତିତ ନୋହୁ। ଆମେ ଏଇ ମାତ୍ର ଆରମ୍ଭ କରିଛୁ ଏବଂ ଏପର୍ଯ୍ୟନ୍ତ ମାତ୍ର ୨ଟି ମ୍ୟାଚ ଖେଳିଛୁ। ତେଣୁ ବର୍ତ୍ତମାନ ବିଜୟ ଅବା ପରାଜୟକୁ ସେତେଟା ଗୁରୁତ୍ୱ ଦେଉନାହୁଁ। ଭାରତ ବିପକ୍ଷରେ ଆମେ ଆମର ନିଜସ୍ୱ ଷ୍ଟାଇଲ ଖେଳ ଖେଳିବାକୁ ଚେଷ୍ଟା କରିବୁ। ସ୍ପେନ୍ ଅଧିନାୟକ ମାର୍କ ମିରାଲେସ କହିଛନ୍ତି ପ୍ରାରମ୍ଭିକ ପରାଜୟରୁ ଆମେ ଅନେକ କିଛି ଶିକ୍ଷା ଲାଭ କରିପାରିଛୁ। ଦଳରେ ରହିଥିବା କେତୋଟି ଦୋଷ ଦୁର୍ବଳତାରେ ସୁଧାର ଆଣିବାରେ ଚେଷ୍ଟା କରିଛୁ। ପ୍ରୋ-ଲିଗ୍ ସିଜନରେ ଯଥା ଶୀଘ୍ର ପ୍ରଥମ ବିଜୟ ହାସଲ କରିବାକୁ ଚେଷ୍ଟା କରିବୁ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଏହା ମଧ୍ୟରେ ଖେଳିସାରିଥିବା ୪ଟି ମ୍ୟାଚରେ ୩ଟିରେ ବିଜୟ ହାସଲ କରିସାରିଛି। ଦଳ ନିଜ ମାଟିରେ ଏହି ସିଜନର ଏହାର ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛି।



ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଭୁବନେଶ୍ୱରରେ ପହଞ୍ଚିଥିବା ସ୍ପେନ୍ ପୁରୁଷ ହକି ଦଳ।

# ଓଡ଼ିଶାକୁ ହରାଇଲା ବେଙ୍ଗାଲୁରୁ ଏଫ୍‌ସି

**ବାମ୍ବୋଲିମ୍, ୨୧।୨ (ପି.ଟି.):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ସୋମବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୨-୧ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଏଥିସହିତ ଦଳ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ରହିଥିବା କେରଳ ବ୍ଲାଷ୍ଟର୍ସ ପଛକୁ ୫ମ ସ୍ଥାନକୁ ଉନ୍ନୀତ ହେବା ସହ ସେମିଫାଇନାଲ ପ୍ରବେଶ ଆଶାକୁ ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ କ୍ରମାଗତ ୩ଟି ମ୍ୟାଚରେ ବିଜୟ ହାସଲ ନ କରି ପାରିବା ଦ୍ୱାରା ଓଡ଼ିଶା ଦଳର ସେମିଫାଇନାଲ ଆଶାକୁ ଶକ୍ତ ଧକ୍କା ଲାଗିଛି। ଖେଳର ୮ମ ମିନିଟ୍‌ରେ ନନ୍ଦକୁମାର ସେକର ଏକ ଲୁଜ୍ ବଲକୁ ସ୍କୋର କରି ଓଡ଼ିଶା ଏଫ୍‌ସିକୁ ୧-୦ରେ ଅଗ୍ରଣୀ କରାଇଥିଲେ। ବିପକ୍ଷ ଦଳର ଡାନିଶ ଫାରୁକ୍ (୩୧ତମ ମିନିଟ୍) ହେଡର ଜରିଆରେ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ବେଙ୍ଗାଲୁରୁ ତରଫରୁ ଦ୍ୱିତୀୟ ଗୋଲ୍ କ୍ଲିଟନ ସିଲ୍‌ଭା (୪୯ତମ) ଦ୍ୱିତୀୟାର୍ଦ୍ଧରେ ପେନାଲ୍ଟି ସ୍ପଟ୍‌ରୁ ଦେଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ଗୁରୁବାର ତିଳକ ମଇଦାନ ଷ୍ଟାଡିୟମରେ ଏଟିକେ ମୋହନବାଗାନ ବିପକ୍ଷରେ ଖେଳିବ।

# ୟୁପି ଯୋଦ୍ଧା, ବେଙ୍ଗାଲୁରୁ ବୁଲ୍ସ ସେମିରେ

**ବେଙ୍ଗାଲୁରୁ, ୨୧।୨ (ପି.ଟି.):** ୟୁପି ଯୋଦ୍ଧା ଓ ବେଙ୍ଗାଲୁରୁ ବୁଲ୍ସ ସୋମବାର ସେମାନଙ୍କ ଏଲିମିନେଟର ମ୍ୟାଚଗୁଡ଼ିକରେ ବିଜୟ ହାସଲ କରି ପ୍ରୋ କବାଡ଼ି ଲିଗ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଏଲିମିନେଟରରେ ୟୁପି ଯୋଦ୍ଧା ୪୨-୩୧ରେ ପୁନେରୀ ପଲ୍‌ଟନଙ୍କୁ ଏବଂ ପରେ ଦ୍ୱିତୀୟ ଏଲିମିନେଟରରେ ବେଙ୍ଗାଲୁରୁ ବୁଲ୍ସ ୪୯-୨୯ରେ ଗୁଜରାଟ ଜିଆଣ୍ଟ୍ସଙ୍କୁ ପରାସ୍ତ କରି ସେମିଫାଇନାଲରେ ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି। ବୁଧବାର ସେମିଫାଇନାଲରେ ୟୁପି ଯୋଦ୍ଧା ଲିଗ୍ ଟେବୁଲ ଟପ୍ପର ପାଟଣା ପାଇରେଟ୍ସକୁ ଭେଟିବାକୁ ଥିବାବେଳେ ବେଙ୍ଗାଲୁରୁ ବୁଲ୍ସ ଦବଙ୍ଗ ଦିଲ୍ଲୀ ସହ ମୁକାବିଲା କରିବ। ପ୍ରଦୀପ ନରୱାଲଙ୍କୁ କାହିଁକି 'ପ୍ଲେଅଫ୍ କିଙ୍ଗ' କୁହାଯାଇଥାଏ ତାହା ସେ ପୁଣି ପ୍ରମାଣିତ କରି ଦେଖାଇଛନ୍ତି। ପୁନେରୀ ପଲ୍‌ଟନ ବିପକ୍ଷ ବିଜୟରେ ସେ ୟୁପି ଯୋଦ୍ଧା ଦଳ ପକ୍ଷରୁ ୧୮ପଏଣ୍ଟ ସ୍କୋର କରିଥିଲେ।

# ଦୀପ୍‌ଗ୍ରେସ୍ ଏକ୍କା ଉପ ଅଧିନାୟିକା

**ନୂଆଦିଲ୍ଲୀ, ୨୧।୨ (ପି.ଟି.)**

ଭୁବନେଶ୍ୱରରେ ଚଳିତ ମାସରେ ସ୍ପେନ ବିପକ୍ଷରେ ଖେଳାଯିବାକୁ ଥିବା ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ମ୍ୟାଚ ପାଇଁ ସୋମବାର ପୁରୁଖା ଗୋଲକିପର ସବିତାଙ୍କୁ ୨୨ଜଣିଆ ଭାରତୀୟ ଦଳର ଅଧିନାୟିକା ଭାବେ ମନୋନୀତ କରାଯାଇଛି।

ଓଡ଼ିଶାର ଦୀପ୍‌ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ବେଙ୍ଗାଲୁରୁରେ ଆଘାତପ୍ରାପ୍ତ ନିୟମିତ ଅଧିନାୟିକା ରାଣୀ ରାମପାଲ ଏପର୍ଯ୍ୟନ୍ତ ଫିଟ୍ ହୋଇ ନାହାନ୍ତି। ତାଙ୍କ ସ୍ଥାନରେ ସବିତା ପୂର୍ବଭଳି ଦଳର କାମଚଳା ନେତୃତ୍ୱ ନେବେ। ଫେବୃୟାରୀ ୨୬ ଓ ୨୭ରେ ସ୍ପେନ ବିପକ୍ଷରେ ଖେଳାଯିବାକୁ ଥିବା ଦୁଇ ଲିଗ୍ ବିଶିଷ୍ଟ ମ୍ୟାଚରେ ଡିଫେଣ୍ଡର ଦୀପଗ୍ରେସ୍ ଏକ୍କା ଉପ ଅଧିନାୟିକା ଭାବେ କାର୍ଯ୍ୟ ସମ୍ପାଦନ କରିବେ। ସବିତାଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଗତ ମାସରେ ଓମାନର ମସ୍କାଟଠାରେ ଅନୁଷ୍ଠିତ ଏସିଆ କପ୍‌ରେ ତୃତୀୟ ହୋଇଥିଲା। ୨୨ଜଣିଆ ଦଳରେ ଜଣେ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ସେ ହେଲେ ଝାଡ଼ଖଣ୍ଡ ଫରୱାର୍ଡ ସଙ୍ଗୀତା କୁମାରୀ। ସେ ଆସନ୍ତା ମ୍ୟାଚରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିବେ। ଦଳରେ ୩ ଗୋଲକିପର ସବିତା, ରଜନୀ ଏଟିମାର୍ପୁ ଓ ବିଚ୍ଛୁ ଦେବୀ ଖୈରବାମ୍‌ଙ୍କୁ ସାମିଲ କରାଯାଇଛି। ଏସିଆକପ୍ ଦଳରୁ ଭାରତୀୟ ଦଳରେ ୪ ଖେଳାଳି ଯୋଗ ଦେଇଛନ୍ତି। ବିଚ୍ଛୁ ଦେବୀଙ୍କ ବ୍ୟତୀତ ଅନ୍ୟ ୩ ଅତିରିକ୍ତ ଖେଳାଳି ହେଲେ ଡିଫେଣ୍ଡର ଇଶିକା ଚୌଧୁରୀ, ମିଡ୍ ଫିଲ୍ଡର ନମିତା ଟପ୍ପୋ, ଷ୍ଟ୍ରାଇକର ଦ୍ୱୟ ସଙ୍ଗୀତା ଓ ରାଜଓ୍ୱିନ୍ଦର କୌର। ଡବଲ ହେଡର ପାଇଁ ହକି ଇଣ୍ଡିଆର ଚୟନକର୍ତ୍ତାମାନେ ୫ ଷ୍ଟାଣ୍ଡିଂ ଖେଳାଳି ମନୋନୀତ କରିଛନ୍ତି। ସେମାନେ ହେଲେ ରଶ୍ମିତା ମିଞ୍ଜ୍, ଅକ୍ଷତା ଆବାସୋ ଢେକାଲେ, ସୋନିକା, ମାରିଆନା କୁଜୁର ଓ ଐଶ୍ୱର୍ଯ୍ୟା ରାଜେଶ ଚୌହାନ। ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପ୍‌ମାନ କହିଛନ୍ତି, ସ୍ପେନ ବିପକ୍ଷ ମ୍ୟାଚ ଖେଳିବା ପାଇଁ ଆମେ ଉତ୍ସାହିତ ଅଛୁ।

**ଏଫ୍ଆଇଏଚ୍ ପ୍ରୋ-ଲିଗ୍**

ଓମାନରୁ ଫେରିବା ପରେ ଆମେ ଦୁଇ ସପ୍ତାହ ଧରି ଭଲରୂପେ ଟ୍ରେନିଂ ନେଇଛୁ। ମନୋନୀତ ୨୨ ଖେଳାଳି ସ୍ପେନ ବିପକ୍ଷରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ଅପେକ୍ଷାରେ ଅଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ଦୁଇ ଖେଳାଳି ଦୀପଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।





**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଜଗତସିଂହପୁର ଏ.ଡ଼ି.ବି
ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଫୋନ୍ ନଂ.: ୦୬୭୨୪-୨୨୦୦୬୦
ଫ୍ୟାକ୍ସ ନଂ.: ୦୬୭୨୪-୨୨୧୩୬୦, ଇ-ମେଲ ଆଇଡି: sbi.03943@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୩.୦୩.୨୦୨୨ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୩.୦୩.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ : ଶ୍ରୀମତୀ ଶାନ୍ତିଲତା ନାଏକ, ସ୍ୱାମୀ: ଶ୍ରୀ ଅନନ୍ତ କୁମାର ନାଏକ ଏବଂ ଶ୍ରୀ ଅନନ୍ତ କୁମାର ନାଏକ, ପିତା: ରାମ ନାଏକ, ସାଂ: କ୍ୱାର୍ଟର ନଂ.: ଆଇଭିଆର୍-୨୫୫, ୟୁନିଟ୍-୬, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଶ୍ରୀମତୀ ଶାନ୍ତିଲତା ନାଏକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଇଚ୍ଛାପୁର, ଥାନା: ବାଲିକୁଦା, ଏସଆରଓ: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୧୦୭୬/୧୩୩, ପ୍ଲଟ ନଂ.: ୯୦୫, କ୍ଷେତ୍ର: ଏକର ୦.୦୮ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: କାର୍ତ୍ତିକ ନାଏକ, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ରେମଲତା ନାଏକ | ୨୧.୧୧.୨୦୧୭ ସୁଦ୍ଧା ଟ.୧୦,୨୫,୯୪୪/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୧.୧୧.୨୦୧୭ | ଟ.୧୧,୮୨,୦୦୦/- / ଟ. ୧,୧୮,୨୦୦/- / ଟ. ୩୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୧.୦୩.୨୦୨୨, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ବିଦ୍ୟାଧର ସାହୁ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୦୬୪୭୧୬

ସ୍ଥାନ : ଜଗତ୍‌ସିଂହପୁର, ତାରିଖ : ୨୧.୦୨.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Telefax No.: 06762-226717
e-mail Id: dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2022-23 OF DHENKANAL DIVISION**

No. MM-364: The tender for supply of Animal Feed items to Kapilash Zoo for the year 2022-23 is invited from intending persons/firms. The tender will be received till 12.00 P.M. of 04.03.2022 by Post and to be opened on 07.03.2022 at 03.30 P.M. in Divisional Forest Office, Dhenkanal. For detail particulars, the undersigned may be contacted during office hours.

Sd./- Divisional Forest Officer
Dhenkanal Division
OIPR-08037/11/0016/2122



**OFFICE OF THE SUPERINTENDENT S.C.B. MEDICAL COLLEGE & HOSPITAL, CUTTACK**
Email ID: scbsuperintendent@gmail.com
Ph.: 0671-2414080, Mob.: 9437026080
Letter No. 4551/SCBMCH Dt.19.02.2022

**TENDER CALL NOTICE**
**(For Local Transportation of Bulk Medicinal Gas Cylinders)**

No. E-291: Sealed tenders in two bid systems (Technical & Financial) separately are invited from intending Local Transport Agencies/ Individuals for transportation of Bulk Medicinal Gas Cylinders (Empty & Full) to-and-fro i.e. from the Central Store and different medicinal gas plants vice-versa of this hospital in different locations as detailed hereunder for a period of one year ony. The mode of carriage could be from motorized means manual/Trolley Rickshaw or by any means. In various convenient places the medicinal gas refilling gas agencies' vehicle will drop filled-in cylinders and pick-up the empty ones from there. In rest of the places local transporting agencies will conduct the work of transportation. The composite rate from point to point transportation of cylinders may be quoted. The bidders should furnish their technical and financial proposal in two separate envelopes superscribed with "TENDER FOR LOCAL TRANSPORTATION OF BULK MEDICINAL GAS CYLINDERS". The tender should reach at the office of the undersigned through Registered Post/Speed Post only. The last date of receipt of tender paper will be 4 weeks by 3.00 P.M. from the date of publication in the Newspaper. Tender documents containing details of the General Terms and Conditions can be had from the Central Store on all working days between 10 A.M. to 5 P.M. on submission of Xerox copy of money receipt of a non-refundable amount of Rs.2000/- (Rupees two thousand) only deposited at the Accounts Section of the office of the undersigned. The bidders may also download the same from the website **www.scbmch.nic.in** & can submit the bid with a sum of Rs.2000/- (Rupees two thousand) only in shape of DD in favour of the Superintendent, SCB Medical College Hospital, Cuttack at any Nationalized Bank, towards the cost of tender paper.

**Medicinal Gas Deport located in different Deptt.**
**1.** O & G, **2.** Surgery, **3.** Neurosurgery, **4.** Pulmonary Medicine, **5.** Medicine, **6.** Truma (Backside of Truma Casuality) **7.** Cardiology, **8.** Dental Building (OMFS), **9.** COVID-19 Ward, **10.** Any other place as and when requried.

Sd./- Superintendent
OIPR-10011/11/0035/2122 SCB Medical College Hospital, Cuttack



**DISPLAY CLASSIFIED**
COLOR INSERTIONS EVERY FRIDAY.
Monthly Package :
26 B/W + 4 Color Insertions.



**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
DSCWD-PPG-PRONG-0005-2021-1030/SC&WD, DATED 08.02.2022

**ORDER**

**No.L-128:** WHEREAS, a disciplinary proceeding was drawn up under Rule-15 of DCS (CC&A) Rules, 1962 against Sri Bhabesh Kumar Das, Ex-JSCA re-designated as Soil Conservation Extension Worker, office of the erstwhile ASCO, Baripada merged with the office of the Deputy Director, Soil Conservation-cum-Project Director, Watersheds, Mayurbhanj, Baripada vide this office Memorandum N0.4826/SC&WD., dt.20.08.2016 in the matter of long unauthorized absence from Govt. duty i.e. for more than 12 (Twelve) years in violation of Rule-72 of DCS.

AND WHEREAS, Smt. Tapaswini Das, W/o Bhabesh Kumar Das received the charges on dt.09.11.2016 and the written statement of defence had not been received within the stipulated period.

AND WHEREAS, Sri Arun Kumar Das, Deputy Director, Soil Conservation-cum-Project Director, Watersheds, Keonjhar was appointed as Inquiring Officer vide this office order N0.7279/SC&WD., dt.07.12.2016 to enquire into the charges leveled against him and submit his inquiry report and findings to this office.

AND WHEREAS, the Inquiring Officer on completion of inquiry submitted the inquiry report on dt.28.08.2019.

AND WHEREAS, as per provision contained under Rule-15 (10) (i) (a) of OCS (CC&A) Rules, 1962, he was called upon to submit his representation if any on the inquiry report and findings of Inquiring Officer vide this office Notice NO.583/SC&WD., dt.29.01.2019.

AND WHEREAS, the Notice No.1399 dt.19.02.2021 along with enquiry report of DDSC-cum-PD, W/s, Keonjhar dated 28.08.2019 were published in two leading daily local Odia newspapers i.e. "The Dharitri" & "The Pragatibadi" on dt.26.06.2021 as he was absconding as well as non-submission of representation in the stipulated time period.

AND WHEREAS, after careful consideration of the charges leveled against him and evidence on record as well as the views of the Inquiring Officer i.e. (i) Dismiss the delinquent from Govt. service as the Un-authorized absence exceeds 5 years and (ii) The personal claims as admissible as per rule may be released in favour of his wife, as per Rule-15 (7) of OCS (Pension) Rules, 1992, the Disciplinary Authority after due application of mind is of the opinion that as per Rule-72 of Odisha Service Code the delinquent Sri Bhabesh Kumar Das, SCEW (absconding) to be removed from Govt. service & the absconding period to be treated as un-authorized absence.

AND WHEREAS, as per the provision contained under Rule-15 (10) (i) (b) of OCS (CC&A) Rules, 1962, he was called upon to submit his representation if any on the proposed punishment of the Disciplinary Authority vide this Directorate Notice NO.8769/SC&WD., dt.20.11.2021 by publishing the same in two leading daily local Odia newspapers i.e. in "The Samaj" in Cuttack edition on dt.22.12.2021 & in Balasore edition on dt.23.12.2021 and in "The Sambad" dt.22.12.2021 due to his absconding i.e.

1. Removal from Govt. service.
2. The absconding period be treated as un-authorized absence.

AND WHEREAS, he did not submit his show cause reply on the tentative punishment within the stipulated time period as reported vide letter No.142 dt.27.01.2022 of Project Director, Watersheds, Mayurbhanj, Baripada.

NOW THEREFORE, in pursuance of the provision contained under Rule-15 (10) (i) (d) of OCS (C&A) Rules, 1962, the Disciplinary Authority finally orders to conclude the disciplinary proceeding by awarding the following punishment on Sri Bhabesh Kumar Das, Ex-JSCA (Absconding) since 2003.

**1. Removal from Govt. service.**
**2. The absconding period be treated as un-authorized absence.**

Sd./- Director, Soil Conservation & Watershed Development, Odisha, Bhubaneswar.
OIPR-01058/11/0002/2122

# ଏସ୍‌ଟିଏଫ୍ ହାତରେ ଧରାପଡ଼ିଲେ ୱାଣ୍ଟେଡ୍ ଶିବୁ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ନୟାଗଡ଼ ଜିଲା ଟାଉନ୍ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଏକ ଭଡାଘରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ୍ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପାଇଁ ସେ ୱାଣ୍ଟେଡ୍ ଥିଲେ। ରବିବାର ରାତିରେ ରାଜଧାନୀ ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥର ପାହାଳ କ୍ରସିଂ ନିକଟରୁ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ମୁଣ୍ଡିଆ ସାହିର ଶିବ ପ୍ରସାଦ ଦାସ ଓରଫ ଶିବୁ। ତାଙ୍କଠାରୁ ୧ କେଜି ୨୨୭ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ଟଙ୍କା ହେବ। ଏଥିସହ ଗୋଟିଏ ବାଇକ ଓ ୫ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୫/୨୦୨୨) ରୁଜୁ କରି ଶିବୁଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ଶିବୁଙ୍କ ନାମରେ ୬ଟି ଆପରାଧିକ ମାମଲା ରହିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି। ତେବେ ତାଙ୍କ ସହ ସାମିଲ ଥିବା ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅନୁସନ୍ଧାନ ଚଳାଇଛି।

ସୂଚନା ଅନୁଯାୟୀ, ଶିବୁ ମାଛ ବ୍ୟବସାୟୀ କରୁଥିବା କହି ଉଦୟପଥ ଲେନ୍‌ରେ ଘରଭଡା ନେଇ ପରିବାର ସହ ରହୁଥିଲେ। ହେଲେ ସେ କିଛି ଲୋକଙ୍କୁ ରଖି ବ୍ରାଉନସୁଗାର ହୋଲ୍‌ସେଲ୍ ବ୍ୟବସାୟ କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଜାନୁୟାରୀ ୨୫ ରାତିରେ ସେଠାରେ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଶିବୁ ଫେରାର ହୋଇଯାଇଥିଲେ। ସେହି ସମୟରେ ଶିବୁଙ୍କ ସହଯୋଗୀ ଭିକି ରାଓଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗର, ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ ପିସ୍ତଲ, ୪୩ ରାଉଣ୍ଡ ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ (ନଂ.୧/୨୦୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏସ୍‌ଟିଏଫ୍ ଟାର୍ଗେଟରେ ଥିଲେ ମଧ୍ୟ ସେ ଉକ୍ତ ବେଆଇନ ବେପାର ଜାରି ରଖିଥିଲେ ବୋଲି ଜବତ ବ୍ରାଉନସୁଗାରରୁ ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ୨୦୨୦ରୁ ଏଯାବତ ୪୯ କେଜି ବ୍ରାଉନସୁଗାର, ୮୯ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୩ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।

**୧.୨୭ କୋଟି ଟଙ୍କାର ବ୍ରାଉନସୁଗାର ଜବତ**

■ ନୟାଗଡ଼ରେ ଚଢ଼ାଉବେଳେ ଖସି ପଳାଇଥିଲେ

■ ପୂର୍ବରୁ ଗିରଫ ହୋଇଥିଲେ ସହଯୋଗୀ ଭିକି


ଅଭିଯୁକ୍ତ ଶିବ ପ୍ରସାଦ ଦାସ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା: ବାଇକ୍ ଚାଳକ ମୃତ

**ବେଗୁନିଆ,୨୧।୨(ଡି.ଏନ୍.ଏ.):** ସଡ଼କ ଦୁର୍ଘଟଣାରେ ସୋମବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମର ସୁଶାନ୍ତ ପରିଡ଼ା(୫୦)। ସୂଚନା ମୁତାବକ, ସୁଶାନ୍ତ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟରେ ଯୋଗଦେଇ ଡଙ୍ଗରପଡ଼ା ଗ୍ରାମରୁ ରବିବାର ରାତିରେ ବାଇକ୍‌ରେ ଫେରୁଥିଲେ। ସାମନ୍ତରାପୁର ଗ୍ରାମ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିଲେ। ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ସୁଶାନ୍ତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୫୩/୨୨)ରୁଜୁ ହୋଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଝାଁଲା, ୨୧।୨(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଝାଁଲା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ଅଭୟ କୁମାର ପ୍ରଧାନ(୩୬)। ମିଳିଥିବା ସୂଚନା ମୁତାବକ, ରବିବାର ରାତିରେ ଅଭୟ ଏକ ଭୋଜିକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପାଟିତୁଣ୍ଡ କରିଥିଲେ। ପରେ କେତେଜଣ ଲୋକ ତାଙ୍କୁ ଘରେ ଆଣି ଛାଡ଼ିଥିଲେ। ସୋମବାର ସକାଳେ ସେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଝାଁଲା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନିର୍ବାଚନୀ ହିଂସା: ଦୁଇ ପରିବାରର ୧୪ ଗିରଫ

**ବାଲୁଗାଁ,୨୧।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ କ୍ଷେତ୍ରପାଳ ଗ୍ରାମରେ ନିର୍ବାଚନକୁ ନେଇ ଦୁଇ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ବାଲୁଗାଁ ପୋଲିସ ଉଭୟ ପରିବାରର ୧୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ପରେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୱାର୍ଡସଭ୍ୟ ଆସନ ପାଇଁ କ୍ଷେତ୍ରପାଳ ଗ୍ରାମର ଦୁଇଜଣ ସମ୍ପର୍କୀୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଗତ ୧୯ ତାରିଖ ତଥା ନିର୍ବାଚନର ପୂର୍ବଦିନ ରାଜନୈତିକ ବିବାଦ ନେଇ ଉଭୟ ପରିବାର ମଧ୍ୟରେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପରିବାରର ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୩୬, ୩୭/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

### ଋଷିକୁଲ୍ୟା ସାହିତ୍ୟ ସମ୍ମିଳନୀ ପକ୍ଷରୁ ସ୍ମୃତି ସଭା

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ):** କବି, ସ୍ତମ୍ଭକାର ହର ପ୍ରସାଦ ପରିଚ୍ଛା ପଟ୍ଟନାୟକ ଏବଂ ସାହିତ୍ୟିକ ତଥା ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ପୂର୍ବତନ ସଭାପତି ଡ. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ସ୍ମୃତି ଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। କବି ତଥା ଗାଳ୍ପିକ ରାଜକିଶୋର ଦାସଙ୍କ ଆବାହକତ୍ୱରେ ଋଷିକୁଲ୍ୟା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଏଥେନା ବୁକ୍ସ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଡ. ପ୍ରସନ୍ନ କୁମାର ମହାନ୍ତି, କଥାକାର ରମେଶ ପଟ୍ଟନାୟକ, ସତ୍ୟନାରାୟଣ ମହାପାତ୍ର, ରାମକିଶୋର ଦାସ, ଗାଳ୍ପିକ ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ବହୁ ସାହିତ୍ୟିକ ଯୋଗଦେଇ ଦିବଂଗତ ଲେଖକଙ୍କ ସ୍ମୃତିଚାରଣ କରିଥିଲେ।



ସଂଭାବନା ପକ୍ଷରୁ ୧୧ ପର୍ଯ୍ୟାୟରେ ଅନୁଷ୍ଠିତ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବର ସୋମବାର ଉଦ୍‌ଯାପନ ଅବସରରେ ସୂଚନା ଭବନଠାରେ ଅତିଥିମାନେ ରଶ୍ମି ସାହୁଙ୍କୁ 'ଶ୍ରେଷ୍ଠ ଓଡ଼ିଆଣୀ-୨୦୨୧' ସମ୍ମାନ ପ୍ରଦାନ କରୁଛନ୍ତି।

## ରଶ୍ମି 'ଶ୍ରେଷ୍ଠ ଓଡ଼ିଆଣୀ', ବିଦ୍ୟୁଲତା 'ସହ ଶ୍ରେଷ୍ଠ ଓଡ଼ିଆଣୀ'

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

**ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବ ଉଦ୍‌ଯାପିତ**

ପ୍ରଥା, ପରମ୍ପରା ଓ ଚଳଣୀର ପୁନଃ ଅଭ୍ୟାସ ଜରିଆରେ ଓଡ଼ିଆ ସ୍ୱାଭିମାନ, ଅସ୍ମିତାକୁ ଅନୁଭବ କରିବା ପାଇଁ ଏକ ଅନନ୍ୟ ଆନ୍ଦୋଳନ ହେଉଛି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବ। ସଂଭାବନା ପକ୍ଷରୁ ୧୧ ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସୋମବାର ଥିଲା ଉତ୍କଣ୍ଠାର ଅବସାନ ମୁହୂର୍ତ୍ତ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ରଶ୍ମି ସାହୁ 'ଶ୍ରେଷ୍ଠ ଓଡ଼ିଆଣୀ' ୨୦୨୧ରେ ସ୍ଥାନ ଅଲଙ୍କୃତ କରିଥିବାବେଳେ ବିଦ୍ୟୁଲତା ସ୍ୱାଇଁ 'ସହ ଶ୍ରେଷ୍ଠ ଓଡ଼ିଆଣୀ' ଭାବେ ସମ୍ମାନିତ ହୋଇଛନ୍ତି। ଅନୁଷ୍ଠାନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଓ ବିଶ୍ୱ ମାତୃଭାଷା ଦିବସ ସମାରୋହକୁ ସଙ୍ଗୀତ ଶିଳ୍ପୀ ତୃପ୍ତି ଦାସ ଉଦ୍‌ଘାଟନ କରିଥିଲେ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ପ୍ରଥମ ଶ୍ରେଷ୍ଠ ୧୦ ଓଡ଼ିଆଣୀ ଭାବେ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ବେବିରାଣୀ ଦାସ, ମିତାଞ୍ଜଳି ସାହୁ, ଜ୍ୟୋତି ଗିରି, ବିଦ୍ୟୁତ୍‌ପ୍ରଭା ନନ୍ଦ, ସୌଦାମିନୀ ମହାନ୍ତି, ରୀନା ମିଶ୍ର, ରେଣୁବାଳା ସାହୁ, ପ୍ରଣତି ପାଇକରାୟ ଓ ମଧୁସ୍ମିତା ପଟ୍ଟନାୟକଙ୍କ ନାମ ଘୋଷଣା କରିଥିଲେ। ବିଭିନ୍ନ ବିଭାଗର ପ୍ରଥମ ୩ସ୍ଥାନରେ ଥିବା ୨୧ଜଣ କୃତୀ ଓଡ଼ିଆଣୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଭାବେ ରଶ୍ମି ସାହୁ ଓ ସହ ଶ୍ରେଷ୍ଠ ଓଡ଼ିଆଣୀ ଭାବେ ବିଦ୍ୟୁଲତା ସ୍ୱାଇଁଙ୍କୁ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, କସ୍ତୁରିକା ପଟ୍ଟନାୟକ ଓ ସଙ୍ଗଠନର ସଂପାଦକ ଦେବ ପ୍ରସାଦ ପରିଜା ଉପସ୍ଥିତ ଥିଲେ।

## ମାତୃଭାଷାର ମହକ, ମିଠାପଣର ତୁଳନା ନାହିଁ

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

ମାତୃଭାଷା ଏହା ଆମର ଜୀବନୀ ଶକ୍ତି। ଏହାର ମହକ ଓ ମିଠାପଣର ତୁଳନା ନାହିଁ। ହସିବା, କାନ୍ଦିବା, ଉପହାସ କରିବା, ଉଲ୍ଲସିତ ହେବା ସବୁ ମାତୃଭାଷାରେ ହିଁ ହୋଇଥାଏ। ଏଥିରେ ଅଭିବ୍ୟକ୍ତି ସର୍ବଦା ସହଜ ଓ ସ୍ୱାଭାବିକ ବୋଲି ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ହିମାଦ୍ରି ତନୟା ମିଶ୍ର, ଅଧ୍ୟାପିକା ଦୀପ୍ତିମୟୀ ସାହୁ ଓ ଛାତ୍ରୀମାନେ ଯୋଗଦେଇ ମାତୃଭାଷାର ମହକକୁ ଅନୁଭବ କରି ଏହାର ମହତ୍ ରଖିବା ଦିଗରେ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତିଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା।

## ଆଚାର୍ଯ୍ୟ ହରିହରଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

ଆଚାର୍ଯ୍ୟବିହାରସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ନିକଟରେ ସୋମବାର ୫୧ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ପ୍ରଦୀପ ପ୍ରଜ୍ୱଳନ ସହ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବରିଷ୍ଠ ନାଗରିକ ବିମଳ ଦାସ, ଆଇନଜୀବୀ ସିଦ୍ଧାର୍ଥ ଦାସ, ଡ. ଅମ୍ବରୀଶ ଶତପଥୀ, ଚକ୍ରଧର ତ୍ରିପାଠୀ, ସୁରେନ୍ଦ୍ର ଛୋଟରାୟଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୭ ତାରିଖ ରବିବାର ଆଚାର୍ଯ୍ୟ ହରିହରଙ୍କ ୧୪୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେବ ବୋଲି ସମ୍ପାଦକ ଶିଶିର ମହାପାତ୍ର ସୂଚନା ଦେଇଥିଲେ।

## କର୍ମଯୋଗ ଆଧାରରେ ସମାଜ ଗଠନର ପରିକଳ୍ପନା କରାଯାଇପାରେ

**ବାଲିଅନ୍ତା, ୨୧।୨(ଡି.ଏନ୍.ଏ)**

ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଶ୍ରୀମା'ଙ୍କ ଜନ୍ମ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ପ୍ରୀତିମାନ ମିଶ୍ର ଯୋଗଦେଇ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଦୃଷ୍ଟିଭଙ୍ଗୀରେ ଶିକ୍ଷାର ଉପଦେୟତା ବିଷୟରେ କହିଥିଲେ। ଶ୍ରୀଅରବିନ୍ଦଙ୍କ କର୍ମଯୋଗ ଆଧାରରେ ସମାଜ ଗଠନର ପରିକଳ୍ପନା କରାଯାଇପାରେ ବୋଲି ଅନୁଷ୍ଠାନର ସମ୍ପାଦକ ଡ. ବଙ୍କିମ ମହାନ୍ତି କହିଥିଲେ। ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମନିଅନ୍ କହିଥିଲେ, ଉତ୍ସବର ଆବଶ୍ୟକତା ଆଜିର ଛାତ୍ର ସମାଜ ଗଠନରେ ସହାୟକ ହେବ। ପ୍ରଫେସର ନନ୍ଦିତା ମହାପାତ୍ର, ରୁପାଲି ପାଇକରାୟ ପରିଚାଳନା ଏବଂ ପ୍ରଫେସର ଅଭିପ୍ସା ମିଶ୍ର ଧନ୍ୟବାଦ ଦେଇଥିଲେ।

# ପୋଲିସ କବ୍‌ଜାରେ ଆତଙ୍କ ସୃଷ୍ଟିକାରୀ ଗ୍ୟାଙ୍ଗ୍

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ବିଳମ୍ବିତ ରାତିରେ ରାଜଧାନୀରେ ସୃଷ୍ଟି କରୁଥିଲେ ଆତଙ୍କ। ଯାତ୍ରୀଙ୍କୁ ଅଟକାଇ ମାରଣାସ୍ତ୍ରରେ କରୁଥିଲେ ଆକ୍ରମଣ। ଆଖିପିଛୁଳାକେ ଝାମ୍ପି ନେଉଥିଲେ ଟଙ୍କା ସୁନା। ଏଭଳି ଏକ ଛିନ୍‌ତାଇ ଗ୍ୟାଙ୍ଗ୍‌ର ୪ ସଦସ୍ୟ ଏବଂ ସେମାନଙ୍କ ୩ ସହଯୋଗୀ ଧରାପଡ଼ିଛନ୍ତି କମିଶନରେଟ୍ ପୋଲିସ ହାତରେ। ସେମାନେ ହେଲେ ମଞ୍ଚେଶ୍ୱର ଥାନା ରସୁଲଗଡ଼ର ଅରୁଣ କୁମାର ସାହୁ (୧୯), ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଜାବେଦ ବେହେରା (୨୪), ଖାରବେଳ ଥାନା ୟୁନିଟ୍-୩ ପ୍ରେସ କଲୋନୀର ପି. କେଶୁ ରେଡ୍ଡୀ (୨୭), ଚନ୍ଦ୍ରଶେଖରପୁର ଥାନା କାନନବିହାର ଫେଜ୍-୨ର ଜି. ଜଗଦୀଶ୍ ଆଚାରୀ (୨୫)। ସେମାନଙ୍କ ୩ ସହଯୋଗୀଙ୍କ ମଧ୍ୟରେ ଅଛନ୍ତି ଶହୀଦନଗର ଥାନା ବମିଖାଲର ପ୍ରଶାନ୍ତ ମହାରଣା ଓରଫ ପିଣ୍ଟୁ (୨୮), ୟୁନିଟ୍-୮ ଅଞ୍ଚଳର ସରୋଜ କୁମାର ଗୋଛି (୩୫) ଏବଂ ବାଲିଅନ୍ତା ଥାନା ଅଞ୍ଚଳର ହୋଟେଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଦୀନେଶ ଭୋଇ। ସେମାନଙ୍କ ନିକଟରୁ ୨ ବାଇକ୍, ରକ୍ତଲଗା ଖଣ୍ଡା, ୨୧ ମୋବାଇଲ ଫୋନ, ଗୋଟିଏ ସୁନାମୁଦି ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଲକ୍ଷ୍ମୀସାଗର, କ୍ୟାପିଟାଲ ଥାନା, ଇନ୍‌ଫୋସିଟି, ଖଣ୍ଡଗିରି, ଶହୀଦନଗର, ବଡ଼ଗଡ଼, ନୟାପଲ୍ଲୀ, ଖାରବେଳନଗର ଏବଂ ଭରତପୁର ଥାନାରେ ୧୮ ମାମଲା ରହିଛି। ସେମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ନୟାପଲ୍ଲୀ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ଯଥେଷ୍ଟ ପ୍ରମାଣ ଥିବାରୁ ଅଭିଯୁକ୍ତମାନେ ଯେଭଳି ଶୀଘ୍ର ମୁକୁଳି ନ ପାରିବେ ସେଥିଲାଗି ଆଇନଗତ ପକ୍ଷକ୍ଷେପ ଗ୍ରହଣ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।



■ ରାଜଧାନୀରୁ ୪ସଦସ୍ୟ, ୩ ସହଯୋଗୀ ଗିରଫ

■ ୨ବାଇକ୍, ରକ୍ତଲଗା ଖଣ୍ଡା, ମୋବାଇଲ୍ ଫୋନ୍ ଜବତ

### ବ୍ୟବସାୟୀଙ୍କୁ କରୁଥିଲେ ଟାର୍ଗେଟ୍

ଗ୍ୟାଙ୍ଗ୍‌ର ସଦସ୍ୟମାନେ ରାତି ୧୧ରୁ ସକାଳ ୬ଟା ପର୍ଯ୍ୟନ୍ତ ସକ୍ରିୟ ରହୁଥିଲେ। ବିଶେଷ କରି ରାତିରେ ୪ ନମ୍ବର ହାଟକୁ ଆସୁଥିବା ମାଛ ବେପାରୀମାନଙ୍କୁ ଏମାନେ ଟାର୍ଗେଟ କରୁଥିଲେ। ୧୩ ଜାନୁୟାରୀ ବିଳମ୍ବିତ ରାତିରେ 'କଳିଙ୍ଗ ଟିଭି' ରିପୋର୍ଟର ସୌମ୍ୟରଞ୍ଜନ ସେଠୀଙ୍କୁ ଅଭିଯୁକ୍ତମାନେ ଖଣ୍ଡାରେ ଆକ୍ରମଣ କରି ତାଙ୍କଠାରୁ ଲୁଟ୍‌ପାଟ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୨/୨୨) ରୁଜୁ କରିଥିଲା। ଫେବୃୟାରୀ ୧୪ ରାତିରେ ପ୍ରସନ୍ନଜିତ୍ ବେହୁରିଆଙ୍କୁ ସିଆର୍‌ପି ବ୍ରିଟ୍ କଲୋନୀ ଲେନ୍‌ରେ ଖଣ୍ଡାରେ ଆକ୍ରମଣ କରି ୭୦୦ ଟଙ୍କା ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। ଏ ସଂକ୍ରାନ୍ତରେ (ନଂ.୯୬/୨୨) ମାମଲା ରୁଜୁ ହୋଇଥିଲା। ସେହିଦିନ ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ ସତ୍ୟଜିତ୍ ପଟ୍ଟନାୟକ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦେବରାୟ କଲେଜ ନିକଟରେ ଅଭିଯୁକ୍ତମାନେ ସତ୍ୟଜିତ୍‌ଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ପୋଲିସ (ନଂ.୯୯/୨୨) ରୁଜୁ କରିଥିଲା। ଆକ୍ରମଣର ଶିକାର ହୋଇଥିବା ସତ୍ୟଜିତ୍ ଓ ପ୍ରସନ୍ନଜିତ୍ ଏବେ ବି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

### ଗଢ଼ାଯାଇଥିଲା ସ୍ୱତନ୍ତ୍ର ଟିମ୍

ବିଳମ୍ବିତ ରାତିରେ ଅଫିସରୁ ଫେରିବା ବେଳେ କର୍ମଜୀବୀଙ୍କ ଛାତିରେ ପଶୁଥିଲା ଛନକା। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଆସୁଥିବା ବ୍ୟବସାୟୀ, ବାଇକ୍ ଆରୋହୀଙ୍କୁ ଘାରୁଥିଲା ଛିନ୍‌ତାଇ ଭୟ। ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରୁଥିବା ଏହି ଗ୍ୟାଙ୍ଗ୍‌କୁ ଧରିବା କମିଶନରେଟ୍ ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏଥିଲାଗି ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀଙ୍କ ନେତୃତ୍ୱରେ ବଛା ବଛା ଅଫିସରଙ୍କୁ ନେଇ ଗଠନ କରାଯାଇଥିଲା ଟିମ୍। ଏଥିରେ ସାମିଲ ହୋଇଥିଲେ ନୟାପଲ୍ଲୀ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ, ପିଓପିଡି ଟିମ୍‌ର ଏସ୍‌ଆଇ ବିଜୟ ଦାସ, ଏସ୍‌ଆଇ ଡି.ଡି ସାମନ୍ତରାୟ। ସେମାନଙ୍କୁ ଧରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ବେଳେ ଗ୍ୟାଙ୍ଗ୍‌ର ୪ ସଦସ୍ୟ ଏବଂ ୩ ସହଯୋଗୀ ଧରାପଡ଼ିଛନ୍ତି।

### ପେସାଦାର ଅପରାଧୀଙ୍କ ନେଟୱର୍କ

ରାଜଧାନୀରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ଏହି ଗ୍ୟାଙ୍ଗ୍‌ର ଲକ୍ଷ୍ୟ ଥିଲା କେବଳ ଲୁଟ୍ କରିବା। ଏଥିଲାଗି ସୁଚିନ୍ତିତ ଭାବେ କାମ କରୁଛି ଏକ ନେଟୱର୍କ। ବହୁ ପେସାଦାର ଅପରାଧୀଙ୍କ ଏଥିରେ ସମ୍ପୃକ୍ତି ରହିଛି। ସେମାନଙ୍କୁ ଧରିବା ଲାଗି କମିଶନରେଟ ପୋଲିସ ଏବେ ଯୋଜନା କରୁଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିବ ବୋଲି ଜଣାପଡ଼ିଛି।

### ଫସିଲେ ମୋବାଇଲ ଦୋକାନ କର୍ମଚାରୀ

ଲୁଟେରା ଗ୍ୟାଙ୍ଗ୍‌ର ସଦସ୍ୟମାନେ ଲୁଟ୍ କରିଥିବା ମୋବାଇଲଗୁଡ଼ିକୁ ଆଣି ରିପେୟାରିଂ ସେଣ୍ଟର ମାଲିକ ପିଣ୍ଟୁଙ୍କୁ ଦେଉଥିଲେ। ସେ ମୋବାଇଲ ପାଟର୍ନ ଲକ୍ ଖୋଲିବାରେ ସହାୟତା କରୁଥିଲେ। ଅନ୍ୟ ଏକ ମୋବାଇଲ ଦୋକାନର ମାଲିକ ସରୋଜ ମଧ୍ୟ ଲକ୍ ଖୋଲିବା ସହ ଉକ୍ତ ମୋବାଇଲଗୁଡ଼ିକୁ ବିକ୍ରି କରିବାରେ ସାହାଯ୍ୟ କରୁଥିଲେ।

### ଆଶ୍ରୟ ଦେଉଥିଲେ ହୋଟେଲ ମ୍ୟାନେଜର

ଅଭିଯୁକ୍ତମାନେ ରାତିରେ ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ସଲୋନୀ ପ୍ୟାଲେସ ହୋଟେଲରେ ରହି ଯୋଜନା କରୁଥିଲେ। ଏଥିରେ ସବୁପ୍ରକାର ସହଯୋଗ କରୁଥିଲେ ହୋଟେଲ ମ୍ୟାନେଜର ଦୀନେଶ। ହୋଟେଲରେ ରହିଲେ ସରାଇ ଆକ୍ଟ ଅନୁଯାୟୀ ପୋଲିସକୁ ତଥ୍ୟ ଦେବା ବାଧ୍ୟତାମୂଳକ ହୋଇଥିବାବେଳେ ଏହାକୁ ସେ ଅଣଦେଖା କରି ଚାଲିଥିଲେ। ପୋଲିସ ତଦନ୍ତରୁ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି।


ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।


କଟକ ସାରଳା ଭବନରେ ସୋମବାର ଫ୍ରେଣ୍ଡସ ପବ୍ଲିସର୍ସ ପକ୍ଷରୁ କଥାକାର ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସ 'ବକ୍ସ' ଉନ୍ମୋଚନ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥିମାନେ।


ସାକ୍ଷୀଗୋପାଳ ମନ୍ଦିର ନିକଟରେ ସ୍ଥାପିତ ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠା ଉତ୍ସବ ଅବସରରେ ଶିଶୁଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

**ଯୁଦ୍ଧବିମାନ ଦୁର୍ଘଟଣାରେ ୩ ମୃତ**

ଇରାନର ଯୁଦ୍ଧବିମାନ ଏକ ଷ୍ଟାଡ଼ିୟମ ଉପରେ ଖସିପଡ଼ିବାରୁ ୨ ଜଣ ପାଇଲଟ ଓ ଜଣେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ତାବ୍ରିଜ୍‌ର ଏକ ଷ୍ଟାଡ଼ିୟମରେ ଏଫ୍‌-୫ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ତାବ୍ରିଜ୍‌ସ୍ଥିତ ଏୟାରବେସ୍ କମାଣ୍ଡର ଜେନେରାଲ ରେଜା ୟୁସେଫି କହିଛନ୍ତି।

# ହତ୍ୟା ତାଲିକା କରିଛି ରୁଷିଆ

■ଜାତିସଂଘକୁ ସତର୍କ କରାଇଲା ଆମେରିକା

■ୟୁକ୍ରେନ କବ୍‌ଜା ପରେ ଖୋଜି ମାରିବ

**ୱାଶିଂଟନ୍/କ୍ୱିଭ୍/ମସ୍କୋ, ୨୧।୨**

ୟୁକ୍ରେନ କବ୍‌ଜା କରିବାକୁ ଆକ୍ରମଣ ନିମନ୍ତେ ଶେଷ ପ୍ରସ୍ତୁତିରେ ଲାଗିଥିବା ରୁଷିଆ ଟାର୍ଗେଟ କିଲିଂ କରିବ। ଏ ନେଇ ମସ୍କୋ ୟୁକ୍ରେନର କେତେକ ପ୍ରମୁଖ ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରିଛି। ୟୁକ୍ରେନ ଅକ୍ତିଆର ପରେ ରୁଷିଆ ସେମାନଙ୍କୁ ଖୋଜି ହତ୍ୟା କରିବ କିମ୍ବା ନିଜ କ୍ୟାମ୍ପ୍‌ରେ ବନ୍ଦୀ କରି ସେମାନଙ୍କୁ ନିର୍ଯାତନା ଦେବାକୁ ଯୋଜନା କରିଛି ବୋଲି ଆମେରିକା ଜାତିସଂଘକୁ ସତର୍କ କରାଇଛି। ଏହାଦ୍ୱାରା ମାନବାଧିକାରର ଭୟଙ୍କର ଉଲ୍ଲଂଘନ ହେବ ଏବଂ ୟୁକ୍ରେନବାସୀ ଅମାନବୀୟ ଅତ୍ୟାଚାରର ଶିକାର ହେବେ ବୋଲି ଜାତିସଂଘ ମାନବାଧିକାର ହାଇ କମିଶନର ମିଶେଲେ ବାଚେଲେଟ୍‌ଙ୍କୁ ଆମେରିକା ଏକ ଚିଠି ଲେଖି ଜଣାଇଛି। ଜେନେଭାରେ ଜାତିସଂଘରେ ଆମେରିକା ରାଷ୍ଟ୍ରଦୂତ ବାଥ୍‌ଶେବା ନେଲ କ୍ରୋକର ଏହି ଚିଠିରେ ଆହୁରି କହିଛନ୍ତି ଯେ, ରୁଷିଆକୁ ବିରୋଧ କରୁଥିବା ଲୋକଙ୍କୁ ଟାର୍ଗେଟ କରାଯାଇଛି। ପ୍ରମୁଖ ରାଜନେତା, ବିଭିନ୍ନ ଧର୍ମ ତଥା ଅନୁସୂଚିତ ଜାତିର ଲୋକଙ୍କ ସମେତ ଅନେକଙ୍କୁ ଅପହରଣ ପରେ ହତ୍ୟା କିମ୍ବା ବନ୍ଦୀ କରିବା ପାଇଁ ମସ୍କୋ ଯୋଜନା କରିଥିବା ଏଥିରେ କୁହାଯାଇଛି।

ଅନ୍ୟପକ୍ଷରେ ଯୁଦ୍ଧ ଟାଳିବା ପାଇଁ କୂଟନୈତିକ ସ୍ତରରେ ଆଲୋଚନା ଜାରି ରହିଛି। ରବିବାର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନଙ୍କ ସହ ଆଲୋଚନା କରିଥିଲେ। ମାକ୍ରଁ ମଧ୍ୟସ୍ଥତା କରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ପୁଟିନଙ୍କ ମଧ୍ୟରେ ଏକ ଶିଖର ସମ୍ମିଳନୀ ଆୟୋଜନ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ରୁଷିଆ ଯଦି ୟୁକ୍ରେନକୁ ଆକ୍ରମଣ ନ କରିବ ବୋଲି ସର୍ତ୍ତ ରଖେ ତେବେ ପୁଟିନ୍‌ଙ୍କ ସହ ବୈଠକ ହେବ ବୋଲି ବାଇଡେନ୍ ରାଜି ହୋଇଛନ୍ତି। ହେଲେ କୌଣସି ପ୍ରକାର ସମ୍ମିଳନୀ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଏତେ ଶୀଘ୍ର ହୋଇପାରିବ ନାହିଁ ବୋଲି କ୍ରେମଲିନ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ସ୍ତରରେ ଆଲୋଚନା ଜାରି ରହିପାରିବ। ଯଦି ଆବଶ୍ୟକ ପଡେ ତେବେ ରୁଷିଆ ଏବଂ ଆମେରିକା ରାଷ୍ଟ୍ରପତି ଫୋନ୍ କିମ୍ବା ଅନ୍ୟ ମାଧ୍ୟମରେ ପରସ୍ପର ସହ କଥା ହୋଇପାରିବେ। ଯଦି ରୁଷିଆ ସରକାର ଉଚିତ ମନେ କରନ୍ତି ତେବେ ଯାଇ ସମ୍ମିଳନୀ ଆୟୋଜନ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୁଟିନ୍ ସୋମବାର କ୍ରେମଲିନ୍ ସୁରକ୍ଷା ପରିଷଦର ଏକ ଜରୁରୀ ବୈଠକ ଡାକିଛନ୍ତି। ସେପଟେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍‌ରୋଭ୍ ଫ୍ରାନ୍ସ ପ୍ରତିପକ୍ଷ ଜିନ୍ ୟଭେସ୍ ଲେ ଡ୍ରିଆନ୍‌ଙ୍କ ସହ ସୋମବାର କଥା ହୋଇଥିବାବେଳେ ଗୁରୁବାର ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।


ଭ୍ଲାଡିମିର୍ ପୁଟିନ୍


ଜୋ ବାଇଡେନ୍


ୟୁକ୍ରେନ୍ ସୀମା ନିକଟରେ ରୁଷିଆ ସଶସ୍ତ୍ର ବାଟାଲିୟନର ସାଟେଲାଇଟ୍ ଚିତ୍ର।

## ମୁଖ୍ୟ ବିନ୍ଦୁ

➡ୟୁକ୍ରେନକୁ ତିନି ପଟୁ ଘେରି ରହିଥିବା ରୁଷିଆ ଯୁଦ୍ଧ ପାଇଁ ଶେଷ ପ୍ରସ୍ତୁତି କରିବାକୁ ନିଜ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛି ବୋଲି ଆମେରିକୀୟ ଗୋଇନ୍ଦା ସଂସ୍ଥା ଚେତାଇ ଦେଇଛି। ସୀମା ନିକଟରେ ରୁଷିଆ ସମରାଭ୍ୟାସ ଜାରି ରଖିଥିବାବେଳେ ଏହାର ଟ୍ୟାଙ୍କ୍‌ଗୁଡ଼ିକ ୟୁକ୍ରେନ୍‌ର ନିକଟତର ହୋଇଛି। ବେଲାରୁଷ ସୀମା ନିକଟରେ ରୁଷିଆ ସୈନ୍ୟ ମୁତୟନ ବୃଦ୍ଧି ୟୁକ୍ରେନ ରାଜଧାନୀ କ୍ୱିଭ୍ ଉପରେ ଆକ୍ରମଣ ଆଶଙ୍କା ବଢ଼ାଇଛି।

➡ରୁଷିଆର ବିଭିନ୍ନ ସହରରେ ଥିବା ଜନଗହଳି ସ୍ଥାନ ତଥା ଶପିଂ ମଲ୍, ରେଳ ଷ୍ଟେଶନ, ମେଟ୍ରୋ ଆଦିରେ ଆକ୍ରମଣ ହୋଇପାରେ ବୋଲି ମସ୍କୋସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ଆଲର୍ଟ ଜାରି ହୋଇଛି। ଭିଡ଼ ସ୍ଥାନକୁ ନ ଯିବା ପାଇଁ ଆମେରିକୀୟଙ୍କୁ ସତର୍କ କରାଯାଇଛି। ପାଖରେ ନିଜ ପରିଚୟ ପତ୍ର, ଭିଜା ଆଦି ରଖିବା ସହ ତୁରନ୍ତ ରୁଷିଆ ଛାଡ଼ିବାକୁ ଯୋଜନା କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି।

➡ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍ ସୀମା ନିକଟରେ ରୁଷିଆର ସୈନ୍ୟ ମୁତୟନ ରୋକିବା ଉପରେ କୂଟନୈତିକ ଉଦ୍ୟମ ପାଇଁ ସେ ଆଲୋଚନା କରିଛନ୍ତି। ୟୁକ୍ରେନର ସାର୍ବଭୌମତ୍ୱ ବଜାୟ ରଖିବାକୁ ଉଭୟେ ଗୁରୁତ୍ୱ ଦେଇଛନ୍ତି।

➡ରୁଷିଆ ସୀମା ନିକଟରେ ଥିବା ବର୍ଡର ପୋଷ୍ଟକୁ ୟୁକ୍ରେନ ସେନା ନଷ୍ଟ କରିଥିବା ମସ୍କୋ ଅଭିଯୋଗ କରିଛି। ଏହାସହ ସୀମା ଉଲ୍ଲଂଘନ କରୁଥିବାବେଳେ ୫ ୟୁକ୍ରେନବାସୀଙ୍କୁ ରୁଷିଆ ସୈନ୍ୟ ହତ୍ୟା କରିଥିବା ମସ୍କୋ କହିଛି। ଉତ୍ତେଜନା ବଢ଼ାଇବାକୁ ରୁଷିଆ ଏପରି ମିଛ କହୁଥିବା ୟୁକ୍ରେନ ଜବାବ ରଖିଛି।

➡ରୁଷିଆ ସୈନ୍ୟ ଓ ଯୁଦ୍ଧାସ୍ତ୍ର ୟୁକ୍ରେନ ସୀମା ନିକଟତର ହେଉଥିବାବେଳେ ମସ୍କୋ ପୁଣି ସୋଲୋଟି ନିକଟରେ ନୂତନ ଭାବେ ସେନା ମୁତୟନ କରିଥିବା ଆମେରିକାର ମକ୍ସାର ଟେକ୍ନୋଲୋଜି ନୂଆ ସାଟେଲାଇଟ ଛବି ପ୍ରକାଶ କରିଛି।

➡ପୂର୍ବ ୟୁକ୍ରେନରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖିଛନ୍ତି। ଗତ ୨୪ ଘଣ୍ଟାରେ ସେମାନେ ୮୦ ଥର ଅସ୍ତ୍ରବିରତି ଚୁକ୍ତିର ଅବମାନନା କରିଛନ୍ତି। ସେଲ୍ ମାଡ଼ରେ ଆଉ ଜଣେ ୟୁକ୍ରେନ ସୈନ୍ୟ ଆହତ ହୋଇଛନ୍ତି।

➡ୟୁକ୍ରେନ ସୀମା ଟପି ଡୋନେଟସ୍କ ଏବଂ ଲୁହାନ୍‌ସ୍କରୁ ପ୍ରାୟ ୬୧ ହଜାର ଶରଣାର୍ଥୀ ରୁଷିଆରେ ପହଞ୍ଚିଥିବା ରୁଷିଆ ମିଡିଆ ରିପୋର୍ଟ ପ୍ରକାଶ କରିଛି।

➡ୟୁକ୍ରେନ୍‌ର ଉତ୍ତର ସୀମା ନିକଟରୁ ସୈନ୍ୟ ପ୍ରତ୍ୟାହାର ନିମନ୍ତେ ଏହାର ପ୍ରତିବଦ୍ଧତାକୁ ରୁଷିଆ ରବିବାର ଦୋହରାଇଛି।

➡ରୁଷିଆର କେତେକ ଖବରଦାତା ସୋସିଆଲ ମିଡିଆରେ ଯୁଦ୍ଧ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବିରୋଧ କରି 'ଆଇ ଆମ୍ ନଟ୍ କିପିଙ୍ଗ୍ କ୍ୱାଇଟ୍' (ମୁଁ ଚୁପ୍ ରହିବି ନାହିଁ) ହାଶଟ୍ୟାଗ୍ ବ୍ୟବହାର କରୁଛନ୍ତି।

## ସଂକ୍ଷେପରେ

### ଆଶିଷ ମିଶ୍ରାଙ୍କ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨୧।୨(ପି.ଟି.):** ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଜାମିନ ପ୍ରଦାନ କରିଥିବାରୁ ଏହାକୁ ମୃତକଙ୍କ ପରିବାର ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଗତବର୍ଷ ଅକ୍ଟୋବର ୩ରେ ଲଖିମପୁର ଖେରିରେ କୃଷକମାନେ ଆନ୍ଦୋଳନ ଚଳାଇଥିବାବେଳେ ଆଶିଷ ମିଶ୍ରା ଗାଡ଼ି ମଡ଼ାଇଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରବର୍ତ୍ତୀ ହିଂସାରେ ଜଣେ ଖବରଦାତାଙ୍କ ସମେତ ଅନ୍ୟ ୪ ଜଣ ପ୍ରାଣ ହରାଇଥିଲେ। ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚର ଫେବୃୟାରୀ ୧୦ ତାରିଖ ଜାମିନ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ପାଇଁ ୩ ମୃତ କୃଷକଙ୍କ ପରିବାର ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ପ୍ରଶାନ୍ତ ଭୂଷଣଙ୍କ ଜରିଆରେ ସେମାନେ କରିଥିବା ଆବେଦନରେ ଦର୍ଶାଯାଇଛି, କୋର୍ଟଙ୍କ ଜାମିନ ଆବେଦନ ବିରୋଧରେ ଉତ୍ତରପ୍ରଦେଶ ସରକାର ଅପିଲ୍ ନ କରିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ ହୋଇଛନ୍ତି।

### ୪ରେ ଚନ୍ଦ୍ରରେ ଖସିବ ରକେଟ୍

**ଚାଇନା କହିଲା ମୋର ନୁହେଁ**

**ବେଜିଂ, ୨୧।୨:** ପୃଥିବୀରୁ ମହାକାଶକୁ ଛଡ଼ା ଯାଇଥିବା ଏକ ରକେଟ ଆସନ୍ତା ମାର୍ଚ୍ଚ ୪ ତାରିଖରେ ଚନ୍ଦ୍ର ପୃଷ୍ଠରେ ମାଡ଼ ହେବାକୁ ଯାଉଛି। ପ୍ରଥମେ ତାହା ସ୍ପେସ୍‌ଏକ୍ସ ମାଲିକ ଏଲନ୍ ମସ୍କଙ୍କ ଫାଲ୍‌କନ୍ -୯ ରକେଟ୍ ବୋଲି ଜ୍ୟୋତିର୍ବିଜ୍ଞାନୀ ପୂର୍ବରୁ କହିଥିବାବେଳେ ଏବେ ତାହା ଚାଇନାର ଚାଙ୍ଗ୍‌ଇ ୫-ଟି୧ର ସ୍ପେସ୍ ଡେବ୍ରିସ୍ ବା ଆବର୍ଜନା ବୋଲି କୁହାଯାଉଛି। କିନ୍ତୁ ଏହି ଡେବ୍ରିସ୍ ଚାଇନାର ନୁହେଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ୨୦୧୪ ଅକ୍ଟୋବରରେ ଚାଇନା ଚନ୍ଦ୍ର ନମୁନା ସଂଗ୍ରହ ନିମନ୍ତେ ଏହାର ଚାଙ୍ଗ୍‌ଇ ୫-ଟି୧ ରକେଟ୍ ଉତ୍କ୍ଷେପଣ କରିଥିଲା। ଏହା ସଫଳତାର ସହ ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇସାରିଥିବା ବେଜିଂ କହିଛି।

### ଏ ବର୍ଷ ସ୍ୱାଭାବିକ ରହିବ ମୌସୁମୀ: ସ୍କାଏମେଟ୍

**ନୂଆଦିଲ୍ଲୀ,୨୧।୨:** ଚଳିତ ବର୍ଷ ଦେଶରେ ମୌସୁମୀ ପ୍ରବାହ ସ୍ୱାଭାବିକ ରହିବ। ସୋମବାର ସ୍କାଏମେଟ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏ ନେଇ କରୋନା କାଳରେ ପ୍ରଭାବିତ ହୋଇଥିବା ଜାତୀୟ ଅର୍ଥନୀତି ସୁଧୁରିବା ଆଶା କରାଯାଉଛି। ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାବେଳେ ମୋଟ ଜନସଂଖ୍ୟାର ୬୦% ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଦେଶରେ ମୌସୁମୀ ପ୍ରବାହିତ ହେଉଥିବାବେଳେ ଏହି ସମୟରେ ଗହମ, ଧାନ ଏବଂ ଆଖୁ ଉତ୍ପାଦନ ହୋଇଥାଏ। ସ୍ୱାଭାବିକ ବର୍ଷା ଯୋଗୁ ଫସଲ ଉତ୍ପାଦନରେ ବୃଦ୍ଧି ପରିଲକ୍ଷିତ ହେବା କୁହାଯାଉଛି। ୨୦୨୦ -୨୧ରେ 'ଲା ନିନା' କାରଣରୁ ମୌସୁମୀବାୟୁ ପ୍ରଭାବିତ ହୋଇଥିବାବେଳେ ଚଳିତ ବର୍ଷ ସମାନ ପରିସ୍ଥିତି ଉପୁଜିବ ନାହିଁ ବୋଲି ସ୍କାଏମେଟ୍ ପକ୍ଷରୁ କୁହାଯାଇଛି।

### ପ୍ରାଣୀ ସୁରକ୍ଷା ଲାଗି ଧିମବମରେ ରାତି ଯାତାୟାତ ନିଷେଧ

**ଚେନ୍ନାଇ,୨୧।୨:** ତାମିଲନାଡୁର ଧିମବମ ଘାଟି ଦେଇ ଇରୋଡ ଜିଲା ସତ୍ୟମଙ୍ଗଳମ ବ୍ୟାଘ୍ର ଅଭୟାରଣ୍ୟକୁ ଯାଇଥିବା ସଡ଼କରେ ରାତ୍ରିକାଳୀନ ଗମନାଗମନ ଉପରେ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି । ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି।

### ବେଙ୍ଗାଲୁରୁରେ ୧୪୪ ଧାରା ମାର୍ଚ୍ଚ ୮ ଯାଏ ବଢ଼ିଲା

**ବେଙ୍ଗାଲୁରୁ,୨୧।୨:** ହିଜାବକୁ ନେଇ ବିବାଦ ଲାଗି ରହିଥିବାରୁ ବେଙ୍ଗାଲୁରୁର ସ୍କୁଲ୍ କଲେଜ ନିକଟରେ ଲାଗୁ ହୋଇଥିବା ୧୪୪ ଧାରାକୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ହିଜାବ ସପକ୍ଷବାଦୀ ଓ ବିରୋଧୀଙ୍କ ମଧ୍ୟରେ ଯେପରି ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ ଏଭଳି କଟକଣା ଲାଗୁ ହୋଇଛି। ହିଜାବ ବିକ୍ଷୋଭ ଯୋଗୁ ଆଇନ ଶୃଙ୍ଖଳା ସ୍ଥିତି ବ୍ୟାହତ ହେଉଥିବାରୁ କଟକଣା ବଢ଼ାଗଲା ବୋଲି ବେଙ୍ଗାଲୁରୁ ପୋଲିସ କମିଶନର କମଲ ପନ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ ବେଙ୍ଗାଲୁରୁର ଶିକ୍ଷାନୁଷ୍ଠାନଗୁଡ଼ିକର ୨୦୦ ମିଟର ପରିଧି ମଧ୍ୟରେ ଗହଳି ହୋଇପାରିବ ନାହିଁ, ଆନ୍ଦୋଳନ କି ବିକ୍ଷୋଭକୁ ବାରଣ କରାଯାଇଛି। ଦକ୍ଷିଣ କନ୍ନଡ ଜିଲା ପ୍ରଶାସନ ମଧ କଟକଣାକୁ ଫେବୃୟାରୀ ୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

**ଦାଦା ସାହେବ ଫାଲ୍‌କେ ଆଇଏଫ୍‌ଏଫ୍ ଆୱାର୍ଡ**

# ଅଭିନୟରେ କ୍ରିତି, ରଣବୀର ଶ୍ରେଷ୍ଠ

**ମୁମ୍ବାଇ ୨୧।୨:** ଦାଦା ସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଆୱାର୍ଡ (ଆଇଏଫ୍‌ଏଫ୍)–୨୦୨୨ ସମାରୋହ ରବିବାର ରାତିରେ ମୁମ୍ବାଇରେ ଆୟୋଜିତ ହୋଇଯାଇଛି। ଅଭିନୟରେ କ୍ରିତି ସାନନ୍ (ମିମି) ଏବଂ ରଣବୀର ସିଂ(ଫିଲ୍ମ '୮୩') ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଦକ୍ଷିଣ ଭାରତର ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଚଳଚ୍ଚିତ୍ର 'ପୁଷ୍ପା: ଦ ରାଇଜ' ଫିଲ୍ମ ଅଫ୍ ଦି ଇୟର ପୁରସ୍କାର ହାସଲ କରିଛି। ଚଳଚ୍ଚିତ୍ର ଶିଳ୍ପକୁ ଉଲ୍ଲେଖନୀୟ ଅବଦାନ ପାଇଁ ଆଶା ପରେଖ ପୁରସ୍କୃତ ହୋଇଥିବାବେଳେ 'ଆନାଦର ରାଉଣ୍ଡ' ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ବିବେଚିତ ହୋଇଛି। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଷ୍ଟେଟ୍ ଅଫ୍ ସିଜ୍: ଟେମ୍ପଲ ଆଟାକ୍‌ର କେନ୍ ଘୋଷ, ଶ୍ରେଷ୍ଠ ସିନେମାଟୋଗ୍ରାଫର ଜୟକୃଷ୍ଣ ଗୁମ୍ମାଡି(ହସିନ୍ ଦିଲ୍‌ରୁବା), ଶ୍ରେଷ୍ଠ ପାର୍ଶ୍ୱାଭିନେତା ସତୀଶ କୌଶିକ (କାଗଜ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଲାରା ଦତ୍ତ (ବେଲ୍ ବଟମ), ନେଗେଟିଭ୍ ଭୂମିକାରେ ଶ୍ରେଷ୍ଠ ଅଭିନେତା ଆୟୁଷ ଶର୍ମା (ଅନ୍ତିମ: ଦ ଫାଇନାଲ ଟ୍ରୁଥ୍) ପୁରସ୍କୃତ ହୋଇଛନ୍ତି।

### ଫିଲ୍ମ ଅଫ୍ ଦି ଇୟର 'ପୁଷ୍ପା'

'ଶେର୍‌ଶାହା'କୁ ଶ୍ରେଷ୍ଠ ଚଳଚ୍ଚିତ୍ର, କ୍ୟାଣ୍ଡି ଶ୍ରେଷ୍ଠ ୱେବ୍ ସିରିଜ ବିବେଚିତ ହୋଇଛି। ୱେବ୍ ସିରିଜରେ ଶ୍ରେଷ୍ଠ ଅଭିନେତା ଭାବେ ମନୋଜ ବାଜପେୟୀ, ଶ୍ରେଷ୍ଠ ଅଭିନେତ୍ରୀ ରବିନା ଟଣ୍ଡନ୍ ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ବିଶାଳ ମିଶ୍ର ଏବଂ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ କନିକା କପୁର ପୁରସ୍କାର ହାସଲ କରିଛନ୍ତି।


କ୍ରିତି ସାନନ୍


ରଣବୀର ସିଂ


ନୂଆଦିଲ୍ଲୀର ଏକ ଚିତ୍ରିତ ପାଚେରି ନିକଟରେ ଜଣେ ଟ୍ରଲି ଚାଳକ ମାଲ୍ ନେଇ ଯାଉଛନ୍ତି।

# ଦିଲ୍ଲୀରେ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

**ନୂଆଦିଲ୍ଲୀ,୨୧।୨**

ଦିଲ୍ଲୀର ନରେଲା ଅଞ୍ଚଳରେ ଏକ ଦୋକାନରୁ ୧୪ ବର୍ଷୀୟା ଝିଅଙ୍କ ଗଳିତ ମୃତଦେହ ମିଳିଛି। ଉକ୍ତ ନାବାଳିକାଙ୍କୁ ୯ ଦିନ ପୂର୍ବରୁ ଅପହରଣ କରାଯାଇଥିଲା। ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ କହିଛି। ଏହି ମାମଲାରେ ସୋମବାର ସକାଳେ ଜଣେ ୩୨ ବର୍ଷୀୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତ ଜଣକ ଉକ୍ତ ଦୋକାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୨ ତାରିଖରେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ୩ ଦିନ ପରେ ପରିବାରର ଅଭିଯୋଗକ୍ରମେ ଅପହରଣ ମାମଲା ରୁଜୁ ହୋଇଥିଲା। ସାନୋଥ ଗ୍ରାମରେ ଥିବା ଏକ ଦୋକାନରୁ ଦୁର୍ଗନ୍ଧ ବାହାରୁଥିବା ଖବର ପାଇ ପୋଲିସ ସେଠାରେ ଅଖାରେ ବନ୍ଧାଯାଇଥିବା ମୃତଦେହ ଠାବ କରିଥିଲା। ଦୋକାନରେ ନିୟୋଜିତ ଥିବା ୟୁପି ହାର୍ଦୋଇ ଜିଲାର ଜଣେ ଶ୍ରମିକ କିଛିଦିନ ହେଲା ଅନୁପସ୍ଥିତ ଥିବା ଦୋକାନୀ ଜଣକ ପୋଲିସକୁ ଜଣାଇଥିଲେ। ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବା ପରେ ଏହି ଅପରାଧ ସହ ଅନ୍ୟ ଜଣେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେମାନେ ମେଟ୍ରୋ ବିହାରଠାରେ ମଦ ପିଇବା ପରେ ନାବାଳିକାଙ୍କୁ କାମ ଦେବା ନାଁରେ ଡକାଇ ବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କ ଗଳାକୁ ସେ ପିନ୍ଧିଥିବା ପ୍ୟାଣ୍ଟରେ ଚାପି ହତ୍ୟା କରିଥିଲେ ବୋଲି ପୋଲିସ୍ କହିଛି।

# ମହାକାଶରେ ଗଛ ଲାଗିବ

**ଗବେଷଣା ପାଇଁ ପେଲୋଡ୍ ପଠାଇଲା ନାସା**

**ୱାଶିଂଟନ୍, ୨୧।୨**

ମହାକାଶରେ ବିନା ମାଟିରେ ଗଛ ଲାଗିବ। ଏହି ଗବେଷଣା ନିମନ୍ତେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ନର୍ଥରୋପ୍ ଗ୍ରୁମ୍ମ୍ୟାନ୍(ଏନ୍‌ଜି)ର ସିଗ୍‌ନସ୍ ସ୍ପେସ୍‌କ୍ରାଫ୍ଟକୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)କୁ ପଠାଇଛି। ଏଥିରେ ପ୍ରାୟ ୩,୭୬୪ କେ.ଜିର କାର୍ଗୋ ରହିଥିବାବେଳେ ସୋମବାର ତାହା ଆଇଏସ୍‌ଏସ୍‌ରେ ପହଞ୍ଚିଛି। ଏଥିରେ ମହାକାଶଚାରୀଙ୍କ ନିମନ୍ତେ ସ୍ନାକ୍ସ ରହିବା ସହ ଅନ୍ୟାନ୍ୟ ବୈଜ୍ଞାନିକ ସାମଗ୍ରୀ ପଠାଯାଇଛି। ମହାକାଶରେ ବିନା ମାଟିରେ ଗଛ ଲଗାଯିବା, ସ୍ତନ ଓ ପ୍ରୋଷ୍ଟେଟ୍ କ୍ୟାନ୍ସର ସେଲ ଉପରେ ଏକ ଡ୍ରଗ୍‌ର ପ୍ରଭାବ ଏବଂ ଅତ୍ୟଧିକ ତାପମାତ୍ରାରେ ଲିଥିୟମ-ଆୟନ ସେକେଣ୍ଡାରୀ ବ୍ୟାଟେରିର କ୍ଷମତା ପରୀକ୍ଷଣ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର ନିମନ୍ତେ ନାସା ଏହି ପେଲୋଡ୍ ପଠାଇଛି। ବୃଦ୍ଧାବସ୍ଥାକୁ ରୋକିବା ଏବଂ ଅମ୍ଳଜାନ ଉତ୍ପାଦନ ନିମନ୍ତେ ଏହି ପେଲୋଡ୍‌ରେ ଥିବା ଟେକ୍ନୋଲୋଜି ପରୀକ୍ଷା କରାଯିବ। ଚନ୍ଦ୍ର ଓ ମଙ୍ଗଳରେ ଚାଷ ସହ ମନୁଷ୍ୟ ରହିବା ଉପଯୋଗୀ ପରିବେଶ ପ୍ରସ୍ତୁତ ନିମନ୍ତେ ଏପରି ଗବେଷଣା କରାଯାଉଥିବା ନାସା କହିଛି।

# ବଜରଙ୍ଗ ଦଳ କର୍ମୀଙ୍କୁ ହତ୍ୟା

**ବେଙ୍ଗାଲୁରୁ,୨୧।୨**

କର୍ନାଟକର ଶିବମୋଗା ଜିଲାରେ ବଜରଙ୍ଗ ଦଳର ଜଣେ ଯୁବକର୍ମୀଙ୍କୁ ରବିବାର ହତ୍ୟା କରାଯାଇଛି। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହିତ ସହର ରାଜନୈତିକ ରଣକ୍ଷେତ୍ରରେ ପରିଣତ ହୋଇଛି। ହିଜାବ ବିରୋଧୀ ବିକ୍ଷୋଭ ପାଇଁ ବଜରଙ୍ଗ ଦଳ କର୍ମୀଙ୍କୁ ରାଷ୍ଟ୍ରବିରୋଧୀମାନେ ହତ୍ୟା କରିଥିବା ଭାଜପା ନେତା ଅଭିଯୋଗ କରିଛନ୍ତି। ୨୩ ବର୍ଷୀୟ ବଜରଙ୍ଗ ଦଳ କର୍ମୀଙ୍କ ହତ୍ୟା ପ୍ରତିବାଦରେ ସୋମବାର ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି। ବିକ୍ଷୋଭକାରୀମାନେ ଟେକାମାଡ଼ କରିବା ସହ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଆସିଥିଲେ। ସେମାନେ କେତେକ ଗାଡ଼ି ପୋଡ଼ି ଦେଇଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା।

ରବିବାର ରାତିରେ ହର୍ଷ ହିନ୍ଦୁ ନାମକ ବଜରଙ୍ଗ ଦଳ କର୍ମୀଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଉକ୍ତ ଅଞ୍ଚଳରେ କିଛିଦିନ ହେଲା ଅଶାନ୍ତି ଲାଗି ରହିଥିବାରୁ ୧୪୪ ଧାରା ଜାରି ହୋଇଥିଲା। ହତ୍ୟାକାଣ୍ଡ ପରେ ଶିବମୋଗାର କେତେକ ଅଞ୍ଚଳରେ ଥିବା କେତେକ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରକୁ ଢେଲାମାଡ଼ ସହ ଗାଡ଼ି ପୋଡ଼ାଜଳା ହୋଇଥିଲା। ଶାନ୍ତି ରକ୍ଷା ଲାଗି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟ ଗୃହମନ୍ତ୍ରୀ ଅରଗ ଜ୍ଞାନେନ୍ଦ୍ର ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ବେଳେ ହତ୍ୟା ଘଟଣା ସହ ହିଜାବ ବିବାଦର ସମ୍ପର୍କ ନ ଥିବା କହିଛନ୍ତି। ତେବେ ମାମଲାର ଅଧିକ ତଦନ୍ତ ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ମୁସଲମାନ ଗୁଣ୍ଡାମାନେ ହର୍ଷଙ୍କୁ ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ପାଇଁ କଂଗ୍ରେସ ନେତା ଡି.କେ. ଶିବକୁମାର ଉକ୍ତ ଗୁଣ୍ଡାମାନଙ୍କୁ ଉସୁକାଇଥିବା ମନ୍ତ୍ରୀ ଈଶ୍ୱରପ୍ପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହର୍ଷଙ୍କ ପୂର୍ବ ଅପରାଧ ରେକର୍ଡ ଏହି ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୋଲିସ ସନ୍ଦେହ କରୁଛି। ଅପରାଧ ରେକର୍ଡ ଅନୁଯାୟୀ ହର୍ଷଙ୍କ ବିରୋଧରେ ଆକ୍ରମଣ, ହତ୍ୟା ଉଦ୍ୟମ, ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଆଦି ୫ରୁ ଅଧିକ ଅପରାଧ ମାମଲା ରହିଛି।


ହର୍ଷ ହିନ୍ଦୁ

**ଶିବମୋଗାରେ ଉତ୍ତେଜନା, ଗାଡ଼ି ପୋଡ଼ି**



# ହିଜାବ ଜରୁରୀ ଧର୍ମୀୟ ପ୍ରଥା ନୁହେଁ

**ହାଇକୋର୍ଟଙ୍କୁ ଜଣାଇଲେ କର୍ନାଟକ ସରକାର**

**ବେଙ୍ଗାଲୁରୁ,୨୧।୨**

ହିଜାବ ଏକ ଅତ୍ୟାବଶ୍ୟକ ଧର୍ମୀୟ ପ୍ରଥା ନୁହେଁ ବୋଲି କର୍ନାଟକ ସରକାର ହାଇକୋର୍ଟରେ ସୋମବାର ପୁଣିଥରେ ଦୋହରାଇଛନ୍ତି। ଧର୍ମୀୟ ନିର୍ଦ୍ଦେଶନାମା ଶିକ୍ଷାନୁଷ୍ଠାନ ବାହାରେ ରହିବା ଉଚିତ। ସମ୍ବିଧାନ ପ୍ରଣୟନ ସଭାରେ ଡ. ବି.ଆର୍, ଆମ୍ବେଦ୍‌କର ଏହା କହିଥିଲେ ବୋଲି ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପ୍ରଭୁଲିଙ୍ଗ ନଭାଡଗି ଅଦାଲତଙ୍କୁ ଜଣାଇଛନ୍ତି। ମୁଖ୍ୟ ବିଚାରପତି ଋତୁରାଜ ଅୱସ୍ଥି, ଜଷ୍ଟିସ୍ ଜେ.ଏମ୍. ଖାଜି ଏବଂ କ୍ରିଷ୍ଣା ଏମ୍. ଦୀକ୍ଷିତଙ୍କ ବେଞ୍ଚ୍ ହିଜାବ ବିବାଦ ମାମଲାର ଶୁଣାଣି କରୁଛି। ନାଗରିକଙ୍କୁ ନିଜ ପସନ୍ଦର ଧର୍ମ ଗ୍ରହଣ ଓ ଉପାସନା କରିବାର ଗ୍ୟାରେଣ୍ଟି ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୨୫ରେ କେବଳ ଜରୁରୀ ଧର୍ମୀୟ ପ୍ରଥାକୁ ସୁରକ୍ଷା ପ୍ରଦାନ କରାଯାଇଛି ବୋଲି ପ୍ରଭୁଲିଙ୍ଗ କହିଥିଲେ।

# ବୁର୍ଖା ପରିହିତାଙ୍କୁ ବ୍ୟାଙ୍କ ଫେରାଇଦେଲା

**ପାଟନା,୨୧।୨**

ବିହାରର ବେଗୁସରାଇ ଜିଲାରେ ଏକ ଜାତୀୟକରଣ ବ୍ୟାଙ୍କ ଜଣେ ବୁର୍ଖା ପରିହିତା ଯୁବତୀଙ୍କୁ କାରବାର ପାଇଁ ଅନୁମତି ନ ଦେଇ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ସୋସିଆଲ ମିଡିଆରେ ଏହା ଶେୟାର କରିଛନ୍ତି। ବେଗୁସରାଇର ମନସୁର ଚୌକ ୟୁକୋ ବ୍ୟାଙ୍କକୁ ଶନିବାର ଯୁବତୀ ଜଣକ ଟଙ୍କା ଉଠାଇବାକୁ ଯାଇଥିଲେ। ପ୍ରଥମେ ହିଜାବ ଖୋଲି ପରେ ଟଙ୍କା ଉଠାଇବା ପାଇଁ ଆବେଦନ କରିବାକୁ ବ୍ୟାଙ୍କ୍‌ର ୩/୪ ଜଣ କର୍ମଚାରୀ ତାଙ୍କୁ କହିଥିଲେ। ଯୁବତୀ ଜଣକ ଏହାକୁ ବିରୋଧ କରିବା ସହ ବ୍ୟାଙ୍କରେ ହିଜାବ ନିଷେଧ ସମ୍ପର୍କିତ ଲିଖିତ ନିର୍ଦ୍ଦେଶନାମା ଦେଖାଇବାକୁ କହିଥିଲେ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଉକ୍ତ ଭିଡିଓକୁ ରି-ଟୁଇଟ୍ କରିବା ସହ ସେଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଟ୍ୟାଗ୍ କରିଛନ୍ତି। ନିଜ ପଦର ସୁରକ୍ଷା ପାଇଁ ନୀତୀଶ ଭାଜପା ନିକଟରେ ତାଙ୍କ ନୀତି ଆଦର୍ଶ ଓ ନୈତିକତାକୁ ବନ୍ଧା ପକାଇଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି।

## ୨୧୦୦ କୋଟିର ଚୁକ୍ତିନାମା କରିଛି ଏଚ୍‌ଜିଏସ୍

**ନୂଆଦିଲ୍ଲୀ:** କୋଭିଡ୍ ଯୋଗୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବ୍ରିଟେନ୍ ନାଗରିକମାନଙ୍କୁ ୨ବର୍ଷ ପାଇଁ ଗୁରୁତ୍ୱପୂର୍ଣ୍ଣ ଗ୍ରାହକ ସହାୟତା ପ୍ରଦାନ କରିବା ଲାଗି ୟୁକେ ହେଲ୍‌ଥ ସିକ୍ୟୁରିଟି ଏଜେନ୍ସି (ୟୁକେଏଚ୍‌ଏସ୍ଏ)ଠାରୁ ହିନ୍ଦୁଜା ଗ୍ଲୋବାଲ ସଲ୍ୟୁସନ୍ସର ବ୍ରିଟେନରେ ଥିବା ସହଯୋଗୀ ସଂସ୍ଥା ଏଚ୍‌ଜିଏସ୍ ୟୁକେ ଲିମିଟେଡ୍ ଚୁକ୍ତିନାମା (କାର୍ଯ୍ୟବରାଦ) ହାସଲ କରିଛି। ଉକ୍ତ ଚୁକ୍ତିନାମାର ପରିମାଣ ହେଉଛି ୨୧୦୦ କୋଟି ଟଙ୍କା ଏବଂ ଏହା ଅନୁଯାୟୀ କମ୍ପାନୀ ସାରା ବ୍ରିଟେନରେ ୨୦୦୦ରୁ ଅଧିକ ଲୋକଙ୍କୁ ୱାର୍କ ଫ୍ରମ୍ ହୋମ୍‌ରେ କାମ କରାଇବ।

## ଜନ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ୭୦୦ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୨: ଜନ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ନିକଟରେ ଏହାର ୭୦୦ତମ ଶାଖା ବଲାଙ୍ଗୀରର ବୁରୋମାଲ୍‌ଠାରେ ଶୁଭାରମ୍ଭ ହୋଇଯାଇଛି। ବ୍ୟାଙ୍କର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ସୁଭାଷ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କହିଥିଲେ, ଋଣ ସମ୍ପ୍ରସାରଣ ହେଉଛି ଅଭିବୃଦ୍ଧି ଓ ସମୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅନ୍ତର ଦୂରକରିବା ଲାଗି ଉଲ୍ଲେଖନୀୟ ସୁଯୋଗ ରହିଛି। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅଜୟ କନ୍‌ୱାଲ୍ କହିଛନ୍ତି, ଓଡ଼ିଶାରେ ୭୦୦ତମ ଶାଖା ଉନ୍ମୋଚନ ସହିତ ଆମେ ସଫଳତାର ସହ ବ୍ୟାଙ୍କସେବା ପହଞ୍ଚି ନ ଥିବା ଗ୍ରାମୀଣ ଅଞ୍ଚଳରେ ଶାଖା ସଂଖ୍ୟା ୨୪୪କୁ ବୃଦ୍ଧି କରିପାରିଛୁ ଯାହା ଆମ ମୋଟ୍ ଶାଖା ନେଟ୍‌ୱର୍କର ୩୫%। ଗ୍ରାମାଞ୍ଚଳରେ ଚାହିଦା ବଢ଼ୁଛି ଏବଂ ହାଉସିଂଠାରୁ ଆରମ୍ଭକରି ଦୁଇ ଚକିଆ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ୍ ଉତ୍ପାଦଗୁଡ଼ିକ ଗ୍ରାହକମାନଙ୍କ ଦ୍ୱାରା ବିଶେଷ ଭାବେ ଗ୍ରହଣୀୟ ହୋଇପାରିଛି।

# ଓଡ଼ିଶାରେ ୧ଲକ୍ଷ ଟପିଲା ଜିଓ ଫାଇବର ଗ୍ରାହକ

ଭୁବନେଶ୍ୱର,୨୧।୨

ରିଲାଏନ୍ସ ଜିଓର ଅଲ୍‌ଟ୍ରା ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା 'ଜିଓ ଫାଇବର'ର ଗ୍ରାହକ ସଂଖ୍ୟା ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଓଡ଼ିଶାରେ ୧ ଲକ୍ଷ ଅତିକ୍ରମ କରିଛି। ଏଥିସହିତ ଏହା ରାଜ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଫିକ୍ସଡ୍ ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ କମ୍ପାନୀ ହେବାର ଗୌରବ ଅର୍ଜନ କରିଛି। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶିତ ଦୂରସଞ୍ଚାର ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓର ଫିକ୍ସଡ୍-ଲାଇନ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଫାଇବରର ୨୦୨୧ ଡିସେମ୍ବର ୩୧ ସୁଦ୍ଧା ଓଡ଼ିଶାରେ ଗ୍ରାହକ ସଂଖ୍ୟା ୧,୦୧,୧୯୦ ରହିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ଫାଇବର ଡିସେମ୍ବର ଶେଷ ସୁଦ୍ଧା ୪.୫୭ ନିୟୁତରୁ ଅଧିକ ଫିକ୍ସଡ୍-ଲାଇନ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ହାସଲ ସହିତ ଏକ ନମ୍ବର ଫିକ୍ସଡ୍-ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଣକାରୀ ଭାବରେ ନିଜ ସ୍ଥିତି ଅଧିକ ସୁଦୃଢ଼ କରିଛି।

Jio Fiber

### ୨୭ ସହର ଓ ନଗରକୁ ସେବା ସମ୍ପ୍ରସାରିତ

ଓଡ଼ିଶାରେ ସେବାର ଦ୍ରୁତ ସମ୍ପ୍ରସାରଣ କରୁଥିବା ଜିଓ ଫାଇବର ରାଜ୍ୟରେ ସର୍ବାଧିକ ପସନ୍ଦର ଅଲ୍‌ଟ୍ରା ହାଇ-ସ୍ପିଡ୍ ଫିକ୍ସଡ୍-ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଣକାରୀ ହୋଇପାରିଛି। ୨୦୨୦ ମାର୍ଚ୍ଚରେ ରାଜ୍ୟରେ ଜିଓ ଫାଇବର ଗ୍ରାହକ ସଂଖ୍ୟା ୮,୦୦୦ ଥିବା ବେଳେ ଏଥିରେ ଲଗାତର ବୃଦ୍ଧି ଘଟି ଗ୍ରାହକ ସଂଖ୍ୟା ୧୨୦୦%ରୁ ଅଧିକ ଅଭିବୃଦ୍ଧି ସହ ଡିସେମ୍ବର ୨୦୨୧ରେ ୧ଲକ୍ଷ ଅତିକ୍ରମ କରିଛି।

ଓଡ଼ିଶାବାସୀଙ୍କୁ ମହାମାରୀ ସମୟରେ ସଂଯୁକ୍ତ ରହିବାର ଏକ ଭରସାଯୋଗ୍ୟ ମାଧ୍ୟମ ଯୋଗାଇଦେଇ ଜିଓ ଫାଇବର ଗତ ଦୁଇବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ତା'ର ସେବାକୁ ଦ୍ରୁତ ସମ୍ପ୍ରସାରିତ କରିପାରିଛି। ଏପରିକି ଜିଓଫାଇବର ସେବା ଓଡ଼ିଶାର ଭୁବନେଶ୍ୱର, କଟକ, ପୁରୀ, ଅନୁଗୋଳ, ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, କେନ୍ଦୁଝର, କୋରାପୁଟ, ରାୟଗଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ବ୍ରହ୍ମପୁର, ବାଲେଶ୍ୱର ଓ ଢେଙ୍କାନାଳ ସମେତ ୨୭ଟି ସହର ଓ ପ୍ରମୁଖ ନଗରଗୁଡ଼ିକରେ ଉପଲବ୍ଧ କରାଉଛି। ଜିଓ ଫାଇବର ସେବା ମାସକୁ ମାତ୍ର ୩୯୯ ଟଙ୍କା ଭଳି ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେଉଛି, ଯାହା ଅସୀମିତ ଡାଟା ଏବଂ ମାଗଣା ଏଚ୍‌ଡି ଭଏସ୍ କଲିଂ ସୁବିଧା ପ୍ରଦାନ କରୁଛି। ବିବିଧ କମ୍ବୋ ଯୋଜନାରେ ମାଗଣା ସେଟ୍-ଟପ୍ ବକ୍ସ ଏବଂ ଭଏସ୍ ଏନେବଲ୍ଡ ରିମୋଟ ସହିତ ବ୍ୟବହାରକାରୀମାନେ ସମ୍ପ୍ରତି ୩୫୦ରୁ ଅଧିକ ଟିଭି ଚ୍ୟାନେଲ ଉପଭୋଗ କରିପାରିବେ ଏବଂ ସେମାନଙ୍କର ସାଧାରଣ ଟିଭି ସେଟ୍‌ଗୁଡ଼ିକୁ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ସ୍ମାର୍ଟ ଟିଭିରେ ରୂପାନ୍ତରିତ କରିପାରିବେ।

## ଆଇଡିବିଆଇରେ ଥିବା ଅଂଶଧନ ବିକ୍ରିବ ନାହିଁ ଏଲ୍‌ଆଇସି

ମୁମ୍ବାଇ,୨୧।୨

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ମାର୍ଚ୍ଚରେ ଦେଶର ସର୍ବବୃହତ୍ ପ୍ରାରମ୍ଭିକ ସର୍ବସାଧାରଣ ଅଫର(ଆଇପିଓ) ଯୋଜନା ବଜାରକୁ ଆଣିବାର ପ୍ରୟାସ କରାଯାଉଛି। ବିଶେଷକରି ଆଇଡିବିଆଇ ବ୍ୟାଙ୍କରେ ଥିବା ଏଲ୍‌ଆଇସିର ସମସ୍ତ ଅଂଶଧନକୁ ବର୍ତ୍ତମାନ ସମୟରେ ବିକ୍ରୟ କରାଯାଇପାରିବ ନାହିଁ। ଫଳରେ ନିଗମ ତା'ର ବୀମା ସେବାକୁ ମାର୍କେଟିଂ କରିବା ପାଇଁ ଶାଖାର ବୃହତ୍ ନେଟ୍‌ୱର୍କକୁ ବ୍ୟବହାର କରିପାରିବ ବୋଲି ଏଲ୍‌ଆଇସିର ଅଧ୍ୟକ୍ଷ ଏମ୍.ଆର୍. କୁମାର କହିଛନ୍ତି। ଦେଶର ଏକମାତ୍ର ସରକାରୀ ବୀମା କମ୍ପାନୀ ଆସନ୍ତା ମାସରେ ଆଣିବାକୁ ଥିବା ଆଇପିଓ ପାଇଁ ତା'ର ୫% ଅଂଶଧନ ବଦଳରେ ପ୍ରାୟ ୮ ବିଲିୟନ ଡଲାର ସଂଗ୍ରହ କରିବାକୁ ଯୋଜନା କରୁଛି। ଆଇଡିବିଆଇ ବ୍ୟାଙ୍କରେ ଏହାର ଅଧିକାଂଶ ଅଂଶଧନ ରହିଛି। ସୋମବାର ଏକ ଖବରଦାତା ସମ୍ମିଳନୀ କରି କୁମାର କହିଛନ୍ତି, ନିଗମ ଆଇଡିବିଆଇ ବ୍ୟାଙ୍କରୁ କିଛି ଅଂଶଧନ ପାଇବାକୁ ଚାହୁଁଛି।

## ଖିମ୍‌ଜୀ ପକ୍ଷରୁ 'ଗୋ ଗ୍ରୀନ୍' କାର୍ଯ୍ୟକ୍ରମର ଶୁଭାରମ୍ଭ




ଭୁବନେଶ୍ୱର,୨୧।୨

### ଇ-ଯାନ ପାଇଁ 'ଲେଟ୍‌ସ୍ ଡ୍ରାଇ ଇଭ୍' ସହ ସହଭାଗିତା

ରାଜ୍ୟର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଫଳରେ ପ୍ରତିଷ୍ଠାନ ଏକ 'ପରିଷ୍କାର ସ୍ମାର୍ଟ ସିଟି' ଆଡ଼କୁ ଆଉ ଏକ ଛୋଟ ପଦକ୍ଷେପ ସହ ଏହାର କର୍ମଚାରୀମାନଙ୍କ ପାଇଁ ଇ-ଯାନ ସହ 'ଗୋ ଗ୍ରୀନ୍' ପଦକ୍ଷେପକୁ ମଧ୍ୟ ଆପଣାଇଛି। ଏହି ପଦକ୍ଷେପ ଅନୁଯାୟୀ ଖିମ୍‌ଜୀ ଜୁଏଲର୍ସର ସମସ୍ତ କର୍ମଚାରୀ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ବର୍ତ୍ତମାନଠାରୁ ଇ-ଯାନରେ ଚଳାଚଳ କରିବେ। ଏପରିକି ଭୁବନେଶ୍ୱରର 'ଲେଟ୍‌ସ୍ ଡ୍ରାଇ ଇଭ୍' ସହ ସହଭାଗିତା କରି ଖିମ୍‌ଜୀ ଜୁଏଲର୍ସ ରୋଲ୍ ଆଧାରରେ ଏହି ଗାଡ଼ିଗୁଡ଼ିକ ଜରିଆରେ ଇ-ଯାନ ସେବାର ଆରମ୍ଭ କରିଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଏକ ଦାୟିତ୍ୱବାନ ନାଗରିକ ଓ ଅନୁଷ୍ଠାନ ହୋଇଥିବାରୁ ଖିମ୍‌ଜୀ ଜୁଏଲର୍ସ ଲୋକମାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବାରେ ପ୍ରତିବଦ୍ଧ। ଖିମ୍‌ଜୀ ଜୁଏଲର୍ସର 'ଗୋ ଗ୍ରୀନ୍' ପଦକ୍ଷେପ କେବଳ ଏହାର କର୍ମଚାରୀମାନଙ୍କ ପାଇଁ ପ୍ରଦୂଷଣମୁକ୍ତ ଯାତାୟାତକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଏକ ସବୁଜ ପରିବେଶ ପାଇଁ ମଧ୍ୟ ଏଭଳି ପଦକ୍ଷେପ ନେବାକୁ ଅନ୍ୟମାନଙ୍କୁ ଉତ୍ସାହିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଓଡ଼ିଶାକୁ ନିବେଶକ ଆଣିବାକୁ ୟୁସିସିଆଇଏଲ୍‌ର ପ୍ରୟାସ

ଭୁବନେଶ୍ୱର,୨୧।୨(ବ୍ୟୁରୋ)



ରାଜ୍ୟର ଆର୍ଥିକ ବିକାଶ ଉପରେ ନଜର ରଖି 'ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ଲିମିଟେଡ୍' (ୟୁସିସିଆଇଏଲ୍) ପକ୍ଷରୁ ୟୁଏସ୍‌ଏର ନିବେଶକମାନଙ୍କୁ ଓଡିଶା ଗସ୍ତରେ ଆସିବାକୁ ଅନୁରୋଧ କରାଯାଇଛି। ରାଜ୍ୟରେ ଆଲୁମିନିୟମ, ଷ୍ଟିଲ୍, କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଫୁଡ୍ ପ୍ରୋସେସିଂ, ଇନ୍‌ଫର୍ମେସନ ଟେକ୍ନୋଲୋଜି କ୍ଷେତ୍ରରେ ନିବେଶ ପାଇଁ ସୁଯୋଗ ରହିଥିବାରୁ ସେମାନଙ୍କୁ ସୁହାଉଥିବା ଭଳି ଜାଗା ଚୟନ କରିବାକୁ ୟୁସିସିଆଇଏଲ୍ ପକ୍ଷରୁ ନିବେଶକମାନଙ୍କୁ କୁହାଯାଇଛି। ନ୍ୟୁୟର୍କରେ ଭାରତର ବାଣିଜ୍ୟଦୂତ ରଣଧୀର ଜୈଶୱାଲ୍ ଏବଂ ତାଙ୍କ ଡେପୁଟି ବରୁଣ ଜେଫ୍, ୟୁସିସିଆଇଏଲ୍ ସଭାପତି ବ୍ରହ୍ମା ମିଶ୍ର ଆମେରିକୀୟ ନିବେଶକମାନଙ୍କ ସହିତ କଥାବାର୍ତ୍ତା ହେବା ସମୟରେ, ଓଡିଶାକୁ ଏକ ନିବେଶସ୍ଥଳ ଭାବରେ ସେମାନଙ୍କ ନିକଟରେ ପରିଚିତ କରାଇଥିଲେ। ୟୁସିସିଆଇଏଲ୍ ସଭାପତି ମିଶ୍ର କହିଛନ୍ତି ଯେ, ନିବେଶକମାନଙ୍କୁ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ ଦେବା ଦିଗରେ ୟୁସିସିଆଇଏଲ୍ ଯୋଜନା ପ୍ରସ୍ତୁତ କରିଛି । ସେ ଆହୁରି ମଧ୍ୟ କହିଛନ୍ତି, ଆମେ ନ୍ୟୁୟର୍କ ବାଣିଜ୍ୟ ଦୂତାବାସ କାର୍ଯ୍ୟାଳୟରେ ଆୟୋଜିତ ହେବାକୁ ଥିବା ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ ଆମ ପ୍ରଗତିଶୀଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତମ ନେତୃତ୍ୱରେ ଓଡିଶାର ଆର୍ଥିକ ମିଶନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବେ। ମିଶ୍ର ୨୦୨୨ ଜୁଲାଇ ମାସରେ ଏକ ରାଉଣ୍ଡ ଟେବୁଲ୍ ବ୍ୟବସାୟ ଆଲୋଚନା ପାଇଁ ଅନୁରୋଧ କରିଛନ୍ତି।

## ଇପିଏଫ୍‌ଓରେ ୧୬.୪% ସଦସ୍ୟ ବୃଦ୍ଧି

ନୂଆଦିଲ୍ଲୀ,୨୧।୨

୨୦୨୧ ଡିସେମ୍ବରରେ କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି (ଇପିଏଫ୍‌ଓ)ର ବାସ୍ତବିକ ଆଧାରରେ ୧୪.୬ ଲକ୍ଷ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ପୂର୍ବବର୍ଷ ସମାନ ଅବଧି ମଧ୍ୟରେ ଏହା ୧୬.୪% ଅଧିକ। ରବିବାର ଇପିଏଫ୍‌ଓ ପକ୍ଷରୁ ଜାରି ଅସ୍ଥାୟୀ ପରିସଂଖ୍ୟାନରୁ ଜଣାପଡ଼ିଛି, ଇପିଏଫ୍‌ଓରେ ଡିସେମ୍ବର ୨୦୨୦ରେ ୧୨.୫୪ ଲକ୍ଷ ସଦସ୍ୟ ସାମିଲ ହୋଇଛନ୍ତି। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୦୨୧ ନଭେମ୍ବର ତୁଳନାରେ ଡିସେମ୍ବରରେ ୧୯.୯୮% ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଛି। ଡିସେମ୍ବର ୨୦୨୧ରେ ସାମିଲ ହୋଇଥିବା ମୋଟ ୧୪.୬ ଲକ୍ଷ ଗ୍ରାହକଙ୍କ ମଧ୍ୟରୁ ୯.୧୧ ଲକ୍ଷ ନୂଆ ସଦସ୍ୟ ପ୍ରଥମ ଥର ଲାଗ ସାମିଲ ହୋଇଛନ୍ତି।

# ୟୁନିୱାନ୍ ଫାଉଣ୍ଡେଶନ ପକ୍ଷରୁ ୧୦ଲକ୍ଷ ଟଙ୍କା ପ୍ରଦାନ

ମୁମ୍ବାଇ,୨୧।୨

ୟୁନିୟନ ବ୍ୟାଙ୍କର ସହଯୋଗୀ ଅନୁଷ୍ଠାନ ୟୁନିୱାନ୍ ଫାଉଣ୍ଡେଶନ ପକ୍ଷରୁ ମୁମ୍ବାଇର 'ଦି ହିନ୍ଦୁ ୱିମେନ୍ସ ୱେଲ୍‌ଫେୟାର୍ ସୋସାଇଟି'କୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅର୍ଥକୁ ଶ୍ରଦ୍ଧାନନ୍ଦ ମହିଳାଶ୍ରମର ଚିକିତ୍ସା ୟୁନିଟ୍‌କୁ ନୂତନ ଭାବରେ ଗଢ଼ିବା ଦିଗରେ ବିନିଯୋଗ କରାଯିବ। ସୂଚନାଯୋଗ୍ୟ, ମୁମ୍ବାଇର ମାତୁଙ୍ଗାଠାରେ 'ଦି ହିନ୍ଦୁ ୱେଲ୍‌ଫେୟାର୍ ୱିମେନ୍ସ ୱେଲ୍‌ଫେୟାର୍ ସୋସାଇଟି' ପକ୍ଷରୁ ଶ୍ରଦ୍ଧାନନ୍ଦ ମହିଳାଶ୍ରମ ପରିଚାଳିତ ହେଉଛି। ଏହି ସଂସ୍ଥା ପକ୍ଷରୁ ଆଶ୍ରମରେ ଥିବା ମହିଳାମାନଙ୍କୁ ସ୍ୱାସ୍ଥ୍ୟସେବା, ପୋଷ୍ୟଗ୍ରହଣ ଏବଂ ବିବାହ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୟୁନିୱାନ୍ ଫାଉଣ୍ଡେଶନ ସଭାପତି ସତ୍ୟବତୀ ରାୟଙ୍କ ଦ୍ୱାରା ଚିକିତ୍ସା ୟୁନିଟ୍‌ର ଉଦ୍‌ଘାଟନ କରାଯାଇଛି। ଏଥିରେ ଫାଉଣ୍ଡେଶନର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୟୁନାଇଟେଡ୍ ଫର୍ ଏ ଗୁଡ୍ କଜ ଆଧାରରେ ୟୁନିୱାନ୍ ସାମାଜିକ ପ୍ରତିଷ୍ଠାନଟି ଗଢ଼ି ଉଠିଥିଲା। ୟୁନିୟନ ବ୍ୟାଙ୍କର ବରିଷ୍ଠ ପରିଚାଳକମାନଙ୍କ ପତ୍ନୀମାନଙ୍କ ଦ୍ୱାରା ଏହି ଅନୁଷ୍ଠାନ ପରିଚାଳିତ ହେଉଥିବା ବେଳେ ଏହାଦ୍ୱାରା ସମାଜର ଅସହାୟ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସହାୟତା ପ୍ରଦାନ କରାଯାଏ।



ଫୁର୍‌ସତ୍

# 'ଦ କଶ୍ମୀର ଫାଇଲ୍ସ'ରେ ନରସଂହାର କାହାଣୀ




**ମୁମ୍ବାଇ:** ଆତଙ୍କବାଦୀଙ୍କ ଆତଙ୍କରେ ଥରୁଛି ସାରା କଶ୍ମୀର। ଯୁଆଡେ ଶୁଣିବ ଗୁଳିମାଡ଼ର ଶବ୍ଦ। ଖୋଜି ଖୋଜି କଶ୍ମୀର ପଣ୍ଡିତଙ୍କୁ ଗୁଳି କରୁଛନ୍ତି। ଧଳା ଚାଦର କୁହାଯାଉଥିବା କଶ୍ମୀର ସେମାନଙ୍କ ରକ୍ତ ଛିଟାରେ ଲାଲ ହୋଇଯାଇଛି। କଶ୍ମୀର ପଣ୍ଡିତମାନେ ସେଠାରୁ ପଳେଇବାକୁ ବାଧ୍ୟ ହେଉଛନ୍ତି। ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି ରିଲିଜ୍ ହୋଇଥିବା ଫିଲ୍ମ 'ଦ କଶ୍ମୀର ଫାଇଲ୍ସ' ଟ୍ରେଲରରେ। ୯୦ ଦଶକରେ କଶ୍ମୀରରେ ଚାଲିଥିବା ନରସଂହାରର ଦୃଶ୍ୟକୁ ଟ୍ରେଲର ଜରିଆରେ ଦର୍ଶାଯାଇଛି। ଏଥିସହ ପଣ୍ଡିତମାନଙ୍କର ଦୁଃଖ ଦୁର୍ଦ୍ଦଶାର କାହାଣୀକୁ ଚିତ୍ରଣ କରାଯାଇଛି। ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଏକ ସତ୍ୟ ଘଟଣା ଉପରେ ଆଧାରିତ। କଶ୍ମୀରରେ ବ୍ୟାପିଥିବା ଆତଙ୍କ ଏବଂ ଭୟଙ୍କର ଦୃଶ୍ୟ ପରଦାରେ ଦେଖିବାକୁ ମିଳିବ। ଏଥିରେ ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ପଲ୍ଲବୀ ଜୋଷୀ, ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ, ପ୍ରକାଶ ବେଲାୱଡି ପ୍ରମୁଖ ଚରିତ୍ରରେ ଅଭିନୟ କରିଛନ୍ତି। ସେମାନଙ୍କ ବ୍ୟତୀତ ଦର୍ଶନ କୁମାର, ଭସା ସୁମ୍ଭଲି, ଚିନ୍ମୟ ମାଣ୍ଡଲେକର, ପୁନିତ ଇସାର, ମ୍ରିନାଲ କୁଲକର୍ଣ୍ଣି, ଅତୁଲ ଶ୍ରୀବାସ୍ତବ ଏବଂ ପୃଥ୍ୱୀରାଜ ସରନିକ୍ ଅନେକ ଚରିତ୍ରରେ ନଜରକୁ ଆସିବେ। ନିର୍ଦ୍ଦେଶକ ଅଗ୍ନି ହୋତ୍ରୀ କହିଛନ୍ତି, କଶ୍ମୀର ନରସଂହାର କାହାଣୀ ବଡ଼ ପରଦାକୁ ଆଣିବା ଏତେ ସହଜ ନୁହେଁ। ଏହା ବେଶ୍ ସମ୍ବେଦନଶୀଳ ଘଟଣା। ଦର୍ଶକ ଏହା ମାଧ୍ୟମରେ ଭାରତ ଇତିହାସର ଉକ୍ତ ଘଟଣାକୁ ଦେଖିପାରିବେ। ସିନେମାଟି ମାର୍ଚ୍ଚ ୧୧ରେ ମୁକ୍ତିଲାଭ କରିବ। ଅଭିନେତ୍ରୀ କଙ୍ଗନା ରାଣାୱତ୍ ମୁଭିର କାହାଣୀକୁ ପ୍ରଶଂସା କରିଛନ୍ତି ।

# ଆହ୍ୱାନର ମୁକାବିଲା ସ୍କାଉଟ୍‌ର ମୂଳ ଲକ୍ଷ୍ୟ

**ଜୀ**ବନର ପ୍ରତିଟି କ୍ଷେତ୍ରରେ ଆସୁଥିବା ଆହ୍ୱାନର ମୁକାବିଲା କରିବା ଏବଂ ଏନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ସ୍କାଉଟ୍ ହିଁ ଶିକ୍ଷାଦାନ କରିଥାଏ। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କିପରି ଧୈର୍ଯ୍ୟହରା ନ ହୋଇ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ହୋଇଥାଏ, ତାହା ସ୍କାଉଟ୍ ହିଁ ବତାଇ ଦେଇଥାଏ। ସ୍କାଉଟ୍ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୨୨ରେ ସ୍କାଉଟ୍ ଦିବସ ପାଳନ କରାଯାଇଥାଏ।


ରବର୍ଟ ବାଡେନ-ପାୱେଲ

ସ୍କାଉଟ୍‌ର ପ୍ରତିଷ୍ଠାତା ରବର୍ଟ ବାଡେନ-ପାୱେଲଙ୍କ ଜନ୍ମ ୧୮୫୭ ଫେବୃୟାରୀ

### ସ୍କାଉଟ୍ ଦିବସ

୨୨ରେ ହୋଇଥିଲା। ଏହି ଦିନଟିକୁ ସ୍ମରଣ କରିବା ଲାଗି ସ୍କାଉଟ୍ ଦିବସ ପାଳନ କରାଯାଇଥାଏ। ଅନ୍ୟକୁ ସହାୟତା କରିବା ସ୍କାଉଟ୍ ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ। ନିଜର ଜୀବନକୁ ଉତ୍ସର୍ଗ କରି ସମାଜର କଲ୍ୟାଣ ସାଧନ ନିମିତ୍ତ ସ୍କାଉଟ୍ ସଙ୍ଗଠନ କାର୍ଯ୍ୟ କରିଥାଏ। ଏ କ୍ଷେତ୍ରରେ ସ୍କାଉଟ୍ ସଦସ୍ୟ ଅର୍ଥାତ୍ ଜାମ୍ବୋରୀମାନେ ସ୍ୱତନ୍ତ୍ର ତାଲିମ ଗ୍ରହଣ କରିଥାଆନ୍ତି। ଏନେଇ ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭୌଗୋଳିକ ପରିବେଶରେ ଜାମ୍ବୋରୀଙ୍କ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ଅନ୍ୟ କୌଣସି ପ୍ରତିକୂଳ ପରିସ୍ଥିତି, ପ୍ରତିଟି କ୍ଷେତ୍ରରେ ସ୍କାଉଟ୍ ଗାଇଡ୍‌ମାନେ ଲଢ଼ୁଆ ମନୋବୃତ୍ତି ନେଇ କାର୍ଯ୍ୟ କରିଥା'ନ୍ତି। ଏହି ଅବସରରେ ପୃଥିବୀର ବିଭିନ୍ନ ଦେଶବ୍ୟାପୀ ସ୍କାଉଟ୍ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ।

# କାଠରେ ତିଆରି ଓପନ୍ ଜିମ୍



**ମୁମ୍ବାଇ:** ମୁମ୍ବାଇରେ ଏମିତି ଏକ ଜିମ୍ ଅଛି, ଯେଉଁଠି ସମସ୍ତ ଉପକରଣ ତିଆରି ହୋଇଛି କେବଳ କାଠରେ। ମୁମ୍ବାଇର ମାହିମ୍ ଅଞ୍ଚଳର ସମୁଦ୍ର କୂଳରେ ଏବେ ତିଆରି ହୋଇଛି ଏକ ଭିନ୍ନ ଧରଣର ଜିମ୍। ଏହାର ସମସ୍ତ ଉପକରଣ କେବଳ କାଠରେ ତିଆରି ହୋଇଛି। ତେବେ ଜିମ୍‌ଟିକୁ ତିଆରି କରିଛି ମୁମ୍ବାଇ ମହାନଗର ନିଗମ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଜିମ୍ ତିଆରି କରାଯାଇଛି। ଏହା ଏକ ଓପନ୍ ଜିମ୍ ଏବଂ ଏଠାରେ ସାଧାରଣ ଲୋକେ ମାଗଣାରେ ସମସ୍ତ ଉପକରଣ ବ୍ୟବହାର କରିପାରିବେ। ତେଣୁ ଏଣିକି ସମୁଦ୍ର ଉପକୂଳରେ ବୁଲିବାକୁ ଯିବା ସମୟରେ ଲୋକେ ଜିମ୍‌ର ଉପକରଣ ବ୍ୟବହାର କରି ଶରୀରକୁ ସୁସ୍ଥ ରଖିପାରିବେ। ଖୋଲା ସ୍ଥାନରେ, ସମୁଦ୍ର କୂଳରେ ଏକ ସୁନ୍ଦର ପରିବେଶରେ ଏଭଳି ଏକ ଜିମ୍ ଲୋକଙ୍କୁ ମାନସିକ ଖୁସି ବି ପ୍ରଦାନ କରିପାରିବ।

K.G. Saraff Public School
Kharia Road, Dist- Nuapada

ADVERTISEMENT

Applications are invited for the admission of the eligible candidates in class-I under the RTE (2009) for the session 2022-23 up to 15th April 2022. Contact the under signed through *https://www.rteparadarshi.odisha.gov.in*

Contact No.- 8018371030

Principal
K.G. S.P. School,
Khariar Road

MISSING



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.

ଧ-୨୩୧୫୮

# 'ଲକ୍ ଅପ୍'ରେ ନିଶା



**ମୁମ୍ବାଇ:** କଙ୍ଗନା ରାଣାୱତ୍‌ଙ୍କ ରିଆଲିଟି ଶୋ' 'ଲକ୍ ଅପ୍' ପ୍ରସାରଣ ହେବା ପୂର୍ବରୁ ତା'ର ପ୍ରଥମ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଛି। ତେବେ ନିଶା ରାୱଲ ଶୋ'ର ପ୍ରଥମ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଛନ୍ତି। ନିଶା ଜଣେ ଟେଲିଭିଜନ୍ ଅଭିନେତ୍ରୀ ଓ ମଡେଲ। ସେ ଧାରାବାହିକ 'ଲକ୍ଷ୍ମୀ ତେରେ ଆଙ୍ଗନ କି'ରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଛନ୍ତି। ନିଶା ଏହିପରି ଆଡଭେଞ୍ଚର ଏବଂ ଥ୍ରିଲର୍ ଶୋ'କୁ ଯିବାକୁ ସବୁବେଳେ ଇଚ୍ଛୁକ ଥାନ୍ତି। ସେ କହିଛନ୍ତି, ଏହା ଅତ୍ୟନ୍ତ ରୋମାଞ୍ଚକର, ଏଥିରେ ନୂଆ ପରୀକ୍ଷାକୁ ସାମ୍ନା କରିବାକୁ ସେ ଉତ୍ସାହିତ ଅଛନ୍ତି। ଏହି ଶୋ' ୨୭ ଫେବୃୟାରୀକୁ ଅଲ୍ଟ ବାଲାଜୀ ଏବଂ ଏମ୍‌ଏକ୍ସ ପ୍ଲେୟାରରେ ଷ୍ଟ୍ରିମ୍ କରିବ। କଙ୍ଗନା ଶୋ' ହୋଷ୍ଟ କରିବେ। ୧୬ ପ୍ରତିଯୋଗୀ ଏଥିରେ ଭାଗନେବାକୁ ଥିବାବେଳେ କଙ୍ଗନା ସେମାନଙ୍କୁ ନିଜ ହିସାବରେ 'ଜେଲ'ରେ ରଖିବେ।

# ୫ ବର୍ଷୀୟା ଲେଖିକା

**ଲଣ୍ଡନ:** ଛୋଟବେଳୁ ଅନେକ ପିଲା ବିଭିନ୍ନ ପ୍ରତିଭାର ଅଧିକାରୀ ହେବା ସହ ୱାର୍ଲ୍ଡ ରେକର୍ଡ ମଧ୍ୟ କରିଛନ୍ତି। ତେବେ ଇଂଲଣ୍ଡରେ ରହୁଥିବା ୫ ବର୍ଷର ଝିଅ ବେଲା ଜେ ଡାର୍କ ଦୁନିଆର ସବୁଠାରୁ ଶିଶୁ ଲେଖକ ଭାବେ ବହି ଲେଖି ଚର୍ଚ୍ଚାକୁ ଆସିଛନ୍ତି। ଗତ ବର୍ଷ ବେଲା ଏକ ବହି ଲେଖି ପିତାମାତାଙ୍କୁ ଜଣାଇଥିଲେ। କିନ୍ତୁ ସେମାନେ ଏହାକୁ ବିଶ୍ୱାସ କରି ନ ଥିଲେ। ମାତା ଚେଲ୍‌ସୀ ଏବଂ ପିତା ମାଇଲ୍ସ ପିଲାର ଏପରି ପ୍ରତିଭା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବହିଟିର ନାମ ଥିଲା 'ଦ ଲଷ୍ଟ କ୍ୟାଟ୍'। ବହିଟିକୁ ଜିଞ୍ଜର ଫାୟାର ପ୍ରେସ୍ ଦ୍ୱାରା ପ୍ରକାଶ କରାଯାଇଛି। ବହିରେ ଗୋଟିଏ ଚିତ୍ରକୁ ଛାଡିଦେଲେ ବାକି ସମସ୍ତ ଚିତ୍ରକୁ ବେଲା ଆଙ୍କିଛନ୍ତି। ତେବେ ଶିଶୁ ଲେଖକ ଭାବେ ୭ ବର୍ଷ ବୟସର ଅଭିଜିତ ଗୁପ୍ତାଙ୍କ ନାମ ୱାର୍ଲ୍ଡ ରେକର୍ଡରେ ରହିଛି।



CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ଅମିନ୍ ଆର.ଆଇ ଟ୍ରେନିଂ
(Approved by Govt. of Odisha)
କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ଆର୍.ଆଇ, ଅମିନ୍ ଆବଶ୍ୟକ ହେଉଥିବାରୁ ୧୦ମ ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ୪୫ ଦିନ ମଧ୍ୟରେ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯିବ। ଟ୍ରେନିଂ ପରେ ଯୋଗ୍ୟତା ଅନୁଯାୟୀ ଗ୍ଯକିରୀ କରିପାରିବେ। ଏତଦ୍ ବ୍ୟତିତ ଯେଉଁ ବ୍ୟକ୍ତିମାନଙ୍କର ଜମି ଡିମାରକେସନ୍, ପାର୍ଟିସନ୍, ଟ୍ରେସିଙ୍ଗ ନକ୍‌ସା ଓ ରେକର୍ଡ ସଂଶୋଧନ କରିବାର ଅଛି। ସେମାନେ ମଧ୍ୟ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିପାରିବେ।
Email: indianlearningedu@gmail.com
Secretary ITI, Chandralok Market SCR/4, Niladri Vihar, Bhubaneswar-21
7504641993 / 9556357186 / 0674-2721969

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫିଟ୍‌ନେସ୍ ମନ୍ତ୍ର

ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କଠାରେ ବିଶେଷ କରି ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟପକ୍ଷେ ବରଦାନ ସଦୃଶ...



ବର୍ତ୍ତମାନ ଶାରୀରିକ ପରିଶ୍ରମ କମ୍ ହେବା ଯୋଗୁ ଅଧିକାଂଶ ଗୃହିଣୀଙ୍କଠାରେ ମେଦବହୁଳତା ହେତୁ ହେଉ କିମ୍ବା ଡେସ୍କଜବ୍ କରୁଥିବା ମହିଳା ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହୁଥିବାରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେବେ ଏମିତିରେ କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ, ପ୍ରତ୍ୟେକଙ୍କ ଲାଗି ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ବେଶ୍ ଉପକାରୀ। ଏହା ଦ୍ୱାରା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁତନ୍ତ୍ର, ରକ୍ତ ନାଡ଼ି, ଶ୍ୱାସକ୍ରିୟା ଆଦି ସୂଚାରୁ ରୂପେ ସଞ୍ଚାଳନ ହେବା ସହ ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରର ବିକାଶ ସମ୍ଭବ ହୋଇଥାଏ। ଜାଣନ୍ତୁ ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ...

**କମାଏ ମାନସିକ ଚିନ୍ତା:** ପାରିବାରିକ ହେଉ ବା କର୍ମମୟ ଜୀବନର ଝଞ୍ଜାଳ ଅନେକ ମହିଳାଙ୍କଠାରେ ମାନସିକ ଚିନ୍ତାର କାରଣ ସାଜିଥାଏ। ଏ କ୍ଷେତ୍ରରେ ନିୟମିତ ଯୋଗାସନ କରିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇ ଚିଡ଼ିଚିଡ଼ାପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ।

**ଦିଏ ପୀଡ଼ାରୁ ମୁକ୍ତି:** ଋତୁସ୍ରାବ ବିରତି ପରେ ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ଅଧିକାଂଶ ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ହେଲେ ଯୋଗାସନ କରିବା ଦ୍ୱାରା ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡ଼ା ବିଶେଷକରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣାରୁ ଉପଶମ ମିଳିଥାଏ। ସେହିପରି ଯେଉଁ ମହିଳାମାନେ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ। କାରଣ ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ, ଖୁସି ରଖିଥାଏ ଏବଂ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନଶକ୍ତି ବୃଦ୍ଧି ପାଇଥାଏ। ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ଏତିକି ନୁହେଁ, ନିୟମିତ ଯୋଗ କରିବା ଦ୍ୱାରା ସ୍ତନ କର୍କଟ ଆଶଙ୍କା ମଧ୍ୟ କମିଥାଏ।

**ରକ୍ତ ସଞ୍ଚାଳନ ଠିକ୍ କରାଏ:** ବର୍ତ୍ତମାନ ମେଦବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଏଣୁ ଏଥିଯୋଗୁ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ସମସ୍ୟା ଦେଖାଦେଉଛି। ସୁଚାରୁ ରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୋଟାପଣ ଯୋଗୁ ଶରୀରରେ ଚର୍ବି ଜମି ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି। ଫଳରେ ଆଣ୍ଠୁଗଣ୍ଠି ବ୍ୟଥାରୁ ଆରମ୍ଭ କରି ହୃଦ୍‌ରୋଗ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଉପୁଜୁଛି। ତେଣୁ ଏସବୁ କମାଇ ଶରୀରକୁ ଫିଟ୍ ରଖିବା ଲାଗି ଯୋଗାସନ ବେଶ୍ ଉପକାରୀ। ଏହାଦ୍ୱାରା ହାର୍ଟ, ଧମନୀ ସୁସ୍ଥ ରହିଥାଏ ଏବଂ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁ ରୂପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ପରିମାଣ ନିୟନ୍ତ୍ରଣରେ ରହିବା ଯୋଗୁ ତ୍ୱଚା ଏବଂ ଅଙ୍ଗଗୁଡ଼ିକ ମଧ୍ୟ ସୁସ୍ଥ ରହିଥାଏ। ଏହାଦ୍ୱାରା ହୃଦ୍‌ରୋଗ ଆଶଙ୍କା କମିଥାଏ।

**ବଢ଼ାଏ କାର୍ଯ୍ୟଦକ୍ଷତା:** ଏହା ମଣିଷକୁ ଶକ୍ତି ଯୋଗାଏ, ଯାହାକି ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ।

**ବଢ଼ାଏ ସୌନ୍ଦର୍ଯ୍ୟ:** ପ୍ରତିଦିନ ଯୋଗ କରିବା ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଶରୀରରେ ଥିବା ଅନାବଶ୍ୟକ ଚର୍ବିକୁ ହ୍ରାସ କରି ଶାରୀରିକ ଗଠନକୁ ସୁଠାମ କରିଥାଏ। ଯୋଗ କରିବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ଦ୍ୱାରା ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। ସେହିପରି କେଶ ଝଡ଼ିବା, ଛିଣ୍ଡିବା ଆଦି ଦୂର କରି କେଶକୁ କଳା ଓ ମଜଭୁତ ରଖିବାରେ ସାହାଯ୍ୟ କରିଥାଏ।



## ସାବଧାନତା

ଯଦିଓ ଯୋଗ କରିବା ସୁସ୍ଥ ଜୀବନ ପାଇଁ ବେଶ୍ ଜରୁରୀ, ହେଲେ ଯୋଗ କରିବା ସମୟରେ କେତେକ ଦିଗ ପ୍ରତି ଯତ୍ନଶୀଳ ନ ହେଲେ ଏହାର ସୁଫଳ ମିଳିବା ବଦଳରେ ଶରୀର ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ। ଜାଣି ରଖନ୍ତୁ ଏ ସମ୍ପର୍କରେ...

ଯୋଗ କରିବା ଲାଗି ଠିକ୍ ସମୟ ବାଛନ୍ତୁ। ସୂର୍ଯ୍ୟୋଦୟର ଅଧ ଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ ଦେଢ଼ ଘଣ୍ଟା ସମୟ ଏଥିପାଇଁ ସବୁଠୁ ଉତ୍ତମ। ଖାଇବା ପରେ ଆଦୌ ଯୋଗ କରନ୍ତୁ ନାହିଁ। ଯୋଗ କରିବା ବେଳେ ତରତର ହୁଅନ୍ତୁ ନାହିଁ। ପ୍ରଥମେ ପ୍ରଥମେ ଆରମ୍ଭ କରୁଥିଲେ ଶୀଘ୍ର ସୁଫଳ ମିଳିବା ଲୋଭରେ ଏକାସଙ୍ଗେ ବହୁତ ଯୋଗାସନ ଅଧିକ ସମୟ ପର୍ଯ୍ୟନ୍ତ କରନ୍ତୁ ନାହିଁ। କାରଣ ଆବଶ୍ୟକତାଠାରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ମନେରଖନ୍ତୁ, ଯଦି ଆପଣ ଗର୍ଭବତୀ ତେବେ ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବାପରେ କରନ୍ତୁ। ଋତୁସ୍ରାବ ସମୟରେ ମଧ୍ୟ ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ଯୋଗର ଠିକ୍ ଲାଭ ଉଠାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ମଧ୍ୟ ଯତ୍ନଶୀଳ ହେବା ଆବଶ୍ୟକ।



ସମୟ ସହ ତାଳ ଦେଇ ଏବେ ଫ୍ୟାଶନ୍ ମଧ୍ୟ ବଦଳିବାରେ ଲାଗିଛି। ଯୁବତୀ ହୁଅନ୍ତୁ କିମ୍ବା ମହିଳା, ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଭେରାଇଟି ତଥା ଡିଜାଇନ୍‌ର ଆଉଟ୍‌ଫିଟ୍ ପିନ୍ଧୁଛନ୍ତି। ତେବେ ବର୍ତ୍ତମାନ ଫର୍ମାଲ୍, କାଜୁଆଲ୍ କିମ୍ବା ପାର୍ଟିୱେର ଭାବେ ଅଧିକାଂଶ ସ୍କର୍ଟ ପିନ୍ଧୁଛନ୍ତି। ଯଦି ଆପଣଙ୍କୁ ବି ସ୍କର୍ଟ ପିନ୍ଧିବା ପସନ୍ଦ, ତେବେ କେଉଁ ପ୍ରକାର ସ୍କର୍ଟ କେବେ ପିନ୍ଧିଲେ ଭଲ ଲାଗିବେ, ଜାଣି ରଖନ୍ତୁ ଟିପ୍ସ...

# ଷ୍ଟାଇଲିସ୍ ଲୁକ୍ ଦିଏ ସ୍କର୍ଟ



**ଲେୟାର୍ଡ ସ୍କର୍ଟ–** ଏହି ପ୍ରକାର ସ୍କର୍ଟଟି ଲେୟାର ଲେୟାର ହୋଇ ରହିଥାଏ। ଏହାର ଉଭୟ ଲଙ୍ଗ୍ ଏବଂ ଶର୍ଟ ସାଇଜ୍ ରହିଛି। ପ୍ରାୟତଃ ସବୁ ଲେୟାର ସମାନ ରଙ୍ଗର ହୋଇଥାଏ। ଏହାକୁ ବାହାରକୁ ବୁଲିବାକୁ ଗଲାବେଳେ କିମ୍ବା ସାଙ୍ଗମାନଙ୍କ ସହ ଲଙ୍ଗ୍ ଡ୍ରାଇଭ୍‌ରେ ଗଲାବେଳେ ପିନ୍ଧିପାରିବେ, ଯାହା ଆପଣଙ୍କୁ କମ୍ଫର୍ଟେବଲ୍ ଫିଲ୍ କରାଇବ।

**ମର୍‌ମେଡ୍ ସ୍କର୍ଟ–** ଏହି ପ୍ରକାର ସ୍କର୍ଟ ଦେଖିବାକୁ ମାଛ ଆକାରର। ଏହାର ଉପର ଭାଗଟି ଅଳ୍ପ ଓସାରିଆ, ମଝି ଅଂଶଟି ସରୁ ଏବଂ ତଳ ଭାଗଟି ପୂରା ଖୋଲି ହୋଇ ରହିଥାଏ। କାଜୁଆଲ୍ ଅପେକ୍ଷା ଫରମାଲ୍‌ରେ ଏହା ବେଶି ଭଲ ଲାଗିଥାଏ। କୌଣସି ପାର୍ଟି କିମ୍ବା ଫଙ୍କ୍‌ସନ୍‌କୁ ପିନ୍ଧିକି ଗଲେ ଆପଣ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ।

**ପେନ୍‌ସିଲ୍ ସ୍କର୍ଟ–** ଏହି ପ୍ରକାର ସ୍କର୍ଟ ସିଧା ଏବଂ ବଡି ସହ ପୂରା ଫିଟ୍ ହୋଇ ରହିଥାଏ। ଏହାକୁ ମୁଖ୍ୟତଃ ଫର୍ମାଲ୍ ୱେର୍ ଭାବେ ବ୍ୟବହାର କରାଯାଏ। ପ୍ରଫେସନାଲ୍ ଏବଂ ବିଜିନେସ୍ କରୁଥିବା ମହିଳାମାନେ ଏହାକୁ ଅଧିକ ପିନ୍ଧି ଅନ୍ୟମାନଙ୍କଠାରୁ ୟୁନିକ୍ ଲାଗିଥା'ନ୍ତି।

**ରଫଲ୍ଡ ସ୍କର୍ଟ–**ଏହି ସ୍କର୍ଟଟି ପୂରା ରଫଲ୍ ହୋଇ ରହିଥାଏ। ଏହା ଦେଖିବାକୁ ଯେତିକି ସୁନ୍ଦର, ସେତିକି ଫନି ମଧ୍ୟ। ଏହାର ଡିଫରେଣ୍ଟ କଲର୍ ଏବଂ ସାଇଜ୍ ରହିଛି। ତେଣୁ ଆପଣ ଚାହିଁଲେ ନିଜ ମନ ମୁତାବକ କିଣିପାରିବେ। ଏହାକୁ ଯେକୌଣସି ଅକେଜନ୍‌ରେ ପିନ୍ଧିଲେ ଷ୍ଟାଇଲିସ୍ ଏବଂ ଗର୍ଜିୟସ୍ ଲାଗିବେ।

**ଟ୍ରାଉଜର୍ ସ୍କର୍ଟ–** ଏହା କିଛି ମାତ୍ରାରେ ଦେଖିବାକୁ ପେନ୍‌ସିଲ୍ ସ୍କର୍ଟ ଭଳି, କିନ୍ତୁ ଏହାର ମଝି ଅଂଶଟି ସରୁ ନୁହେଁ। ଏହାର ଆଗପଟ ଦେଖିବାକୁ ଟ୍ରାଉଜର୍ ପ୍ୟାଣ୍ଟ ଭଳି। ଏହା ବହୁତ ଷ୍ଟ୍ରେଟ୍ ହୋଇଥାଏ। ଏଥିରେ ସିମ୍ପଲ୍ ଅର୍ନାମେଣ୍ଟସ୍ ପିନ୍ଧିବେ, ଯାହା ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ।

**ଟୁଟୁ ସ୍କର୍ଟ–** ଏହାକୁ ଟୁଲେ ସ୍କର୍ଟ ମଧ୍ୟ କୁହାଯାଏ। ଏହାକୁ ସାଧାରଣତଃ ଛୋଟ ପିଲା ଏବଂ ଡ୍ୟାନ୍‌ସରମାନେ ବେଶି ପସନ୍ଦ କରିଥା'ନ୍ତି। ପିନ୍ଧିଥିବା ସ୍କର୍ଟ କଲର୍ ସହ ମ୍ୟାଚିଂ କରି ଶୁ' ପିନ୍ଧିଲେ ଆପଣ ସୁନ୍ଦର ଦିଶିବେ।



ଖାଦ୍ୟରୁଚି

## ଏଗ୍‌ଲେସ୍ ଭ୍ୟାନିଲା କେକ୍

**ଆବଶ୍ୟକ ସାମଗ୍ରୀ :** ମଇଦା–୨ କପ୍, ଦହି– ୧ କପ୍, ଚିନି– ୩/୪ ଚାମଚ, ବେକିଂ ପାଉଡର୍– ୧ ଚାମଚ, ବଟର୍– ଅଧା କପ୍, ପାଣି– ଅଧା କପ୍, ଭାନିଲା ଏସେନ୍ସ– ଏକ ଛୋଟ ଚାମଚ, ଲୁଣ– ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ଓ ବେକିଂ ପାଉଡର ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ, ଚିନି, ପାଣି ଓ ଭ୍ୟାନିଲା ଏସେନ୍ସ ମିଶାଇ ଘାଣ୍ଟନ୍ତୁ। ଏବେ ସେଥିରେ ଦହି ପକାଇ ଗୋଳାନ୍ତୁ, ଯେପରି ମୋଟା ଗୁଳା କିମ୍ବା ବିଣ୍ଡା ନ ରହିବ। ଅନ୍ୟପଟେ ଏକ କେକ୍ ଷ୍ଟାଣ୍ଡ ଆଣି ସେଥିରେ ବଟର୍ ଲଗାନ୍ତୁ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମିଶ୍ରଣକୁ କେକ୍ ଷ୍ଟାଣ୍ଡରେ ଢାଳନ୍ତୁ। ବର୍ତ୍ତମାନ ପ୍ରେସର୍‌କୁକର୍‌କୁ ୫ରୁ ୭ ମିନିଟ୍ ଯାଏ ହାଲୁକା ଗରମ ବା ପ୍ରି ହିଟ୍ କରିଦିଅନ୍ତୁ। ପ୍ରେସର୍‌କୁକର୍ ଗରମ ହୋଇଗଲା ପରେ କେକ୍ ଷ୍ଟାଣ୍ଡକୁ ଏହା ମଧ୍ୟରେ ପ୍ରାୟ ୩୫ ରୁ ୪୦ ମିନିଟ୍ ପର୍ଯ୍ୟନ୍ତ ରଖି ବାହାର କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଏଗ୍‌ଲେସ୍ ଭ୍ୟାନିଲା କେକ୍। ଏହାକୁ ଆପଣ ସ୍ନାକ୍ସରେ ଖାଇପାରିବେ।





# ଘରେ କରନ୍ତୁ ହେୟାର ଷ୍ଟ୍ରେଟ୍‌ନିଂ

ବର୍ତ୍ତମାନ ସୁନ୍ଦର ଦେଖାଯିବା ଆଳରେ ହେୟାର୍ ଷ୍ଟ୍ରେଟ୍‌ନିଂ କରାଇବାକୁ ଅନେକେ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ତା'ଛଡ଼ା କୁଞ୍ଚୁକୁଞ୍ଚିଆ କେଶ କୁଣ୍ଡାଇବା ବେଳେ ଅଧିକ ଜଟ ହେଉଥିବାରୁ ବି ଅନେକେ ଷ୍ଟ୍ରେଟ୍‌ନିଂ କରୁଛନ୍ତି। ତେବେ ଏଥିପାଇଁ ସେମାନଙ୍କୁ ବ୍ୟୁଟିପାର୍ଲର ଯାଇ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ହେଲେ ଏଥିପାଇଁ ବ୍ୟବହୃତ କେମିକାଲ କେଶକୁ ହାନି ପହଞ୍ଚାଇଥାଏ। ତେଣୁ ଆପଣ ଚାହିଁଲେ ପ୍ରାକୃତିକ ଉପାୟରେ କେଶ ଷ୍ଟ୍ରେଟ୍‌ନିଂ କରିପାରିବେ...

➔ଆଲୋଭେରା ତ୍ୱଚା ସହ କେଶ ପାଇଁ ମଧ୍ୟ ବହୁ ଉପକାରୀ ହୋଇଥାଏ। ଅଧା କପ୍ ଆଲୋଭେରା ସହ ଅଧା କପ୍ ନଡ଼ିଆ ତେଲ ସହ ମିଶାଇ କେଶରେ ଲଗାନ୍ତୁ। ଏକ ଘଣ୍ଟା ରଖିବା ପରେ ଶାମ୍ପୁ କରିଦିଅନ୍ତୁ।

➔ଅଧା କପ୍ କ୍ଷୀରରେ ଏକ ଟେବୁଲସ୍ପୁନ୍ ମହୁ ଏବଂ ୪ଟି ଷ୍ଟ୍ରବେରିକୁ ଗ୍ରାଇଣ୍ଡ କରି ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ କେଶରେ ମୂଳରୁ ଆଗ ପର୍ଯ୍ୟନ୍ତ ଲଗାନ୍ତୁ। ଏହାକୁ ଟାୱେଲରେ ଭଲଭାବେ କଭର କରିଦିଅନ୍ତୁ। ୨ରୁ ୩ଘଣ୍ଟା ରଖିସାରିବା ପରେ ମାଇଲ୍ଡ ଶାମ୍ପୁରେ ସଫା କରିଦିଅନ୍ତୁ।

➔ଚୁଟିକୁ ଷ୍ଟ୍ରେଟ୍‌ନିଂ କରିବା ପାଇଁ ଲେମ୍ବୁ ଭଲ କାମ କରିଥାଏ। ଅଧା କପ୍ ନଡ଼ିଆ କ୍ଷୀରରେ ୪–୫ ବୁନ୍ଦା ଲେମ୍ବୁ ଜୁସ୍ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ନଡ଼ିଆ କ୍ଷୀର କେଶ ପାଇଁ କଣ୍ଡିସନର ଭାବେ କାମ କରିଥାଏ। ଏହି ମିଶ୍ରଣକୁ କେଶ ମୂଳରୁ ଆଗ ପର୍ଯ୍ୟନ୍ତ ଲଗାନ୍ତୁ। ଅଧ ଘଣ୍ଟା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

➔ମୁଲତାନୀ ମିଟି ତ୍ୱଚା ସହ କେଶ ପାଇଁ ମଧ୍ୟ ଉପକାରୀ। ମୁଲତାନୀ ମିଟି ପ୍ୟାକ୍ ଲଗାଇ ଧୋଇଲେ କେଶ ସିଧା ରହିଥାଏ।

➔ଗୋଟିଏ ପାଚିଲା କଦଳୀ ଏବଂ ଗୋଟିଏ ଟେବୁଲସ୍ପୁନ ମହୁ ନେଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। କେଶରେ ଏବଂ ସ୍କାଲ୍ପରେ ଏହି ପ୍ୟାକ୍‌କୁ ଭଲ ଭାବେ ଲଗାନ୍ତୁ। ଅଧଘଣ୍ଟା ପରେ ବାୟୋଟିନ୍ ଯୁକ୍ତ ଶାମ୍ପୁରେ ଧୋଇନିଅନ୍ତୁ। ସପ୍ତାହକୁ ଦୁଇଥର ଏହିଭଳି କେଶରେ ବ୍ୟବହାର କରି ନିଜ କେଶକୁ ଷ୍ଟ୍ରେଟ୍ କରିପାରିବେ।

ସୌନ୍ଦର୍ଯ୍ୟ



# ଶୀର୍ଷ ସ୍ଥାନ ଅଧିକାର କଲା ଭାରତ

**ଦୁବାଇ, ୨୧।୨ (ପି.ଟି.):** ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ୩-୦ରେ କ୍ଲିନ ସୁଇପ୍ ବିଜୟ ହାସଲ କରିବା ପରେ ଭାରତ ସଦ୍ୟ ପ୍ରକାଶିତ ଆଇସିସି ପୁରୁଷ ଅନ୍ତର୍ଜାତୀୟ ଟି୨୦ ଟିମ୍ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ରୋହିତ ଶର୍ମାଙ୍କ ଦଳ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜର ତୃତୀୟ ତଥା ଅନ୍ତିମ ଟି୨୦ରେ ୧୭ରନରେ ବିଜୟ ଲାଭ କରିଥିଲା। ଭାରତ ବର୍ତ୍ତମାନ ଇଂଲଣ୍ଡକୁ ହଟାଇ ଟି୨୦ ଟିମ୍ ର୍ୟାଙ୍କିଙ୍ଗର ପ୍ରଥମ ସ୍ଥାନ ଦଖଲ କରିନେଇଛି। ପୂର୍ବରୁ ଭାରତ ୨୦୧୬ରେ ନମ୍ବର ୱାନ ସ୍ଥାନରେ ରହିଥିଲା। ଦଳ ଦୁଇମାସରୁ ସାମାନ୍ୟ ଅଧିକ କିଛି ଦିନ ଏହି ସ୍ଥାନ ବଜାୟ ରଖିପାରିଥିଲା। ଇଂଲଣ୍ଡ ପଛକୁ ଯଥାକ୍ରମେ ୩ୟ, ୪ର୍ଥ ଓ ୫ମ ସ୍ଥାନରେ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଅଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ୪-୧ରେ ବିଜୟ ପରେ ଦଳ ୬ଷ୍ଠ ସ୍ଥାନରେ ରହିଛି। ୱେଷ୍ଟଇଣ୍ଡିଜ ର୍ୟାଙ୍କିଙ୍ଗ ତାଲିକାର ୭ମ ସ୍ଥାନରେ ରହିଥିବା ବେଳେ ତା’ ପଛକୁ ପଛ ଆଫଗାନିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ରହିଛନ୍ତି। ଟି୨୦ ପୁରୁଷ ଖେଳାଳି ଏପର୍ଯ୍ୟନ୍ତ ଅପ୍‌ଡେଟ୍ ହୋଇନାହିଁ। ଗତ ଅପ୍‌ଡେଟ୍‌ରେ ଭାରତର କେବଳ ଦୁଇଜଣ ଖେଳାଳି କେ.ଏଲ୍ ରାହୁଲ ଓ ବିରାଟ କୋହଲି ଟପ୍ ଟେନ୍‌ରେ ରହିଥିଲେ। ରାହୁଲ ୪ର୍ଥ ଏବଂ କୋଲି ୧୦ମ ସ୍ଥାନରେ ଥିଲେ। ତେବେ ଟପ୍ ଟେନ୍ ବୋଲର ଓ ଅଲରାଉଣ୍ଡର ତାଲିକାରେ କୌଣସି ଭାରତୀୟ ସ୍ଥାନ ପାଇ ନ ଥିଲେ।

# ଭାରତ ବିପକ୍ଷ ଟି୨୦ ପାଇଁ ଶ୍ରୀଲଙ୍କା ଦଳ

**କଲମ୍ବୋ, ୨୧।୨ (ପି.ଟି.):** ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ୧୮ ଜଣିଆ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଏଥିରେ ଏକମାତ୍ର ନୂଆ ଖେଳାଳି ଅଫ୍ ସ୍ପିନର ଆଶିଆନ୍ ଡାନିଏଲ୍‌ଙ୍କୁ ସ୍ଥାନ ମିଳିଛି। ଦେଶର କ୍ରିକେଟ ବୋର୍ଡ ଏସ୍‌ଏଲ୍‌ସି ପକ୍ଷରୁ ସୋମବାର ଏହି ବିଷୟରେ ସୂଚନା ଦିଆଯାଇଛି। ଅଲରାଉଣ୍ଡର ଦାସୁନ ଶାନକାଙ୍କୁ ଦଳର ଅଧିନାୟକ କରାଯାଇଛି। ଅଷ୍ଟ୍ରେଲିଆରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିବା ଦଳର ପ୍ରାୟ ସମସ୍ତ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି।




# ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ


ଆର୍. ପ୍ରଜ୍ଞାନନ୍ଦ ଓ ମାଗ୍ନସ କାର୍ଲସେନ।

**ଚେନ୍ନାଇ, ୨୧।୨ (ପି.ଟି.):** ଆର୍‌ଥିଙ୍ଗ୍ସ ମାଷ୍ଟର୍ସ ଅନ୍‌ଲାଇନ୍ ରାପିଡ୍ ଚେସ୍ ଟୁର୍ନାମେଣ୍ଟର ୮ମ ରାଉଣ୍ଡରେ ସ୍ୱଳ୍ପ ବୟସ୍କ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ବିଶ୍ୱର ନମ୍ବର ୱାନ୍ ମାଗ୍ନସ କାର୍ଲସେନଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ନରୱେର ଏହି ସୁପର ଷ୍ଟାର ଖେଳାଳିଙ୍କ ବିରୋଧରେ ବିଜୟ ହାସଲ କରିବାରେ ସେ ଦେଶର ତୃତୀୟ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ୧୬ ବର୍ଷୀୟ ପ୍ରତିଭାଙ୍କ ସଫଳତାକୁ ନେଇ ସୋସିଆଲ ମିଡିଆରେ ତାଙ୍କୁ ଭୁରିଭୁରି ପ୍ରଶଂସା କରାଯାଉଛି। ପ୍ରଶଂସକଙ୍କ ମଧ୍ୟରେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ସର୍ବଭାରତୀୟ ଚେସ୍ ମହାସଂଘ ସଭାପତି ସଞ୍ଜୀୟ କପୁର ଅନ୍ୟତମ ରହିଛନ୍ତି। ପୂର୍ବରୁ କାର୍ଲସେନଙ୍କୁ ପରାସ୍ତ କରିଥିବା ଭାରତୀୟ ଖେଳାଳି ଦ୍ୱୟ ହେଲେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଓ ପି. ହରିକ୍ରିଷ୍ଣା। ୩୧ ବର୍ଷୀୟ କାର୍ଲସେନ ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ରହିଛନ୍ତି। ସୋମବାର ସକାଳେ ଏକ ଟାରାସ୍କ ଭାରିଏଶନ ଗେମ୍‌ରେ କଳା ଦାନରେ ସେ ୩୯ମୁଭରେ ବିଜୟ ଲାଭ କରିଥିଲେ। ଏହାଦ୍ୱାରା ସେ କାର୍ଲସେନଙ୍କ କ୍ରମାଗତ ୩ଟି ବିଜୟ ଧାରାରେ ବ୍ରେକ୍ ଦେଇଛନ୍ତି।

# ମହିଳା ବ୍ୟାଟର ଭାନିଥାଙ୍କ କ୍ରିକେଟରୁ ଅବସର




**ନୂଆଦିଲ୍ଲୀ, ୨୧।୨ (ପି.ଟି.)**

ଭାରତୀୟ ଦଳର ପୂର୍ବତନ ମହିଳା ବ୍ୟାଟର ଭି. ଆର୍. ଭାନିଥା ୩୧ବର୍ଷ ବୟସରେ ସୋମବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ସେ ଟୁଇଟର ଜରିଆରେ ତାଙ୍କ ଅବସର ଘୋଷଣା କରିଛନ୍ତି। ଭାନିଥା ୨୦୧୪ ଜାନୁୟାରୀରେ ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ଜାତୀୟ ଦଳ ପକ୍ଷରୁ ତାଙ୍କର ପଦାର୍ପଣ କରିଥିଲେ। ଘରୋଇ କ୍ରିକେଟରେ ସେ ଉଭୟ କର୍ନାଟକ ଓ ବେଙ୍ଗଲ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ଦୁଇଟି ରାଜ୍ୟର ଆସୋସିଏଶନକୁ ସେ ଧନ୍ୟବାଦ ଦେଇଛନ୍ତି। କ୍ରୀଡ଼ା କ୍ୟାରିୟରରେ ତାଙ୍କୁ ସହଯୋଗ କରିଥିବା ପରିବାର ସଦସ୍ୟ, ବାନ୍ଧବୀ ମେଣ୍ଟର ଏବଂ ଝୁଲଣ ଗୋସ୍ୱାମୀ ଓ ମିଥାଲି ରାଜଙ୍କ ବ୍ୟତୀତ ଅନ୍ୟ ସାଥୀ ଖେଳାଳିମାନଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି। ଭାନିଥା ସୀମିତ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଖେଳିଛନ୍ତି। ଏଥିରେ ସେ ଯଥାକ୍ରମେ ୮୫ ଓ ୨୧୬ ରନ କରିଛନ୍ତି। ଘରୋଇ ମାଟିରେ ଟି୨୦ ବିଶ୍ୱକପ୍ ବେଳେ ସେ ଭାରତୀୟ ଦଳର ଅନ୍ୟତମ ସଦସ୍ୟା ରହିଥିଲେ। ଘରୋଇ ସିଜନ ୨୦୨୧-୨୨ରେ ଭାନିଥାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ବେଙ୍ଗଲ ସିନିୟର ମହିଳା ଦିନିକିଆ ଟ୍ରଫିରେ ସେମିଫାଇନାଲକୁ ଉନ୍ନୀତ ହୋଇପାରିଥିଲା। ଟୁର୍ନାମେଣ୍ଟରେ ସେ ୨୨୫ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ଆନ୍ଧ୍ର ବିପକ୍ଷରେ ୬୧ ଏବଂ ହାଇଦ୍ରାବାଦ ବିପକ୍ଷରେ ୭୧ବଲ୍‌ରେ ୧୦୭ରନ ଉଲ୍ଲେଖନୀୟ। ଟୁର୍ନାମେଣ୍ଟରେ ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୦୦ରୁ ଅଧିକ ରହିଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୦୨।୨୦୨୨

| | |
|---|---|
| ୩,୮୬,୩୩୧ଟଙ୍କା | |
| ସୁନା | ୨୧ଗ୍ରାମ |
| ରୁପା | ୧୬.୩୦୦ ଗ୍ରାମ |

# ବହୁ ଜୀବନ ନେଇଛନ୍ତି ନକଲି ଡାକ୍ତର

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଟଙ୍କା ପାଇଁ ବିଭିନ୍ନ ରାଜ୍ୟର ୧୭ ମହିଳାଙ୍କୁ ବିବାହ କରି ଠକେଇ ଓ ପ୍ରତାରଣା କରିଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଦିନକୁ ଦିନ ଠକେଇର ନୂଆ ଫର୍ଦ୍ଦ ଯୋଡ଼ିହେବାରେ ଲାଗିଛି। କମିଶନରେଟ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରୁଛି। ସୋମବାର ରିମାଣ୍ଡର ତୃତୀୟ ଦିନରେ ମଧ୍ୟ ତାଙ୍କୁ ମାରାଥନ



ଜବତ ଔଷଧ ପେଟି।

ଜେରା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ଖଣ୍ଡଗିରି ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଚଢ଼ାଉ



ଜବତ ଦୁଇ ଗାଡ଼ି।

## ଆପାର୍ଟମେଣ୍ଟରେ ଚଢ଼ାଉ, ୨ ଗାଡ଼ି ଜବତ

- ବେଆଇନ କାଠ ଚାଲାଣ ବି କରୁଥିଲେ
- ଡ୍ରାଇଭରଙ୍କୁ ଠକିଛନ୍ତି ୩୦ ହଜାର
- କେନ୍ଦ୍ରାପଡ଼ା ଯିବ ପୋଲିସ ଟିମ୍



କରି ରମେଶଙ୍କ ୨ଟି ଗାଡ଼ି ଜବତ କରିଛି। ଅନ୍ୟପକ୍ଷରେ ତଦନ୍ତରୁ ଜଣାପଡ଼ିଛି, ରମେଶ ଢ଼େଙ୍କାନାଳ କାମାକ୍ଷାନଗରରେ ୧୯୯୦ରୁ ୨୦୧୯ ଯାଏ ଡାକ୍ତର ନ ହୋଇବି କ୍ଲିନିକ୍ ଚଳାଇଥିଲେ। ଭୁଲ୍ ଚିକିତ୍ସା ଫଳରେ କେତେଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହ ସେ ଢେଙ୍କାନାଳ କଙ୍କଡ଼ାହାଡ଼ରୁ ବେଆଇନ୍ କାଠଚାଲାଣ ମଧ୍ୟ କରୁଥିଲେ। ସେହିଭଳି କାମାକ୍ଷାନଗର ପୋଷ୍ଟ ଅଫିସ ନିକଟରେ ସେ ୧୯୯୫ରେ ଜାଗା କିଣି ଘର କରିଥିଲେ। ହେଲେ ବର୍ତ୍ତମାନ ଉକ୍ତ ଘର ବନ୍ଦ ରହିଥିବା ଜଣାପଡ଼ିଛି। ଏଥିସହ ଜଣେ ଡ୍ରାଇଭରଙ୍କୁ ସେ ୩୦ ହଜାର ଟଙ୍କା ଠକିଛନ୍ତି। ପୋଲିସ କହିଛି, କୃଷ୍ଣ ନାମକ ଜଣେ ଡ୍ରାଇଭରଙ୍କଠାରୁ ଅଭିଯୁକ୍ତ ରମେଶ ୬୦ ହଜାର ଟଙ୍କା ନେଇଥିଲେ। ୩୦ ହଜାର ଟଙ୍କା ଫେରାଇ ଥିବାବେଳେ ବାକି ଟଙ୍କା ଦେଇ ନ ପାରି ୩୦ଟି ଆୟୁର୍ବେଦ ମେଡିସିନ୍ ପେଟି ତାଙ୍କ ପାଖରେ ବନ୍ଧା ରଖିଥିଲେ। ତେବେ ଉକ୍ତ ମେଡିସିନ ସବୁ ଏକ୍ସପାଏରି ଥିବା ଡ୍ରାଇଭର ଜଣକ ଜାଣିବାକୁ ପାଇଥିଲେ। ତେବେ ପୋଲିସ ଟିମ୍ ଉକ୍ତ ୩୦ ପେଟି ମେଡ଼ିସିନ୍‌କୁ ଜବତ କରିଛି। ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ଏକ ପୋଲିସ ଟିମ୍ କେନ୍ଦ୍ରାପଡ଼ାରେ ଥିବା ରମେଶଙ୍କ ପୈତୃକ ଘରକୁ ତଦନ୍ତ କରିବାକୁ ଯିବ। ଏହାବ୍ୟତୀତ ପାରାଦୀପ ଓ ଢେଙ୍କାନାଳ ଯାଇ ଅଧିକ ତଥ୍ୟ ହାସଲ କରିବ। ଏଥିସହ ଅଭିଯୁକ୍ତ ରମେଶଙ୍କ ରିମାଣ୍ଡ ଅବଧି ବଢ଼ାଇବାକୁ କୋର୍ଟରେ ପ୍ରାର୍ଥନା କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ଏବେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ମୁଣ୍ଡରେ ବନ୍ଧୁକ ଲଗାଇ ୨ ଜେଲ ଗଲେ

**ସାକ୍ଷୀଗୋପାଳ, ୨୧।୨(ଡି.ଏନ.ଏ):** ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ନିର୍ବାଚନୀ ହିଂସା ଆରମ୍ଭ ହୋଇଛି। ଭୋଟ ସମୟରେ କମାଇଥିବା ଟଙ୍କା ଖର୍ଚ୍ଚକୁ ନେଇ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେବା ଅଭିଯୋଗରେ ୨ ଯୁବକଙ୍କୁ ସୋମବାର ଜେଲ୍ ଯିବାକୁ ପଡିଛି। ସେମାନେ ହେଲେ ସତ୍ୟବାଦୀ ଥାନା ପାଣିଭଣ୍ଡାର ଗ୍ରାମର ସୁଦାମ ଗୁରୁ ଓ ଚନ୍ଦନପୁର ଥାନା କାଳିଆକେରା ସାମିଲ ବାଲିସାହି ଗ୍ରାମର ବିଭୂତି ଭୂଷଣ ବେହେରା। ଏ ନେଇ ପୋଲିସ ଏକ ମାମଲା(ନଂ.୬୦/୨୨) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପାଣିଭଣ୍ଡାର ଗ୍ରାମର ବୁଲୁ ସିଂ ରବିବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ଏକ ବ୍ରିଜ୍ ଉପରେ ଠିଆ ହୋଇଥିଲେ। ଏହି ସମୟରେ ସୁଦାମ ଓ ବିଭୂତି ପହଞ୍ଚି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ନିର୍ବାଚନରେ କମାଇବା ଟଙ୍କା ମାଗିଥିଲେ। ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ବୁଲୁ ସେଠାରୁ ଖସିଆସି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ବାଇକ୍ ଜବତ କରିଥିବା ଥାନା ଆଇଆଇସି ଦିଲୀପ କୁମାର ଧଳ କହିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ନିର୍ବାଚନରେ ବାଧା ସୃଷ୍ଟି କରି ଏଜେଣ୍ଟ ଗିରଫ

**ପୁରୀ ଅଫିସ,୨୧।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୁରୀ ସଦର ଅଞ୍ଚଳର ଗୌଡ଼କେରା ପଣ୍ଡାଶ୍ୱର ଗାଁ ୧୧ ନମ୍ବର ବୁଥରେ ମତଦାନ ବେଳେ ବାଧା ସୃଷ୍ଟି କରିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ଏଜେଣ୍ଟଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ପଣ୍ଡାଶ୍ୱର ଗ୍ରାମର ହେମନ୍ତ କୁମାର ପରିଡ଼ା (୩୭)। ତାଙ୍କ ବିରୋଧରେ ଏକ ମାମଲା (ନଂ. ୫୧/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଥିଲା। ଅଭିଯୁକ୍ତ ଜଣଙ୍କ ୧୧ ନଂ ବୁଥରେ ଏଜେଣ୍ଟ ଦାୟିତ୍ୱରେ ଥିଲେ। ମଧ୍ୟାହ୍ନରେ ସେ ବାଲଟ ବକ୍ସରେ ପାଣି ପୂରାଇ ଫେରାର ହୋଇଯାଇଥିଲେ। ଏ ନେଇ ବିଡିଓ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଧାରା ୪୨୭, ୪୫୧,୨୯ (ଇ ) ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪/୩ ପିଡିପିପି ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ବିଶ୍ୱ ମାତୃଭାଷା ଦିବସ ପାଳନ ପରିପ୍ରେକ୍ଷୀରେ ଜଣେ ଶିଳ୍ପୀ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ବିପିନ ବିହାରୀ ଚୌଧୁରୀ ବଧିର ସ୍କୁଲ୍ ପାଚେରୀକୁ ବିଭିନ୍ନ ଅକ୍ଷରରେ ଚିତ୍ରିତ କରୁଛନ୍ତି।

## ହାଇକୋର୍ଟରେ ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ

କଟକ ଅଫିସ,୨୧।୨

ରାଜ୍ୟରେ ଥିବା ଜୁଡିସିଆଲ୍ ଅଫିସରଙ୍କ ନିମନ୍ତେ ହାଇକୋର୍ଟରେ ସୋମବାର ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ ହୋଇଛି। ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧରଙ୍କ ଉପସ୍ଥିତିରେ ହାଇକୋର୍ଟରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ସହଜରେ ଅଦାଲତଙ୍କ ରାୟ, ବିଭିନ୍ନ ଷ୍ଟାଚ୍ୟୁଟ ଲ, କେଶ ଲ, ଲିଗାଲ୍ ମ୍ୟାଟେରିଆଲ୍‌ସ ଆଦି ମିଳିପାରିବ। ଏହି ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଅରିନ୍ଦମ୍ ସିହ୍ନା, ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚିଲିକାରେ ଏବେ ବି ବୁଲୁଛନ୍ତି ବିଦେଶୀ ପକ୍ଷୀ

କଣାସ,୨୧।୨(ସ୍ୱ.ପ୍ର.)

ଶୀତମାସ ପ୍ରାୟ ସରିବାକୁ ଆସିଲାଣି। ହେଲେ ଏବେ ମଧ୍ୟ କେତେକ ବିଦେଶୀ ପକ୍ଷୀ ଚିଲିକାରେ ଘୁରି ବୁଲୁଥିବାର ଦେଖିବାକୁ ମିଳିଛି। ପ୍ରାୟତଃ କଣାସ ଉପକୂଳବର୍ତ୍ତୀ ଗ୍ରାମାଞ୍ଚଳକୁ ଏହି ବିଦେଶୀ ପକ୍ଷୀସବୁ ଖାଦ୍ୟ ଅନ୍ୱେଷଣରେ ଅଧିକାଂଶ ଆସନ୍ତି। କିଛି ବର୍ଷ ହେଲା ଜଳବାୟୁରେ ପରିବର୍ତ୍ତନ ଯୋଗୁ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀ ଶୀତଋତୁ ପରେ ନିଜ ଦେଶକୁ ନ ଫେରି ଉପକୂଳ ଗାଁରେ ଅଧିକ ସଂଖ୍ୟାରେ ଘୁରି ବୁଲୁଛନ୍ତି। ଶୀତଋତୁ ଆଗମନ ପରେ ଚିଲିକାକୁ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ନାନା ପ୍ରଜାତିର ପକ୍ଷୀ ଚିଲିକାରେ ଚଳିତବର୍ଷ ଆସ୍ଥାନ ଜମାଇଥିଲେ। ଶୀତର ପ୍ରତ୍ୟାବର୍ତ୍ତନ ପରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହେବାରୁ ଅନେକ ବିଦେଶୀ ପକ୍ଷୀ ନିଜ ଦେଶକୁ ଫେରିଯାଉଥିବାବେଳେ କିଛି ପକ୍ଷୀ ଚିଲିକା ଆଖପାଖରେ ରହି ଜମିରୁ ପାଚିଲା ଧାନ ଖାଇବା ସହ ପୋକଜୋକ ଖାଉଥାନ୍ତି। ହେଲେ ଏହାର ସୁଯୋଗ ନେଇ ଅନେକ ଶିକାରୀ ଜାଲ ବସାଇ ସେମାନଙ୍କୁ ଧରିନେଉଛନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପକ୍ଷୀପ୍ରେମୀଙ୍କ ପକ୍ଷରୁ ଦାବି ହେଉଛି।

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

### ଦୁର୍ଘଟଣାରେ ସାଇକେଲ ଚାଳକ ଗୁରୁତର

ନିମାପଡ଼ା,୨୧।୨(ଡି.ଏନ୍.ଏ.)

କୋଣାର୍କ ରାସ୍ତାର ଦିଘାଳୋ ଛକଠାରେ ସୋମବାର ମୋ ବସ୍ (ନଂ. ଓଡି ୩୩ଭି ୩୫୦୭) ଧକ୍କାରେ ଜଣେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡ଼ା ଥାନା ଅଧୀନ ଜାଗେଶ୍ୱରପୁର ଗ୍ରାମର କୃଷ୍ଣପ୍ରସାଦ ଜେନା। ଗୁରୁତର ଅବସ୍ଥାରେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ୧ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। କୃଷ୍ଣପ୍ରସାଦ ଦିଘାଳୋ ବଜାରରୁ ଚା' ନେଇ ସାଇକେଲରେ ବିଦ୍ୟୁତ୍ ଗ୍ରୀଡ୍‌କୁ ଆସୁଥିଲେ। ଏହି ସମୟରେ କୋଣାର୍କରୁ



ଭୁବନେଶ୍ୱର ଆସୁଥିବା ମୋ ବସ୍‌ଟି ପଛପଟୁ ଧକ୍କା ଦେଇଥିଲା। କୃଷ୍ଣପ୍ରସାଦ ଗୁରୁତର ଆହତ ହୋଇଥିବା ବେଳେ ମୋ ବସ୍‌ଟି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ହେଲେ ଗ୍ରାମବାସୀ ପିଛାକରି ଧିରପୁର ଛକରେ ବସ୍‌କୁ ଅଟକାଇବା ସହ ଡ୍ରାଇଭରଙ୍କୁ ଧରିଥିଲେ। ପରେ ଆହତ ସାଇକେଲ ଆରୋହୀଙ୍କୁ କ୍ଷତିପୂରଣ ଦେବା, ମୋ ବସ୍‌କୁ ଉକ୍ତ ରୁଟ୍‌ରେ ଚଳାଚଳ ବନ୍ଦ ଦାବିରେ ଶତାଧିକ ଲୋକ ଧିରପୁର ଛକରେ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ଡ୍ରାଇଭରଙ୍କୁ ପୋଲିସ ଥାନାକୁ ନେବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। କିଛିଦିନ ତଳେ ଧିରପୁର ମନସା ଠାକୁରାଣୀଙ୍କ ଛକରେ ଉକ୍ତ ମୋ ବସ୍ ଦୁର୍ଘଟଣା ଘଟାଇ ୩ଜଣଙ୍କୁ ଆହତ କରିଥିଲା। ପରେ ଜଣଙ୍କର ମୃତ୍ୟୁ ଘଟିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଯୋଗେନ୍ଦ୍ର



@ ଦେବାଶିଷ



@ ବୀରଜା



@ ବିଷ୍ଣୁ



@ ଗଣେଶ



@ ସୁରେଶ

## ପରିତ୍ୟକ୍ତ ଅବସ୍ଥାରେ ଦଶାବତାର ମୂର୍ତ୍ତି

ପୁରୀ ଅଫିସ,୨୧।୨

- ଶ୍ରୀମନ୍ଦିର ସିଂହଦ୍ୱାର ମୁଖଶାଳାରେ ସ୍ଥାପନ କରାଯାଉ
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏଏସ୍‌ଆଇ ଡିଜିଙ୍କୁ ଦାବିପତ୍ର

ଶ୍ରୀମନ୍ଦିର ସିଂହଦ୍ୱାର ମୁଖଶାଳାରେ ଲାଗିବାକୁ ଥିବା ଦଶଅବତାର ମୂର୍ତ୍ତି ମାତ୍ର ୩୫ ହଜାର ଟଙ୍କା ପାଇଁ ଲାଗି ନ ପାରି ନିର୍ମାଣ ହୋଇ ଅବହେଳିତ ଅବସ୍ଥାରେ ରହିଛି। ସେହିଭଳି ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଖରାପ ଥିବାରୁ ଯଥାଶୀଘ୍ର ଏହାର ମରାମତି କରିବାକୁ ସୋମବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏଏସ୍‌ଆଇ ଡିଜିଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଏକ ଦାବିପତ୍ର ପ୍ରଦାନ ହୋଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ସିଂହଦ୍ୱାର ମୁଖଶାଳାରେ ଥିବା ଦଶାବତାର ମୂର୍ତ୍ତିକୁ ୨୦୧୨ ମସିହାରେ ହଟାଯାଇଥିଲା। ନୂଆ କରି ସ୍ଥାପନ ପାଇଁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ବୀରହରେକୃଷ୍ଣପୁର ଦକ୍ଷିଣ ସାହିର ଜଣେ କାରିଗର ୩୫ ହଜାର ଟଙ୍କା ଚୁକ୍ତିରେ ମୂର୍ତ୍ତି ଗଢିବା ଦାୟିତ୍ୱ ନେଇଥିଲେ। ଚୁକ୍ତି ସମୟ ଅନୁସାରେ ସେ ମୂର୍ତ୍ତି କାର୍ଯ୍ୟ ଶେଷ କରିଥିଲେ। ପରେ ମୂର୍ତ୍ତିର ନବମ ସ୍ଥାନରେ ଜଗନ୍ନାଥ ରହିବେ ନା ବୁଦ୍ଧ ଏନେଇ ବିବାଦ ଉଠିଥିଲା। ଶିଳ୍ପୀ ପୂର୍ବ ମୂର୍ତ୍ତି ଭଳି ଜଗନ୍ନାଥଙ୍କୁ ନବମ ସ୍ଥାନରେ ରଖି ନୂଆ ମୂର୍ତ୍ତି ଗଢିଥିଲେ। ହେଲେ ଏଏସ୍‌ଆଇ ପକ୍ଷରୁ ଏନେଇ କୌଣସି ନିଷ୍ପତ୍ତିନିଆଯାଇନାହିଁ। ତେବେ କାରିଗର ଜଣଙ୍କ ନିଜର ପାରିଶ୍ରମିକ ପାଇବାରୁ ବଞ୍ଚିତ ରହିଛନ୍ତି। ନୂତନ ମୂର୍ତ୍ତି ସିଂହଦ୍ୱାର ମୁଖଶାଳାରେ ସ୍ଥାପନ ନ ହୋଇ କାରିଗରଙ୍କ ଘରେ ରହିଛି। ଅନ୍ୟପଟେ ଦୀର୍ଘଦିନ ଧରି ରତ୍ନଭଣ୍ଡାର ଖୋଲା ନ ଯିବା ଘଟଣାକୁ ନେଇ ଦାବି ଜୋର ଧରିଛି। ଆର୍‌ଟିଆଇ ତଥ୍ୟରେ ମିଳିଥିବା ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ରହିଥିବା ସ୍ପଷ୍ଟ ଉଲ୍ଲେଖ ରହିଛି। ଏହାସତ୍ତ୍ୱେ ମରାମତି କରାଯାଉନାହିଁ। ତୁରନ୍ତ ରତ୍ନଭଣ୍ଡାର ମରାମତି କରାଯାଉ ବୋଲି ପ୍ରିୟଦର୍ଶନ ଦାବି କରିଛନ୍ତି।

# ଡିସିପି ଅଫିସ ଆଗରେ ଧାରଣା ଦେଲେ ସୌମ୍ୟଙ୍କ ମାଆ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରରେ ରହୁଥିବା ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୨୨ଦିନ ବିତିଛି। ପ୍ରେମିକାଙ୍କ ପାଇଁ ସୌମ୍ୟଙ୍କ ଜୀବନ ଯାଇଥିବା ଅଭିଯୋଗ କରି କିଛିଦିନ ତଳେ ସୌମ୍ୟଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ସହ ଡିସିପିଙ୍କୁ ମଧ୍ୟ ଭେଟି ନ୍ୟାୟ ଦାବି କରିଥିଲେ। ହେଲେ ଏଯାବତ ସମ୍ପୃକ୍ତ ପ୍ରେମିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରିକି ତାଙ୍କୁ ପୋଲିସ ଡାକି ପଚରାଉରା ବି କରୁନାହିଁ। ତେଣୁ ପରିବାର ଲୋକେ ସୋମବାର ପୂର୍ବାହ୍ନ ୧୧ଟାରୁ ଡିସିପି ଅଫିସ ସାମ୍ନାରେ ଧାରଣା ଦେଇଥିଲେ। ସେମାନଙ୍କ ସହ ଓଡ଼ିଶା ନାରୀ ସଚେତନ ମଞ୍ଚର ସଦସ୍ୟା ଓ ସୌମ୍ୟଙ୍କ ୩୦ରୁ ଅଧିକ ସାଙ୍ଗ ମଧ୍ୟ ଧାରଣାରେ ସାମିଲ ହୋଇ





ନ୍ୟାୟ ଦାବି କରିଥିଲେ। ଅପରାହ୍ନ ୪ରେ ଅତିରିକ୍ତ ଡିସିପି ପି.କେ. ରାଉତ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ତେବେ ଧାରଣା ଚାଲିଥିବାବେଳେ ସୌମ୍ୟଙ୍କ ମାଆ ମୋହିନୀ ପାଣିଗ୍ରାହୀ ଅଚେତ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ଅନ୍ୟମାନେ ପାଣି ସିଞ୍ଚି ସୁସ୍ଥ କରାଇଥିଲେ।

ପୁଅକୁ ହରାଇଥିବା ମାଆ ମୋହିନୀ କହିଛନ୍ତି, ମୋର ସର୍ବସ୍ୱ ସରିଯାଇଛି। ମୋ ପୁଅ ଭଳି ସମବୟସ୍କ ପୁଅମାନଙ୍କୁ ବଞ୍ଚେଇବାକୁ ଚାହୁଁଛି। ସମ୍ପୃକ୍ତ ଯୁବତୀଙ୍କୁ

### ଆତ୍ମହତ୍ୟା ମାମଲା

- ପ୍ରମାଣ ସତ୍ତ୍ୱେ ପ୍ରେମିକାଙ୍କୁ ଗିରଫ କରୁନି ପୋଲିସ
- ନ୍ୟାୟ୍ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

ଗିରଫ କରାଗଲେ ତାଙ୍କ ପରି ସବୁ ଝିଅ ଉପଯୁକ୍ତ ଶିକ୍ଷା ପାଇବେ। ଆଉ ସବୁ ପୁଅ ମଧ୍ୟ ଏଭଳି ଯୁବତୀଙ୍କ ସହ ଆଉ ସମ୍ପର୍କ ରଖିବେ ନାହିଁ। ଘଟଣାସ୍ଥଳରୁ ଫୋନ୍ ଓ ସୁଇସାଇଡ୍ ନୋଟ ମଧ୍ୟ ପୋଲିସ ନେଇଛି। ସୁଇସାଇଡ୍ ନୋଟରେ ଯୁବତୀ ଜଣକ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେଇଥିବା ଲେଖାଯାଇଛି। ଯୁବତୀ ଜଣକ ମୋ ପୁଅକୁ ଆତ୍ମହତ୍ୟା ପାଇଁ ଉସ୍‌କେଇଛନ୍ତି। ପୋଲିସ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରୁ। ନଚେତ ଆତ୍ମାହୁତି ଦେବେ ବୋଲି ମୋହିନୀ କହିଛନ୍ତି। ସାମାଜିକ କର୍ମୀ ମଧୁମିତା ରଥ କହିଛନ୍ତି, ଯେଉଁ ମାଆ ପୁଅ ଜନ୍ମ କରି ୩୦ ବର୍ଷ ପର୍ଯ୍ୟନ୍ତ ବଢ଼େଇଥିଲେ ସେ କ'ଣ ସ୍ୱପ୍ନ ଦେଖିଥିଲେ ତାଙ୍କ ପୁଅ ଆତ୍ମହତ୍ୟା କରୁ ବୋଲି। ସୌମ୍ୟଙ୍କ ପ୍ରେମିକାଙ୍କୁ ଉପଯୁକ୍ତ ଶାସ୍ତି ମିଳିବା ଦରକାର। ସମ୍ପୃକ୍ତ ଯୁବତୀଙ୍କ ନାମରେ ଆଇପିସି ଦଫା ୩୦୬ରେ ମାମଲା ରୁଜୁ ହେବା ପାଇଁ ସମସ୍ତ ପ୍ରମାଣ ରହିଛି। ସବୁ ପୁଅଙ୍କ ସହ ଯେପରି ସେ ଝିଅ ଖେଳୁଛି ତାହା ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ତଦନ୍ତ ପ୍ରକ୍ରିୟାକୁ କୌଣସି ଧାରଣା, ଦାବି କିମ୍ବା ଚାପରେ ପ୍ରଭାବିତ କରିବାକୁ ପ୍ରୟାସ କରାଯିବା ଉଚିତ ନୁହେଁ। ଯାହା ବି ତଥ୍ୟ ମିଳୁଛି, ଯାହା ବି ଆଇନଗତ ପ୍ରାବଧାନ ରହିଛି, ସେହି ଅନୁସାରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ସୁଯୋଗ ଦିଆଯିବା ଉଚିତ ବୋଲି ଡିସିପି କହିଛନ୍ତି।






୨୧।୦୨।୨୦୨୨

| | |
|---|---|
| ୩,୮୬,୩୩୧ଟଙ୍କା | |
| ସୁନା | ୨୧ଗ୍ରାମ |
| ରୁପା | ୧୬.୩୦୦ ଗ୍ରାମ |

# ବହୁ ଜୀବନ ନେଇଛନ୍ତି ନକଲି ଡାକ୍ତର

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଟଙ୍କା ପାଇଁ ବିଭିନ୍ନ ରାଜ୍ୟର ୧୭ ମହିଳାଙ୍କୁ ବିବାହ କରି ଠକେଇ ଓ ପ୍ରତାରଣା କରିଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଦିନକୁ ଦିନ ଠକେଇର ନୂଆ ଫର୍ଦ୍ଦ ଯୋଡ଼ିହେବାରେ ଲାଗିଛି। କମିଶନରେଟ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରୁଛି। ସୋମବାର ରିମାଣ୍ଡର ତୃତୀୟ ଦିନରେ ମଧ୍ୟ ତାଙ୍କୁ ମାରାଥନ



ଜବତ ଔଷଧ ପେଟି।

ଜେରା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ଖଣ୍ଡଗିରି ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଚଢ଼ାଉ




ଜବତ ଦୁଇ ଗାଡ଼ି।

## ଆପାର୍ଟମେଣ୍ଟରେ ଚଢ଼ାଉ, ୨ ଗାଡ଼ି ଜବତ

- ବେଆଇନ କାଠ ଚାଲାଣ ବି କରୁଥିଲେ
- ଡ୍ରାଇଭରଙ୍କୁ ଠକିଛନ୍ତି ୩୦ ହଜାର
- କେନ୍ଦ୍ରାପଡ଼ା ଯିବ ପୋଲିସ ଟିମ୍



କରି ରମେଶଙ୍କ ୨ଟି ଗାଡ଼ି ଜବତ କରିଛି। ଅନ୍ୟପକ୍ଷରେ ତଦନ୍ତରୁ ଜଣାପଡ଼ିଛି, ରମେଶ ଢ଼େଙ୍କାନାଳ କାମାକ୍ଷାନଗରରେ ୧୯୯୦ରୁ ୨୦୧୯ ଯାଏ ଡାକ୍ତର ନ ହୋଇବି କ୍ଲିନିକ୍ ଚଳାଇଥିଲେ। ଭୁଲ୍ ଚିକିତ୍ସା ଫଳରେ କେତେଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହ ସେ ଢେଙ୍କାନାଳ କଙ୍କଡ଼ାହାଡ଼ରୁ ବେଆଇନ୍ କାଠଚାଲାଣ ମଧ୍ୟ କରୁଥିଲେ। ସେହିଭଳି କାମାକ୍ଷାନଗର ପୋଷ୍ଟ ଅଫିସ ନିକଟରେ ସେ ୧୯୯୫ରେ ଜାଗା କିଣି ଘର କରିଥିଲେ। ହେଲେ ବର୍ତ୍ତମାନ ଉକ୍ତ ଘର ବନ୍ଦ ରହିଥିବା ଜଣାପଡ଼ିଛି। ଏଥିସହ ଜଣେ ଡ୍ରାଇଭରଙ୍କୁ ସେ ୩୦ ହଜାର ଟଙ୍କା ଠକିଛନ୍ତି। ପୋଲିସ କହିଛି, କୃଷ୍ଣ ନାମକ ଜଣେ ଡ୍ରାଇଭରଙ୍କଠାରୁ ଅଭିଯୁକ୍ତ ରମେଶ ୬୦ ହଜାର ଟଙ୍କା ନେଇଥିଲେ। ୩୦ ହଜାର ଟଙ୍କା ଫେରାଇ ଥିବାବେଳେ ବାକି ଟଙ୍କା ଦେଇ ନ ପାରି ୩୦ଟି ଆୟୁର୍ବେଦ ମେଡିସିନ୍ ପେଟି ତାଙ୍କ ପାଖରେ ବନ୍ଧା ରଖିଥିଲେ। ତେବେ ଉକ୍ତ ମେଡିସିନ ସବୁ ଏକ୍ସପାଏରି ଥିବା ଡ୍ରାଇଭର ଜଣକ ଜାଣିବାକୁ ପାଇଥିଲେ। ତେବେ ପୋଲିସ ଟିମ୍ ଉକ୍ତ ୩୦ ପେଟି ମେଡ଼ିସିନ୍‌କୁ ଜବତ କରିଛି। ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ଏକ ପୋଲିସ ଟିମ୍ କେନ୍ଦ୍ରାପଡ଼ାରେ ଥିବା ରମେଶଙ୍କ ପୈତୃକ ଘରକୁ ତଦନ୍ତ କରିବାକୁ ଯିବ। ଏହାବ୍ୟତୀତ ପାରାଦୀପ ଓ ଢେଙ୍କାନାଳ ଯାଇ ଅଧିକ ତଥ୍ୟ ହାସଲ କରିବ। ଏଥିସହ ଅଭିଯୁକ୍ତ ରମେଶଙ୍କ ରିମାଣ୍ଡ ଅବଧି ବଢ଼ାଇବାକୁ କୋର୍ଟରେ ପ୍ରାର୍ଥନା କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ଏବେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ମୋ ବସ୍ ଧକ୍କାରେ ସାଇକେଲ ଚାଳକ ଗୁରୁତର, ରାସ୍ତାରୋକୋ

ନିମାପଡ଼ା,୨୧।୨(ଡି.ଏନ୍.ଏ.): କୋଣାର୍କ ରାସ୍ତାର ଦିଘାଲୋ ଛକ ନିକଟରେ ସୋମବାର ମୋ ବସ୍ ଧକ୍କାରେ ଜଣେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡ଼ା ଥାନା ଜାଗେଶ୍ୱରପୁର ଗ୍ରାମର କୃଷ୍ଣପ୍ରସାଦ ଜେନା। ଗୁରୁତର ଅବସ୍ଥାରେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। କୃଷ୍ଣପ୍ରସାଦ ଦିଘାଲୋ ବଜାରରୁ ଚା' ନେଇ ସାଇକେଲରେ ବିଦ୍ୟୁତ୍ ଗ୍ରୀଡ୍‌କୁ ଆସୁଥିଲେ। ଏହି ସମୟରେ କୋଣାର୍କରୁ ଭୁବନେଶ୍ୱର ଆସୁଥିବା ମୋ ବସ୍‌ଟି ପଛପଟୁ ଧକ୍କା ଦେଇଥିଲା। ଏଥିରେ କୃଷ୍ଣପ୍ରସାଦ ଗୁରୁତର ଆହତ ହୋଇଥିବା ବେଳେ ମୋ ବସ୍‌ଟି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ହେଲେ ଗ୍ରାମବାସୀ ପିଛାକରି ଧିରପୁର ଛକରେ ବସ୍‌କୁ ଅଟକାଇବା ସହ ଡ୍ରାଇଭରଙ୍କୁ ଧରିଥିଲେ। ପରେ ଆହତ ସାଇକେଲ ଆରୋହୀଙ୍କୁ କ୍ଷତିପୂରଣ ଦେବା, ନିମାପଡ଼ା ରୁଟ୍‌ରେ ବାରମ୍ବାର ଦୁର୍ଘଟଣା ଘଟାଉଥିବା ମୋ ବସ୍‌କୁ ଉକ୍ତ ରୁଟ୍‌ରେ ଚଳାଚଳ ବନ୍ଦ ଦାବିରେ ସ୍ଥାନୀୟ ଗ୍ରାମର ଶତାଧିକ ଲୋକ ଉତ୍ୟକ୍ତ ହୋଇ ଧିରପୁର ଛକରେ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଖବର ପାଇ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ପରେ ପୋଲିସ ଉତ୍ୟକ୍ତ ଲୋକଙ୍କଠାରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେବା ସହ ଦୁର୍ଘଟଣାଗ୍ରସ୍ତ ଓଡି ୩୩ଭି ୩୫୦୭ ନଂ. ବିଶିଷ୍ଟ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଚିଲିକାରେ ଏବେ ବି ବୁଲୁଛନ୍ତି ବିଦେଶୀ ପକ୍ଷୀ

କଣାସ,୨୧।୨(ସ୍ୱ.ପ୍ର.): ଶୀତମାସ ପ୍ରାୟ ସରିବାକୁ ଆସିଲାଣି। ହେଲେ ଏବେ ମଧ କେତେକ ବିଦେଶୀ ପକ୍ଷୀ ଚିଲିକାରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। କଣାସ ଉପକୂଳବର୍ତ୍ତୀ ଗ୍ରାମାଞ୍ଚଳକୁ ଏହି ବିଦେଶୀ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସିଥାନ୍ତି। କିଛି ବର୍ଷ ହେବ ଜଳବାୟୁରେ ପରିବର୍ତ୍ତନ ଯୋଗୁ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀ ଶୀତଋତୁ ପରେ ନିଜ ଦେଶକୁ ନ ଫେରି ଉପକୂଳ ଗାଁରେ ଅଧିକ ସଂଖ୍ୟାରେ ଘୂରି ବୁଲୁଛନ୍ତି। ଆଖପାଖରେ ରହି ଜମିରୁ ପାଚିଲା ଧାନ ଖାଇବା ସହ ପୋକଜୋକ ଖାଇଥାନ୍ତି। ହେଲେ ଏହାର ସୁଯୋଗ ନେଇ ଅନେକ ଶିକାରୀ ଜାଲ ବସାଇ ସେମାନଙ୍କୁ ଧରିନେଉଛନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପକ୍ଷୀପ୍ରେମୀଙ୍କ ପକ୍ଷରୁ ଦାବି ହେଉଛି।



ବିଶ୍ୱ ମାତୃଭାଷା ଦିବସ ପାଳନ ପରିପ୍ରେକ୍ଷୀରେ ଜଣେ ଶିଳ୍ପୀ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ବିପିନ ବିହାରୀ ଚୌଧୁରୀ ବଧିର ସ୍କୁଲ୍ ପାଚେରିକୁ ବିଭିନ୍ନ ଅକ୍ଷରରେ ଚିତ୍ରିତ କରୁଛନ୍ତି।

## ହାଇକୋର୍ଟରେ ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ

କଟକ ଅଫିସ,୨୧।୨

ରାଜ୍ୟରେ ଥିବା ଜୁଡିସିଆଲ୍ ଅଫିସରଙ୍କ ନିମନ୍ତେ ହାଇକୋର୍ଟରେ ସୋମବାର ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ ହୋଇଛି। ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧରଙ୍କ ଉପସ୍ଥିତିରେ ହାଇକୋର୍ଟରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ସହଜରେ ଅଦାଲତଙ୍କ ରାୟ, ବିଭିନ୍ନ ଷ୍ଟାଚ୍ୟୁଟ ଲ, କେଶ ଲ, ଲିଗାଲ୍ ମ୍ୟାଟେରିଆଲ୍‌ସ ଆଦି ମିଳିପାରିବ। ଏହି ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଅରିନ୍ଦମ୍ ସିହ୍ନା, ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃଭାଷାର ବିକାଶ ବିନା ଜାତିର ବିକାଶ ଅସମ୍ଭବ

ବୋଲଗଡ଼/ଜଟଣୀ,୨୧।୨(ଡି.ଏନ୍.ଏ.)

ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ଭବନରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମାତୃଭାଷାର ବିକାଶ ବିନା ଜାତିର ବିକାଶ ଅସମ୍ଭବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ପରିଷଦର ସଭାପତି ଶିକ୍ଷାବିତ୍ ଗୋପୀନାଥ ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର ଆବାହନୀ ସଙ୍ଗୀତ ଗାନ କରିଥିଲେ। ଶିବରାମ ଦାଶଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପରମାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନବକିଶୋର ପଟ୍ଟନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ସୁମନ୍ତ ଛୋଟରାୟ, ଐତିହାସିକ ରବୀନ୍ଦ୍ର ପରିଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅପର୍ତ୍ତି ମଲିକ ଓ କଳାକାର ଆବାସୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ପାଠୋତ୍ସବରେ କବୟିତ୍ରୀ ସେବତୀ ପରିଡା, ମଧୁମିତା ଷଡ଼ଙ୍ଗୀ, ଅଚ୍ୟୁତ ସାହୁ, ଭକ୍ତବତ୍ସଳ ପଟ୍ଟନାୟକ, ଦିବ୍ୟଲୋଚନ ଭାରିମଲ, ରାଧାମଣି ମହାପାତ୍ର, ବ୍ରଜବନ୍ଧୁ ସାମନ୍ତରାୟ, ପଦ୍ମନାଭ ପରିଡା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଅଇଁଠୁ ରଣଜିତ୍‌ସିଂହ, ସରୋଜିନୀ ପାଟ୍ଟଶାଣୀ, ବ୍ରଜବନ୍ଧୁ ନିଶଙ୍କ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦକ ବାଲ୍ମୀକ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ। ସେହିପରି ଜଟଣୀ ବ୍ଲକ ଅଧୀନ ରାଧାଚରଣପୁର ଏବଂ ଓଗାଳପଡ଼ା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧାର ଅଧ୍ୟକ୍ଷ ରାମଶଙ୍କର ପୁରସ୍କାର ପ୍ରଦାନ କରିଥିଲେ। ଦୈନନ୍ଦିନ ଓଡ଼ିଆ ଭାଷାର ବ୍ୟବହାର, ମାତୃଭାଷାକୁ ଭଲପାଇବା ଲାଗି ପ୍ରଧାନଶିକ୍ଷକ ତାରିଖି ଦେହୁରୀ ଛାତ୍ରୀ ଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଝୁମୁରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସତ୍ୟବାନ ସାହୁ, ସ୍ନେହଲତା ସାମନ୍ତରାୟ, ରମା ବେହେରା, ସସ୍ମିତା ମହାଲିକ, ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ସ୍ୱାଗତିକା ଭୋଇ, ବାସନ୍ତୀ ମହାପାତ୍ର ଉପସ୍ଥିତ ଥିଲେ। ମଞ୍ଜୁବାଳା ବେହେରା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଡିସିପି ଅଫିସ ଆଗରେ ଧାରଣା ଦେଲେ ସୌମ୍ୟଙ୍କ ମାଆ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରରେ ରହୁଥିବା ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୨୨ଦିନ ବିତିଛି। ପ୍ରେମିକାଙ୍କ ପାଇଁ ସୌମ୍ୟଙ୍କ ଜୀବନ ଯାଇଥିବା ଅଭିଯୋଗ କରି କିଛିଦିନ ତଳେ ସୌମ୍ୟଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ସହ ଡିସିପିଙ୍କୁ ମଧ ଭେଟି ନ୍ୟାୟ ଦାବି କରିଥିଲେ। ହେଲେ ଏଯାବତ ସମ୍ପୃକ୍ତ ପ୍ରେମିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରିକି ତାଙ୍କୁ ପୋଲିସ ଡାକି ପଚରାଉରା ବି କରୁନାହିଁ। ତେଣୁ ପରିବାର ଲୋକେ ସୋମବାର ପୂର୍ବାହ୍ନ ୧୧ଟାରୁ ଡିସିପି ଅଫିସ ସାମ୍ନାରେ ଧାରଣା ଦେଇଥିଲେ। ସେମାନଙ୍କ ସହ ଓଡ଼ିଶା ନାରୀ ସଚେତନ ମଞ୍ଚର ସଦସ୍ୟା ଓ ସୌମ୍ୟଙ୍କ ୩୦ରୁ ଅଧିକ ସାଙ୍ଗ ମଧ ଧାରଣାରେ ସାମିଲ ହୋଇ ନ୍ୟାୟ ଦାବି କରିଥିଲେ। ଅପରାହ୍ନ ୪ରେ ଅତିରିକ୍ତ ଡିସିପି ପି.କେ. ରାଉତ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ତେବେ ଧାରଣା ଚାଲିଥିବାବେଳେ ସୌମ୍ୟଙ୍କ ମାଆ ମୋହିନୀ ପାଣିଗ୍ରାହୀ ଅଚେତ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ଅନ୍ୟମାନେ ପାଣି ସିଞ୍ଚି ସୁସ୍ଥ କରାଇଥିଲେ।

ପୁଅକୁ ହରାଇଥିବା ମାଆ ମୋହିନୀ କହିଛନ୍ତି, ମୋର ସର୍ବସ୍ୱ ସରିଯାଇଛି। ମୋ ପୁଅ ଭଳି ସମବୟସ୍କ ପୁଅମାନଙ୍କୁ ବଞ୍ଚେଇବାକୁ ଚାହୁଁଛି। ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରାଗଲେ ତାଙ୍କ ପରି ସବୁ ଝିଅ ଉପଯୁକ୍ତ ଶିକ୍ଷା ପାଇବେ। ଆଉ ସବୁ ପୁଅ ମଧ ଏଭଳି ଯୁବତୀଙ୍କ ସହ ଆଉ ସମ୍ପର୍କ ରଖିବେ ନାହିଁ। ଘଟଣାସ୍ଥଳରୁ ଫୋନ୍ ଓ ସୁଇସାଇଡ୍ ନୋଟ ମଧ ପୋଲିସ ନେଇଛି। ସୁଇସାଇଡ୍ ନୋଟରେ ଯୁବତୀ ଜଣକ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେଇଥିବା ଲେଖାଯାଇଛି। ଯୁବତୀ ଜଣକ ମୋ ପୁଅକୁ ଆତ୍ମହତ୍ୟା ପାଇଁ ଉସ୍‌କେଇଛନ୍ତି। ପୋଲିସ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରୁ। ନଚେତ ଆତ୍ମାହୁତି ଦେବେ ବୋଲି ମୋହିନୀ କହିଛନ୍ତି। ସାମାଜିକ କର୍ମୀ ମଧୁମିତା ରଥ କହିଛନ୍ତି, ଯେଉଁ ମାଆ ପୁଅ ଜନ୍ମ କରି ୩୦ ବର୍ଷ ପର୍ଯ୍ୟନ୍ତ ବଢ଼େଇଥିଲେ ସେ କ'ଣ ସ୍ୱପ୍ନ ଦେଖିଥିଲେ ତାଙ୍କ ପୁଅ ଆତ୍ମହତ୍ୟା କରୁ ବୋଲି। ସୌମ୍ୟଙ୍କ ପ୍ରେମିକାଙ୍କୁ ଉପଯୁକ୍ତ ଶାସ୍ତି ମିଳିବା ଦରକାର। ସମ୍ପୃକ୍ତ ଯୁବତୀଙ୍କ ନାମରେ ଆଇପିସି ଦଫା ୩୦୬ରେ ମାମଲା ରୁଜୁ ହେବା ପାଇଁ ସମସ୍ତ ପ୍ରମାଣ ରହିଛି। ସବୁ ପୁଅଙ୍କ ସହ ଯେପରି ସେ ଝିଅ ଖେଳୁଛି ତାହା ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ତଦନ୍ତ ପ୍ରକ୍ରିୟାକୁ କୌଣସି ଧାରଣା, ଦାବି କିମ୍ବା ଚାପରେ ପ୍ରଭାବିତ କରିବାକୁ ପ୍ରୟାସ କରାଯିବା ଉଚିତ ନୁହେଁ। ଯାହା ବି ତଥ୍ୟ ମିଳୁଛି, ଯାହା ବି ଆଇନଗତ ପ୍ରାବଧାନ ରହିଛି, ସେହି ଅନୁସାରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ସୁଯୋଗ ଦିଆଯିବା ଉଚିତ ବୋଲି ଡିସିପି କହିଛନ୍ତି।




## ଆତ୍ମହତ୍ୟା ମାମଲା

- ପ୍ରମାଣ ସତ୍ତ୍ୱେ ପ୍ରେମିକାଙ୍କୁ ଗିରଫ କରୁନି ପୋଲିସ
- ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଯୋଗେନ୍ଦ୍ର



@ ଦେବାଶିଷ



@ ବୀରଜା



@ ବିଷ୍ଣୁ



@ ଗଣେଶ



@ ସୁରେଶ

# ଅର୍ଣ୍ଣବ ରୟାଲ୍ସ ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୧।୨

ଖୋର୍ଦ୍ଧା ବ୍ଲକ ବାଜପୁର ପଞ୍ଚାୟତର ଡିହପୁର ଖେଳପଡ଼ିଆରେ ମା'ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଡିହପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ସଚ୍ଚିଦାନନ୍ଦ ଜୟସିଂ ଓ ଅକ୍ଷୟ ରଣସିଂଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ନାମେଣ୍ଟ ଗତ ୧୫ତାରିଖରୁ ଆରମ୍ଭ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଇଲେଭେନ ଟାଇଗରକୁ ହରାଇ ଅର୍ଣ୍ଣବ ରୟାଲ୍ସ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଜଳ ପରିଚାଳନା ପ୍ରତିଷ୍ଠାନର ପରିଷଦ ସଦସ୍ୟ ତଥା ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ, ଉମାକାନ୍ତ ପାହାଡ଼ସିଂ, ସାମାଜିକ କର୍ମୀ ଅମ୍ବୁଜ ବଲ୍ଲଭ ପଟ୍ଟନାୟକ, ବିଚିତ୍ରାନନ୍ଦ ସାମନ୍ତରାୟ, ଶରତ ଜୟସିଂ, ମହମ୍ମଦ ନୁମାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସୁରଜ ରଣସିଂ, ପବିତ୍ର ମହାରଥି, ଶିବ ପ୍ରସାଦ ମହାରଥି, ଦେବଦତ୍ତ ମଙ୍ଗରାଜ, ଅନିଲ କୁମାର ସାମନ୍ତରାୟ, ଶିବପ୍ରସାଦ ସାମନ୍ତରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୦୨।୨୦୨୨

| ୩,୮୬,୩୩୧ଟଙ୍କା | |
|---|---|
| ସୁନା | ୨୧ଗ୍ରାମ |
| ରୁପା | ୧୬.୩୦୦ ଗ୍ରାମ |

# ଲୋକଙ୍କ ଜୀବନ ସହ ଖେଳୁଥିଲେ ରମେଶ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଅର୍ଥ ପାଇଁ ବିଭିନ୍ନ ରାଜ୍ୟର ୧୭ ମହିଳାଙ୍କୁ ବିବାହ କରି ଠକେଇ ଓ ପ୍ରତାରଣା କରିଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଦିନକୁ ଦିନ ଠକେଇର ନୂଆ ଫର୍ଦ୍ଦ ଯୋଡ଼ିହେବାରେ ଲାଗିଛି। କମିଶନରେଟ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସୋମବାର ରିମାଣ୍ଡର ତୃତୀୟ ଦିନରେ ମଧ୍ୟ ତାଙ୍କୁ ମାରାଥନ



ଜବତ ଔଷଧ ପେଟି।

ଜେରା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ଖଣ୍ଡଗିରି ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଚଢ଼ାଉ




ଜବତ ଦୁଇ ଗାଡ଼ି।

## ଆପାର୍ଟମେଣ୍ଟରେ ଚଢ଼ାଉ, ୨ ଗାଡ଼ି ଜବତ

- ବେଆଇନ କାଠ ଚାଲାଣ ବି କରୁଥିଲେ
- ଡ୍ରାଇଭରଙ୍କୁ ଠକିଛନ୍ତି ୩୦ ହଜାର
- କେନ୍ଦ୍ରାପଡ଼ା ଯିବ ପୋଲିସ ଟିମ୍



କରି ରମେଶଙ୍କ ୨ଟି ଗାଡ଼ି ଜବତ କରିଛି। ଅନ୍ୟପକ୍ଷରେ ତଦନ୍ତରୁ ଜଣାପଡ଼ିଛି, ରମେଶ ଢେଙ୍କାନାଳ କାମାକ୍ଷାନଗରରେ ୧୯୯୦ରୁ ୨୦୧୯ ଯାଏ ଡାକ୍ତର ନ ହୋଇବି କ୍ଲିନିକ୍ ଚଳାଇ ଲୋକଙ୍କ ଜୀବନ ସହ ଖେଳୁଥିଲେ। ଏପରି କି ଭୁଲ୍ ଚିକିତ୍ସା ଫଳରେ ଏକାଧିକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ପୋଲିସ ଜେରା ସମୟରେ ଜାଣିବାକୁ ପାଇଛି। ଏଥିସହ ସେ ଢେଙ୍କାନାଳ କଙ୍କଡ଼ାହାଡ଼ରୁ ବେଆଇନ୍ କାଠଚାଲାଣ ମଧ୍ୟ କରୁଥିଲେ। ସେହିଭଳି କାମାକ୍ଷାନଗର ପୋଷ୍ଟ ଅଫିସ ନିକଟରେ ସେ ୧୯୯୫ରେ ଜାଗା କିଣି ଘର କରିଥିଲେ। ହେଲେ ବର୍ତ୍ତମାନ ଉକ୍ତ ଘର ବନ୍ଦ ରହିଥିବା ଜଣାପଡ଼ିଛି। ଏଥିସହ ଜଣେ ଡ୍ରାଇଭରଙ୍କୁ ସେ ୩୦ ହଜାର ଟଙ୍କା ଠକିଛନ୍ତି। ପୋଲିସ କହିଛି, କୃଷ୍ଣ ନାମକ ଜଣେ ଡ୍ରାଇଭରଙ୍କଠାରୁ ଅଭିଯୁକ୍ତ ରମେଶ ୬୦ ହଜାର ଟଙ୍କା ନେଇଥିଲେ। ୩୦ ହଜାର ଟଙ୍କା ଫେରାଇ ଥିବାବେଳେ ବାକି ଟଙ୍କା ଦେଇ ନ ପାରି ୩୦ଟି ଆୟୁର୍ବେଦ ମେଡିସିନ୍ ପେଟି ତାଙ୍କ ପାଖରେ ବନ୍ଧା ରଖିଥିଲେ। ତେବେ ଉକ୍ତ ମେଡିସିନ ସବୁ ଏକ୍ସପାଏରି ଥିବା ଡ୍ରାଇଭର ଜଣକ ଜାଣିବାକୁ ପାଇଥିଲେ। ତେବେ ପୋଲିସ ଟିମ୍ ଉକ୍ତ ୩୦ ପେଟି ମେଡ଼ିସିନ୍‌କୁ ଜବତ କରିଛି। ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ଏକ ପୋଲିସ ଟିମ୍ କେନ୍ଦ୍ରାପଡ଼ାରେ ଥିବା ରମେଶଙ୍କ ପୈତୃକ ଘରକୁ ତଦନ୍ତ କରିବାକୁ ଯିବ। ଏହାବ୍ୟତୀତ ପାରାଦୀପ ଓ ଢେଙ୍କାନାଳ ଯାଇ ଅଧିକ ତଥ୍ୟ ହାସଲ କରିବ। ଏଥିସହ ଅଭିଯୁକ୍ତ ରମେଶଙ୍କ ରିମାଣ୍ଡ ଅବଧି ବଢ଼ାଇବାକୁ କୋର୍ଟରେ ପ୍ରାର୍ଥନା କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ଏବେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ସିଏମ୍‌ସି କମିଶନର

**କଟକ ଅଫିସ,୨୧।୨:** ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁସମୀକ୍ଷା କରିଛନ୍ତି କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ। ସୋମବାର ବିଡାନାସି ଅଞ୍ଚଳ ପରିଦର୍ଶନ କରିଥିଲେ ସିଏମ୍‌ସି କମିଶନର। ଏହି ସ୍ଥାନରେ ନିର୍ମିତ ହୋଇଥିବା ମୁଖ୍ୟ ଡ୍ରେନ କାର୍ଯ୍ୟ ସମୀକ୍ଷା କରିବା ସହ ଶୀଘ୍ର କାର୍ଯ୍ୟ ସାରିବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସିଡିଏ ସେକ୍ଟର ୭ ଏବଂ ଆମ୍ବତୋଟା ନିକଟରେ ନିର୍ମାଣ ହେଉଥିବା ପାର୍କ ମଧ ପରିଦର୍ଶନ କରିଥିଲେ। ତେବେ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଏହି ପାର୍କ ଉଦ୍‌ଘାଟନ ହେବାର ଯୋଜନା ରହିଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଉଦ୍‌ଘାଟନରେ ବିଳମ୍ବ ହୋଇପାରେ ବୋଲି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି।

### ରେଭେନ୍‌ଶା କର୍ମଚାରୀଙ୍କ ସମସ୍ୟା ନେଇ ବୈଠକ

**କଟକ ଅଫିସ,୨୧।୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍‌ରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୋମବାର ଏକ ବୈଠକ କରିଥିଲେ। ଏଥିରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ ଏବଂ ଉଚ୍ଚଦକ୍ଷତା ସମ୍ପନ୍ନ କର୍ମଚାରୀଙ୍କୁ ନେଇ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରି କ'ଣ ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ କଥା ହୋଇଥିଲେ। ପ୍ରତି ସପ୍ତାହରେ ଭିନ୍ନ ଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନେଇ ବୈଠକ କରିବାକୁ କହିଥିଲେ। ପୃଥକ ପୃଥକ ବୈଠକ ହେଲେ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ଓ ସମସ୍ୟା ଜାଣିହେବ। ଏହାପରେ ତାଙ୍କୁ କେଉଁ ପଦବୀରେ ରଖାଯିବ ତାହା ନିଷ୍ପତ୍ତି ନେଇହେବ ବୋଲି ସେ କହିଥିଲେ। ଏହି ଅଭିଯାନକୁ ଆରମ୍ଭ କରିବା ସହିତ ପ୍ରତି ସପ୍ତାହରେ କର୍ମଚାରୀଙ୍କ ସମସ୍ୟାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବୈଠକ କରିବେ। ଏଥିସହ କର୍ମଚାରୀଙ୍କୁ ସେ ସ୍ଥାୟୀ କରିପାରିବେ ନାହିଁ, କେବଳ ସରକାର ହିଁ ସ୍ଥାୟୀ ନିଯୁକ୍ତି ଦେଇପାରିବେ। ସେ କେବଳ କର୍ମଚାରୀଙ୍କ ଦରମା ଓ ଶିକ୍ଷକତା ଯୋଗ୍ୟତାକୁ ଆଧାରକରି କାର୍ଯ୍ୟ ଦେଇପାରିବେ ବୋଲି କହିଥିଲେ। ଏହି ବୈଠକରେ କୁଳପତିଙ୍କ ସମେତ କୁଳସଚିବ ଭକ୍ତଚରଣ ପ୍ରଧାନ ଏବଂ କର୍ମଚାରୀ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବିଶ୍ୱ ମାତୃଭାଷା ଦିବସ ପାଳନ ପରିପ୍ରେକ୍ଷୀରେ ଜଣେ ଶିଳ୍ପୀ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ବିପିନ ବିହାରୀ ଚୌଧୁରୀ ବଧିର ସ୍କୁଲ୍ ପାଚେରିକୁ ବିଭିନ୍ନ ଅକ୍ଷରରେ ଚିତ୍ରିତ କରୁଛନ୍ତି।

## ହାଇକୋର୍ଟରେ ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ

କଟକ ଅଫିସ,୨୧।୨

ରାଜ୍ୟରେ ଥିବା ଜୁଡିସିଆଲ୍ ଅଫିସରଙ୍କ ନିମନ୍ତେ ହାଇକୋର୍ଟରେ ସୋମବାର ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ ହୋଇଛି। ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧରଙ୍କ ଉପସ୍ଥିତିରେ ହାଇକୋର୍ଟରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଏସ୍‌ସିସି ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ସହଜରେ ଅଦାଲତଙ୍କ ରାୟ, ବିଭିନ୍ନ ଷ୍ଟାଚ୍ୟୁଟ ଲ, କେଶ ଲ, ଲିଗାଲ୍ ମ୍ୟାଟେରିଆଲ୍‌ସ ଆଦି ମିଳିପାରିବ। ଏହି ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଅରିନ୍ଦମ୍ ସିହ୍ନା, ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୀତିକାନ୍ତିରେ ହେବ ଜାଗରଯାତ୍ରା

କଟକ ସଦର,୨୧।୨(ଡି.ଏନ୍.ଏ.)

ମାର୍ଚ୍ଚ ୧ ତାରିଖରେ ଜାଗର ଯାତ୍ରା। ଏଥିଲାଗି ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମ ପାଇଁ ସୋମବାର କଟକ ସଦର ବ୍ଲକ ଅନ୍ତର୍ଗତ ପରମ୍ହଂସ ନାଥଦେବଙ୍କ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲ ଓ ପୂଜକ ସେବାୟତମାନେ ଯୋଗଦେଇ ଶିବରାତ୍ରି ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜାଗର ଯାତ୍ରା ଲାଗି ସରକାର ଗାଇଡ୍‌ଲାଇନ ଜାରି କରି ନ ଥିବାରୁ ମୀନାବଜାର ପାଇଁ ପ୍ଲଟ ନିଲାମକୁ ସ୍ଥଗିତ ରଖାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କେବଳ ପ୍ରଥା ଅନୁଯାୟୀ ନୀତିକାନ୍ତିରେ କାର୍ଯ୍ୟକ୍ରମ ସୀମିତ ରହିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ମଲ୍ଲ ସୂଚନା ଦେଇଛନ୍ତି। ଏ ଅବସରରେ ସାଇକେଲ ଷ୍ଟାଣ୍ଡ, ଭୋଗ ଦୋକାନ ଓ ଦୀପ ଦୋକାନକୁ ନିଲାମ କରାଯାଇଥିଲା। ଯଦି ମାର୍ଚ୍ଚ ମାସ ଗାଇଡ୍‌ଲାଇନରେ ସରକାର କୋହଳ କରନ୍ତି, ତାହାହେଲେ ମୀନାବଜାର ନିଲାମ କଥା ବିଚାର କରାଯିବ ବୋଲି ସୂଚନା ମିଳିଛି।

# ଭୋଟ ପାଇଁ ଟଙ୍କା ବାଣ୍ଟିବାକୁ ଆସିଥିବା ୨ ଅଟକ

ଖୁଣ୍ଟୁଣୀ,୨୧।୨(ଡି.ଏନ୍.ଏ.)

- ଗ୍ରାମରେ ଉତ୍ତେଜନା, ୨ ଗାଡ଼ି ଭଙ୍ଗାରୁଜା
- ସରପଞ୍ଚ ପ୍ରାର୍ଥୀଙ୍କ ପାଲଟା ଅଭିଯୋଗ

ଖୁଣ୍ଟୁଣୀ ଥାନା କଣ୍ଡରେଇ ପଞ୍ଚାୟତର ମାଣତିରି ଗ୍ରାମରେ ରବିବାର ରାତିରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରାୟ ୧୫ଜଣ ଗ୍ରାମକୁ ଆସିଥିଲେ। ଏହି ସମୟରେ ସେମାନେ ଲୋକଙ୍କୁ ଟଙ୍କା ବାଣ୍ଟିବା ସହ ମଦ ଯୋଗାଉଥିବା ନେଇ ଗ୍ରାମବାସୀ ଜାଣିବା ପରେ ବିରୋଧ କରିଥିଲେ। ଏହାପରେ ସମର୍ଥକମାନେ ଦୌଡ଼ିଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ହାତରେ ୨ଜଣ ଧରାପଡ଼ିଥିବା ବେଳେ ୧୩ ଜଣ ଖସି ଯାଇଥିଲେ। ଏହି ଦୁଇଜଣ ଆଣିଥିବା କାର୍ ଓ ଗୋଟିଏ ବୋଲେରୋ ମଧ୍ୟରୁ ୫୦୦ ଟଙ୍କିଆ ନୋଟ୍ ବିଡ଼ା, ସରପଞ୍ଚଙ୍କ ପୁସିଂ କାର୍ଡ ଓ କିଛି ମଦକୁ ଉତ୍ୟକ୍ତ ଲୋକେ ଉଦ୍ଧାର କରିବା ସହ ୨ ଗାଡି ଭଙ୍ଗାରୁଜା କରିଥିଲେ। ଏହି କଥା ସରପଞ୍ଚ ପ୍ରାର୍ଥୀ ଜାଣିବା ପରେ ଉକ୍ତ ଗ୍ରାମର ଜଣେ ଡ୍ରାଇଭରଙ୍କୁ ଗାଡ଼ି ଭଙ୍ଗାରୁଜାରେ ସାମିଲ ଥିବା କହି ଅଟକ ରଖିଥିଲେ। ଖବର ପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଏସ୍‌ଆଇ କେଦାରନାଥ ବିଶ୍ୱାଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଗ୍ରାମର ଅଟକ ଥିବା ଉକ୍ତ ଡ୍ରାଇଭରଙ୍କୁ ଛାଡ଼ିବାକୁ ଲୋକେ ଦାବି କରିଥିଲେ। ଫଳରେ ପୋଲିସ ଅଟକ ଦୁଇ ଯୁବକଙ୍କୁ ଉଦ୍ଧାର କରି ନ ପାରି ସେଠାରେ ଜଗି ରହିଥିଲା। ସୋମବାର ସକାଳେ ଆଇଆଇସି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବାରେ ଘଟଣାସ୍ଥଳକୁ କିଛି ଫୋର୍ସ ସହ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ ଆସି ଲୋକଙ୍କୁ ବୁଝାଇ ଉଭୟ ପକ୍ଷଙ୍କୁ ଥାନାକୁ ଡାକିଥିଲେ। ଉକ୍ତ ଘଟଣାକୁ ନେଇ ଭୋଟ ପାଇଁ ଟଙ୍କା ବାଣ୍ଟିବା ଓ ଗ୍ରାମ ଯୁବକଙ୍କୁ ଅପହରଣ କରିବା ନେଇ ୨ଟି ଅଭିଯୋଗ କରିଥିଲେ। ଅନ୍ୟପଟେ ଗ୍ରାମକୁ ପୁସିଂ ପାଇଁ ସମର୍ଥକମାନେ ଯାଇଥିବା ବେଳେ ଗାଡ଼ି ଭଙ୍ଗାରୁଜା କରିଥିବା ନେଇ ପାଲଟା ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ଉଭୟ ପକ୍ଷର ୩ଟି ଅଭିଯୋଗକୁ ଭିତ୍ତିକରି ତିନୋଟି ପୃଥକ୍ ମାମଲା (ନଂ.୩୬, ୩୭ ଓ ୩୮/୨୨) ରୁଜୁ କରିଛି। ଏହି ଘଟଣାକୁ ଶାନ୍ତିଶୃଙ୍ଖଳାରେ ସମାଧାନ କରିବାକୁ ଯାଇ ଉଭୟଙ୍କ ମଧ୍ୟରେ ଲିଖିତ ପ୍ରତିଶ୍ରୁତି ନେଇ ପୋଲିସ ଅଟକ ୩ ଜଣଙ୍କୁ ଛାଡ଼ିଥିଲା। ପରେ ଲୋକେ ଜବତ ଟଙ୍କା, ମଦ ବୋତଲ ଓ ପୁସିଂ କାର୍ଡ଼କୁ ପୋଲିସକୁ ହସ୍ତାନ୍ତର କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଯୋଗେନ୍ଦ୍ର



@ ଦେବାଶିଷ



@ ବୀରଜା



@ ବିଷ୍ଣୁ



@ ଗଣେଶ



@ ସୁରେଶ

# ଆଶାକର୍ମୀଙ୍କୁ ଡାକ୍ତରଙ୍କ ମାଡ଼

କଟକ ଅଫିସ,୨୧।୨

- ଏସ୍‌ସିବି ମେଡିକାଲ ଫାଣ୍ଡିରେ ଅଭିଯୋଗ
- ପଦକ୍ଷେପ ନିଆଯିବ: ସୁପରିଣ୍ଟେଣ୍ଡେଣ୍ଟ

ଏସ୍‌ସିବି ମେଡିକାଲରେ ଆଶାକର୍ମୀଙ୍କୁ ଜଣେ ଡାକ୍ତର ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କାଶିଝିରିଆ ଗ୍ରାମର ସମ୍ପୃକ୍ତ ଆଶାକର୍ମୀ ସୋମବାର ଏସ୍‌ସିବି ମେଡିକାଲ ପରିସରସ୍ଥ ଫାଣ୍ଡିରେ ଏ ନେଇ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜନୈକା ଆଶାକର୍ମୀ ଜଣେ ମହିଳା ରୋଗୀଙ୍କୁ ବ୍ରହ୍ମଗିରିର ନୂଆଗାଁ ରେବଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଠାରୁ କଟକ ଆଣି ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ରବିବାର ସନ୍ଧ୍ୟାରେ ରୋଗୀଙ୍କ ରକ୍ତ ସମସ୍ୟା ସମ୍ପର୍କରେ ନର୍ସ ଓ ଡାକ୍ତରଙ୍କୁ ସମ୍ପୃକ୍ତ ଆଶାକର୍ମୀ ଜଣାଇଥିଲେ। ଏହାକୁ ନେଇ ବଚସା ହେବାରୁ ସେଠାରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଭଳି ଘଟଣା ଏହି ମେଡିକାଲରେ ନୂଆ କଥା ନୁହେଁ। ପୂର୍ବରୁ ବିଭିନ୍ନ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ମେଡିକାଲର କର୍ମଚାରୀ ଏବଂ ସୁରକ୍ଷାକର୍ମୀ ଦୁର୍ବ୍ୟବହାର କରିଥିବାର ନଜିର ରହିଛି। ଗାଁ ଓ ସହରାଞ୍ଚଳରେ ସେବା ପାଇଁ ଆଶାକର୍ମୀଙ୍କୁ ସରକାର ନିୟୋଜିତ କରିବା ସହ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଥିଲେ ମଧ୍ୟ ସେମାନଙ୍କ ପ୍ରତି ଏଭଳି ବ୍ୟବହାର ନିନ୍ଦନୀୟ ବୋଲି ଓଡ଼ିଶା ଆଶାକର୍ମୀ ସଂଘର ଉପଦେଷ୍ଟା ବସନ୍ତ କୁମାର ସାହୁ କହିଛନ୍ତି। ଏଥିସହ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ସିବି ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ତାଙ୍କ ପାଖକୁ ଲିଖିତ ଅଭିଯୋଗ ଆସିନାହିଁ। ବିଭାଗୀୟ ମୁଖ୍ୟଙ୍କଠାରୁ ଘଟଣା ସମ୍ପର୍କରେ ବୁଝିବା ପରେ ପଦକ୍ଷେପ ନେବେ।

# ଡିସିପି ଅଫିସ ଆଗରେ ଧାରଣା ଦେଲେ ସୌମ୍ୟଙ୍କ ମାଆ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)




## ଆତ୍ମହତ୍ୟା ମାମଲା

- ପ୍ରମାଣ ସତ୍ତ୍ୱେ ପ୍ରେମିକାଙ୍କୁ ଗିରଫ କରୁନି ପୋଲିସ
- ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରରେ ରହୁଥିବା ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୨୨ଦିନ ବିତିଛି। ପ୍ରେମିକାଙ୍କ ପାଇଁ ସୌମ୍ୟଙ୍କ ଜୀବନ ଯାଇଥିବା ଅଭିଯୋଗ କରି କିଛିଦିନ ତଳେ ସୌମ୍ୟଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ସହ ଡିସିପିଙ୍କୁ ମଧ୍ୟ ଭେଟି ନ୍ୟାୟ ଦାବି କରିଥିଲେ। ହେଲେ ଏଯାବତ ସମ୍ପୃକ୍ତ ପ୍ରେମିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରିକି ତାଙ୍କୁ ପୋଲିସ ଡାକି ପଚରାଉରା ବି କରୁନାହିଁ। ତେଣୁ ପରିବାର ଲୋକେ ସୋମବାର ପୂର୍ବାହ୍ନ ୧୧ଟାରୁ ଡିସିପି ଅଫିସ ସାମ୍ନାରେ ଧାରଣା ଦେଇଥିଲେ। ସେମାନଙ୍କ ସହ ଓଡ଼ିଶା ନାରୀ ସଚେତନ ମଞ୍ଚର ସଦସ୍ୟା ଓ ସୌମ୍ୟଙ୍କ ୩୦ରୁ ଅଧିକ ସାଙ୍ଗ ମଧ୍ୟ ଧାରଣାରେ ସାମିଲ ହୋଇ ନ୍ୟାୟ ଦାବି କରିଥିଲେ। ଅପରାହ୍ନ ୪ରେ ଅତିରିକ୍ତ ଡିସିପି ପି.କେ. ରାଉତ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ତେବେ ଧାରଣା ଚାଲିଥିବାବେଳେ ସୌମ୍ୟଙ୍କ ମାଆ ମୋହିନୀ ପାଣିଗ୍ରାହୀ ଅଚେତ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ଅନ୍ୟମାନେ ପାଣି ସିଞ୍ଚି ସୁସ୍ଥ କରାଇଥିଲେ।

ପୁଅକୁ ହରାଇଥିବା ମାଆ ମୋହିନୀ କହିଛନ୍ତି, ମୋର ସର୍ବସ୍ୱ ସରିଯାଇଛି। ମୋ ପୁଅ ଭଳି ସମବୟସ୍କ ପୁଅମାନଙ୍କୁ ବଞ୍ଚେଇବାକୁ ଚାହୁଁଛି। ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରାଗଲେ ତାଙ୍କ ପରି ସବୁ ଝିଅ ଉପଯୁକ୍ତ ଶିକ୍ଷା ପାଇବେ। ଆଉ ସବୁ ପୁଅ ମଧ୍ୟ ଏଭଳି ଯୁବତୀଙ୍କ ସହ ଆଉ ସମ୍ପର୍କ ରଖିବେ ନାହିଁ। ଘଟଣାସ୍ଥଳରୁ ଫୋନ୍ ଓ ସୁଇସାଇଡ୍ ନୋଟ ମଧ୍ୟ ପୋଲିସ ନେଇଛି। ସୁଇସାଇଡ୍ ନୋଟରେ ଯୁବତୀ ଜଣକ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେଇଥିବା ଲେଖାଯାଇଛି। ଯୁବତୀ ଜଣକ ମୋ ପୁଅକୁ ଆତ୍ମହତ୍ୟା ପାଇଁ ଉସ୍‌କେଇଛନ୍ତି। ପୋଲିସ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରୁ। ନଚେତ ଆତ୍ମାହୁତି ଦେବେ ବୋଲି ମୋହିନୀ କହିଛନ୍ତି। ସାମାଜିକ କର୍ମୀ ମଧୁମିତା ରଥ କହିଛନ୍ତି, ଯେଉଁ ମାଆ ପୁଅ ଜନ୍ମ କରି ୩୦ ବର୍ଷ ପର୍ଯ୍ୟନ୍ତ ବଢ଼େଇଥିଲେ ସେ କ'ଣ ସ୍ୱପ୍ନ ଦେଖିଥିଲେ ତାଙ୍କ ପୁଅ ଆତ୍ମହତ୍ୟା କରୁ ବୋଲି। ସୌମ୍ୟଙ୍କ ପ୍ରେମିକାଙ୍କୁ ଉପଯୁକ୍ତ ଶାସ୍ତି ମିଳିବା ଦରକାର। ସମ୍ପୃକ୍ତ ଯୁବତୀଙ୍କ ନାମରେ ଆଇପିସି ଦଫା ୩୦୬ରେ ମାମଲା ରୁଜୁ ହେବା ପାଇଁ ସମସ୍ତ ପ୍ରମାଣ ରହିଛି। ସବୁ ପୁଅଙ୍କ ସହ ଯେପରି ସେ ଝିଅ ଖେଳୁଛି ତାହା ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ତଦନ୍ତ ପ୍ରକ୍ରିୟାକୁ କୌଣସି ଧାରଣା, ଦାବି କିମ୍ବା ଚାପରେ ପ୍ରଭାବିତ କରିବାକୁ ପ୍ରୟାସ କରାଯିବା ଉଚିତ ନୁହେଁ। ଯାହା ବି ତଥ୍ୟ ମିଳୁଛି, ଯାହା ବି ଆଇନଗତ ପ୍ରାବଧାନ ରହିଛି, ସେହି ଅନୁସାରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ସୁଯୋଗ ଦିଆଯିବା ଉଚିତ ବୋଲି ଡିସିପି କହିଛନ୍ତି।



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା: ବାଇକ୍ ଚାଳକ ମୃତ

ବେଗୁନିଆ,୨୧।୨(ଡି.ଏନ୍.ଏ.): ସଡ଼କ ଦୁର୍ଘଟଣାରେ ସୋମବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମର ସୁଶାନ୍ତ ପରିଡ଼ା(୫୦)। ସୂଚନା ମୁତାବକ, ସୁଶାନ୍ତ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟରେ ଯୋଗଦେଇ ଡଙ୍ଗରପଡ଼ା ଗ୍ରାମରୁ ରବିବାର ରାତିରେ ବାଇକ୍‌ରେ ଫେରୁଥିଲେ। ସାମନ୍ତରାପୁର ଗ୍ରାମ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିଲେ। ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ସୁଶାନ୍ତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୫୩/୨୨)ରୁଜୁ ହୋଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଯାଁଳା, ୨୧।୨(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଯାଁଳା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ଅଭୟ କୁମାର ପ୍ରଧାନ(୩୬)। ମିଳିଥିବା ସୂଚନା ମୁତାବକ, ରବିବାର ରାତିରେ ଅଭୟ ଏକ ଭୋଜିକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପାଟିତୁଣ୍ଡ କରିଥିଲେ। ପରେ କେତେଜଣ ଲୋକ ତାଙ୍କୁ ଘରେ ଆଣି ଛାଡ଼ିଥିଲେ। ସୋମବାର ସକାଳେ ସେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯାଁଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନିର୍ବାଚନୀ ହିଂସା: ଦୁଇ ପରିବାରର ୧୪ ଗିରଫ

ବାଲୁଗାଁ,୨୧।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ କ୍ଷେତ୍ରପାଳ ଗ୍ରାମରେ ନିର୍ବାଚନକୁ ନେଇ ଦୁଇ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପରିବାର ମଧରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ବାଲୁଗାଁ ପୋଲିସ ଉଭୟ ପରିବାରର ୧୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ପରେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୱାର୍ଡସଭ୍ୟ ଆସନ ପାଇଁ କ୍ଷେତ୍ରପାଳ ଗ୍ରାମର ଦୁଇଜଣ ସମ୍ପର୍କୀୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଗତ ୧୯ ତାରିଖ ତଥା ନିର୍ବାଚନର ପୂର୍ବଦିନ ରାଜନୈତିକ ବିବାଦ ନେଇ ଉଭୟ ପରିବାର ମଧରେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପରିବାରର ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୩୬, ୩୭/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

### ରାଜବୀରଙ୍କ ଚିକିତ୍ସା ପାଇଁ ସହାୟତା

ବୋଲଗଡ଼,୨୧।୨(ଡି.ଏନ୍.ଏ.): ଫୁଲବାଣୀ ଜିଲା କନ୍ଧମାଳ ଆମ୍ବାପଡ଼ା ଗ୍ରାମର ୧ବର୍ଷ ୮ମାସର ରାଜବୀର ରଣାଙ୍କ ଚିକିତ୍ସା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅର୍ଥ ସଂଗ୍ରହ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ରକ୍‌ଷ୍ଟାର ଗ୍ରୋଭି ବୟଜ ଅନୁଷ୍ଠାନ ରାଜବୀରଙ୍କୁ ସହାୟତା ପାଇଁ ଅଣ୍ଟା ଭିଡ଼ିଛି। ଅନୁଷ୍ଠାନର ଗଣେଶ ମଙ୍ଗରାଜ, ସୂର୍ଯ୍ୟକାନ୍ତ ବେହେରା, ବିଶ୍ୱନାଥ ଓଝା, ଦୀପକ କୁମାର, ବାଦଲ ସ୍ୱାଇଁ, ନିରଞ୍ଜନ ନାୟକ ପ୍ରମୁଖ ଘର ଘର ବୁଲି ସହାୟତା ପାଇଁ ନିବେଦନ କରିଥିଲେ। ଆଦାୟ ଅର୍ଥ ରାଜବୀରଙ୍କ ପରିବାର ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ପଠାଯାଇଛି।

# ଏସ୍‌ଟିଏଫ୍ ହାତରେ ଧରାପଡ଼ିଲେ ୱାଣ୍ଟେଡ୍ ଶିବୁ

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

**୧.୨୭ କୋଟି ଟଙ୍କାର ବ୍ରାଉନସୁଗାର ଜବତ**

- ନୟାଗଡ଼ରେ ଚଢ଼ାଉବେଳେ ଖସି ପଳାଇଥିଲେ
- ପୂର୍ବରୁ ଗିରଫ ହୋଇଥିଲେ ସହଯୋଗୀ ଭିକି


ଅଭିଯୁକ୍ତ ଶିବ ପ୍ରସାଦ ଦାସ।

ନୟାଗଡ଼ ଜିଲା ଟାଉନ୍ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଏକ ଭଡାଘରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ୍ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପାଇଁ ସେ ୱାଣ୍ଟେଡ୍ ଥିଲେ। ରବିବାର ରାତିରେ ରାଜଧାନୀ ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥର ପାହାଳ କ୍ରସିଂ ନିକଟରୁ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ମୁଣ୍ଡିଆ ସାହିର ଶିବ ପ୍ରସାଦ ଦାସ ଓରଫ ଶିବୁ। ତାଙ୍କଠାରୁ ୧ କେଜି ୨୨୭ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ଟଙ୍କା ହେବ। ଏଥିସହ ଗୋଟିଏ ବାଇକ ଓ ୫ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୫/୨୦୨୨) ରୁଜୁ କରି ଶିବୁଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ଶିବୁଙ୍କ ନାମରେ ୬ଟି ଆପରାଧିକ ମାମଲା ରହିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି। ତେବେ ତାଙ୍କ ସହ ସାମିଲ ଥିବା ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅନୁସନ୍ଧାନ ଚଳାଇଛି।

ସୂଚନା ଅନୁଯାୟୀ, ଶିବୁ ମାଛ ବ୍ୟବସାୟ କରୁଥିବା କହି ଉଦୟପଥ ଲେନ୍‌ରେ ଘରଭଡା ନେଇ ପରିବାର ସହ ରହୁଥିଲେ। ହେଲେ ସେ କିଛି ଲୋକଙ୍କୁ ରଖି ବ୍ରାଉନସୁଗାର ହୋଲ୍‌ସେଲ୍ ବ୍ୟବସାୟ କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଜାନୁୟାରୀ ୨୫ ରାତିରେ ସେଠାରେ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଶିବୁ ଫେରାର ହୋଇଯାଇଥିଲେ। ସେହି ସମୟରେ ଶିବୁଙ୍କ ସହଯୋଗୀ ଭିକି ରାଓଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗର, ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ ପିସ୍ତଲ, ୪୩ ରାଉଣ୍ଡ ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ (ନଂ.୧/୨୦୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏସ୍‌ଟିଏଫ୍ ଟାର୍ଗେଟରେ ଥିଲେ ମଧ୍ୟ ସେ ଉକ୍ତ ବେଆଇନ ବେପାର ଜାରି ରଖିଥିଲେ ବୋଲି ଜବତ ବ୍ରାଉନସୁଗାରରୁ ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ୨୦୨୦ରୁ ଏଯାବତ ୪୯ କେଜି ବ୍ରାଉନସୁଗାର, ୮୯ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୩ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।

### ନିର୍ବାଚନରେ ବାଧା ସୃଷ୍ଟି କରି ଏଜେଣ୍ଟ ଗିରଫ

ପୁରୀ ଅଫିସ,୨୧।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୁରୀ ସଦର ଅଞ୍ଚଳର ଗୌଡ଼କେରା ପଣ୍ଡାଶ୍ୱର ଗାଁ ୧୧ ନମ୍ବର ବୁଥରେ ମତଦାନ ବେଳେ ବାଧା ସୃଷ୍ଟି କରିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ଏଜେଣ୍ଟଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ପଣ୍ଡାଶ୍ୱର ଗ୍ରାମର ହେମନ୍ତ କୁମାର ପରିଡ଼ା (୩୭)। ତାଙ୍କ ବିରୋଧରେ ଏକ ମାମଲା (ନଂ. ୫୧/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଥିଲା। ଅଭିଯୁକ୍ତ ଜଣଙ୍କ ୧୧ ନଂ ବୁଥରେ ଏଜେଣ୍ଟ ଦାୟିତ୍ୱରେ ଥିଲେ। ମଧ୍ୟାହ୍ନ ପ୍ରାୟ ୧୨.୩୦ରେ ସେ ବୁଥ୍‌ରେ ଥିବା ବାଲଟ ବକ୍ସରେ ପାଣି ପୂରାଇ ଫେରାର ହୋଇଯାଇଥିଲେ। ଏ ଘଟଣା ସମ୍ପର୍କରେ ବିଡିଓ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ଧାରା ୪୨୭, ୪୫୧,୨୯ (ଇ ) ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪/୩ ପିଡିପିପି ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



ସମ୍ଭାବନା ପକ୍ଷରୁ ୧୧ ପର୍ଯ୍ୟାୟରେ ଅନୁଷ୍ଠିତ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବର ସୋମବାର ଉଦ୍‌ଯାପନ ଅବସରରେ ସୂଚନା ଭବନଠାରେ ଅତିଥିମାନେ ରଶ୍ମି ସାହୁଙ୍କୁ 'ଶ୍ରେଷ୍ଠ ଓଡ଼ିଆଣୀ-୨୦୨୧' ସମ୍ମାନ ପ୍ରଦାନ କରୁଛନ୍ତି।

## 'ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା ଦିଆଯାଉ'

ଖୋର୍ଦ୍ଧା ଅଫିସ/ଜଟଣୀ/ନିରାକାରପୁର, ୨୧।୨(ଡି.ଏନ୍.ଏ.)

**ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ହିଂସାକାଣ୍ଡ ଥମିବାର ନାଁ ଧରୁନି। ପୋଲିସ ମହାନିର୍ଦ୍ଦେଶକଙ୍କ ଚେତାବନୀ ପରେ ଏଥିରେ କୌଣସି ଫରକ ପଡୁନି। ବୁଥ୍ ଜବରଦଖଲ ହେଉଥିବା ବେଳେ ପୋଲିଂ ପାର୍ଟି, ପୋଲିସ ଆକ୍ରମଣର ଶିକାର ହେଉଛନ୍ତି। ଖବର ସଂଗ୍ରହ କରିବାକୁ ଯାଉଥିବା ଖବରଦାତାମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମଗିରି, କଣାସ ପରେ ଏବେ ବିଞ୍ଝାରପୁରରେ କେତେଜଣ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ହୋଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘ ଦାବି କରିଛି। ଏନେଇ ସୋମବାର ସଂଘ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ବାଚନରେ ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଜିଲା ସଭାପତି ପ୍ରଭାତ ମିଶ୍ର, ଉପଦେଷ୍ଟା ଉମାଶଙ୍କର ପ୍ରସାଦ, ସମ୍ପାଦକ ସତ୍ୟନାରାୟଣ ପାଇକରାୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ରବି ନାରାୟଣ ସାହୁ, ଶରତ ବାରିକ, ପ୍ରଦୀପ ବେହେରା, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜଟଣୀ ପ୍ରେସ କ୍ଲବ ପକ୍ଷରୁ ଖବରଦାତାଙ୍କ ସୁରକ୍ଷା ନିମନ୍ତେ ବିଡିଓ ସରୋଜ କୁମାର ରାଉତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରେସ କ୍ଲବ ସଭାପତି ଏମ୍.ଡି.ଇସମାଇଲ ଅଲି, ହୃଦାନନ୍ଦ କୋଦମାସିଂ, ରଙ୍ଗନାଥ ବେହେରା, ଯଯାତିକେଶରୀ ପ୍ରଧାନ, ହେମନ୍ତ ସୁନ୍ଦରାୟ, ହରିହର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିରାକାରପୁର ଖବରଦାତା ସଂଘ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ଅନୁଷ୍ଠିତ ବୈଠକରେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୁଷଣ ଚମ୍ପତିରାୟ, ଉମେଶ ପଟ୍ଟନାୟକ, ଲଛମନ ନାୟକ, ବିକ୍ରମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଗୋପ,୨୧।୨(ଡି.ଏନ୍.ଏ.)

ଗୋପ-ଚାରିଛକ ରାସ୍ତା ନିକଟ ପୟରା ରାସ୍ତାକଡ଼ରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ଗୋପ ଥାନା ଅଞ୍ଚଳର ବସନ୍ତ କାଣ୍ଡି। ପ୍ରକାଶ ଯେ, ରବିବାର ଗୋପ ଥାନା ଅଞ୍ଚଳର ଜଣେ ମହିଳା ପାରିବାରିକ ବିବାଦକୁ ନେଇ ବସନ୍ତଙ୍କ ନାମରେ ଏକ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଥାନା ଏସ୍‌ଆଇ ଗଡ଼ରୂପାଷରେ ଥିବା ଗ୍ରାମରକ୍ଷୀଙ୍କୁ ବସନ୍ତଙ୍କୁ ଡାକିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତାଙ୍କ ସହ କଥାହୋଇ ଫେରାଇ ଦେଇଥିଲେ। କିଛି ସମୟ ପରେ ପୁଣି ବସନ୍ତଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ହେଲେ ସୋମବାର ମଧ୍ୟାହ୍ନରେ ବସନ୍ତ ବିଷ ପିଇ ପୟରା ଛକ ରାସ୍ତାକଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସରିତା ମିଶ୍ର ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ତାଙ୍କୁ ପଠାଇଥିଲେ। ତେବେ ଥାନା ପକ୍ଷରୁ ଡାକରା ଯୋଗୁ ଏଭଳି ପଦକ୍ଷେପ ନେଇଥିବା ବସନ୍ତ ଅଭିଯୋଗ କରିଛନ୍ତି।

## ସଦର ମହକୁମାରେ ରହୁନାହାନ୍ତି ଅଧିକାରୀ

ଖୋର୍ଦ୍ଧା ଅଫିସ,୨୧।୨

**ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଏକାଧିକ ସରକାରୀ କାର୍ଯ୍ୟାଳୟ ରହିଛି। ଜିଲାପାଳ ଓ ଏସ୍‌ପି ଏଠାରେ ରହୁଥିବା ବେଳେ କେତେଜଣ ଜିଲାସ୍ତରୀୟ ଅଧିକାରୀ ଖୋର୍ଦ୍ଧାରେ ନ ରହି ଭୁବନେଶ୍ୱରରୁ ଯାତାୟାତ କରୁଛନ୍ତି। ଅପରାହ୍ନ ପରେ ଏଠାରେ ଅଧିକାରୀଙ୍କ ଦେଖା ମିଳୁନାହିଁ। ସେହିପରି କେତେଜଣ ବ୍ଲକ ଅଧିକାରୀ ମଧ୍ୟ ଭୁବନେଶ୍ୱରରୁ ଯାତାୟାତ କରୁଛନ୍ତି। ତେବେ ଜିଲା ହେଡ୍‌କ୍ୱାର୍ଟର୍ସରେ ଜିଲାସ୍ତରୀୟ ଅଧିକାରୀମାନେ ରହିବା ଲାଗି ସରକାରଙ୍କ ଗାଇଡ୍‌ଲାଇନ ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାସ୍ତରୀୟ ଅଧିକାରୀମାନେ ସଦର ମହକୁମାରେ ରହିବା ବ୍ୟବସ୍ଥା ନିମନ୍ତେ ସୋମବାର ସାମାଜିକ ଅନୁଷ୍ଠାନ ନ୍ୟୁଓ ଥିଙ୍କିଙ୍ଗ୍ ଫୋରମ ପକ୍ଷରୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଯେ, ୧୯୯୩ ମସିହାରେ ଖୋର୍ଦ୍ଧା ଜିଲା ଗଠନ ପରଠାରୁ ଏଠାରେ କୌଣସି ଅଧିକାରୀ ରହିବା ଦେଖିବାକୁ ମିଳୁନାହିଁ। ଅନେକ ସରକାରୀ କାର୍ଯ୍ୟାଳୟ ଏବେ ଭୂତକୋଠିରେ ପରିଣତ ହୋଇଛି। ସରକାରୀ ଆବାସ ମରାମତି ଲାଗି ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ସରକାରୀ ଅଧିକାରୀମାନେ ଏଠାରେ ରହିବା ପରିବର୍ତ୍ତେ ରାଜଧାନୀରେ ରହିବାକୁ ପସନ୍ଦ କରୁଛନ୍ତି। ଏକାଧିକ କୋଠା ବିପର୍ଯ୍ୟସ୍ତ ଅବସ୍ଥାରେ ରହି ଅନାବନା ଗଛଲତା ମାଡ଼ିଗଲାଣି। ଅପରାହ୍ନ ୩ଟା ପରେ ପ୍ରାୟ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଆଉ ଦେଖିବାକୁ ମିଳୁନାହିଁ। ବହୁ ଅଧିକାରୀ ମଧ୍ୟ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁନାହାନ୍ତି। କୋଭିଡ୍ ଆଳ ଦେଖାଇ ଦୁଇ ବର୍ଷ ହେବ ସ୍ଥାନୀୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ଜିଲାର ଅତିରିକ୍ତ ଜିଲାପାଳ, ପିଡି ଡିଆର୍‌ଡିଏ, ତହସିଲଦାର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ପୂର୍ତ୍ତ ଓ ଗୃହ ନିର୍ମାଣ, ବିଦ୍ୟୁତ୍, ଜଳସେଚନ, ପ୍ରାଣୀ ଚିକିତ୍ସା ବିଭାଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ଡିଏସ୍‌ଡବ୍ଲ୍ୟୁ, ଡିଏସ୍‌ଏସ୍‌ଓ, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ପରିବହନ, ଜିଲା ଶ୍ରମ ବିଭାଗ, ଡ୍ରଗ୍ସ ବିଭାଗ, ଯୋଗାଣ, ଅବକାରୀ, ପର୍ଯ୍ୟଟନ, ଉଦ୍ୟାନ, କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ରହୁନାହାନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାସ୍ତରୀୟ ଅଧିକାରୀମାନେ ଏଠାରେ ଯେଭଳି ରହିବେ, ତାହାର ବ୍ୟବସ୍ଥା କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଫୋରମ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସମେତ ବରିଷ୍ଠ ବୁଦ୍ଧିଜୀବୀ ବିଚିତ୍ରାନନ୍ଦ ବଡ଼ଜେନା, ଶିକ୍ଷାବିତ୍ ଗୋପାଳ କୃଷ୍ଣ ଦାସ, ନୃସିଂହ ନାଥ ମିଶ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ମୁଣ୍ଡରେ ବନ୍ଧୁକ ଲଗାଇ ୨ ଜେଲ ଗଲେ

ସାକ୍ଷୀଗୋପାଳ, ୨୧।୨(ଡି.ଏନ.ଏ)

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ନିର୍ବାଚନୀ ହିଂସା ହୋଇଛି। ଭୋଟ ସମୟରେ କମାଇଥିବା ଟଙ୍କା ଖର୍ଚ୍ଚକୁ ନେଇ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେବା ଅଭିଯୋଗରେ ୨ ଯୁବକଙ୍କୁ ସୋମବାର ଜେଲ୍ ଯିବାକୁ ପଡିଛି। ସେମାନେ ହେଲେ ସତ୍ୟବାଦୀ ଥାନା ପାଣିଭଣ୍ଡାର ଗ୍ରାମର ସୁଦାମ ଗୁରୁ ଓ ଚନ୍ଦନପୁର ଥାନା କାଳିଆକେରା ସାମିଲ ବାଲିସାହି ଗ୍ରାମର ବିଭୂତି ଭୂଷଣ ବେହେରା। ଏନେଇ ଥାନାରେ ଏକ ମାମଲା(ନଂ.୬୦/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ପାଣିଭଣ୍ଡାର ଗ୍ରାମର ବୁଲୁ ସିଂ ରବିବାର ଗ୍ରାମ ନିକଟସ୍ଥ ଏକ ବ୍ରିଜ୍ ଉପରେ ଠିଆ ହୋଇଥିଲେ। ଏହି ସମୟରେ ସୁଦାମ ଓ ବିଭୂତି ପହଞ୍ଚି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ନିର୍ବାଚନରେ କମାଇବା ଟଙ୍କା ମାଗିଥିଲେ। ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ବୁଲୁ ସେଠାରୁ ଖସିଆସି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

## ଆଜି ବାଲିପାଟଣା, ଭୁବନେଶ୍ୱର ବ୍ଲକରେ ଭୋଟ

ଖୋର୍ଦ୍ଧା ଅଫିସ,୨୧।୨

**୧୧୦୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟରେ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ ପାଇଁ ମଙ୍ଗଳବାର ଭୋଟ ଗ୍ରହଣ କରାଯିବ। ୬ ଜିଲା ପରିଷଦ, ୩୭ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଓ ୫୦୧ ୱାର୍ଡମେମ୍ବରଙ୍କ ନିମନ୍ତେ ମତଦାନ ହେବ। ସେଥିରୁ ବାଲିପାଟଣା ବ୍ଲକର ୧୭ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ,୨୪୫ ୱାର୍ଡମେମ୍ବର, ୩ଜିଲା ପରିଷଦ ଆସନ ରହିଛି। ସେହିପରି ଭୁବନେଶ୍ୱର ବ୍ଲକର ୨୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ,୨୫୬ ୱାର୍ଡମେମ୍ବର ଓ ୩ ଜିଲା ପରିଷଦ ଜୋନ୍ ରହିଛି। ବାଲିପାଟଣା ବ୍ଲକରେ ୧୩ ଜିଲା ପରିଷଦ, ୬୫ ସମିତିସଭ୍ୟ, ୮୫ ସରପଞ୍ଚ, ୩୮୯ଜଣ ୱାର୍ଡମେମ୍ବର ପ୍ରାର୍ଥୀ ରହଛନ୍ତି। ସେହିପରି ଭୁବନେଶ୍ୱର ବ୍ଲକରେ ୧୮ ଜିଲା ପରିଷଦ, ୭୭ ସମିତିସଭ୍ୟ, ୧୦୦ ସରପଞ୍ଚ, ୩୫୩ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ୫୦୧ ବୁଥ୍‌ରେ ବାଲିପାଟଣାର ୯୬,୨୭୫ ଓ ଭୁବନେଶ୍ୱର ବ୍ଲକର ୧,୦୧,୦୪୯ ଜଣ ମୋଟ୍ ୧,୯୭,୩୨୪ ଭୋଟର ମତସାବ୍ୟସ୍ତ କରିବେ। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ନିର୍ବାଚନ ଲାଗି ସମସ୍ତ ପ୍ରସ୍ତୁତି ସରିଛି। ପୋଲିଂ ଅଫିସରମାନେ ରବିବାର ସମ୍ପୃକ୍ତ ବ୍ଲକରେ ରିପୋର୍ଟିଂ ପରେ ନିଜ ନିଜ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ବାଲିପାଟଣା ନିମନ୍ତେ ୧୭ ଏବଂ ଭୁବନେଶ୍ୱର ବ୍ଲକ ପାଇଁ ୨୦ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ସକାଳ ୭ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ଶୃଙ୍ଖଳିତ ଭାବେ ଆୟୋଜନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ସମ୍ବେଦନଶୀଳ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## 'ପଞ୍ଚାୟତ ବିକାଶ କାର୍ଯ୍ୟ ଜାରି ରହିବ'


ସରପଞ୍ଚ ପ୍ରାର୍ଥୀ ବିଷ୍ଣୁପ୍ରସାଦ ଡେଙ୍ଗ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଜଟଣୀ, ୨୧।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ୧୫ଟି ପଞ୍ଚାୟତରେ ଆସନ୍ତା ୨୪ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଏହି ବ୍ଲକ ଅଧୀନ ଛତାବର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ ଖୋଲାବହି ଚିହ୍ନରେ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଷ୍ଣୁପ୍ରସାଦଙ୍କ ନିଷ୍ଠାପର ଓ ସାମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ପୂର୍ବରୁ ବିଷ୍ଣୁପ୍ରସାଦ ଏହି ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ସହଧର୍ମିଣୀ ମନସ୍ୱିନୀ ଏବେ ସରପଞ୍ଚ ରହିଛନ୍ତି। ଏହି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତରେ ପରିଣତ କରିବାରେ ପ୍ରମୁଖ ଭୂମିକା ରହିଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଜରିଆରେ ୧୨ କୋଟି ଟଙ୍କାର ସହାୟତା, ବିଭିନ୍ନ ସାହିରେ ଷ୍ଟ୍ରିଟ୍ ଲାଇଟ୍ ଆଦି ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରିଛି। ବିକାଶ ଏକ ଅନବରତ ପ୍ରକ୍ରିୟା, ଏହାର ଶେଷ ନ ଥାଏ। ତେଣୁ ବିକାଶ କାର୍ଯ୍ୟ ଜାରି ରହିବ। ପଞ୍ଚାୟତର ସମସ୍ତ ଗୁରୁଜନ ଓ ଭୋଟରଙ୍କ ଆଶୀର୍ବାଦ ରହିଛି। ଚଳିତ ନିର୍ବାଚନରେ ବିଜୟୀ ହେବେ ବୋଲି ବିଷ୍ଣୁପ୍ରସାଦ ଆଶା ରଖିଛନ୍ତି।


ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।


କଟକ ସାରଳା ଭବନରେ ସୋମବାର ଫ୍ରେଣ୍ଡସ୍ ପବ୍ଲିସର୍ସ ପକ୍ଷରୁ କଥାକାର ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସ 'ବକ୍ସ' ଉନ୍ମୋଚନ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥିମାନେ।


ସାକ୍ଷୀଗୋପାଳ ମନ୍ଦିର ନିକଟରେ ସ୍ଥାପିତ ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠା ଉତ୍ସବ ଅବସରରେ ଶିଶୁଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

# ଏସ୍‌ଟିଏଫ୍ ହାତରେ ଧରାପଡ଼ିଲେ ୱାଣ୍ଟେଡ୍ ଶିବୁ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ନୟାଗଡ଼ ଜିଲା ଟାଉନ୍ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଏକ ଭଡାଘରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ୍ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପାଇଁ ସେ ୱାଣ୍ଟେଡ୍ ଥିଲେ। ରବିବାର ରାତିରେ ରାଜଧାନୀ ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥର ପାହାଳ କ୍ରସିଂ ନିକଟରୁ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ମୁଣ୍ଡିଆ ସାହିର ଶିବ ପ୍ରସାଦ ଦାସ ଓରଫ ଶିବୁ। ତାଙ୍କଠାରୁ ୧ କେଜି ୨୨୭ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ଟଙ୍କା ହେବ। ଏଥିସହ ଗୋଟିଏ ବାଇକ ଓ ୫ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୫/୨୦୨୨) ରୁଜୁ କରି ଶିବୁଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ଶିବୁଙ୍କ ନାମରେ ୬ଟି ଆପରାଧିକ ମାମଲା ରହିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି। ତେବେ ତାଙ୍କ ସହ ସାମିଲ ଥିବା ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅନୁସନ୍ଧାନ ଚଳାଇଛି।

ସୂଚନା ଅନୁଯାୟୀ, ଶିବୁ ମାଛ ବ୍ୟବସାୟ କରୁଥିବା କହି ଉଦୟପଥ ଲେନ୍‌ରେ ଘରଭଡା ନେଇ ପରିବାର ସହ ରହୁଥିଲେ। ହେଲେ ସେ କିଛି ଲୋକଙ୍କୁ ରଖି ବ୍ରାଉନସୁଗାର ହୋଲ୍‌ସେଲ୍ ବ୍ୟବସାୟ କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଜାନୁୟାରୀ ୨୫ ରାତିରେ ସେଠାରେ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଶିବୁ ଫେରାର ହୋଇଯାଇଥିଲେ। ସେହି ସମୟରେ ଶିବୁଙ୍କ ସହଯୋଗୀ ଭିକି ରାଓଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗର, ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ ପିସ୍ତଲ, ୪୩ ରାଉଣ୍ଡ ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ (ନଂ.୧/୨୦୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏସ୍‌ଟିଏଫ୍ ଟାର୍ଗେଟରେ ଥିଲେ ମଧ୍ୟ ସେ ଉକ୍ତ ବେଆଇନ ବେପାର ଜାରି ରଖିଥିଲେ ବୋଲି ଜବତ ବ୍ରାଉନସୁଗାରରୁ ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ୨୦୨୦ରୁ ଏଯାବତ ୪୯ କେଜି ବ୍ରାଉନସୁଗାର, ୮୯ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୩ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।

**୧.୨୭ କୋଟି ଟଙ୍କାର ବ୍ରାଉନସୁଗାର ଜବତ**

- ନୟାଗଡ଼ରେ ଚଢ଼ାଉବେଳେ ଖସି ପଳାଇଥିଲେ
- ପୂର୍ବରୁ ଗିରଫ ହୋଇଥିଲେ ସହଯୋଗୀ ଭିକି


ଅଭିଯୁକ୍ତ ଶିବ ପ୍ରସାଦ ଦାସ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଗୋପ,୨୧।୨(ଡି.ଏନ୍.ଏ.)- ଗୋପ-ଚାରିଛକ ରାସ୍ତା ନିକଟ ପୟରା ରାସ୍ତାକଡ଼ରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ଗୋପ ଥାନା ଅଞ୍ଚଳର ବସନ୍ତ କାଣ୍ଡି। ପ୍ରକାଶ ଯେ, ରବିବାର ଗୋପ ଥାନା ଅଞ୍ଚଳର ଜଣେ ମହିଳା ପାରିବାରିକ ବିବାଦକୁ ନେଇ ବସନ୍ତଙ୍କ ନାମରେ ଏକ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଥାନା ଏସ୍‌ଆଇ ଗଡ଼ରୂପାଷରେ ଥିବା ଗ୍ରାମରକ୍ଷୀଙ୍କୁ ବସନ୍ତଙ୍କୁ ଡାକିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତାଙ୍କ ସହ କଥାହୋଇ ଫେରାଇ ଦେଇଥିଲେ। କିଛି ସମୟ ପରେ ପୁଣି ବସନ୍ତଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ହେଲେ ସୋମବାର ମଧ୍ୟାହ୍ନରେ ବସନ୍ତ ବିଷ ପିଇ ପୟରା ଛକ ରାସ୍ତାକଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସରିତା ମିଶ୍ର ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ତାଙ୍କୁ ପଠାଇଥିଲେ। ତେବେ ଥାନା ପକ୍ଷରୁ ଡାକରା ଯୋଗୁ ଏଭଳି ପଦକ୍ଷେପ ନେଇଥିବା ବସନ୍ତ ଅଭିଯୋଗ କରିଛନ୍ତି।

### ୬ ନଂ. ଜୋନରୁ ଦୁର୍ନୀତି ହଟାଇବାକୁ ପ୍ରାର୍ଥୀଙ୍କ ପ୍ରୟାସ

କୋଣାର୍କ/କାକଟପୁର, ୨୧।୨(ଡି.ଏନ.ଏ)- ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ କାକଟପୁର ବ୍ଲକରେ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ପ୍ରତି ଦଳ ଓ ପ୍ରାର୍ଥୀମାନେ ନିଜର ରଣକୌଶଳ ପ୍ରସ୍ତୁତ କରିବା ସହ ପଞ୍ଚାୟତସ୍ତରରେ ନିଜର ଦମଦାର ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ କାକଟପୁର ବ୍ଲକର ୬ନଂ ଜୋନରେ ୬ଟି ପଞ୍ଚାୟତରେ ସୋମବାର କଂଗ୍ରେସ ସମର୍ଥିତ ଜିଲା ପରିଷଦ ପ୍ରାର୍ଥିନୀ ସମିହା ଇସ୍ତିଖାର ଓ କଂଗ୍ରେସ ନେତା ବିଶ୍ୱଭୂଷଣ ଦାଶ ମିଳିତ ଭାବେ ଏକ ବିଶାଳ ଶୋଭାଯାତ୍ରା କରି ପ୍ରଚାର କରିଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ କୃଷକ ସେଲର ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଯୋଗଦେଇଥିଲେ। ସେହିପରି ଭାଜପା ପକ୍ଷରୁ ୬ ନଂ ଜିଲା ପରିଷଦ ପ୍ରାର୍ଥିନୀଙ୍କ ପାଇଁ ମଧ୍ୟ ରୋଡ୍ ଶୋ କରି ଭୋଟ ଭିକ୍ଷା କରିଥିଲେ। ଏଥିରେ ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ୬ନଂ. ଜୋନକୁ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ ଜୋନ ଭାବେ ଗଢିତୋଳିବା ପାଇଁ ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରି ସମସ୍ତ ପ୍ରାର୍ଥୀ ନିଜ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଛନ୍ତି।

### ଅବକାରୀ ଚଢ଼ାଉ: ୨ ଗିରଫ

ପୁରୀ ଅଫିସ, ୨୧।୨: ବେଆଇନ ଭାବେ ଦେଶୀ ମଦ ଓ ପୋଚ ପ୍ରସ୍ତୁତି ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ନୂଆସାହିର ତାରା ମହାନ୍ତି ଏବଂ ଏ. ନିଲମା। ତାରାଙ୍କ ନିକଟରୁ ୧୦ ଲିଟର ଦେଶୀମଦ ଓ ୨୮୦ ଲିଟର ପୋଚ ଜବତ ହୋଇଛି। ସେହିପରି ନିଲମାଙ୍କଠାରୁ ୧୦ ଲିଟର ଦେଶୀ ମଦ ଓ ୩୦୦ ଲିଟର ପୋଚ ଜବତ କରାଯାଇଛି। ଏ ନେଇ ଅବକାରୀ ପୋଲିସ ଦୁଇଟି କେସ୍ ରୁଜୁ କରିଛି।

## ଆଚାର୍ଯ୍ୟ ହରିହରଙ୍କ ତିରୋଧାନ ଦିବସ

**ପୁରୀ ଅଫିସ/ ସାକ୍ଷୀଗୋପାଳ, ୨୧।୨(ସ୍ୱ.ପ୍ର):**

ପଞ୍ଚସଖାଙ୍କ ସମାଧି ପୀଠରେ ସୋମବାର ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ଆଚାର୍ଯ୍ୟ ହରିହର ଦାସଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏଥିରେ ବିକାଶ ପରିଷଦର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉତ୍ତମ ଶତପଥୀ, ବିଶ୍ୱଜିତ ଶତପଥୀ, ପ୍ରଫୁଲ୍ଲ ମିଶ୍ର, ଶିକ୍ଷାବିତ ବନମାଳି ବେହେରା, ବିଷ୍ଣୁ ପ୍ରସାଦ କର, ହୃଷିକେଶ ମିଶ୍ର, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟ ହରିହର ଦାସଙ୍କ ସ୍ମୃତିଚାରଣ କରିଥିଲେ। ଆଚାର୍ଯ୍ୟ ହରିହର ଦାସଙ୍କ ଉପରେ ସ୍ୱରଚିତ ଏକ କବିତାକୁ ବନମାଳି ବେହେରା ପାଠ କରିଥିଲେ। ଆଇନଜୀବୀ ଅମର ନନ୍ଦ ଧନ୍ୟବାଦ ଦେଇଥିଲେ। ସେହିପରି ଆଚାର୍ଯ୍ୟ ହରିହର ଦାଶଙ୍କ ତିରୋଧାନ ଦିବସ ସୋମବାର ହେରାଗୋହିରୀ ସାହିସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟାନିକେତନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରତିଷ୍ଠାତା ରାଜେନ୍ଦ୍ର ଚନ୍ଦ୍ର ଦାସଙ୍କ ଦ୍ୱାରା ତିଳତର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ପରେ ପାପୁଡିଆ ମଠର ଛାତ୍ର ବେଦ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟନାରାୟଣ ମିଶ୍ର ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ମହାପାତ୍ର, ସହସମ୍ପାଦକ ଅନାମ ଚନ୍ଦ୍ର ସାହୁ, ଶ୍ୟାମପ୍ରକାଶ ସେନାପତି, ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ମହାପାତ୍ର, ଜୟନ୍ତ କୁମାର ପଲାଇ, ନବକିଶୋର ମଲ୍ଲିକ, ଦୀପ୍ତିକାନ୍ତି ମହାପାତ୍ର, ବିନୋଦିନୀ ଦେଈ, ଅନିତା ମଣ୍ଡଳ, ମୀନତି ରଥ, ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସଂଭାବନା ପକ୍ଷରୁ ୧୧ ପର୍ଯ୍ୟାୟରେ ଅନୁଷ୍ଠିତ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବର ସୋମବାର ଉଦ୍‌ଯାପନ ଅବସରରେ ସୂଚନା ଭବନଠାରେ ଅତିଥିମାନେ ରଶ୍ମି ସାହୁଙ୍କୁ 'ଶ୍ରେଷ୍ଠ ଓଡ଼ିଆଣୀ-୨୦୨୧' ସମ୍ମାନ ପ୍ରଦାନ କରୁଛନ୍ତି।

## ୪ ପ୍ରାର୍ଥୀଙ୍କ ମଧ୍ୟରେ ହେବ କଡ଼ା ଟକ୍କର

**କୋଣାର୍କ, ୨୧।୨(ଡି.ଏନ୍.ଏ):**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କାକଟପୁର ବ୍ଲକରେ ଆସନ୍ତା ୨୪ତାରିଖରେ ଭୋଟ ଗ୍ରହଣ ହେବ। ଏଥିଲାଗି ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମପଞ୍ଚାୟତରେ ରବିବାର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଉପମା ମାହାରୀ ଓ ସମିତି ସଭ୍ୟ ପ୍ରାର୍ଥୀ କୈଳାସ ଚନ୍ଦ୍ର ସେଠୀ ମିଳିତ ଭାବେ ବାଇକ୍ ଶୋଭାଯାତ୍ରା କରି ପ୍ରଚାର କରିଥିଲେ। ଏଥିରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ୍ ଏବଂ ୮ ନମ୍ବର ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। କୁରୁଜଙ୍ଗ ପଞ୍ଚାୟତରେ ୧୯ଟି ୱାର୍ଡ ଥିବା ବେଳେ ୭ହଜାର ଭୋଟର ରହିଛନ୍ତି। କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ରୁପାଲି କାଣ୍ଡି, ସମିତି ସଭ୍ୟ ପ୍ରାର୍ଥୀ ପ୍ରଶାନ୍ତ କାଣ୍ଡି ମଧ୍ୟ ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ସେହିପରି ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ହରପ୍ରିୟା କାଣ୍ଡି ଓ ସମିତି ସଭ୍ୟ ପ୍ରାର୍ଥୀ ହାପି ଗୋଛାୟତ ଏବଂ ସ୍ୱାଧୀନ ସରପଞ୍ଚ ପ୍ରାର୍ଥିନୀ ଗୀତାଞ୍ଜଳି ଜେନା, ସମିତି ସଭ୍ୟ ପ୍ରାର୍ଥୀ ଶ୍ୟାମରଞ୍ଜନ ମଲ୍ଲିକ ପ୍ରଚାରକୁ ଜୋରଦାର କରିଛନ୍ତି। କୁରୁଜଙ୍ଗକୁ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳିବା ସହ ବିକାଶର ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି।

## ଖବରଦାତାଙ୍କୁ ଆକ୍ରମଣର ନିନ୍ଦା: କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ, ୨୧।୨:**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ କାର୍ଯ୍ୟରତ ଖବରଦାତାମାନଙ୍କ ଉପରେ ଆକ୍ରମଣ ଘଟଣାକୁ ପୁରୀ ଜିଲାର ଯୁବ ଅଧିବକ୍ତା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ଖବରଦାତାଙ୍କ ସୁରକ୍ଷା ପାଇଁ ସଂଘ ପକ୍ଷରୁ ସୋମବାର ଡିଜିପିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଖବରଦାତାମାନେ ନିର୍ବାଚନ ସମୟରେ ବୁଥ୍‌କୁ ଯାଇ ବିଭିନ୍ନ ଘଟଣାକୁ ଲୋକଲୋଚନକୁ ଆଣିବା ସମୟରେ ଯେଉଁଭଳି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରାଗଲା ତାହା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ତେଣୁ ନିର୍ବାଚନ ସମୟରେ ପୋଲିଂ ଅଧିକାରୀଙ୍କୁ ଯେଉଁଭଳି ସୁରକ୍ଷା ଦିଆଯାଉଛି ସେହିପରି କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ। ଦାବିପତ୍ର ପ୍ରଦାନ ସମୟରେ ସଂଘର ଆବାହକ ଅନିଲ୍ କୁମାର ସାହୁ, ସଭାପତି ବିଶ୍ୱଜିତ ପ୍ରଧାନ, ସୁଭାଶିଷ ମହାନ୍ତି, ରଘୁନାଥ ପଟ୍ଟନାୟକ, ଅଶୋକ କୁମାର ମଲ୍ଲିକ ଓ ପ୍ରଶାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ ନିର୍ବାଚନରେ ରାଜନୈତିକ ହିଂସା ଦିନକୁ ଦିନ ବଢ଼ିବାରୁ ସାଧାରଣ ଲୋକଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ନିର୍ବାଚନୀ ହିଂସାର ଶିକାର ହେଉଛନ୍ତି ବୋଲି ପୁରୀର ଆମ୍ ଆଦ୍‌ମୀ ପାର୍ଟି ଶାଖା ପକ୍ଷରୁ କୁହାଯାଇଛି। ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ଉଚିତ ପଦକ୍ଷେପ ନେବାକୁ ପାର୍ଟି ଦାବି କରିଛି। ପାର୍ଟି ପକ୍ଷରୁ ଏକ ପଦଯାତ୍ରା ବଡଶଙ୍ଖଠାରୁ ବାହାରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପରେ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଟାଉନଥାନା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲା ଆବାହକ ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ବଶିଷ୍ଠ ରଥ, ପାର୍ବତୀ ପ୍ରଧାନ, ପବିତ୍ରମୋହନ ଦଳାଇ, ସୁନୀଲ ଜେନା, ଅନିଲ ସେନାପତି, ବିରଜା ପ୍ରସାଦ ନାଥ, ଅଭିଷେକ ପାଣିଗ୍ରାହୀ ଏବଂ ପ୍ରକାଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


ଏସ୍‌ପିଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଯୁବ ଅଧିବକ୍ତା ସଂଘର କର୍ମକର୍ତ୍ତା।



ପୁରୀ ଶାଖା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ନୀରବ ପ୍ରତିବାଦ କରାଯାଉଛି।

## ସ୍ତ୍ରୀଙ୍କ ପାଇଁ ପ୍ରଚାର କଲେ ବ୍ଲକ ଅଧ୍ୟକ୍ଷ

**ଅସ୍ତରଙ୍ଗ, ୨୧।୨:**

ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ ତାଙ୍କ ସ୍ତ୍ରୀ ତଥା ସମିତି ସଭ୍ୟ ପ୍ରାର୍ଥିନୀ ନିବେଦିତା ନାୟକଙ୍କ ପାଇଁ ସୋମବାର ଏକ ବାଇକ୍ ରାଲି କରି ଜୋରଦାର ପ୍ରଚାର କରିଛନ୍ତି। ଏହି ବାଇକ୍ ଶୋଭାଯାତ୍ରା ଆଳଙ୍ଗପୁର ପଞ୍ଚାୟତର ଅଠଡିରା ଗ୍ରାମରୁ ବାହାରି ପାଟଣା, ବରପଦା, କରଜପୁର, ଗୋପାଳପୁର, ନନ୍ଦିପୁର, ତରାପୋଖରୀ, ବେଗୁନିଆବସ୍ତ ଆଦି ଗ୍ରାମ ବୁଲିଥିଲା। ସରପଞ୍ଚ ପ୍ରାର୍ଥିନୀ ଶକୁନ୍ତଳା ସ୍ୱାଇଁ, ସମିତି ସଭ୍ୟ ପ୍ରାର୍ଥିନୀ ନିବେଦିତା ନାୟକ, ୨ନଂ ଜୋନ ଜିଲା ପରିଷଦ ପ୍ରାର୍ଥିନୀ ବନିତା ବେହେରାଙ୍କ ପାଇଁ ପ୍ରଚାର କରାଯାଇଥିଲା। ଛାତ୍ର ବିଜେଡି ନେତା ରୁଦ୍ର ପ୍ରସାଦ ଲେଙ୍କା, ହୃଷୀକେଶ ବରାଳ, ଅଶୋକ ସ୍ୱାଇଁ, ଭୀମସେନ ସ୍ୱାଇଁ, କୈବଲ୍ୟ ଲେଙ୍କା, ଶତ୍ରୁଘନ ଦାସ, ମନମୋହନ ନାୟକ, ଦୈତାରୀ ଲେଙ୍କା, ରବୀନ୍ଦ୍ର ସାହୁ, ଆଶିଷ ଲେଙ୍କା ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

## ସାନି ମତଦାନ ଲାଗି କେନ୍ଦ୍ର ପ୍ରସ୍ତୁତ

**କଣାସ,୨୧।୨(ସ୍ୱ.ପ୍ର.)**

ଗତ ୧୬ ତାରିଖରେ କଣାସ ବ୍ଲକର ବଡ଼ାଲ ପଞ୍ଚାୟତର ୫, ୭, ୮ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ଘଟି ଅଧାରୁ ଭୋଟ ବନ୍ଦ ହୋଇଯାଇଥିଲା। କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ମାରିବା ସହ କ୍ୟାମେରା ଭଙ୍ଗାରୁଜା କରାଯାଇଥିଲା। ଏ ସମ୍ପର୍କରେ ଗଡ଼ିଶାଗଦା ଥାନାରେ ଏତଲା ହେବା ପରେ ପୋଲିସ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଡିଓ ଏ ନେଇ ନିର୍ବାଚନ କମିଶନରଙ୍କୁ ଜଣାଇଥିଲେ। ନିର୍ବାଚନ କମିଶନର ଉକ୍ତ ବୁଥ୍‌ରେ ୨୩ତାରିଖରେ ପୁନଶ୍ଚ ଭୋଟ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ପୋଲିଂ ପାର୍ଟିକୁ ତାଲିମ ଦିଆଯାଇଛି। ବିଡିଓ ଲୋଚନ ଦାସ ଓ ତହସିଲଦାର ଲକ୍ଷ୍ମୀଧର ମହାରଣା ତାଲିମ ଯୋଗଦେଇ ପ୍ରଦାନ କରିଥିଲେ।

## ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ

**ପୁରୀ ଅଫିସ, ୨୧।୨:**

ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ସାହିତ୍ୟିକଙ୍କ ବେଶରେ ଛାତ୍ରୀଛାତ୍ର ସଜ୍ଜିତ ହୋଇଥିଲେ। ଛାତ୍ରୀଛାତ୍ର, ଅଭିଭାବକ, ଗୁରୁମା ଗୁରୁଜୀମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ପରେ ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାଶିବ ମିଶ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗୀତ ଓ ନୃତ୍ୟ ପରିବେଷଣ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଢଗଢମାଳି, ଶ୍ରୁତଲିଖନ, ପତ୍ରବାଚନ, କବିତା ଆବୃତ୍ତି, ବେଶ ପ୍ରତିଯୋଗିତା, ନିବନ୍ଧ, ସାଧାରଣଜ୍ଞାନ, ଫଟୋଚିତ୍ର ସଂଗ୍ରହ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚଳନା ସମିତି ସଭାପତି ଅଭିମନ୍ୟୁ ଭୂୟାଁ ଓ ସମ୍ପାଦକ ସୀମାଞ୍ଚଳ ପଣ୍ଡା, ବରିଷ୍ଠ ଆଚାର୍ଯ୍ୟା ସ୍ନେହଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ, ୨୧।୨**

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ସ୍ୱର୍ଗଦ୍ୱାରସ୍ଥିତ ଶ୍ରୀଅରବିନ୍ଦ ଧାମ ପରିସରରେ ଏକ ସଭା ଅନୁଷ୍ଠିତ ହେବା ସହ ଅଭ୍ୟର୍ଥନା ସମିତି ଗଠିତ ହୋଇଛି। ସଭାପତି ଭାବେ ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଛି। ସଦସ୍ୟ ଭାବେ ବରେନଚନ୍ଦ୍ର ପଟ୍ଟନାୟକ, ଗୌରୀ ଶଙ୍କର ରଥ, ଲକ୍ଷଣ ଭୋଳ, ଜନ୍ମେଜୟ ଦ୍ୱିବେଦୀ, ଶିବପ୍ରସାଦ ମିଶ୍ର, ଭଗବାନ ସୁଆର, ଦେବେନ୍ଦ୍ରନାଥ ସାମନ୍ତରାୟ, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ଦୁର୍ଗେଶ ନନ୍ଦିନୀ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦ୍ୟୁମ୍ନ ସାଥୁଆ ଓ ବିଷ୍ଣୁଦତ୍ତ ଦାସ ମନୋନୀତ ହୋଇଛନ୍ତି। ଡ. ବିପିନା ନନ୍ଦମିଶ୍ର ସଭା ଆୟୋଜନ କରିଥିଲେ।

## 'ଛାତ୍ରଙ୍କୁ ମା' ଭଳି ସ୍ନେହ କରୁଥିଲେ ଆଚାର୍ଯ୍ୟ ହରିହର'

**ସାକ୍ଷୀଗୋପାଳ, ୨୧।୨(ଡି.ଏନ.ଏ/ସ୍ୱ.ପ୍ର.)**

ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଋଷିପ୍ରତୀମ ଆଚାର୍ଯ୍ୟ ହରିହର ନାମରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ସ୍ଥାପିତ ଶିଶୁଯତ୍ନ ଅନୁଷ୍ଠାନ ଆଚାର୍ଯ୍ୟ ହରିହର ଶିଶୁଭବନର ୪୩ତମ ପ୍ରତିଷ୍ଠା ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶିଶୁଭବନରେ ଅନୁଷ୍ଠିତ ସ୍ମୃତିସଭାରେ ପୁରୀ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଆଇନଜୀବୀ ମହାବୀର ରୁଦ୍ର ନାରାୟଣ ସାହୁ ଯୋଗଦେଇ କହିଥିଲେ, ଓଡ଼ିଆ ଜାତିର ଆଦର୍ଶ ଐତିହାସିକ ବନ ବିଦ୍ୟାଳୟରେ ଆଚାର୍ଯ୍ୟ ହରିହର ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଥିଲେ। ସେତେବେଳେ ହଷ୍ଟେଲ ଛାତ୍ରମାନଙ୍କୁ ଜ୍ୱର ହେଲେ ସେ ମା' ଭଳି ଯତ୍ନ କରୁଥିବା କହିଥିଲେ। ଶିଶୁମାନଙ୍କର ଆଚରଣ, ଉଚ୍ଚାରଣରେ ଶୁଦ୍ଧତା ଏବଂ ଶୈଶବରୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଅଗ୍ରସର ହେବାକୁ ସେ ଉପସ୍ଥିତ ଅନ୍ତେବାସୀ ଶିଶୁମାନଙ୍କୁ ପରାମର୍ଶ ଦେଉଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ସର୍ବୋଦୟ ମେଳା କମିଟିର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଉମାବଲ୍ଲଭ ମହାପାତ୍ର ଓ ପୁରୀ ଲୋକ ଅଦାଲତ ସଦସ୍ୟ ଅବସରପ୍ରାପ୍ତ ପ୍ରଫେସର ଦେବ ଦାସ ଏବଂ ମୁଖ୍ୟବକ୍ତା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଯୋଗଦେଇ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉତ୍ସବରେ ସତ୍ୟବାଦୀ ପ୍ରେସ କ୍ଲବର ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପରିଚାଳନା କମିଟିର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ସଦସ୍ୟ ରାଜଲକ୍ଷ୍ମୀ ଦାଶ ବିବରଣୀ ପାଠକରି ପ୍ରସ୍ତାବିତ ଜରାନିବାସ ଓ ଗୋଶାଳା ଖୋଲିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କ ସହଯୋଗ କାମନା କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ବ୍ରଜବନ୍ଧୁ ନନ୍ଦ ସଭାପତିତ୍ୱ କରିଥିଲେ। ଶିଶୁଯତ୍ନ ଗୃହର କର୍ମଚାରୀମାନଙ୍କ ନିର୍ଦ୍ଦେଶନାରେ ଅନ୍ତେବାସୀ ଶିଶୁମାନେ ନୃତ୍ୟାଭିନୟ କରିଥିଲେ। ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଓ ପ୍ରତିଷ୍ଠାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

**ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠା ଉତ୍ସବ**



ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।


କଟକ ଶାରଳା ଭବନରେ ସୋମବାର ଫ୍ରେଣ୍ଡ୍‌ସ ପବ୍ଲିସର୍ସ ପକ୍ଷରୁ କଥାକାର ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସ 'ବନ୍ଧ' ଉନ୍ମୋଚନ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥିମାନେ।



ସାକ୍ଷୀଗୋପାଳ ମନ୍ଦିର ନିକଟରେ ସ୍ଥାପିତ ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠା ଉତ୍ସବ ଅବସରରେ ଶିଶୁଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ୫ମ ବୃତ୍ତି ପରୀକ୍ଷା ୪ର୍ଥ ସ୍ଥାନରେ ଏ.ଅପରାଜିତା

ନିଶ୍ଚିନ୍ତକୋଇଲି,୨୧।୨(ସ୍ୱ.ପ୍ର.) ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ନିଶ୍ଚିନ୍ତକୋଇଲି ବ୍ଲକସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଏ. ଅପରାଜିତା କୃତିତ୍ୱ ଅର୍ଜନ କରିଛନ୍ତି। ସୂଚନା ମୁତାବକ, ଅପରାଜିତା ବୃତ୍ତି ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଅପରାଜିତା ସରପଡା ଗ୍ରାମପଞ୍ଚାୟତ ଗୋପିନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଓ ପ୍ରଦୀପ୍ତ କୁମାର ନାୟକଙ୍କ କନ୍ୟା ଅଟନ୍ତି।

### 'ପ୍ରସ୍ଥାନମ୍'ରେ ଅମ୍ଲାନ ଓ ଶ୍ରଦ୍ଧାଙ୍କ ଯୋଡ଼ି ଦେଖିବେ ଦର୍ଶକ

ଭୁବନେଶ୍ୱର,୨୧।୨ (ବ୍ୟୁରୋ) ପ୍ରଥମଥର ପାଇଁ ଅଭିନେତା ଅମ୍ଲାନ ଓ ନାୟିକା ଶ୍ରଦ୍ଧାଙ୍କ ଯୋଡିକୁ ବଡ଼ ପରଦାରେ ଦେଖିବେ ଦର୍ଶକ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପ୍ରସ୍ଥାନମ୍'ରେ ଏହି ଦୁଇ ଯୋଡ଼ିଙ୍କ ବ୍ୟତୀତ ଦିବଂଗତ ଅଭିନେତା ମିହିର ଦାସଙ୍କୁ ମଧ ଦେଖିବାକୁ ମିଳିବ। ସ୍ଥାନୀୟ ଏକ ହୋଟେଲରେ ଏହି ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ ହୋଇଛି। କଲେଜ ରାଜନୀତିରୁ ଶତ୍ରୁତା ଓ ପରେ ଏକ ପ୍ରେମ କାହାଣୀକୁ ନେଇ ଚଳଚ୍ଚିତ୍ରଟି ଗତିଶୀଳ ହୋଇଛି। ରେନଡ୍ରପ୍ ପିକ୍ଚର୍ସ ଏବଂ ଏସ୍ଏସ୍ ଆଇକନିକ୍ କ୍ରିଏଟିଭ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତିଆରି ହୋଇଥିବା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ରାଜା ଡି। ମନୋଜ ମିଶ୍ର, ପାର୍ଥ ସାରଥି ରାୟ, ଅନୁଗୁଳିଆ, ରିନୁ ଜେନା ବିଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବେ। ଅସଦ୍ ନିଜାମ୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ମାନସ ପଡ଼ିହାରୀ ସଂଳାପ, କୁମାରଶ୍ରୀ ସାହୁ କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି। ସେହିପରି ସୁଶୀଲ ବାରିକ ଓ ସୁଦୀପ୍ତ ମହାପାତ୍ର ଏଥିରେ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ୟୁଟ୍ୟୁବ୍‌ରେ 'ପ୍ରସ୍ଥାନମ୍'ର ଟ୍ରେଲର ରିଲିଜ୍ ହୋଇ ସାରିଥିବାବେଳେ ଖୁବ୍‌ଶୀଘ୍ର ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

### ଛାତ୍ରନେତା ଦେବାଶିଷ ଦାସଙ୍କ ସ୍ମୃତିସଭା

କଟକ ଅଫିସ, ୨୧।୨: ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସଭାପତି ଛାତ୍ରନେତା ଦେବାଶିଷ ଦାସଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଦେବଶିଷ ଦାସ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ହରିହର ଘାଟସ୍ଥିତ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ, ଡା. ରବିରଞ୍ଜନ ସାହୁ, ପ୍ରଶାନ୍ତ ନାୟକ, ପୂର୍ଣ୍ଣେନ୍ଦୁ ପ୍ରତାପ ସ୍ୱାଇଁ, ସୌମେନ୍ଦ୍ର ଘୋଷ, ସତ୍ୟବ୍ରତ ମହାନ୍ତି, ଶୁଭ୍ରାଂଶୁ ଶେଖର ମହାନ୍ତି, ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଇନଜୀବୀ ମିତ୍ରଭାନୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ପୁରାତନ ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର

ସାଲେପୁର,୨୧।୨(ଡି.ଏନ୍.ଏ.)- ସାଲେପୁର ବ୍ଲକ ଅନ୍ତର୍ଗତ ମହାସିଂହପୁର ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ତଥା ସୌରୀ ପଞ୍ଚାୟତ ସରପଞ୍ଚ ବସନ୍ତ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଦେବେନ୍ଦ୍ର କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତାରାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଭାରେ ପୁରାତନ ଛାତ୍ରୀଛାତ୍ରମାନେ ନିଜ ଭିତରେ ଭାବ ବିନିମୟ ସହ ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନଳିନୀ ପ୍ରଭା ନନ୍ଦ, ବିଜୟା ଲକ୍ଷ୍ମୀ ରାଉତରାୟ, ଉମାକାନ୍ତ ନାୟକ, ସଚିଦା ନନ୍ଦ ମହାନ୍ତି, ମୀନକେତନ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଏସ୍‌ଟିଏଫ୍ ହାତରେ ଧରାପଡ଼ିଲେ ୱାଣ୍ଟେଡ୍ ଶିବୁ

**୧.୨୭ କୋଟି ଟଙ୍କାର ବ୍ରାଉନସୁଗାର ଜବତ**

- ନୟାଗଡ଼ରେ ଚଢ଼ାଉବେଳେ ଖସି ପଳାଇଥିଲେ
- ପୂର୍ବରୁ ଗିରଫ ହୋଇଥିଲେ ସହଯୋଗୀ ଭିକି



ଅଭିଯୁକ୍ତ ଶିବ ପ୍ରସାଦ ଦାସ।

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ନୟାଗଡ଼ ଜିଲା ଟାଉନ୍ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଏକ ଭଡାଘରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ୍ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପାଇଁ ସେ ୱାଣ୍ଟେଡ୍ ଥିଲେ। ରବିବାର ରାତିରେ ରାଜଧାନୀ ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥର ପାହାଳ କ୍ରସିଂ ନିକଟରୁ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ମୁଣ୍ଡିଆ ସାହିର ଶିବ ପ୍ରସାଦ ଦାସ ଓରଫ ଶିବୁ। ତାଙ୍କଠାରୁ ୧ କେଜି ୨୨୭ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ଟଙ୍କା ହେବ। ଏଥିସହ ଗୋଟିଏ ବାଇକ ଓ ୫ ମୋବାଇଲ ଫୋନ୍ ମଧ ଜବତ କରାଯାଇଛି। ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୫/୨୦୨୨) ରୁଜୁ କରି ଶିବୁଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ଶିବୁଙ୍କ ନାମରେ ୬ଟି ଆପରାଧିକ ମାମଲା ରହିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି। ତେବେ ତାଙ୍କ ସହ ସାମିଲ ଥିବା ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅନୁସନ୍ଧାନ ଚଳାଇଛି।

ସୂଚନା ଅନୁଯାୟୀ, ଶିବୁ ମାଛ ବ୍ୟବସାୟୀ କରୁଥିବା କହି ଉଦୟପଥ ଲେନ୍‌ରେ ଘରଭଡା ନେଇ ପରିବାର ସହ ରହୁଥିଲେ। ହେଲେ ସେ କିଛି ଲୋକଙ୍କୁ ରଖି ବ୍ରାଉନସୁଗାର ହୋଲ୍‌ସେଲ୍ ବ୍ୟବସାୟ କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଜାନୁୟାରୀ ୨୫ ରାତିରେ ସେଠାରେ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଶିବୁ ଫେରାର ହୋଇଯାଇଥିଲେ। ସେହି ସମୟରେ ଶିବୁଙ୍କ ସହଯୋଗୀ ଭିକି ରାଓଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗର, ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ ପିସ୍ତଲ, ୪୩ ରାଉଣ୍ଡ ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ (ନଂ.୧/୨୦୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏସ୍‌ଟିଏଫ୍ ଟାର୍ଗେଟରେ ଥିଲେ ମଧ ସେ ଉକ୍ତ ବେଆଇନ ବେପାର ଜାରି ରଖିଥିଲେ ବୋଲି ଜବତ ବ୍ରାଉନସୁଗାରରୁ ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ୨୦୨୦ରୁ ଏଯାବତ ୪୯ କେଜି ବ୍ରାଉନସୁଗାର, ୮୯ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୩ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।

## ଏସ୍‌ସିବି ୱାର୍ଡରୁ ନିଖୋଜ ରୋଗୀ ଉଦ୍ଧାର

କଟକ ଅଫିସ,୨୧।୨:

ଏସ୍‌ସିବି ମେଡିକାଲର ଡେଷ୍ଟିଚ୍ୟୁଟିଉଟ୍ ୱାର୍ଡରୁ ନିଖୋଜ ଜଗତସିଂହପୁର ଅଲିକଣା ଅଞ୍ଚଳର ରୋଗୀ ଉଷାରାଣୀ ଷଡ଼ଙ୍ଗୀ(୫୬)ଙ୍କୁ ସୋମବାର ଉଦ୍ଧାର କରାଯାଇଛି। ଉଷାରାଣୀଙ୍କ ସାନଭାଇ ଶ୍ରୀକାନ୍ତ ନନ୍ଦ ଏ ସସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିବାରୁ ତାଙ୍କୁ ମେଡିସିନ ୱାର୍ଡରେ ରଖି ଚିକିତ୍ସା କରାଯାଉଥିବା ଶ୍ରୀକାନ୍ତ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଉଷାରାଣୀ ଚିକିତ୍ସା ପାଇଁ ନିଜ ଝିଅ ପୁଷ୍ପାଞ୍ଜଳିଙ୍କ ସହ ବଡ଼ ମେଡିକାଲ ଆସିଥିଲେ। ତାଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ସେ ଔଷଧ ଖାଉଥିଲେ। ପୁଷ୍ପାଞ୍ଜଳି ଆଉଟଡୋରରେ ଟିକେଟ କରୁଥିବା ବେଳେ ଭିଡ଼ ଭିତରେ ହଠାତ ଉଷାରାଣୀ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଏ ନେଇ ପୁଷ୍ପାଞ୍ଜଳି ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପକ୍ଷରୁ ବହୁ ଖୋଜାଖୋଜି କରାଯିବା ସତ୍ତ୍ୱେ ମଧ ତାଙ୍କ ପତ୍ତା ମିଳି ନ ଥିଲା ।

## ଖବରଦାତାଙ୍କୁ ଆକ୍ରମଣ ନିନ୍ଦନୀୟ

କଟକ ଅଫିସ, ୨୧।୨:

କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ହୋଇଥିବା ଆକ୍ରମଣ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ମହାନଗର ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଏଥିସହ ଆକ୍ରମଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଞ୍ଚ ଦାବି କରିଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ହିଂସାକାଣ୍ଡ ଆଦୌ ସ୍ପୃହଣୀୟ ନୁହେଁ। ରାଜନୈତିକ ପୃଷ୍ଠପୋଷକତାରେ ଦୁର୍ବୃତ୍ତମାନଙ୍କ ଆକ୍ରମଣ ଦ୍ୱାରା ଖବରଦାତା ଓ ସାଧାରଣ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି । ସେମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ପୋଲିସର ସମ୍ପୂର୍ଣ୍ଣ ବିଫଳ କହିଲେ କିଛି ଭୁଲ ହେବ ନାହିଁ ବୋଲି ମଞ୍ଚ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଆକ୍ରମଣ ଘଟଣାକୁ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଖବରଦାତା ସତ୍ୟ ରାୟ, ପ୍ରଶାନ୍ତ ଦାସ, ବିଶ୍ୱାବସୁ ଦାସ, ଡଲି ଦାସ, ସୁକାନ୍ତ ନାୟକ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ପ୍ରମୁଖ ଘୋର ନିନ୍ଦା କରିଛନ୍ତି ।





ସଂଭାବନା ପକ୍ଷରୁ ୧୧ ପର୍ଯ୍ୟାୟରେ ଅନୁଷ୍ଠିତ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବର ସୋମବାର ଉଦ୍‌ଯାପନ ଅବସରରେ ସୂଚନା ଭବନଠାରେ ଅତିଥିମାନେ ରଶ୍ମୀ ସାହୁଙ୍କୁ 'ଶ୍ରେଷ୍ଠ ଓଡ଼ିଆଣୀ-୨୦୨୧' ସମ୍ମାନ ପ୍ରଦାନ କରୁଛନ୍ତି।

## ଗୋପବନ୍ଧୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ



**ନର୍ସିଂ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କଲେ**

ଖୁଣ୍ଟୁଣୀ,୨୧।୨(ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ମାଧବପୁରରେ ସ୍ଥାପିତ ଜିମ୍‌ସାର ମେଡିକାଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରଦତ୍ତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନୂତନ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଜିମସାର ପରିସରରେ ନର୍ସିଂ କଲେଜର ନୂତନ ବହୁତଳ ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଜିମସାର ଗେଟ୍ ସମ୍ମୁଖରେ ପହଞ୍ଚିବା ମାତ୍ରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଜିମସାର ଅଧକ୍ଷ ନିରଞ୍ଜନ ରଥ ଓ ଜିମସାରର ସମସ୍ତ ସହକର୍ମୀମାନେ ମେଡିକାଲ ପରିସରକୁ ପାଛୋଟି ଆଣିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଏକ ମନୋରମ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ, ଗୋପବନ୍ଧୁ କେବଳ ଉତ୍କଳରେ ପରିଚିତ ନ ଥିଲେ, ତାଙ୍କର ସତ୍ୟନିଷ୍ଠ ତଥା ଉତ୍ସର୍ଗୀକୃତ ସେବା ମନୋଭାବ ତାଙ୍କୁ ସମଗ୍ର ବିଶ୍ୱରେ ପରିଚିତ କରିପାରିଥିଲା। ସେଥିପାଇଁ ଉତ୍କଳବାସୀ ଆଜି ଗର୍ବିତ। ଉତ୍କଳର ମଣି ଗୋପବନ୍ଧୁଙ୍କ ନାଁ ସହିତ ଏହି ସେବିକା ନର୍ସିଂ କଲେଜର ଏକ ସାମଞ୍ଜସ୍ୟ ରହିଛି ବୋଲି ସେ କହିଥିଲେ। ଭବାନୀ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଓ ଜିମସାରର ଅଧକ୍ଷ ନିରଞ୍ଜନ ରଥ ରାଜ୍ୟପାଳଙ୍କୁ ଗଣନାଥଙ୍କ ପରି ଜଣେ ପ୍ରଚଣ୍ଡ ଜ୍ଞାନୀ ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ରାଷ୍ଟ୍ରୀୟ ଅଧକ୍ଷ ପ୍ରଭାସ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ, ମୁଖ୍ୟ ଚିକିତ୍ସାଧିକାରୀ ପଦ୍ମଚରଣ ଦାସ ଓ ନର୍ସିଂ କଲେଜ ଅଧକ୍ଷା ରାଜଶ୍ରୀ ସାମନ୍ତରାୟ ବିବରଣୀ ପାଠ କରିଥିଲେ। ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଜାତିକୁ ସମୃଦ୍ଧ କରିଥାଏ ମାତୃଭାଷା

**ବିଶ୍ୱ ମାତୃଭାଷା ଦିବସ**

କଟକ ଅଫିସ,୨୧।୨

ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ କ୍ୟାମ୍ପସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ବିଶ୍ୱ ମାତୃଭାଷା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷା ଜାତିକୁ ସମୃଦ୍ଧ କରିଥାଏ ବୋଲି କହିଥିଲେ। ଏଥିସହ ଓଡ଼ିଆ ଭାଷା ସାହିତ୍ୟର ଉତ୍କର୍ଷ ଉପରେ ସେ ଗୁରତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଜ୍ଞାନ ହୋତା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ର ଇଂ ଚିତ୍ତରଞ୍ଜନ ଓଝା ଯୋଗଦେଇ ମାତୃଭାଷାକୁ ଶ୍ରଦ୍ଧା ଓ ସମ୍ମାନ ଦେବା ଅପରିହାର୍ଯ୍ୟ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଛାତ୍ରୀଛାତ୍ରମାନେ ମାତୃଭାଷାକୁ ନେଇ ଗର୍ବ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା ଯୋଗଦେଇ ମାତୃଭାଷାର ମହତ୍ତ୍ୱ ବିଷୟରେ କହିଥିଲେ। ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ଡ. କ୍ରିଷ୍ଣାପ୍ରଦା ଦାସ, ଅଧ୍ୟାପକ ରଶ୍ମୀରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଗଣ୍ଡରପୁରସ୍ଥିତ ଲତପତ ରାୟ ଡିଏଭି ପବ୍ଲିକ୍ ଓ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ସ୍ୱାଇଁ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ନିଜକୁ ବ୍ୟକ୍ତ କରିବା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ ବୋଲି ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଛାତ୍ରୀଛାତ୍ରମାନେ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ଭାଷାରେ ମାତୃଭାଷାର ଗୁରୁତ୍ୱ ଉପରେ କବିତା ଓ ଭାଷଣ ପ୍ରଦାନ କରିଥିଲେ। ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ସଞ୍ଚାଳକ ଏସ୍. କେ. କୁମାର ମାତୃଭାଷା ବ୍ୟତୀତ ଅନ୍ୟାନ୍ୟ ଭାଷାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ସେହିପରି ସାହିତ୍ୟାନୁଷ୍ଠାନ ଅଭୀପ୍ସା ପକ୍ଷରୁ ବଙ୍ଗାଳିସାହିସ୍ଥିତ ଶ୍ୟାମଉମା ଭବନଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅଭିପ୍‌ସାର ପ୍ରତିଷ୍ଠାତା ଗାଳ୍ପିକ ସଂଗ୍ରାମ କେଶରୀ ନାୟକ ଅଧକ୍ଷତା କରି ଆସ ଗୋଟେ ସେଲ୍‌ଫି ନେବା କବିତା ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁଲତା ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ମନୀଷା ରାୟ, ସମ୍ମାନିତ ଅତିଥି ଭାବେ କବି ବିଶ୍ୱନାଥ କର ଓ ଶିକ୍ଷକ ମନୋଜ କୁମାର ଦାଶ ଯୋଗଦେଇଥିଲେ। ସଂଗଠିକା ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ।

## ସାମ୍ବାଦିକ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବାକୁ ଦାବିପତ୍ର

ଖୁଣ୍ଟୁଣୀ, ୨୧।୨(ଡି.ଏନ୍.ଏ.)

ରାଜ୍ୟରେ ଲଗାତର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣକୁ କଟକ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସାମ୍ବାଦିକମାନଙ୍କ ସୁରକ୍ଷା ନେଇ ସରକାର ଯଥାଶୀଘ୍ର ଆଇନକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏହି ଅବସରରେ ସୋମବାର ଜିମ୍‌ସାର କଲେଜର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଜିମସାର ଅଧକ୍ଷ ପଣ୍ଡିତ ନିରଞ୍ଜନ ରଥଙ୍କ ଉପସ୍ଥିତିରେ ସଂଘ ସଦସ୍ୟମାନେ ଭେଟି ଦାବି ସମ୍ପର୍କରେ କହିଥିଲେ। ଏଥିସହ ଉତ୍କଳ ସାମ୍ବାଦିକ ସଂଘ କଟକ ଜିଲା ତରଫରୁ ଜିଲା ସଭାପତି ଲଲାଟେନ୍ଦୁ ସେନାପତି, ଆଠଗଡ ସବ ଡିଭିଜନ ସାମ୍ବାଦିକ ସଂଘ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ଉପ-ସଭାପତି ସର୍ବେଶ୍ୱର ପଣ୍ଡା, ବିଜୟ ନାୟକ, ସନ୍ତୋଷ ବାରିକ, ଶ୍ୱେତକାନ୍ତ ବେହେରା ପ୍ରମୁଖ ରାଜ୍ୟପାଳଙ୍କୁ ସାମ୍ବାଦିକ ସୁରକ୍ଷା ଆଇନକୁ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ସାମ୍ବାଦିକଙ୍କର ଦାବିପତ୍ରକୁ ଗ୍ରହଣ କରି ଏଥିପାଇଁ ସେ ସ୍ୱତନ୍ତ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବାଛୋଳରେ ପୁନଃ ନିର୍ବାଚନ କରାଯାଉ

କଟକ ଅଫିସ,୨୧।୨

ଯାଜପୁର ଜିଲା ଅନ୍ତର୍ଗତ ବିଞ୍ଝାରପୁର ବ୍ଲକର ବାଛୋଳ ପଞ୍ଚାୟତର ସମସ୍ତ ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଇବା ସହ ପୋଲିସ ଉପସ୍ଥିତିରେ ପୁନଃ ନିର୍ବାଚନ କରିବାକୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଦଳ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର ପୋଲିସ ଡିଜି ସୁନୀଲ ବଂଶଲଙ୍କୁ ସୋମବାର ଦିଆଯାଇଛି। ଦଳ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଞ୍ଝାରପୁର ବ୍ଲକର ବାଛୋଳ ପଞ୍ଚାୟତ ଅଧୀନ ୨ ନମ୍ବର ବୁଥ୍‌ରେ ଦୁର୍ବୃତ୍ତମାନେ ବୁଥ୍ ରିଗିଂ କରିବା ସହ ଭୋଟ ବାକ୍ସକୁ ଉଠାଇନେଇଥିଲେ। ଏଥିସହ କର୍ତ୍ତବ୍ୟରତ ଖବରଦାତାଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କଲେ। ଖବରଦାତାଙ୍କୁ ଆକ୍ରମଣକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି । ତେଣୁ ଏଠାରେ ପୁଣି ନିର୍ବାଚନ କରାଯାଉ ବୋଲି କମିଟି ଦାବି କରିଛି। ପିସିସି ଲିଗାଲ ସେଲ୍‌ର ଅଧକ୍ଷ ସୁରେନ୍ଦ୍ର ନାଥ କରଙ୍କ ନେତୃତ୍ୱରେ ଦଳର ନେତା ହଳଧର ସେଠୀ, ଦୀପକ କୁମାର ମହାପାତ୍ର, ସନ୍ତୋଷ କୁମାର ନନ୍ଦ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ସଂସ୍କୃତିକୁ ପୁନଃ କଥନ କରାଏ ଇତିହାସ, ପୁରାଣର ପାର୍ଥକ୍ୟ

**ଉପନ୍ୟାସ ବକ୍ସ ଉନ୍ମୋଚିତ**

କଟକ ଅଫିସ,୨୧।୨

ଇତିହାସ ଏବଂ ପୁରାଣର ପାର୍ଥକ୍ୟ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ପୁନଃ କଥନ କରାଇବାରେ ସହାୟକ ହୋଇଥାଏ। ଇତିହାସ ତଥ୍ୟ ଉପରେ ଆଧାର ହୋଇଥିଲା ବେଳେ ପୁରାଣ ଐତିହାସିକ ପୃଷ୍ଠଭୂମିରେ ରଚିତ କଳ୍ପନାପ୍ରସୂତ କାହାଣୀ। ଏଥିସହ ଇତିହାସ ସ୍ଥିର ନୁହେଁ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ଏସ୍. ମୁରଲୀଧର କହିଛନ୍ତି। ଫ୍ରେଣ୍ଡସ୍ ପବ୍ଲିଶର୍ସ ପକ୍ଷରୁ କଥାକାର ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସ ବକ୍ସ ଉନ୍ମୋଚନ ଉତ୍ସବ ସାରଳା ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜଷ୍ଟିସ ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଉପନ୍ୟାସକୁ ଉନ୍ମୋଚନ କରି କହିଥିଲେ, ଇତିହାସ ସର୍ବଦା ପରିବର୍ତ୍ତନଶୀଳ। ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ଉପସ୍ଥାପନ କରାଯାଇପାରେ। କିନ୍ତୁ ଇତିହାସରେ ବିଶ୍ୱସନୀୟତା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ ମୁରଲୀଧର କହିଥିଲେ। ସେହିପରି ସମ୍ମାନିତ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଥିଲେ, ବକ୍ସ ଉପନ୍ୟାସ ଓଡ଼ିଆ ଉପନ୍ୟାସ ପରମ୍ପରାରେ ଏକ ନୂତନ ଧାରା ସୃଷ୍ଟି କରିବାରେ ସକ୍ଷମ ହୋଇଛି। ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ ନନ୍ଦ, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂ ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ କମଳ ମାହୁନ୍ତ ସୂଚନା ଓ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରକାଶକ ସୁଧାଂଶୁ ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଥାନାରେ ସରପଞ୍ଚ- ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିବାଦ

ନିଶ୍ଚିନ୍ତକୋଇଲି,୨୧।୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଦେବରାଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ସାମଲ ଓ ତରତ ଶାସନ ସରପଞ୍ଚ ଜିତେନ୍ଦ୍ର ମିଶ୍ରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଥାନାରେ ପହଞ୍ଚିଛି। ଉଭୟେ ନେମାଳ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ଗତ ୧୮ ତାରିଖରେ ପଞ୍ଚାୟତ ନିର୍ବାଚନ ଚାଲିଥିଲାବେଳେ ଜିତେନ୍ଦ୍ର ଅଶାଳୀନ ଭାଷାରେ ଅନୁପମାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଅନୁପମା ୨୦ ତାରିଖରେ ନେମାଳ ଥାନାରେ ଲିଖିତ ଅଭିଯୋଗ କରିବା ସହ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିତେନ୍ଦ୍ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଏକ ପାଲଟା ଅଭିଯୋଗ କରିଥିଲେ। ଦୁଇ ପକ୍ଷରୁ ଅଭିଯୋଗ ସତ୍ତ୍ୱେ ମାମଲା ରୁଜୁ ହୋଇ ନାହିଁ। ଏ ସମ୍ପର୍କରେ ପଚରାଯିବାରୁ ତଦନ୍ତ ଚାଲିଛି ବୋଲି ଆଇଆଇସି ଉମେଶ କୁମାର ସାହୁ କହିଛନ୍ତି।



ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।



କଟକ ସାରଳା ଭବନରେ ସୋମବାର ଫ୍ରେଣ୍ଡସ ପବ୍ଲିସର୍ସ ପକ୍ଷରୁ କଥାକାର ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସ 'ବକ୍ସ' ଉନ୍ମୋଚନ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥିମାନେ।



ସାକ୍ଷୀଗୋପାଳ ମନ୍ଦିର ନିକଟରେ ସ୍ଥାପିତ ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠା ଉତ୍ସବ ଅବସରରେ ଶିଶୁଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।